DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୨/୨୦୨୨ (୧୬ ପୃଷ୍ଠା) Bhubaneswar, Tuesday, November 22/2022 Page 16 ₹ 7.00 | ★★★★

୪୮ଶ ଭାଗ ୩୫୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 356 ମୂଲ୍ୟ ₹୭/-



**ସୁସ୍ଥ ଅଛନ୍ତି ମୁନ୍‌ମୁନ୍**

ଜର୍ମାନୀରେ ଦୁର୍ଘଟଣାର ଶିକାର ହେବା ପରେ ହିନ୍ଦୀ ସିରିଏଲ୍ ଅଭିନେତ୍ରୀ ମୁନ୍‌ମୁନ୍ ଦତ୍ତା ସୁସ୍ଥ ଥିବା ଇନ୍‌ଷ୍ଟାଗ୍ରାମ ପୋଷ୍ଟ ଶେୟାର କରି କହିଛନ୍ତି।

୧୧

୧୬

**ଜଗଦିଶାନଙ୍କ ବିଶ୍ୱରେକର୍ଡ**

ଅରୁଣାଚଳ ପ୍ରଦେଶ ବିପକ୍ଷ ବିଜୟ ହଜାରେ ଟ୍ରଫି ମ୍ୟାଚରେ ବ୍ୟକ୍ତିଗତ ସର୍ବାଧିକ ୨୭୭ ରନ କରି ତାମିଲନାଡୁର ନାରାୟଣ ଜଗଦିଶାନ ବିଶ୍ୱରେକର୍ଡ କରିଛନ୍ତି।



# ପ୍ଲାଟଫର୍ମକୁ ଚଢ଼ିଗଲା ମାଲ୍‌ବାହୀ ଟ୍ରେନ୍

## କୋରେଇ ଷ୍ଟେଶନରେ ଦୁର୍ଘଟଣା

- ୩ ମହିଳା ଯାତ୍ରୀ ମୃତ, ୪ ଗୁରୁତର
- ମୃତକଙ୍କ ପରିବାରକୁ ୭ଲକ୍ଷ ଲେଖାଏ କ୍ଷତିପୂରଣ
- ଘଟଣାର ସିଆର୍‌ଏସ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ



ଯାଜପୁର ଅଫିସ/କୋରେଇ(ସ୍ୱ.ପ୍ର.),୨୧।୧୧

ପୂର୍ବତଟ ରେଳପଥର ଖୋର୍ଦ୍ଧା ଡିଭିଜନ ଅନ୍ତର୍ଗତ ଯାଜପୁର ଜିଲା କୋରେଇ ଷ୍ଟେଶନରେ ସୋମବାର ସକାଳେ ଝାଡ଼ଖଣ୍ଡର ଡାଙ୍ଗୋଆପୋଷିରୁ ଗଞ୍ଜାମ ଜିଲା ଛତ୍ରପୁର ଅଭିମୁଖେ ଯାଉଥିବା ଏକ ମାଲବାହୀ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ୫୯ବଗି ବିଶିଷ୍ଟ ଏହି ଟ୍ରେନ୍‌ର ୧୪ଟି ବଗି ଲାଇନଚ୍ୟୁତ ହେବା ସହ ୮ଟି ପ୍ଲାଟଫର୍ମ ଉପରକୁ ଚଢ଼ିଯାଇଛି। ଫଳରେ ଉକ୍ତ ପ୍ଲାଟ୍‌ଫର୍ମରେ ଥିବା ଯାତ୍ରୀ ବିଶ୍ରାମାଗାରରେ ଡିଏମ୍‌ୟୁ ଟ୍ରେନକୁ ଅପେକ୍ଷାରତ ୩ଜଣ ମହିଳା ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପାଣିକୋଇଲି ଥାନା ଉଚିଣ୍ଡା ଗ୍ରାମର ଶାଶୁବୋହୂ ପାର୍ବତୀ ବିନ୍ଧାଣୀ(୫୦) ଓ କଣ୍ଢେଇ ବିନ୍ଧାଣୀ(୨୭) ଏବଂ କୋରେଇ ଥାନା ଫାଜଲପୁର ଗ୍ରାମର ଅବଜୁଲ ବିବି(୩୭)। ଅନ୍ୟପକ୍ଷେ ଏହି ଦୁର୍ଘଟଣାରୁ କଣ୍ଢେଇଙ୍କ ଅଢେଇ ବର୍ଷର ଶିଶୁପୁତ୍ର ବର୍ତ୍ତିଯାଇଥିବାବେଳେ ୪ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କୋରେଇ ଥାନା ଧନେଶ୍ୱର ଗ୍ରାମର ମାଧବାନନ୍ଦ ବାରିକ(୫୭), ରମେଶ ଜେନା(୩୫), ବିଶ୍ୱଜିତ୍ ବିନ୍ଧାଣୀ(ଅଢେଇ ବର୍ଷ) ଓ ସେକ ସଚିନ(୩୨)। ଆହତଙ୍କୁ ପ୍ରଥମେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଉକ୍ତ ଲାଇନ୍‌ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଟ୍ରେନ୍ ଲାଇନ୍‌ଚ୍ୟୁତ ଯୋଗୁ କୋରେଇ ପ୍ଲାଟଫର୍ମର ଗୋଟିଏ ପାର୍ଶ୍ୱ ଚୂରମାର ହୋଇଯାଇଛି।

ଖବର ଲେଖାହେବା ପର୍ଯ୍ୟନ୍ତ କୋରେଇ, ଯାଜପୁର ରୋଡ୍ ଓ ପାଣିକୋଇଲି ଥାନା ପୋଲିସ ଏବଂ ବରୁଣ୍ଡେଇ, ଯାଜପୁରରୋଡ ଓ ସୁକିନ୍ଦା ଅଗ୍ନିଶମ, ଓଡ୍ରାଫ୍, ଆର୍‌ପିଏଫ୍ ଏବଂ ଜିଲା ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏହି ଦୁର୍ଘଟଣା ପରେ ରେଳ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହ ସହାୟତା ରାଶି ଘୋଷଣା କରାଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ମନ୍ତ୍ରଣାଳୟ ପକ୍ଷରୁ ଗୁରୁତର ଆହତଙ୍କ ଚିକିତ୍ସା ପାଇଁ ୧ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୨୫ହଜାର ସହାୟତା ଘୋଷଣା କରାଯାଇଛି। ଦୁର୍ଘଟଣା ପରେ ଏହି ରୁଟ୍‌ରେ ଯିବାକୁ ଥିବା ୧୫ଟି ଟ୍ରେନ୍‌ର ଚଳାଚଳ ବାତିଲ ☞ପୃଷ୍ଠା-୪

## ବଟି ଆଦାୟ ଭିଡିଓ ଭାଇରାଲ, ବଦଳିଲେ ଥାନାଧିକାରୀ

**ବାଲିଯାତ୍ରା ପାର୍କିଂ ଟେଣ୍ଡର ନେଇଥିବା ବ୍ୟକ୍ତିଙ୍କଠାରୁ ୫୦ ହଜାର ଦାବି**

କଟକ ଅଫିସ,୨୧।୧୧

କଟକ ବାଲିଯାତ୍ରାରେ ପାର୍କିଂ ଟେଣ୍ଡର ନେଇଥିବା ଜଣେ ବ୍ୟକ୍ତିଙ୍କଠାରୁ ବଟି ଦାବି କରିବା ଏବଂ ନ ଦେଲେ ମିଥ୍ୟା କେସ୍‌ରେ ଫସାଇ ଦେବାକୁ ମଧ ଧମକ ଦେଉଥିଲେ ଥାନାଧିକାରୀ। ଏହାର ଭିଡିଓ ଭାଇରାଲ ହେବା ପରେ କଟକ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ କ୍ୟାଣ୍ଟନମେଣ୍ଟ ଥାନାଧିକାରୀ ଦୀନକୃଷ୍ଣ ମିଶ୍ରଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତାଙ୍କୁ ଡିସିପିଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ଏଥିସହ ଦରଘାବଜାର ଥାନାଧିକାରୀ ପ୍ରଦୀପ ପ୍ରଧାନଙ୍କୁ ଅତିରିକ୍ତ ଭାବେ କ୍ୟାଣ୍ଟନମେଣ୍ଟ ଥାନାର ଆଇଆଇସି ଦାୟିତ୍ୱରେ ରଖାଯାଇଥିବା ଅତିରିକ୍ତ ଡିସିପି ଅନିଲ ମିଶ୍ର ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ଭାଜପା ପକ୍ଷରୁ ଡିଜିପିଙ୍କ ☞ପୃଷ୍ଠା-୪






## ଜାଭା ଦ୍ୱୀପରେ ଭୂକମ୍ପ: ୬୨ ମୃତ

ସିଆଞ୍ଜୁର(ଇଣ୍ଡୋନେସିଆ),୨୧।୧୧

ଇଣ୍ଡୋନେସିଆର ଜାଭା ଦ୍ୱୀପରେ ସୋମବାର ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ଅନ୍ୟୂନ ୬୨ ଜଣ ପ୍ରାଣ ହରାଇଥିବାବେଳେ ୭୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଜରୁରୀ ଡାକ୍ତରୀ ଟିମ୍ ଆହତମାନଙ୍କୁ ମୁଖ୍ୟ ହସ୍ପିଟାଲ ବାହାରେ, ଛାତ ଉପରେ ଓ ପାର୍କିଂ ସ୍ଥାନରେ ଚିକିତ୍ସା କରୁଥିବା ଦେଖାଯାଇଛି। ପିଲାଙ୍କ ସମେତ ଅଧିକାଂଶ ଆହତଙ୍କୁ ଅକ୍ସିଜେନ୍ ମାକ୍ସ ଏବଂ ଆଇଭି ଲାଇନ ଯୋଗାଇ ଦିଆଯାଇଛି। ଭଗ୍ନାବଶେଷ ତଳୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ଭୂକମ୍ପରେ ବହୁ ଘରଦ୍ୱାର ଭାଙ୍ଗିଥିବାବେଳେ ଜୀବନ ବଞ୍ଚାଇବା ପାଇଁ ଲୋକେ ରାସ୍ତାକୁ ଚାଲିଆସିଥିଲେ। ପଶ୍ଚିମ ଜାଭା ପ୍ରଦେଶ ସିଆଞ୍ଜୁର ଅଞ୍ଚଳର ୧୦ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ। ୫.୬ ତୀବ୍ରତାର କମ୍ପନ ଅନୁଭୂତ ହୋଇଥିବା ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। କୋଠା ଭୁଶୁଡ଼ିବାରୁ ଅନେକ ମୃତାହତ ହୋଇଥିବା ଜାତୀୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥାର ମୁଖ୍ୟ ସୁହାରୟାଣ୍ଟୋ କହିଛନ୍ତି। ଭୂକମ୍ପ ଯୋଗୁ ସିଆଞ୍ଜୁରର ☞ପୃଷ୍ଠା-୪






**ଆଜିର ସମ୍ପାଦକୀୟ**

**କୋରେଇ ଦୁର୍ଘଟଣା**

## ୨୦୩୦ ପୂର୍ବରୁ ଚନ୍ଦ୍ରରେ ବାସ କରିବ ମଣିଷ

ୱାଶିଂଟନ୍, ୨୧।୧୧

ଚନ୍ଦ୍ରରେ ଜୀବଜଗତ ତିଷ୍ଠିବା ସମ୍ଭାବନା ନେଇ ବୈଜ୍ଞାନିକମାନଙ୍କ ଅଧ୍ୟୟନ ଜାରି ରହିଛି। ପ୍ରାକୃତିକ ଉପଗ୍ରହ ଚନ୍ଦ୍ର ସମ୍ବନ୍ଧରେ ବହୁ ତଥ୍ୟ ବିଶେଷଜ୍ଞଙ୍କ ହସ୍ତଗତ ହୋଇଥିଲେ ହେଁ ଅନେକ କଥା ଏ ପର୍ଯ୍ୟନ୍ତ ଅଜଣା ରହିଛି। ଏ ଦିଗରେ ବୈଜ୍ଞାନିକମାନେ ସେମାନଙ୍କ ପ୍ରୟାସ ଜାରି ରଖିଛନ୍ତି। ମଣିଷ ଚନ୍ଦ୍ରରେ ବାସ କରିବା ଲାଗି ଯେଉଁ ସ୍ୱର୍ଣ୍ଣିମ ମୁହୂର୍ତ୍ତକୁ ଅପେକ୍ଷା କରିଛି, ତାହା ଖୁବ୍ ଶୀଘ୍ର ପୂରଣ ହେବାକୁ ଯାଉଛି। ୨୦୩୦ ପୂର୍ବରୁ ମଣିଷ ଚନ୍ଦ୍ରରେ ବାସ କରିବ ବୋଲି ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) କହିଛି। ଖାଲି ମଣିଷ ନୁହେଁ, ବିଭିନ୍ନ ପ୍ରକାର ଜୀବଜନ୍ତୁ ଓ ଉଦ୍ଭିଦ ଚନ୍ଦ୍ର ପୃଷ୍ଠରେ ବିକଶିତ ହେବେ।

ଆମେରିକୀୟ ଏଜେନ୍ସି ଓରିଓନ୍ ଲୁନାର ସ୍ପେସ୍‌କ୍ରାଫ୍ଟ ପ୍ରୋଗ୍ରାମର ମୁଖ୍ୟ ହୋୱାର୍ଡ ହୁ କହିଛନ୍ତି ଯେ, ଆସନ୍ତା ୧୦ ବର୍ଷରୁ କମ୍ ସମୟ ମଧ୍ୟରେ ମଣିଷ ଚନ୍ଦ୍ରରେ ବାସ କରିବ। ଜୀବଜନ୍ତୁଙ୍କ ଜୀବନଯାପନ ମଧ୍ୟ ସମ୍ଭବପର ହେବ, ଯେଉଁମାନଙ୍କୁ ମଣିଷ ନିଜ କାର୍ଯ୍ୟରେ ସହଯୋଗୀ ଭାବେ ବ୍ୟବହାର କରିବେ। ଆଗାମୀ ଦିନରେ ଚନ୍ଦ୍ର ☞ପୃଷ୍ଠା-୪




1585-2022



ଧରିତ୍ରୀର ୪୯ତମ ଜନ୍ମ ଦିବସ ଉପଲକ୍ଷେ ସୋମବାର ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମାରୋହ ଓ ବନ୍ଧୁମିଳନ କାର୍ଯ୍ୟକ୍ରମରେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି ଧରିତ୍ରୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ସମ୍ପାଦକ ତଥାଗତ ସତପଥୀ।




ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି। ମଞ୍ଚାସୀନ ଅଛନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ତଥା ଧରିତ୍ରୀ ସାହିତ୍ୟାୟନ ସମ୍ପାଦନା ଦାୟିତ୍ୱରେ ଥିବା ଡ. ହୃଷୀକେଶ ମଲ୍ଲିକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।





ବନ୍ଧୁମିଳନ କାର୍ଯ୍ୟକ୍ରମରେ ସମବେତ ହୋଇଥିବା ଧରିତ୍ରୀ ପରିବାରର ସଦସ୍ୟ ଏବଂ ଖବରଦାତାମାନେ।

## ଧରିତ୍ରୀ ପରିବାର ସଦସ୍ୟଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ









ସମାରୋହରେ ଉଦ୍‌ବୋଧନ ଦେଉଛନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ




























# ବଦଳିବ ଭଗବତୀ, ଉଗ୍ରତାରା ପୀଠ ରୂପରେଖ

■ ପ୍ରସ୍ତାବିତ ପ୍ରକଳ୍ପ ଅନୁଧ୍ୟାନ କଲେ ୫-ଟି ସଚିବ
■ ମାଷ୍ଟର ପ୍ଲାନ ଲାଗି ଜିଲାପାଳଙ୍କୁ ନିର୍ଦ୍ଦେଶ

ଖୋର୍ଦ୍ଧା ଅଫିସ/ବାଣପୁର/ଗମ୍ଭାରୀମୁଣ୍ଡା/ନିରାକାରପୁର,୨୧।୧୧(ଡି.ଏନ୍.ଏ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି.କେ.ପାଣ୍ଡିଆନ ସୋମବାର ଖୋର୍ଦ୍ଧା ଗସ୍ତରେ ଆସି ବାଣପୁରସ୍ଥିତ ମା'ଭଗବତୀ ଓ ଟାଙ୍ଗୀ ଭୂଷଣ୍ଡପୁରସ୍ଥିତ ଉଗ୍ରତାରା ପୀଠ ପରିଦର୍ଶନ କରିଛନ୍ତି। ମା'ଙ୍କ ନିକଟରେ ସେ ପୂଜାର୍ଚ୍ଚନା ସହ ଏହି ଦୁଇଟି ପୀଠର ଭିତ୍ତିଭୂମି ବିକାଶ, ଅତ୍ୟାଧୁନିକ ସେବା ଯୋଗାଇଦେବା ଲାଗି ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ ନିମନ୍ତେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସକାଳ ୬ଟା ୧୦ରେ ୫-ଟି ସଚିବ ଭଗବତୀ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା, ଜିଲାପାଳ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ୫-ଟି ସଚିବ ଭଗବତୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ବେଢ଼ା ବୁଲିବା ସହ ସେବାୟତଙ୍କ ସହିତ ଆଲୋଚନା କରିଥିଲେ। ପରେ ମନ୍ଦିରର ଉନ୍ନତି ଲାଗି ଜିଲାପାଳଙ୍କ ସହ


୫-ଟି ସଚିବ ଭି.କେ. ପାଣ୍ଡିଆନ ସେବାୟତଙ୍କ ସହ ଆଲୋଚନା କରୁଛନ୍ତି।

ଆଲୋଚନା କରିଥିଲେ। ପ୍ରମୁଖ ଉନ୍ନୟନ ପ୍ରକଳ୍ପଗୁଡିକ ମଧ୍ୟରେ ମନ୍ଦିର ଜମିର ସୀମା ନିର୍ଦ୍ଧାରଣ, ଜବରଦଖଲକାରୀଙ୍କୁ ଉଚ୍ଛେଦ, ମନ୍ଦିର ପଛପଟ ପାଚେରି ସମ୍ପ୍ରସାରଣ, ବସଷ୍ଟାଣ୍ଡ ନିର୍ମାଣ ଓ ପାର୍କିଂ ବ୍ୟବସ୍ଥା, ଦୋଳବେଦି ଛକରୁ ଭଗବତୀ ମନ୍ଦିର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ୧୦ ମିଟର ପ୍ରଶସ୍ତୀକରଣ, ଯାତ୍ରୀ ନିବାସ, କଲ୍ୟାଣ ମଣ୍ଡପ, ମୁଖ୍ୟ ମନ୍ଦିରର ପୁନରୁଦ୍ଧାର, ସର୍ବସାଧାରଣ ପ୍ରସାଦ ସେବନ ଗୃହ ନିର୍ମାଣ, ମନ୍ଦିର କାର୍ଯ୍ୟାଳୟ ନିଯୋଗୀ ବୈଠକ ଗୃହ ନିର୍ମାଣ ସହ ଐତିହାସିକ ଦକ୍ଷେଶ୍ୱର ମନ୍ଦିରର ପୁନରୁଦ୍ଧାର ରହିଛି। ଉକ୍ତ ପ୍ରକଳ୍ପଗୁଡ଼ିକ ପାଇଁ ୫-ଟି ସଚିବ ମନ୍ଦିର ପ୍ରଶାସନ, ବାଣପୁର ଜନସାଧାରଣ ଏବଂ ସେବାୟତଙ୍କ ସହ ଆଲୋଚନା କରି ତୁରନ୍ତ ପ୍ଲାନ ଏଷ୍ଟିମେଟ ପଠାଇବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ଦିର ପରିସରରେ ୧୫ମିନିଟ୍ ଅତିବାହିତ କରିଥିଲେ।

ଏହାପରେ ୫-ଟି ସଚିବ ମା'ଉଗ୍ରତାରାଙ୍କ ପୀଠରେ ପହଞ୍ଚିଥିଲେ। ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ମନ୍ଦିର ଚାରିପଟ ବୁଲି ଦେଖିଥିଲେ। ମନ୍ଦିର ସୌନ୍ଦର୍ଯ୍ୟକରଣ ନିମନ୍ତେ ଜିଲାପାଳ, ମନ୍ଦିର ଟ୍ରଷ୍ଟ ସଦସ୍ୟ, ପୂଜକଙ୍କ ସହ ଆଲୋଚନା କରିଥିଲେ। ଜାତୀୟ ରାଜପଥଠାରୁ ମନ୍ଦିର ପର୍ଯ୍ୟନ୍ତ ଆଲୋକୀକରଣ, ଯାତ୍ରୀନିବାସ ଓ କଲ୍ୟାଣ ମଣ୍ଡପ ଗୃହ ନିର୍ମାଣ ପାଇଁ ସେବାୟତ ଓ ଜନପ୍ରତିନିଧି ପ୍ରସ୍ତାବ ଦେଇଥିଲେ। ମନ୍ଦିରର ଉନ୍ନତି ପାଇଁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ଲାଗି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇ ଭୁବନେଶ୍ୱର ଫେରିଯାଇଥିଲେ। ୫-ଟି ସଚିବଙ୍କ ଗସ୍ତ ସମୟରେ ଭଗବତୀ ପୀଠରେ ଜିଲାପାଳ ଏବଂ ଏସ୍‌ପିଙ୍କ ସମେତ ଅତିରିକ୍ତ ଜିଲାପାଳ, ବାଲୁଗାଁ ଏସଡିପିଓ, ବାଣପୁର ଆଇଆଇସି, ତହସିଲଦାର, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ଏଣ୍ଡାଓମେଣ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ, ଏନ୍ଏସି ଅଧ୍ୟକ୍ଷ, ଜିଲା ପରିଷଦ ଉପାଧ୍ୟକ୍ଷା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଉଗ୍ରତାରାଙ୍କ ପୀଠରେ ଟାଙ୍ଗୀ ତହସିଲଦାର, ବ୍ଲକ ଅଧ୍ୟକ୍ଷା, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକନାଥ ମନ୍ଦିର ଲାଗି ୨୮, ଅଲାରନାଥ ପୀଠ ଲାଗି ୮ କୋଟି

**ମାଷ୍ଟରପ୍ଲାନ ଅନୁମୋଦନ**
■ ବର୍ଷକ ଭିତରେ ସରିବ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ
■ ଓଡ଼ିଶା ବ୍ରିଜ କନ୍‌ଷ୍ଟ୍ରକଶନ କର୍ପୋରେଶନ ଦ୍ୱାରା ହେବ କାମ

ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ପୁରୀର ଲୋକନାଥ ମନ୍ଦିର ଓ ବ୍ରହ୍ମଗିରିର ଅଲାରନାଥ ପୀଠର ଉନ୍ନତି ପାଇଁ ପ୍ରସ୍ତାବିତ ମାଷ୍ଟରପ୍ଲାନ ଅନୁମୋଦନ କରିଛନ୍ତି। ଲୋକନାଥ ମନ୍ଦିରର ବିକାଶ ପାଇଁ ୨୮ କୋଟି ଏବଂ ଅଲାରନାଥ ମନ୍ଦିର ଲାଗି ୮ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଉଭୟ ମନ୍ଦିରର ପୁନଃ-ଉନ୍ନୟନ କାର୍ଯ୍ୟ ବର୍ଷକ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସମୟ ଧାର୍ଯ୍ୟ କରାଯାଇଛି।

ଲୋକନାଥ ମନ୍ଦିରର ମାଷ୍ଟରପ୍ଲାନ ଅନୁଯାୟୀ ମନ୍ଦିର ଭିତର, ବାହାର ବେଢ଼ାର ଉନ୍ନତୀକରଣ ହେବା ସହିତ ସେବାୟତ ଓ ଭକ୍ତମାନଙ୍କ ପାଇଁ ବିଭିନ୍ନ ସୁବିଧା କରାଯିବ। ଏହାବ୍ୟତୀତ ପାର୍କିଂ, ଆଧୁନିକ ଧାଡି ପରିଚାଳନା ବ୍ୟବସ୍ଥା, ଆପ୍ରୋଚ ରୋଡର ଉନ୍ନତୀକରଣ ଏବଂ ପଶ୍ଚିମ ଦ୍ୱାରରେ ସେବାୟତଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ରହିବ। ଭିତର ବେଢ଼ାରେ ପୁରୁଣା ମାର୍ବଲ ପଥର ସବୁ କାଢ଼ି ଖଣ୍ଡେଲାଇଟ୍ସ ପଥର ଲାଗିବ। ମନ୍ଦିର ବଗିଚାର ଉନ୍ନତୀକରଣ କରାଯାଇ ଲ୍ୟାଣ୍ଡ ସ୍କେପିଂ କରାଯିବ। ଏହାଛଡା ମନ୍ଦିର ପାଚେରିର ମରାମତି ସହିତ ଆଲୋକୀକରଣର ବ୍ୟବସ୍ଥା ମଧ୍ୟ ହେବ। ବାହାର ବେଢ଼ାକୁ ସମ୍ପ୍ରସାରିତ କରାଯିବା ସହିତ ଭାଙ୍ଗିଯାଇଥିବା ସ୍ଥାନଗୁଡ଼ିକର ମରାମତି, ନୂତନ ରାସ୍ତା, ଲ୍ୟାଣ୍ଡ ସ୍କେପିଂ, ଆଲୋକୀକରଣ, ବସାଉଠା ପାଇଁ ସ୍ଥାନ ଓ ୨ଟି ମୁଣ୍ଡନ ମଣ୍ଡପର ବିକାଶ କରାଯିବ। ଡ୍ରେନେଜ ଏକ ମୁଖ୍ୟ ସମସ୍ୟା ହୋଇଥିବାରୁ ମନ୍ଦିର ଭିତର ଏବଂ ବାହାର ଉଭୟ ପାର୍ଶ୍ୱରେଏହି ବ୍ୟବସ୍ଥାକୁ ସୁଦୃଢ଼ କରାଯିବ। ସେହିପରି ବ୍ରହ୍ମଗିରିର ପ୍ରସିଦ୍ଧ ଅଲାରନାଥ ମନ୍ଦିରର ବିକାଶ ମଧ୍ୟ କରାଯିବ। ପୁରୀଠାରୁ ୨୪ କି.ମି. ଓ ସାତପଡାଠାରୁ ୨୫ କି.ମି. ଦୂରରେ ଥିବା ଏହି ପୀଠ ପଞ୍ଚଦଶ ଓ ଷୋଡଶ ଶତାବ୍ଦୀରେ ନିର୍ମିତ ହୋଇଥିବା ବିଶ୍ୱାସ କରାଯାଏ। ମାଷ୍ଟରପ୍ଲାନ ଅନୁଯାୟୀ ଏହାର ପ୍ରବେଶ ଓ ପ୍ରସ୍ଥାନ ସ୍ଥାନ, ସ୍ଥାନୀୟ ଭିତର ରାସ୍ତା, ଅରୁଣ ସ୍ତମ୍ଭ, ଚନ୍ଦନ ପୋଖରୀ ଆଦିର ବିକାଶ ଓ ସୌନ୍ଦର୍ଯ୍ୟକରଣ ସହିତ ପୂରା ଅଞ୍ଚଳକୁ ବିକଶିତ କରାଯାଇ ଏକ ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରାଯିବ। ଏହାର ପ୍ରବେଶ ଦ୍ୱାରକୁ ପ୍ରଶସ୍ତ କରାଯାଇ ୪୦ ଫୁଟ ଚଉଡା ଓ ୧୮ ଫୁଟ ଉଚ୍ଚ କରାଯିବ। ଏଥିରେ ଖଣ୍ଡେଲାଇଟସ ପଥର ଲଗିବ। ମନ୍ଦିରକୁ ଯାଇଥିବା ରାସ୍ତାକୁ ୪୦ ଫୁଟ ଚଉଡା କରାଯାଇ ଏଥିରେ ପେଭର ବ୍ଲକ ଲଗାଯିବ। ଦୁଇପଟେ ଡ୍ରେନର ବ୍ୟବସ୍ଥା ରହିବ। ଏହାସହିତ ୨ ଓ ୪ ଚକିଆ ଗାଡି ପାଇଁ ପାର୍କିଂ ବ୍ୟବସ୍ଥା ହେବ। ଓଡ଼ିଶା ବ୍ରିଜ କନଷ୍ଟ୍ରକଶନ କର୍ପୋରେଶନ ଦ୍ୱାରା ଉଭୟ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟର କାର୍ଯ୍ୟାନ୍ୱୟନ କରାଯିବ।

# ହାତୀ ଆକ୍ରମଣରେ ଚାଷୀଙ୍କ ମୃତ୍ୟୁ


ଉତ୍ତ୍ୟକ୍ତ ଲୋକେ ଆଠମଲ୍ଲିକ-କିଆକଟା ରାଜ୍ୟ ରାଜପଥ ଅବରୋଧ କରିଛନ୍ତି।

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

ଆଠମଲ୍ଲିକ/ ମାଧପୁର, ୨୧।୧୧ (ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବନାଞ୍ଚଳ ପୁରୁଣାମାଣତ୍ରି ପଞ୍ଚାୟତର ରାଜିଙ୍ଗ ଗ୍ରାମରେ ରବିବାର ରାତିରେ ହାତୀ ଆକ୍ରମଣରେ ଚାଷୀ ରମେଶ ସାହୁ (୪୦)ଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଛି। ସୋମବାର ରମେଶଙ୍କ ପରିବାର ଓ ଗ୍ରାମବାସୀ କ୍ଷତିପୂରଣ ଦାବି କରି ରାସ୍ତାରୋକୋ କରିବାରୁ ଦୀର୍ଘ ସମୟ ଧରି ଆଠମଲ୍ଲିକ-କିଆକଟା ରାଜ୍ୟ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ପ୍ରକାଶ ଯେ, ରାଜିଙ୍ଗ ଗ୍ରାମ ନିକଟକୁ ଚାଲି ଆସିଥିବା ହାତୀ ପଲ ପାଚିଲା ଧାନ କ୍ଷେତରେ ପଶି ଫସଲ ନଷ୍ଟ କରୁଥିଲେ। ଗାଁର କେତେଜଣଙ୍କ ସହିତ ରମେଶ ହାତୀ ଦାଉରୁ ଫସଲ ରକ୍ଷା କରିବାକୁ ଜମି ନିକଟକୁ ଯାଇଥିଲେ। ଏହି ସମୟରେ ଗୋଟିଏ ହାତୀ ରମେଶଙ୍କୁ ଆକ୍ରମଣ କରିବାକୁ ଆସିବାରୁ ସେ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ହେଲେ ନିଜ ଜୀବନ ରକ୍ଷା କରିବାରେ ସେ ବିଫଳ ହୋଇଥିଲେ। ଉଚିତ କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ ରାସ୍ତାରୋକୋ କରିଥିବା ଖବରପାଇ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ହଟିଥିଲା। ଏସିଏଫ ଗୌରୀ ଶଙ୍କର ଦାସ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆଇନ ଅନୁଯାୟୀ ସହାୟତା ଦେବାର ବ୍ୟବସ୍ଥା କରାଯିବ।

# ଯୁକ୍ତ ୨ ଦ୍ୱିତୀୟ ବର୍ଷର ୯ ଛାତ୍ରଙ୍କୁ କ୍ୟାମ୍ପସ ମନା

**ଖଲ୍ଲିକୋଟ କନିଷ୍ଠ ମହାବିଦ୍ୟାଳୟ ରାଗିଂ ଘଟଣା**

ବ୍ରହ୍ମପୁର ଅଫିସ,୨୧।୧୧

ଗଞ୍ଜାମ ଜିଲା ଖଲ୍ଲିକୋଟ କନିଷ୍ଠ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଙ୍କ ସହ ରାଗିଂ ନେଇ ଅଭିଯୋଗ ହୋଇଥିଲା। ସୋମବାର ଶିକ୍ଷାନୁଷ୍ଠାନ ପକ୍ଷରୁ ଏହି ଘଟଣାରେ ସମ୍ପୃକ୍ତ ଥିବା ମହାବିଦ୍ୟାଳୟର ଯୁକ୍ତ ୨ କଳା ଦ୍ୱିତୀୟ ବର୍ଷର ୯ ଜଣ ଛାତ୍ରଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ କ୍ୟାମ୍ପସ ଭିତରକୁ ପ୍ରବେଶ ବାରଣ କରାଯାଇଛି। ଅଧ୍ୟକ୍ଷ ରାଧାକାନ୍ତ ନାୟକ କହିଛନ୍ତି, ଏହି ଛାତ୍ରମାନେ ପୂର୍ବରୁ ମଧ୍ୟ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିବା ନେଇ ବ୍ରହ୍ମପୁର ଏସ୍‌ପି ଓ ଟାଉନ ଥାନା ଅଧିକାରୀଙ୍କୁ ଜଣାଇ ଦିଆଯାଇଛି। ରାଗିଂ ଘଟଣାରେ ମଧ୍ୟ ଏମାନଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ଏଣୁ ମହାବିଦ୍ୟାଳୟ ଆଣ୍ଟି ରାଗିଂ ସେଲ୍ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଉକ୍ତ ଘଟଣାର ତଦନ୍ତକୁ ନେଇ ଆଗାମୀ ନୋଟିସ ଜାରି ନ ହେବା ପର୍ଯ୍ୟନ୍ତ ଏହି ଛାତ୍ରମାନେ କ୍ୟାମ୍ପସ ପରିସରକୁ ପଶିପାରିବେ ନାହିଁ। ଆଣ୍ଟି ରାଗିଂ ସେଲ୍ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କନ୍‌ଭେନର ଡ. ଏ.କେ. ସେଠୀ ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ଏହାପରେ ଚିଠି ନମ୍ବର ୧୧୬୩/୨୨ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଛାତ୍ରୀଙ୍କୁ ରାଗିଂ ଘଟଣା ଦୃଷ୍ଟିକୁ ଆସିଥିଲା। ଜଣୈକା ଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନର ଯୁକ୍ତ ୨ ଦ୍ୱିତୀୟ ବର୍ଷର କେତେକ ଛାତ୍ର ଗାଳିଗୁଲଜ, ଖରାପ ଇଙ୍ଗିତ ଓ ଟଣାଓଟରା କରିଥିବା ନେଇ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିଲା।




# ସୁନ୍ଦରଗଡ଼ ଜଙ୍ଗଲରେ ହାତୀ ଶାବକ ମୃତ


ହାତୀ ଶାବକର ମୃତଦେହ।

ସୁନ୍ଦରଗଡ଼,୨୧।୧୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ବନଖଣ୍ଡ ଉଜ୍ଜଳପୁର ବନାଞ୍ଚଳ ଅନ୍ତର୍ଗତ ସାନପତ୍ରାପାଲି ସେକ୍‌ସନ ସାରସଖୋଲ ଜଙ୍ଗଲ ତେନ୍ତୁଳିପଡ଼ା ନିକଟରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହୋଇଥିବା ଏକ ହାତୀ ଶାବକର ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ରବିବାର ସକାଳେ ହାତୀ ଶାବକ ସେଠାରେ ଦୁର୍ବଳ ହୋଇ ପଡ଼ିଥିବା ଦେଖି ସ୍ଥାନୀୟ ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ଖବରପାଇ ସନ୍ଧ୍ୟାରେ ବନବିଭାଗ କର୍ମଚାରୀ ପହଞ୍ଚି ହାତୀ ଶାବକକୁ ଉଦ୍ଧାର କରି ଚିକିତ୍ସା ବ୍ୟବସ୍ଥା କରିଥିଲେ। ହେଲେ ରାତି ପ୍ରାୟ ସାଢେ ଗୋଟାଏବେଳେ ଚିକିତ୍ସାଧୀନ ଅବସ୍ଥାରେ ହାତୀ ଶାବକର ମୃତ୍ୟୁ ହୋଇଯାଇଥିବା ସୁନ୍ଦରଗଡ଼ ଡିଏଫ୍‌ଓ ପ୍ରଦୀପ କୁମାର ମିରାସେ କହିଛନ୍ତି। ହାତୀ ଶାବକ ବୟସ ପ୍ରାୟ ୭।୮ ମାସ ହେବ। ନିମୋନିଆ ଯୋଗୁ ମୃତ୍ୟୁ ଘଟିଥିବା ଶବ ବ୍ୟବଚ୍ଛେଦ ପରେ ଜଣାପଡିଛି। ନିକଟସ୍ଥ ଜଙ୍ଗଲରେ ବର୍ତ୍ତମାନ ଥିବା ୨୪ ଟିକିଆ ହାତୀପଲ ମଧ୍ୟରେ ଏହି ଶାବକ ଥିଲା। ମାତ୍ର ସେ ଦୁର୍ବଳ ହୋଇ ହାତୀପଲରୁ ଅଲଗା ପଡ଼ି ରହିଥିବାବେଳେ ଗ୍ରାମବାସୀ ପ୍ରଥମେ ଦେଖିଥିଲେ।

DADLS - 63



ଓଡ଼ିଶା ସରକାର

**ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ**

**୨୨ ନଭେମ୍ବର, ୨୦୨୨**

**ସକାଳ : ଘ.୭.୪୫ ମିନିଟ** ସମୟରେ ୟୁନିଟ-୧, ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

**ସକାଳ : ୮ ଘଟିକା** ସମୟରେ କଳିଙ୍ଗ ହସ୍ପିଟାଲ ଛକ, ଭୁବନେଶ୍ୱରସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

**ସାଧାରଣ ସଭା**

**ସନ୍ଧ୍ୟା ଘ.୫.୩୦ ମିନିଟ** — **ଜୟଦେବ ଭବନ, ଭୁବନେଶ୍ୱର**

ମୁଖ୍ୟ ଅତିଥି - **ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ**, ମାନ୍ୟବର ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ
ସମ୍ମାନୀତ ଅତିଥି - **ଶ୍ରୀମତୀ ପଦ୍ମିନୀ ଦିଆନ**, ମାନ୍ୟବର ବିଧାୟକ, କୋଟପାଡ
**ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବାକା**, ମାନ୍ୟବର ବିଧାୟକ, ଚିତ୍ରକୋଣ୍ଡା
**ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ମାଝୀ**, ମାନ୍ୟବର ବିଧାୟକ, ଝରିଗାଁ
ମୁଖ୍ୟବକ୍ତା - **ପ୍ରଫେସର ଡଃ. ତପନ ପଣ୍ଡା**, ପ୍ରୋ ଭାଇସ୍ ଚାନସେଲର, ମିଟ ୱାର୍ଲଡ୍ ପିସ୍ ୟୁନିଭରସିଟି, ପୁନେ ।

ସଭା ପରେ ଜୟପୁର, କୋରାପୁଟର **ମୋନାଲିସା ପଣ୍ଡା** ଓ ସାଥୀ କଳାକାରମାନଙ୍କ ଦ୍ୱାରା ଜନଜାତି ନୃତ୍ୟ ଓ ସଂଗୀତ ପରିବେଷଣ

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0189/2223

# ବିଧାନସଭାରୁ ହଟିଲା କୋଭିଡ୍ କଟକଣା

**ସର୍ବଦଳୀୟ ବୈଠକ**
■ ପ୍ରେସ୍ ଗ୍ୟାଲେରିକୁ ଯାଇପାରିବେ ଗଣମାଧ୍ୟମ ପ୍ରତିନିଧି
■ ପୂର୍ବାହ୍ନ ୧୦ଟା ୩୦ରୁ ସନ୍ଧ୍ୟା ୭ଟା ଯାଏ ଚାଲିବ ବିଧାନସଭା

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

ଆସନ୍ତା ୨୪ ତାରିଖରୁ ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହେବ। ଏହି ଅଧିବେଶନରେ ଆଉ କୋଭିଡ୍ କଟକଣା ରହିବ ନାହିଁ। ପୂର୍ବପରି ବିଧାନସଭା ଚାଲିବ। ବିଧାୟକମାନେ ନିଜ ନିଜ ଆସନରେ ବସିବେ। ପ୍ରେସ୍ ଗ୍ୟାଲେରିରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅନୁମତି ମିଳିବ। ପୂର୍ବାହ୍ନ ୧୦ରୁ ମଧ୍ୟାହ୍ନ ସାଢ଼େ ଗୋଟାଏ ଏବଂ ଅପରାହ୍ନ ୪ଟାରୁ ୭ଟା ପର୍ଯ୍ୟନ୍ତ ବିଧାନସଭା ଚାଲିବ। ସର୍ବଦଳୀୟ ବୈଠକ ପରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଏହି ସୂଚନା ଦେଇଛନ୍ତି।

ସୋମବାର ବାଚସ୍ପତି ଆରୁଖଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ବିଧାନସଭା ସମ୍ମିଳନୀ କକ୍ଷରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି ସମସ୍ତ ରାଜନୈତିକ ଦଳର ସହଯୋଗ କାମନା କରିଛନ୍ତି। ବୈଠକ ପରେ ସେ କହିଛନ୍ତି, ପୂର୍ବରୁ ଥିବା କୋଭିଡ୍ କଟକଣା ହଟିଛି।


ସର୍ବଦଳୀୟ ବୈଠକରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଓ ଅନ୍ୟମାନେ।

ସ୍ୱାଭାବିକ ଭାବେ ଗୃହ ଚାଲିବ। ବିଧାୟକ ନିଜ ନିଜ ଆସନରେ ବସି ଅଧିବେଶନରେ ଭାଗନେବେ। ଏଥିସହିତ ଅସୁସ୍ଥତା କାରଣରୁ ଭିଡିଓ କନ୍‌ଫରେନ୍ସିଂରେ ଗୃହକାର୍ଯ୍ୟରେ ଯୋଗଦେବାକୁ ଚାହୁଁଥିବା ସଦସ୍ୟମାନେ ଦରଖାସ୍ତ ଜରିଆରେ ଜଣାଇଲେ ତାଙ୍କୁ ସେହି ସୁବିଧା ଯୋଗାଇଦେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ଆରୁଖ କହିଛନ୍ତି।

ପୂର୍ବରୁ କରୋନା କଟକଣା ଭିତରେ ବିଧାନସଭା ଅଧିବେଶନ ବସୁଥିଲା। ଏହି ବୈଠକରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ, ବିଜ୍ଞାନ ଓ କାରିଗରି, ସରକାରୀ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ଭାଜପା ବିଧାୟକ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ସଦସ୍ୟ ସୁଦାମ ମାର୍ଣ୍ଡି ଏବଂ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଏଭଳି ନୂଆ ବ୍ୟବସ୍ଥା ସରକାର ଅଚାନକ ଲାଗୁ କରିଥିବା ବେଳେ ଏହାକୁ ଭାଜପା ବିରୋଧ କରିଛି। ମୁଖ୍ୟମନ୍ତ୍ରୀ କିପରି ବିଧାନସଭା ନ ଆସିବେ ସେଥିପାଇଁ ଭିସି ବ୍ୟବସ୍ଥା ଏକ ବାହାନା ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଅଭିଯୋଗ କରିଛନ୍ତି।

ସେ କହିଛନ୍ତି ଯେ, ଏପରି ବ୍ୟବସ୍ଥାକୁ ଭାଜପା ବିରୋଧ କରୁଛି। ବିଧାୟକମାନେ ବିଧାନସଭା ଗରିମା ରକ୍ଷା କରିବା ପାଇଁ ବିଧାନସଭାରେ ଆସି ବସନ୍ତୁ। ସେହିପରି ମୁଲତବୀ ପ୍ରସ୍ତାବ ସବୁବେଳେ ମୁଖ୍ୟ ବିରୋଧୀ ଦଳ ହିଁ ଦେଇଥାଏ। ସେଥିପାଇଁ ମୁଖ୍ୟ ବିରୋଧୀ ଦଳ ହିସାବରେ କେବଳ ଭାଜପାକୁ ହିଁ ସେହି ସୁଯୋଗ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

**ଆଜିର ମନ୍ତବ୍ୟ**

"ଭାରତ ଆସନ୍ତା ବର୍ଷ ଲାଗି ଜି୨୦ର ଅଧ୍ୟକ୍ଷତା ଗ୍ରହଣ କରିଛି। କଶ୍ମୀର ପ୍ରସଙ୍ଗ ସମାଧାନରେ ପାକିସ୍ତାନ ସହ ଆଲୋଚନା ଏବଂ ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଅନ୍ତ ଘଟାଇବାରେ ନୂଆଦିଲ୍ଲୀ ଏହାକୁ ସୁଯୋଗ ଭାବେ ନେଇପାରିବ।

– ଫାରୁକ୍ ଅବଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୋବ ଧୋବଳିଆ ଚୋରି କରନ୍ତି**
**ରଙ୍କୁଣୀ ଦେଖିଲେ ମାରି ଗୋଡାନ୍ତି।**

କ୍ଷମତାରେ ଥିବା କିଛି ବ୍ୟକ୍ତି ନିଜ ପଦବୀର ଅପବ୍ୟବହାର କରି ଧନ ଆତ୍ମସାତ କରି ଚାଲୁଥିବା ବେଳେ ସମାଜର ନିମ୍ନ ଶ୍ରେଣୀର ଲୋକ ସେପରି କରିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ପରନ୍ତୁ ଗରିବ ଲୋକ ପେଟ ବିକଳରେ ଯଦି କିଛି ଛୋଟମୋଟ ଚୋରି କାମ କରିପକାନ୍ତି, ତେବେ ଉକ୍ତ ତଥାକଥିତ ଧୋବ ଧୋବଳିଆ ବାବୁମାନଙ୍କ ଆକ୍ରୋଶର ଶିକାର ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧୋବା ଘରେ ନାହିଁ ବାର ବରତ**
**ନିତି କାଚିଲେ ନିତି ଭାତ।**

ଧୋବା ନିଇତି ଲୁଗା ବା କପଡା କାଚି ପଇଠ କଲେ ଗରାଖଙ୍କଠାରୁ ସେବାବଦ ଅର୍ଥ ପାଇଥାଏ। ପରିଶ୍ରମ କରି ଉପାର୍ଜନ କରୁଥିବା ଉକ୍ତ ଅର୍ଥରେ ସେ ନିଜ ପରିବାରର ଗୁଜୁରାଣ ମେଣ୍ଟାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ହରେକୃଷ୍ଣ ମହତାବ ଚିନ୍ତା କରୁଥିଲେ




**ରାଜ୍ୟସ୍ତରୀୟ ଜୟନ୍ତୀ**

- **ଜୟନ୍ତୀ କମିଟି ପକ୍ଷରୁ ୧୫ଜଣଙ୍କ ସମ୍ମାନ ପ୍ରଦାନ**
- **ଉତ୍ସବ ପାଳିଲା ସୂଚନା ଓ ଲୋକସମ୍ପର୍କ ବିଭାଗ**

ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ସୋମବାର ପିଏମ୍‌ଜି ଛକରେ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଜୟନ୍ତୀ କମିଟି ପକ୍ଷରୁ ସାଧାରଣ ସମ୍ପାଦକ ତଥା ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆନ୍ଧ୍ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇଥିଲେ। ଡ. ମହତାବ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ସର୍ବଦା ଚିନ୍ତା କରୁଥିଲେ। ଭୁବନେଶ୍ୱରକୁ ରାଜଧାନୀ କରିବା ଓ ହୀରାକୁଦ ଡ୍ୟାମ୍ ହେବା ତାଙ୍କର ଅବଦାନ। ତାଙ୍କ ପରି ଚେତନା ଭାବନା ଜାଗ୍ରତ କରି ଆମକୁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପର୍ବତାରୋହୀ ସିଦ୍ଧାର୍ଥ ରାଉତରାୟ,ଦିଲୀପ ଶ୍ରୀଚନ୍ଦନ, ମନ୍ମଥ ରାଉତରାୟ, ଜୟନ୍ତୀ କମିଟି ସଂଯୋଜକ ଜୟକୃଷ୍ଣ ମଳିଆ ପ୍ରମୁଖ ଯୋଗଦେଇ ଡ. ମହତାବଙ୍କ ସମ୍ପର୍କରେ କହିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୫ ଜଣଙ୍କୁ 'ଡ. ହରେକୃଷ୍ଣ ମହତାବ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାପରେ ସେଠାରୁ ପାଇକଦଳ ବନାଟି, କୁସ୍ତି, ପାରମ୍ପରିକ ଖଣ୍ଡା, ବାଡ଼ି ଖେଳ ପ୍ରଦର୍ଶନ କରି ରାମେଶ୍ୱର ପାଟଣାକୁ ଯାଇଥିଲେ।

ସେହିପରି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନରେ ଡ. ହରେକୃଷ୍ଣ ମହତାବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ସୁଲତା ଦେଓ ଯୋଗଦେଇ କହିଲେ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନବଉତ୍କଳର ନିର୍ମାତା ଡ. ହରେକୃଷ୍ଣ ମହତାବ ରାଜନୀତି ବାଦ୍ ଐତିହାସିକ, ସାହିତ୍ୟିକ, ସାମ୍ବାଦିକ, ସମ୍ପାଦକ, ଦକ୍ଷ ପ୍ରଶାସକ ଭାବେ ସୁପ୍ରତିଷ୍ଠିତ ଥିଲେ। ଡ. ମହତାବ ଓଡ଼ିଶାର ଏକ ବହୁମୁଖୀ ଅନୁଷ୍ଠାନ ଥିଲେ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ କହିଲେ, ଡ. ମହତାବଙ୍କ ପ୍ରତି କାର୍ଯ୍ୟରେ ସ୍ୱକୀୟତା, ସାହାସ ଓ ନିର୍ଭୀକତାର ପରିପ୍ରକାଶ ହେଉଥିଲା। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ଗବେଷକ ଡ. ଗିରିଶ ପ୍ରସାଦ ସ୍ୱାଇଁ ଡ. ମହତାବଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣରେ ଡ. ମହତାବଙ୍କୁ ଆଧୁନିକ ଓଡ଼ିଶାର ନିର୍ମାତା ବୋଲି ଦର୍ଶାଇଥିଲେ। ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିବାବେଳେ ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା କରିଥିଲେ।

# 'କିଟ୍'ରେ ହେବ ବାୟୋ-ଟେକ୍ନୋଲୋଜି ଉତ୍କର୍ଷ କେନ୍ଦ୍ର

## ରାଜ୍ୟ ସରକାର ଦେବେ ୨ କୋଟି

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

'କିଟ୍'ର ସ୍କୁଲ ଅଫ୍ ବାୟୋ-ଟେକ୍ନୋଲୋଜିକୁ ଉତ୍କର୍ଷ କେନ୍ଦ୍ର (ସେଣ୍ଟର ଅଫ୍ ଏକ୍ସିଲେନ୍ସ)ରେ ପରିଣତ କରାଯିବ। ଏଥିପାଇଁ ସରକାରଙ୍କ ବିଜ୍ଞାନ ଓ କାରିଗରି ବିଭାଗ ୨ କୋଟି ଟଙ୍କା ଯୋଗାଇଦେବ। ସେଣ୍ଟର ଅଫ୍ ଏକ୍ସିଲେନ୍ସ ସହିତ ଇନ୍‌କ୍ୟୁବେଶନ ସେଣ୍ଟରର ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ। ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଗବେଷଣା ଓ ବିକାଶ ସୁବିଧା ସାଙ୍ଗକୁ ଭିତ୍ତିଭୂମି ବିକାଶ ଓ କାରିଗରି ସମୁନ୍ନତି ଉପରେ ପ୍ରାଧାନ୍ୟ ଦିଆଯିବ। ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି, ପୂର୍ବରୁ ଭୁବନେଶ୍ୱରସ୍ଥିତ ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍ଏସ୍)କୁ ଷ୍ଟାର୍ଟଅପ୍ ବିକାଶ, ତାଲିମ ଏବଂ ଇନ୍‌କ୍ୟୁବେଶନ ସେଣ୍ଟର ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ବାୟୋ-ଟେକ୍‌ନୋଲୋଜି ଗବେଷଣା ଓ ତା'ର ବ୍ୟାପକ ଉପଯୋଗିତା ଉପରେ ସରକାର ପ୍ରାଥମିକତା ଦେଇଛନ୍ତି ବୋଲି ଦର୍ଶାଇ ମନ୍ତ୍ରୀ କହିଛନ୍ତି, ଅନ୍ଧାରୁଆଠାରେ ଭାରତ ବାୟୋଟେକ୍‌କୁ ସରକାର ଜାଗା ଯୋଗାଇ ଦେଇଛନ୍ତି। ଏବେ ସେଠାରେ ସମସ୍ତ ନିର୍ମାଣ କାର୍ଯ୍ୟ ଶେଷହେବାକୁ ଯାଉଛି ଏବଂ ଶୀଘ୍ର ସେଠାରେ ଟିକା ଉତ୍ପାଦନ ହେବା ସମ୍ଭାବନା ଉଜ୍ଜ୍ୱଳ ହୋଇଛି।

**ପ୍ରଥମ ପୃଷ୍ଠାରୁ...**

## ପ୍ଲାଟଫର୍ମକୁ ଚଢ଼ିଗଲା...

କରାଯାଇଥିବାବେଳେ ୬ଟିର ଆଂଶିକ ବାତିଲ୍ କରାଯାଇଛି। ସେହିପରି ୨୧ଟି ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି। ଘଟଣାର ତଦନ୍ତ କମିଶନରେଟ୍ ଅଫ୍ ରେଲ୍‌ୱେ ସେଫ୍ଟି(ସିଆର୍‌ଏସ୍) ସ୍ତରରେ କରିବାକୁ ନିର୍ଦ୍ଦେଶ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ୩୨୮୫୬ ଓ ୨୮୭୫୫ ନମ୍ବର ଇଞ୍ଜିନ ସଂଯୋଗ ମାଲବାହୀ ଟ୍ରେନ କୋରେଇ ଷ୍ଟେଶନରେ ସକାଳ ୬ଟା ୪୪ ମିନିଟରେ ଲାଇନ୍‌ଚ୍ୟୁତ ହୋଇଥିଲା। ଟ୍ରେନ୍‌ର ୨ଟି ଇଞ୍ଜିନ ସହ ୧୯ଟି ବଗି ଷ୍ଟେଶନ ଅତିକ୍ରମ କରିସାରିଥିବାବେଳେ ମଝିରେ ଥିବା ୧୪ଟି ବଗି ଲାଇନ୍‌ଚ୍ୟୁତ ହୋଇଥିଲା। ନିମିଷକ ମଧ୍ୟରେ ୨ଟି ବଗି ପ୍ଲାଟଫର୍ମର ଉଭୟ ପାର୍ଶ୍ୱରେ ଚଢ଼ିଯାଇ ଭୀଷଣ ଶବ୍ଦ ସୃଷ୍ଟି କରିଥିଲା। ଏହି ସମୟରେ ପ୍ଲାଟଫର୍ମରେ ଥିବା ଯାତ୍ରୀ ବିଶ୍ରାମାଗାରରେ ଭଦ୍ରକରୁ କଟକ ଅଭିମୁଖେ ଆସିବାକୁ ଥିବା ଡିଏମ୍‌ୟୁ ଟ୍ରେନ୍‌କୁ ଅପେକ୍ଷା କରିଥିବା ୪୦ଜଣ ଯାତ୍ରୀ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ହେଲେ ବଗିଗୁଡିକ ଟିକେଟ କାଉଣ୍ଟର କାନ୍ଥ ଭାଙ୍ଗି ଆଗକୁ ମାଡି ଯିବାରୁ ଅନେକ ଯାତ୍ରୀ ଟ୍ରେନ ବଗି ତଳେ ଚାପି ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ମୃତ ଦେହକୁ ଉଦ୍ଧାର କରାଯାଇଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବଗିର ଚକାଗୁଡ଼ିକ ସବୁ ବାହାରି ଯିବା ସହ ବଗି କ୍ଷତିଗ୍ରସ୍ତ ହୋଇଛି। ଏପରି କି ଷ୍ଟେଶନର ଫୁଟ୍ ଓଭରବ୍ରିଜ ଶିଡି ପର୍ଯ୍ୟନ୍ତ ବଗିଗୁଡିକ ଚଢ଼ି ଯାଇଥିଲା। ଯାତ୍ରୀ ପ୍ରତୀକ୍ଷାଳୟ ଘର ଓ ବିଦ୍ୟୁତ୍ ଖୁଣ୍ଟ ଏଥିରେ ନଷ୍ଟ ହୋଇଛି। ଦୁର୍ଘଟଣା ସମୟରେ ଭୟଙ୍କର ଶବ୍ଦ ହେବା ସହ ଅଞ୍ଚଳଟି ଧୂଆଁମୟ ହୋଇଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଦୁର୍ଘଟଣା ଯୋଗୁଁ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଖବରପାଇ ଏସ୍‌ପି ରାହୁଲ ପି.ଆର, କୋରେଇ, ପାଣିକୋଇଲି ଓ ଯାଜପୁରରୋଡ ଥାନା ଅଧିକାରୀ, ଏଡିଏମ କଳିଙ୍ଗନଗର, ପିଡି ଡିଆରଡିଏ, ବ୍ୟାସନଗର ତହସିଲଦାର ଓ ଅତିରିକ୍ତ ତହସିଲଦାର, ଯାଜପୁର ଏମପି ଶର୍ମିଷ୍ଠା ସେଠୀ, ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ, କୋରେଇ ବିଧାୟକ ଅଶୋକ ବଳ, ପୂର୍ବତନ ବିଧାୟକ ଆକାଶ ଦାସନାୟକ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିଥିଲେ। ଖୋର୍ଦ୍ଧା ଡିଆରଏମ ଲିଙ୍କେଶ ରାୟ, ଭଦ୍ରକ ଓ ଯାଜପୁର ରୋଡର ରେଳ ବିଭାଗ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରେଳ ବିଭାଗ ସୁରକ୍ଷା କର୍ମୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଥାଇ ପାରେ ବୋଲି ଆଶଙ୍କା କରାଯାଉଛି। ରେଳ ଲାଇନ ଓ ପ୍ଲାଟଫର୍ମରୁ ଦୁର୍ଘଟଣାଗ୍ରସ୍ତ ବଗି ଗୁଡିକର ସ୍ଥାନାନ୍ତର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ କ୍ଷତିଗ୍ରସ୍ତ ରେଳ ଧାରଣାକୁ ମରାମତି କରାଯିବା ପରେ ରେଳ ଚଳାଚଳ ସ୍ୱାଭାବିକ ହେବ ବୋଲି ରେଲୱେ ଅଧିକାରୀଙ୍କଠାରୁ ସୂଚନା ମିଳିଛି।

### ୧୫ ଟ୍ରେନ ବାତିଲ, ୨୧ଟିର ଗତିପଥ ପରିବର୍ତ୍ତନ

**ଯାଜପୁର ଅଫିସ,୨୧।୧୧:** କୋରେଇ ଷ୍ଟେଶନରେ ମାଲବାହୀ ଟ୍ରେନ ଦୁର୍ଘଟଣା ଯୋଗୁ ୧୫ଟି ଟ୍ରେନ ଚଳାଚଳକୁ ବାତିଲ ଓ ୬ ଟ୍ରେନକୁ ଆଂଶିକ ଭାବେ ବାତିଲ କରାଯାଇଛି। ଅନ୍ୟପକ୍ଷେ ୨୧ଟି ଟ୍ରେନର ଗତିପଥକୁ ପରିବର୍ତ୍ତନ କରାଯାଇଛି। ବାତିଲ ଟ୍ରେନଗୁଡିକ ହେଲା ୧୨୦୭ ଜନଶତାବ୍ଦୀ ହାଓଡା-ଭୁବନେଶ୍ୱର, ୧୨୨୭୭ ହାଓଡା-ପୁରୀ ଶତାବ୍ଦୀ, ୧୨୮୨୧ ଶାଳିମାର-ପୁରୀ ଏକ୍ସପ୍ରେସ, ୧୨୮୨୨ ପୁରୀ-ଶାଳିମାର ଏକ୍ସପ୍ରେସ, ୧୮୦୪୫ ଶାଳିମାର-ହାଇଦ୍ରାବାଦ ଏକ୍ସପ୍ରେସ, ୦୮୪୫୪/୦୮୪୫୩ କଟକ-ଭଦ୍ରକ-କଟକ ପାସେଞ୍ଜର, ୦୮୪୪୧/୦୮୪୪୨ ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ପାସେଞ୍ଜର, ୦୮୪୧୨ ଭୁବନେଶ୍ୱର-ବାଲେଶ୍ୱର ପାସେଞ୍ଜର, ୦୮୪୩୮/୦୮୪୩୭ କଟକ-ଭଦ୍ରକ-କଟକ ପାସେଞ୍ଜର, ୨୨୮୬୩ ହାଓଡା-ବାଙ୍ଗାଲୋର ଏକ୍ସପ୍ରେସ, ୨୨୮୪୧ ସନ୍ତ୍ରାଗଛି-ତାମ୍ବ୍ରମ ଏକ୍ସପ୍ରେସ, ୧୮୦୩୭ ଖଡଗପୁର-ଯାଜପୁର କେନ୍ଦୁଝର ରୋଡ୍ ଏକ୍ସପ୍ରେସ, ୧୮୦୩୮ ଯାଜପୁର କେନ୍ଦୁଝର ରୋଡ୍-ଖଡଗପୁର ଏକ୍ସପ୍ରେସ ଓ ୧୮୦୨୨ ଖୋର୍ଦ୍ଧା ରୋଡ-ଖଡଗପୁର ଏକ୍ସପ୍ରେସ ଏବଂ ୨୨।୧୧।୨୦୨୨ରେ ୦୮୦୩/୦୮୦୩୧ ବାଲେଶ୍ୱର-ଭଦ୍ରକ-ବାଲେଶ୍ୱର ପାସେଞ୍ଜର ଟ୍ରେନ ବାତିଲ ହୋଇଛି। ସେହିପରି ଆଂଶିକ ଭାବେ ୧୨୦୭୪ ଭୁବନେଶ୍ୱର-ହାଓଡା ଜନଶତାବ୍ଦୀ, ୧୨୨୭୮ ପୁରୀ-ହାଓଡା ଶତାବ୍ଦୀ ଏକ୍ସପ୍ରେସ, ୦୮୪୧୧ ବାଲେଶ୍ୱର-ଭୁବନେଶ୍ୱର ପାସେଞ୍ଜର, ୧୮୦୨୧ ଖଡଗପୁର-ଖୋର୍ଦ୍ଧା ଏକ୍ସପ୍ରେସ, ୧୨୮୯୧ ବାଙ୍ଗିରିପୋଷି-ଭୁବନେଶ୍ୱର ଏକ୍ସପ୍ରେସ୍, ୧୨୮୯୨ ଭୁବନେଶ୍ୱର-ବାଙ୍ଗିରିପୋଷି ଏକ୍ସପ୍ରେସ୍ ଟେନ ବାତିଲ ହୋଇଛି।

## ଜାଭା ଦ୍ୱୀପରେ ଭୂକମ୍ପ...

ଅନେକ ସ୍ଥାନରେ ଭୂସ୍ଖଳନ ହୋଇଛି। ଏକ ଇସ୍‌ଲାମୀୟ ବୋର୍ଡିଂ ସ୍କୁଲ, ହସ୍ପିଟାଲ ଏବଂ ସରକାରୀ କୋଠା ସମେତ ଅନେକ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। କ୍ଷୟକ୍ଷତିର ସବିଶେଷ ରିପୋର୍ଟ ମିଳିନାହିଁ। ଗ୍ରେଟର ଜାକର୍ତ୍ତା ଅଞ୍ଚଳରେ ସର୍ବାଧିକ ଭୂକମ୍ପ ଅନୁଭୂତ ହୋଇଥିଲା। ସେଠାରେ ଥିବା ସୁଉଚ୍ଚ ଅଟ୍ଟାଳିକାଗୁଡ଼ିକ ଦୋହଲିଥିଲା। ଭୟରେ ଲୋକେ ରାସ୍ତାକୁ ଚାଲିଆସିଥିଲେ। ଇଣ୍ଡୋନେସିଆରେ ଅନେକ ସମୟରେ ଭୂକମ୍ପ ହୋଇଥାଏ। ତେବେ ଜାକର୍ତ୍ତାରେ ଏଭଳି ଭୂକମ୍ପ ଅସାଧାରଣ ଥିଲା ବୋଲି କୁହାଯାଉଛି। ଗତ ଫେବୃଆରୀରେ ପଶ୍ଚିମ ସୁମାତ୍ରା ପ୍ରଦେଶରେ ୬.୨ ତୀବ୍ରତାର ଭୂକମ୍ପ ହୋଇଥିଲା, ଯେଉଁଥିରେ ୨୫ ଜଣଙ୍କ ଜୀବନ ଯିବା ସହ ୪୬୦ରୁ ଅଧିକ ଆହତ ହୋଇଥିଲେ। ଗତବର୍ଷ ଜାନୁୟାରୀରେ ପଶ୍ଚିମ ସୁଲାୱେସି ପ୍ରଦେଶରେ ଭୂକମ୍ପ ଯୋଗୁ ଶତାଧିକ ପ୍ରାଣ ହରାଇବା ସହ ୬,୫୦୦ ଲୋକ ଆହତ ହୋଇଥିଲେ। ୨୦୦୪ରେ ଭାରତ ମହାସାଗରରେ ଶକ୍ତିଶାଳୀ ଭୂକମ୍ପ ଯୋଗୁ ଇଣ୍ଡୋନେସିଆ ସମେତ ବିଭିନ୍ନ ଦେଶରୁ ୨,୩୦,୦୦୦ ଲୋକଙ୍କ ଜୀବନ ଯାଇଥିଲା।



ସରକାରୀ ମାନ୍ୟତା, ଛଟେଇ କର୍ମୀଙ୍କୁ ପୁନଃ ନିଯୁକ୍ତି ଆଦି ୮ଦଫା ଦାବି ନେଇ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିସ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୧୪ ଜଜ୍‌ଶିପ୍‌ରେ ଖୋଲିଲା ୨୫ ନୂଆ କଗ୍‌ନିଜେନ୍ସ କୋର୍ଟ

କଟକ ଅଫିସ,୨୧।୧୧

ରାଜ୍ୟର ବିଭିନ୍ନ ଜିଲାରେ ଥିବା ୧୪ଟିଜଜ୍‌ଶିପ୍‌ରେ ୨୫ ନୂତନ କଗ୍‌ନିଜେନ୍ସ ଟେକିଂ କୋର୍ଟ(ବିଚାର ଗ୍ରହଣୀୟ ଅଦାଲତ) ସୋମବାର କାର୍ଯ୍ୟାରମ୍ଭ କରିଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଭର୍ଚୁଆଲ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରି କହିଥିଲେ, କଗ୍‌ନିଜେନ୍ସ ଟେକିଂ କୋର୍ଟଗୁଡ଼ିକରେ ମାମଲାଗୁଡ଼ିକ ସମାନ ଭାବରେ ବିଚାରପତିମାନଙ୍କ ମଧ୍ୟରେ ବାଣ୍ଟି ହୋଇ ଫଇସଲା ହେବା ସହଜ ହେବ। ଆଗାମୀ ଦିନରେ ଅଧିକରୁ ଅଧିକ ଏହି କୋର୍ଟ ଖୋଲାଯିବ, ଯାହାକି ବିଚାର ବ୍ୟବସ୍ଥାରେ ଏକ ନୂତନତା ଆଣିବାରେ ସହାୟକ ହେବ। ହାଇକୋର୍ଟ ବିଚାରପତି ବି. ଆର୍. ଷଡ଼ଙ୍ଗୀ କହିଛନ୍ତି, ପଡ଼ିରହିଥିବା ମାମଲାର ଫଇସଲା କରିବା ଦିଗରେ ଏହି ନୂତନ କୋର୍ଟ ସହାୟକ ହେବ। ସେହିପରି ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର କହିଥିଲେ, ଅଦାଲତର ମାମଲା ବୋଝ ଏହି କୋର୍ଟଗୁଡ଼ିକ ଦ୍ୱାରା ହ୍ରାସ ହେବ। ବିଚାରପତି ଯଶୱନ୍ତ ସିଂହ ଜିଲା କୋର୍ଟଗୁଡ଼ିକରେ ପଡ଼ିରହିଥିବା କ୍ରିମିନାଲ କେସ୍‌ଗୁଡ଼ିକର ଫଇସଲା ତ୍ୱରାନ୍ୱିତ ହେବ ବୋଲି କହିଥିଲେ। ନୂତନ କୋର୍ଟଗୁଡ଼ିକ ମଧ୍ୟରୁ ଖୋର୍ଦ୍ଧା, ତାଳଚେର, ବାଲେଶ୍ୱର, ଢେଙ୍କାନାଳ, ବ୍ରହ୍ମପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, ବାରିପଦା, ସୁନ୍ଦରଗଡ଼ଠାରେ ଗୋଟିଏ ଲେଖାଏ, ଭଦ୍ରକ, ପୁରୀ, ସମ୍ବଲପୁରରେ ୨ଟି ଲେଖାଏ, କଟକରେ ୪ ଓ ଭୁବନେଶ୍ୱରରେ ୫ଟି ଖୋଲାଯାଇଛି। ସମ୍ପୃକ୍ତ ଜଜ୍‌ଶିପ୍‌ଗୁଡ଼ିକର ବିଚାରପତି, ବିଚାର ବିଭାଗୀୟ ଅଧିକାରୀ ଓ ବାର୍ ସଦସ୍ୟମାନେ ଭର୍ଚୁଆଲରେ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ।

## ୨୦୩୦ ପୂର୍ବରୁ ଚନ୍ଦ୍ରରେ...

ପୃଷ୍ଠକୁ ନାସା ମଣିଷ, ଉଦ୍ଭିଦ ପଠାଇବ। ସେମାନେ ଅତିବେଶିରେ କେତେଦିନ ଏହି ପ୍ରାକୃତିକ ଉପଗ୍ରହରେ ରହୁଛନ୍ତି ତାହାର ପର୍ଯ୍ୟବେକ୍ଷଣ କରିବାକୁ ଯାଉଛି। ନାସା ପକ୍ଷରୁ ଚନ୍ଦ୍ରକୁ ପ୍ରେରଣ କରାଯାଇଥିବା ଆର୍ଟେମିସ୍-୧ ସ୍ପେସ୍ ଫ୍ଲାଇଟ୍‌ରେ ଓରିଓନ୍ ଛଡ଼ାଯାଇଛି। ଓରିଓନ୍ ଚନ୍ଦ୍ର ସମ୍ବନ୍ଧରେ ଅଧିକ ତଥ୍ୟ ହାସଲ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିବ। ଆର୍ଟେମିସ୍-୧ ସଫଳ ହେବା ପରେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ଆର୍ଟେମିସ୍ ୨ ଓ ୩ ଉପଗ୍ରହ ଚନ୍ଦ୍ରକୁ ପଠାଇବା ଯୋଜନା ରଖିଛି। ଏହି ମିଶନ୍ ମଣିଷକୁ ଚନ୍ଦ୍ରରେ ପହଞ୍ଚାଇବା ଦିଗରେ ବିଶ୍ୱବାସୀଙ୍କ ପାଇଁ ଏକ ଯାନ ସଦୃଶ କାର୍ଯ୍ୟ କରିବ ବୋଲି ହୋୱାର୍ଡ ହୁ ମତ ପ୍ରକାଶ କରିଛନ୍ତି। ଚନ୍ଦ୍ର ବ୍ୟତୀତ ମଙ୍ଗଳ ଗ୍ରହ ସମ୍ବନ୍ଧରେ ଅଧିକ ତଥ୍ୟ ହାସଲ କରିବା ଦିଗରେ ମଧ୍ୟ ନାସା କାମ କରୁଛି। ଏହି ବିଶେଷ ପ୍ରକାର ମିଶନରେ ବ୍ୟବସାୟିକ ଓ ଅନ୍ତର୍ଜାତୀୟ ସହଯୋଗୀଙ୍କୁ ସାମିଲ କରାଯାଉଛି, ଯାହାଫଳରେ ମିଶନର କାର୍ଯ୍ୟପ୍ରଣାଳୀରେ ବ୍ୟଗ୍ରତା ଆସିବ। ଆଗାମୀ ପିଢ଼ି ଉତ୍ସାହିତ ହୋଇ ଏ ଦିଗରେ କାର୍ଯ୍ୟ କରିବା ଲାଗି ଆଗ୍ରହ ପ୍ରକଟ କରିବେ ବୋଲି ନାସା କହିଛି।

## ବଟି ଆଦାୟ ଭିଡିଓ...

ଡିଜିପିଙ୍କ ନିକଟରେ ଅଭିଯୋଗ କରାଯିବା ସହ କଟକ ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉକ୍ତ ଭାଇରାଲ ଭିଡିଓ ସମ୍ପର୍କରେ ସୂଚନା ଦିଆଯାଇଛି। ଏଥିରେ ଦଳର ମହିଳାମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି, ବାଲିଯାତ୍ରାରେ ସାଇକେଲ ଷ୍ଟାଣ୍ଡ ନିଲାମ ନେଇଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାକୁ ଡାକି ଆଇଆଇସି ମିଶ୍ର ବଟି ଅର୍ଥ ଦେବା ନିମନ୍ତେ ତାଗିଦା କରିବା ସହ ଗାଳିଗୁଲଜ କରିଥିଲେ। ବଟି ନ ଦେଲେ ମିଥ୍ୟା କେସ୍‌ରେ ଫସାଇଦେବାକୁ ଧମକ ଦେଇଥିଲେ। ଏହି ଘଟଣାରେ ଉକ୍ତ ଥାନାର ଏସ୍‌ଆଇ ମୋତିଲାଲ ମାରାଣ୍ଡି ମଧ୍ୟ ସାମିଲ ଅଛନ୍ତି।

ଚଳିତବର୍ଷ ବାଲିଯାତ୍ରାରେ କଟକ ମହାନଗର ନିଗମ ପକ୍ଷରୁ ସରକାରୀ ଭାବେ ୨୧ଟି ପାର୍କିଂ ଟେଣ୍ଡର ଆହ୍ୱାନ କରାଯାଇଥିଲା। ସେଥିମଧ୍ୟରୁ କାର୍ତ୍ତିକେଶ୍ୱର ଗଡ଼ା (ପୂର୍ବ) ଷ୍ଟାଣ୍ଡର ଟେଣ୍ଡର ହାସଲ କରିଥିଲେ ଭବାନୀ ଶଙ୍କର ବେଉରା। ଏହି ପାର୍କିଂରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଂଯୋଜକ ସ୍ମୃତିରଞ୍ଜନ ମିଶ୍ର ସହଯୋଗୀ ଭାବେ ଜଡ଼ିତ ଥିଲେ। ସ୍ମୃତିରଞ୍ଜନଙ୍କ ଅଭିଯୋଗ ଅନୁସାରେ ଥାନାଧିକାରୀ ମିଶ୍ର, ଏସ୍‌ଆଇ ମାରାଣ୍ଡି ସେମାନଙ୍କୁ ଥାନାକୁ ଡାକି ପାର୍କିଂ ବାବଦକୁ ୫୦ ହଜାର ଟଙ୍କାର ଚାନ୍ଦା ଦାବି କରିଥିଲେ। ବିଭିନ୍ନ ସମୟରେ ମାନସିକ ଚାପ ପକାଇ ତାଙ୍କଠାରୁ ୪୦ ହଜାର ଟଙ୍କା ଚାନ୍ଦା ଭାବେ ଆଦାୟ ମଧ୍ୟ କରିଥିଲେ। ପରେ ପୁଣି ଅଧିକ ଚାନ୍ଦା ଦେବା ପାଇଁ ଆଇଆଇସି ବାଧ୍ୟ କରିଥିଲେ। ବାଲିଯାତ୍ରାରେ ପାର୍କିଂ ବ୍ୟବସାୟରେ କ୍ଷତି ହୋଇଛି। ଏଥିପାଇଁ ଚାନ୍ଦା କମ୍ କରିବାକୁ ଆଇଆଇସିଙ୍କୁ ଅନୁରୋଧ କରିଥିଲେ। ହେଲେ ସେ ଶୁଣି ନ ଥିଲେ। ଏତେ ପରିମାଣର ଚାନ୍ଦା ଦେବାକୁ ଅସମର୍ଥ ହେବାରୁ ସେମାନଙ୍କୁ ଥାନାରେ ଗାଳିଗୁଲଜ କରିବା ସହ ମିଥ୍ୟା ମୋକଦ୍ଦମାରେ ଫସାଇଦେବାର ଧମକ ଦେଇଥିଲେ। ବାଲିଯାତ୍ରା ପଡ଼ିଆ କ୍ୟାଣ୍ଟନମେଣ୍ଟ ଥାନା ଅଧୀନରେ ରହିଛି। ବାଲିଯାତ୍ରାରେ ଥିବା ପାର୍କିଂ ଷ୍ଟାଣ୍ଡ ନିଲାମଧାରୀ, ଦୋକାନୀମାଲିକ, ସାଧାରଣ ବ୍ୟବସାୟୀମାନଙ୍କଠାରୁ ବେଆଇନ ଭାବେ ଚାନ୍ଦା ଆଦାୟ କରାଯାଇଛି। ଏହାର ଦାୟିତ୍ୱ ଏସ୍‌ଆଇ ମାରାଣ୍ଡି ନେଇଥିଲେ। ଏହାର ସମ୍ପୂର୍ଣ୍ଣ ବିବରଣୀ ସେ ଏକ ନୀଳ ଡାଏରୀରେ ଲେଖି ରଖୁଥିଲେ। ଖୋଦ୍ ଆଇଆଇସି ମିଶ୍ର ଓ ଏସ୍‌ଆଇ ମାରାଣ୍ଡି ଟଙ୍କା ମାଗୁଥିବା ଓ ଗାଳିଗୁଲଜ କରୁଥିବା ଭିଡ଼ିଓକୁ ଖବରଦାତା ସମ୍ମିଳନୀରେ ସ୍ମୃତି ପଟ୍ଟନାୟକ ପ୍ରଦର୍ଶନ କରିଥିଲେ। କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ଚାନ୍ଦା ଆଦାୟର ବିଭାଗୀୟ ତଦନ୍ତ ଦାବି କରାଯାଇଛି। ଆଇଆଇସି ଓ ଏସ୍‌ଆଇଙ୍କୁ ତୁରନ୍ତ ନିଲମ୍ବନ ସହ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ବାଲିଯାତ୍ରାରେ ବିଭିନ୍ନ ବ୍ୟବସାୟୀଙ୍କଠାରୁ ଆଦାୟ ହୋଇଥିବା କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ଚାନ୍ଦାର ହିସାବ ଥିବା ନୀଳ ଡାଏରୀକୁ ଜବତ କରିବାକୁ ଡିଜିପିଙ୍କ ନିକଟରେ ଦାବି ହୋଇଥିଲା। ପରେ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଇଆଇସି ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଭାଜପା ନେତା ସାକ୍ୟ ସିଂ ମିଶ୍ର, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ କାଳୀ ପ୍ରସନ୍ନ ମହାନ୍ତି, କାଠଯୋଡ଼ି ମଣ୍ଡଳ ସଭାପତି ନନ୍ଦ କିଶୋର ଜେନା, ଅନ୍ନଦା ପ୍ରସାଦ ଦାସ, ଧିରେନ ସେଠୀ ଓ ସୁନୀଲ ଦ୍ୱିବେଦୀଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ସପ୍ତମସ୍ଥ କେତୁଯୁକ୍ତ ଚନ୍ଦ୍ର ସମସ୍ୟାବହୁଳ ଯାତ୍ରା ସହ ପାରିବାରିକ ଅଶାନ୍ତି ସୃଷ୍ଟି କରିପାରେ। ଦର୍ଶନୀୟ ସ୍ଥାନ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବା ସୂଚନା ରହିଛି। କଳା, ସାହିତ୍ୟ, ସାଂସ୍କୃତିକ କାର୍ଯ୍ୟାଦିରେ ଯୋଗଦେବାକୁ ନିମନ୍ତ୍ରଣ ପାଇବେ। ଧାରକରଜ କରି କାମ ଚଳାଇନେବେ।

**ବୃଷ** – ରୋଗ, ଋଣ ଓ ଶତ୍ରୁତା ହେତୁ ଟେନ୍‌ସନ କିଛି ମାତ୍ରାରେ ବୃଦ୍ଧି ପାଇବ। ତଥାପି ଆପଣ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟା ସୁଧାରିନେବେ। ଦୂରଯାତ୍ରାରେ କୌଣସି ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଖାଇବାରେ ଅନିୟମିତତା ଓ ଅଜୀର୍ଣ୍ଣଜନିତ ପେଟ ଗୋଳମାଳରୁ ପୀଡ଼ା ଅନୁଭବ କରିପାରନ୍ତି।

**ମିଥୁନ** – ସ୍ଥଗିତ କାମ କୌଣସି ବଦାନ୍ୟ ବ୍ୟକ୍ତିଙ୍କ ସାହାଯ୍ୟରୁ ସମ୍ପୂର୍ଣ୍ଣ ହୋଇପାରିବ। ବିବାଦର ସମାଧାନ କିମ୍ବା ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହୋଇପାରେ। କର୍ମକ୍ଷେତ୍ର, ଜମିଜମା, ପରିବହନ, କଳା, ସାହିତ୍ୟ ପ୍ରଭୃତିରେ ମଧ୍ୟମ ଫଳ ପାଇବେ। ଧାର୍ମିକ କାର୍ଯ୍ୟ କିମ୍ବା ସାମୂହିକ କାର୍ଯ୍ୟରେ ଶ୍ରମ ବିନିଯୋଗ କରି ଆତ୍ମତୃପ୍ତି ଲାଭ କରିବେ।

**କର୍କଟ** – ପାରିପାର୍ଶ୍ୱିକ ପରିସ୍ଥିତିରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ବିଭିନ୍ନ କାରଣକୁ କେନ୍ଦ୍ରକରି ସାମୟିକ ମାନସିକ ଅଶାନ୍ତି ସୃଷ୍ଟି ହୋଇପାରେ। ଅପରାହ୍ନରେ ଆଶା କରିଥିବା ଜିନିଷ ଲାଭ କରିବା କାରଣରୁ ମାନସିକ ଅବସାଦ ଦୂର ହେବ। ଆଜିର ଯାତ୍ରା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟାଦି ମନ୍ଦ ହେବନାହିଁ।

**ସିଂହ** – ରବିଙ୍କ ଦୁର୍ବଳତା ସାଙ୍ଗକୁ ପାପଗ୍ରସ୍ତ ଚନ୍ଦ୍ରଜନିତ ମାନସିକ ଅଶାନ୍ତି ଅନୁଭବ କରିପାରନ୍ତି। ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବା କାରଣରୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଭୁଲ୍ ବୁଝାମଣା ହେତୁ କର୍ମକ୍ଷେତ୍ରରେ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଏଜେନ୍ସି, ସାମ୍ବାଦିକତା, ପ୍ରକାଶନ, ଗବେଷଣାଦିରେ ସଫଳତା ମିଳିବ।

**କନ୍ୟା** – ଧନ ସ୍ଥାନ କେତୁ ସଂଯୋଗ ହେତୁ ଅର୍ଥ ସମ୍ପର୍କିତ ବିବାଦ କିମ୍ବା ଧନହାନି ଘଟିପାରେ। ପ୍ରତିବନ୍ଧକ ଆସିଲେ ମଧ୍ୟ ସାମ୍ନା କରିବାର ଧୈର୍ଯ୍ୟ ବଳବତ୍ତର ରହିବ। କର୍ମକ୍ଷେତ୍ରରେ କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇଦେବ। କ୍ରୟ ବିକ୍ରୟ କ୍ଷେତ୍ରରେ ଜମିଜମା ବିବାଦର ସମାଧାନ କରିପାରନ୍ତି।

**ତୁଳା** – ସ୍ଥଗିତ କେତେକ ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ମାନସିକ ଅସ୍ଥିରତା ଲାଗିରହିବ। ପରିବାରରେ ଅନାହୂତ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ସାମାଜିକ କ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ବିଛା** – ପରିବାରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦେଇ କଳହ ସୃଷ୍ଟି କରିପାରନ୍ତି। କର୍ମକ୍ଷେତ୍ରରେ ବିବାଦୀୟ ଘଟଣାର ଦିଗ ହଠାତ୍ ବଦଳି ଯାଇପାରେ। ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ଗୁପ୍ତଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧିପାଇବ, କିନ୍ତୁ ଚିନ୍ତାର କୌଣସି କାରଣ ନାହିଁ।

**ଧନୁ** – ପ୍ରତ୍ୟେକ କ୍ଷେତ୍ରରେ ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। କ୍ରୀଡ଼ା, କଳା, ସାହିତ୍ୟ, ସଂସ୍କୃତି ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଆବଶ୍ୟକତା ଅନୁଭବ କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଲେଖାପଢ଼ା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ମକର** – ମାନସିକ ସ୍ଥିରତା ଅଭାବରୁ ପ୍ରତ୍ୟେକ କାମକୁ ସନ୍ଦେହଜନକ ଦୃଷ୍ଟିରେ ଦେଖିବେ। ଆଜି ଦିନ ମଧ୍ୟରେ ବନ୍ଧୁମାନଙ୍କ ସହ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ପ୍ରତିଟି କ୍ଷେତ୍ରରେ ସଂଯମ ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଆତ୍ମୀୟମାନଙ୍କ ସହ ନିଜର ସୁଖଭ୍ରମଣ ଯୋଗ ରହିଛି।

**କୁମ୍ଭ** – ଶାରୀରିକ ଅସୁସ୍ଥତା କାରଣରୁ ଅଧିକାଂଶ ସମୟ ଉଦାସୀନ ରହିବେ। ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ମନେହେବ।

**ମୀନ** – ଅଷ୍ଟମସ୍ଥ ଚନ୍ଦ୍ରଙ୍କ ଯୋଗୁ ନକାରାତ୍ମକ ଚିନ୍ତାଧାରା ମନକୁ ବେଶି ବିବ୍ରତ କରିପାରେ। ପାରିବାରିକ ସ୍ତରରେ ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ବିବାଦୀୟ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

ଆଜି ନଭେମ୍ବର ୨୨ ତାରିଖ, ମାର୍ଗଶିର କୃଷ୍ଣ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ମଙ୍ଗଳବାର। ଶ୍ରୀଜୀଉଙ୍କ ଶ୍ରାଦ୍ଧବେଶ, ଶ୍ରୀମନ୍ଦିରରେ ଅଦିତି ଓ କଶ୍ୟପଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମଦିବସ। ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୦୨ ଗତେ, ଘ.୦୬।୪୬ ମଧ୍ୟେ, ଘ.୦୮।୪୭ ଗତେ, ଘ.୧୧।୧୦ ମଧ୍ୟେ ଶୁଭବେଳା। ଅପରାହ୍ନ ଘ.୦୨।୧୭ ଗତେ, ଘ.୦୩।୩୯ ମଧ୍ୟେ ରାହୁକାଳ।

## କ୍ଲାଇମେଟ୍ ଚେଞ୍ଜ: ଦି ପାୱାର ଅଫ୍ ୟୁଥ୍

# ହ୍ରଦ ସୁରକ୍ଷାଦାତା ଅରୁଣ

**ଜଳବାୟୁପରିବର୍ତ୍ତନ ସାରା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଥିବାବେଳେ ଯୁବପିଢ଼ି କିପରି ଏ ଦିଗରେ ସଚେତନ ହେବେ ସେଥିପାଇଁ 'ଧରିତ୍ରୀ' ଆୟୋଜନ କରୁଛି 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍-୨୦୨୨'। ନଭେମ୍ବର ୨୪ ତାରିଖ 'ଧରିତ୍ରୀ'ର ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜନ ହେବାକୁ ଥିବା ଏହି ଯୁବ ସମ୍ମିଳନୀରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ। ଏଥିସହିତ ରାଜ୍ୟର ବହୁ ଶିକ୍ଷାନୁଷ୍ଠାନରୁ ଯୁବବକ୍ତା ଅଂଶଗ୍ରହଣ କରି ସେମାନଙ୍କ ସୁଚିନ୍ତିତ ମତାମତ ଦେବେ। ଯୁବ ପରିବେଶବିତ୍‌ଙ୍କ ସମ୍ପର୍କରେ...**

DHARITRI YOUTH CONCLAVE 2022 CLIMATE CHANGE: THE POWER OF YOUTH

### ଅରୁଣ କ୍ରିଷ୍ଣମୂର୍ତ୍ତି

'ଧରିତ୍ରୀ' ପକ୍ଷରୁ ଆସନ୍ତା ୨୪ ତାରିଖରେ ଆୟୋଜିତ ହେବାକୁ ଥିବା ଯୁବ ସମ୍ମିଳନୀରେ ଯୋଗଦେବେ ପରିବେଶବିତ୍ ଅରୁଣ କ୍ରିଷ୍ଣାମୂର୍ତ୍ତି। ଚେନ୍ନାଇର ମୁଦିଚର ଗ୍ରାମର ଏହି ୩୬ବର୍ଷୀୟ ଯୁବକ ପରିବେଶ ସୁରକ୍ଷାକୁ ନେଇ ସମ୍ବେଦନଶୀଳ। ଭାରତର ବିଭିନ୍ନ ହ୍ରଦ ସଫେଇ ଅଭିଯାନରେ ତାଙ୍କ ଯୋଗଦାନ ଉଲ୍ଲେଖନୀୟ। ତାଙ୍କର ନିଷ୍ଠାପର ଉଦ୍ୟମରେ ପ୍ରତିଷ୍ଠା ହୋଇଛି ଅନ୍ତର୍ଜାତୀୟସ୍ତରୀୟ ସ୍ୱୀକୃତିପ୍ରାପ୍ତ ସଙ୍ଗଠନ 'ଏନ୍‌ଭରମେଣ୍ଟାଲିଷ୍ଟ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ' ବା ଇଏଫ୍‌ଆଇ। ଏହାର ମୁଖ୍ୟ କାର୍ଯ୍ୟାଳୟ ଚେନ୍ନାଇରେ ଥିବା ବେଳେ ୧୫ ରାଜ୍ୟ ଏବଂ ବିଭିନ୍ନ ସହରରେ ଏହାର ଶାଖା କାର୍ଯ୍ୟ କରୁଛି। ଅରୁଣ ଏବଂ ତାଙ୍କ ସଂସ୍ଥା ମିଶି ଅଦ୍ୟାବଧି ୧୬୯ ହ୍ରଦ ସଫା କରିବାରେ ସଫଳ ହୋଇଛନ୍ତି।

ମାଡ୍ରାସ ଖ୍ରୀଷ୍ଟିଆନ କଲେଜରୁ ମାଇକ୍ରୋବାୟୋଲୋଜିରେ ସ୍ନାତକ ଶିକ୍ଷା ଶେଷ ପରେ ହାଇଦ୍ରାବାଦ୍‌ରେ ଗୁଗୁଲରେ ୩ବର୍ଷ କାମ କରିଥିଲେ ଅରୁଣ। ଏହାପରେ ଦିଲ୍ଲୀସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାସ୍ କମ୍ୟୁନିକେଶନ (ଆଇଆଇଏମ୍‌ସି)କୁ ପଢ଼ିବା ଲାଗି ଯାଇଥିଲେ। ପରେ 'ଗୁଡ୍‌ଅଲ୍‌ସ ରୁଟ୍‌ସ ଆଣ୍ଡ ସୁଟ୍‌ସ'ରେ ୨୦୦୮ରେ କାମ କଲେ। ଏହି ଅନୁଷ୍ଠାନ ବିଭିନ୍ନ ସମ୍ପ୍ରଦାୟଙ୍କ ମଧ୍ୟରେ ରହିଥିବା ସମସ୍ୟା ସମାଧାନ ସମ୍ପର୍କରେ ଯୁବପିଢ଼ିଙ୍କୁ ସଚେତନ କରାଇଥାଏ। କେବଳ ଏତିକି ନୁହେଁ, ବହୁମୁଖୀ ପ୍ରତିଭାର ଅଧିକାରୀ ଅରୁଣ ପରିବେଶ ସମ୍ବନ୍ଧୀୟ ଡକ୍ୟୁମେଣ୍ଟାରି ଫିଲ୍ମର ନିର୍ଦ୍ଦେଶନା ପାଇଁ ଜଣାଶୁଣା। ତାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାମାଣିକ ଚଳଚ୍ଚିତ୍ର ଟେଲିଭିଜନରେ ପ୍ରସାରିତ ହୋଇଛି। ତାମିଲନାଡୁର ନଦୀଗୁଡ଼ିକ ଉପରେ ସେ କରିଥିବା ଟ୍ରାଭେଲ ଡକ୍ୟୁମେଣ୍ଟାରି ଫିଲ୍ମ ବେଶ୍ ଲୋକାଦୃତି ହାସଲ କରିଛି। ୨୦୧୨ରେ ସମ୍ମାନଜନକ 'ରୋଲେକ୍ସ ଆୱାର୍ଡସ ଫର୍ ଏଣ୍ଟରପ୍ରାଇଜେସ୍' ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ୫ଜଣଙ୍କ ମଧ୍ୟରେ ଅରୁଣ ଥିଲେ ସର୍ବକନିଷ୍ଠ। ଭାରତରେ ହ୍ରଦ ପୁନରୁଦ୍ଧାର ଦିଗରେ ନିରନ୍ତର ପ୍ରୟାସ ପାଇଁ ଜେନେଭାଠାରେ ତାଙ୍କୁ ଏହି ପୁରସ୍କାର ମିଳିଥିଲା। ନିଜର କାର୍ଯ୍ୟଦକ୍ଷତା ପାଇଁ ସେ ୨୦୧୦ରେ 'ୟୁଥ୍ ଲିଡରଶିପ୍', ୨୦୧୧ରେ 'ଗୁଗୁଲ ଆଲୁମ୍‌ନି ଇମ୍ପାକ୍ଟ' ସମେତ ବହୁ ପୁରସ୍କାର ପାଇଛନ୍ତି। ୨୦୦୨ରେ ନେକ୍ସଟ ଜେନେରେଶନ ଲିଡର ଭାବେ ସେ ମନୋନୀତ ହୋଇଥିଲେ। ଏସବୁକୁ ବାଦ୍‌ଦେଲେ ଅରୁଣ ତାଙ୍କର ମନୋମୁଗ୍ଧକର ଭାଷଣ ପାଇଁ ମଧ୍ୟ ଜଣାଶୁଣା। ତାଙ୍କ ଅଭିଭାଷଣରେ ନଦୀ, ହ୍ରଦ, ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରାଥମିକତା ପାଇଥାଏ। ୨୦୨୨ ମାର୍ଚ୍ଚ ୨୭ରେ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଅରୁଣଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

୨୦୦୭ରେ ନିଜ ପାଣ୍ଠିରୁ ପ୍ରତିଷ୍ଠା କରିଥିବା ସଂସ୍ଥା ଇଏଫ୍‌ଆଇ ୨୦୧୨ରେ ଟ୍ରଷ୍ଟ ଭାବେ ପଞ୍ଜୀକୃତ ହୋଇଥିଲା। ସ୍କୁଲରେ ସେମିନାର, କର୍ମଶାଳା ମାଧ୍ୟମରେ ଏହି ସଂସ୍ଥା ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତି କରେ। ସେମାନଙ୍କ ମୁଖ୍ୟ ପ୍ରକଳ୍ପ ମଧ୍ୟରେ ହ୍ରଦ ପୁନରୁଦ୍ଧାର, ସମୁଦ୍ର ସଫେଇ, ବୁଲାପ୍ରାଣୀଙ୍କ ଯତ୍ନ ଏବଂ ଇକୋ ବ୍ୟାଗ୍‌ର ବ୍ୟବହାର ଆଦି ରହିଛି। ୟୁଟ୍ୟୁବ୍‌ରେ ପ୍ରସାରିତ ହେଉଥିବା 'ୟୁ ଭି ୟୁଟ୍ୟୁବ୍'ର ୧୦ କୁଇଜ୍ ମାଷ୍ଟରଙ୍କ ମଧ୍ୟରେ ଅରୁଣ ଅନ୍ୟତମ। ଏହି ଶୋ'ରେ ୧୦ ରାଉଣ୍ଡରେ ୧୦ଟି ବିଷୟରେ ପ୍ରଶ୍ନ ପଚରାଯାଇଥାଏ। ପରିବେଶ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର ବେଳେ ଅରୁଣ କୁଇଜ୍ ମାଷ୍ଟର ଦାୟିତ୍ୱ ତୁଲାଇଥାଆନ୍ତି। ଅରୁଣ କୁହନ୍ତି, ନିଜ ପଞ୍ଚାୟତର ମୁଖ୍ୟ ଧାମୋଧରନଙ୍କ ଦ୍ୱାରା ସେ ଅନୁପ୍ରେରିତ ହୋଇଛନ୍ତି। ପୋଖରୀ, ହ୍ରଦରୁ ଆବର୍ଜନା ସଂଗ୍ରହ କରାଯାଉଛି। ଜଳଉତ୍ସଗୁଡ଼ିକୁ ସଫା ରଖିବା ପାଇଁ ଲୋକଙ୍କୁ ଉତ୍ସାହିତ କରାଯାଉଛି। ବନ୍ଧୁ କାର୍ତ୍ତିକ ଶିବସୁନ୍ଦରମ୍‌ଙ୍କ ଦ୍ୱାରା ପ୍ରଭାବିତ ହୋଇଥିବା ଅରୁଣ କହିଛନ୍ତି।




# ଡିସେମ୍ବରରୁ ଦେଓମାଳିରେ ପାରାଗ୍ଲାଇଡିଂ

- ୧୦ମିନିଟ୍‌ର ରାଇଡ୍ ରହିବ
- ହିମାଳୟରୁ ପ୍ରଶିକ୍ଷକ ଆସି ଟ୍ରାଏଲ ସାରିଲେଣି

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଭାବେ ପରିଚିତ କୋରାପୁଟର ଦେଓମାଳି ଏଣିକି ଆହୁରି ଆକର୍ଷଣୀୟ ଦେଖାଯିବ। ଏହି ଉଚ୍ଚତମ ପାହାଡ଼ ସମେତ ପୂରା କୋରାପୁଟ ସହରକୁ ପର୍ଯ୍ୟଟକ ଏବେ ପକ୍ଷୀ ଭଳି ଆକାଶରେ ଉଡ଼ି ଦେଖିବା ସହ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ। ପ୍ରାୟ ସାଢ଼େ ୬ ହଜାର ଫୁଟ ଉପରୁ କୋରାପୁଟ ସହରକୁ ଦେଖିହେବ। ଆଉ ହଜାରେ ଫୁଟ ଉପରୁ ଦେଓମାଳିର ସୁନ୍ଦର ପ୍ରାକୃତିକ ଦୃଶ୍ୟର ମଜା ନେଇହେବ। ତେବେ ଏଥିପାଇଁ ଦେଓମାଳିରେ ଆରମ୍ଭ ହେବାକୁ ଯାଉଛି ପାରାଗ୍ଲାଇଡିଂ। ଗ୍ରୀନ ସ୍ପେସ୍ ଆଡଭେଞ୍ଚର ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏହି ବ୍ୟବସ୍ଥା ହେଉଥିବା ବେଳେ ପ୍ରାଥମିକ ପ୍ରସ୍ତୁତି ସରିଛି।

ଡିସେମ୍ବର ପ୍ରଥମ ସପ୍ତାହରୁ ଦେଓମାଳି ପାହାଡ଼ରେ ପର୍ଯ୍ୟଟକ ଏସବୁର ମଜା ନେଇପାରିବେ। ଏଥିପାଇଁ ଅଭିଜ୍ଞ ପ୍ରଶିକ୍ଷକମାନେ ଦେଓମାଳିରେ ଆସି ଡେରା ପକାଇଲେଣି। ୧୦ ମିନିଟ୍ ପାଇଁ ଏହି ରାଇଡ୍ ରହିଥିବାବେଳେ ନିଶ୍ଚିତ ଭାବେ ପର୍ଯ୍ୟଟକଙ୍କୁ ଏକ ରୋମାଞ୍ଚକର ଅନୁଭୂତି ଦେବା ସହ ରାଜ୍ୟ ଦୁଃସାହସିକ ପର୍ଯ୍ୟଟନରେ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବ। ଫଳରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକ କୋରାପୁଟ, ଦେଓମାଳି ବୁଲିବା ସହ ପାରାଗ୍ଲାଇଡିଂର ମଜା ନେଇପାରିବେ। ଅନ୍ୟପଟେ ଡିସେମ୍ବରରୁ ରାଜ୍ୟ ପର୍ଯ୍ୟଟନ ବିଭାଗ ଦେଓମାଳିରେ ଇକୋ ରିଟ୍ରିଟ୍ କରିବାକୁ ମନସ୍ଥ କରିଥିବା ବେଳେ ଦୁଃସାହସିକ ପାରାଗ୍ଲାଇଡିଂ ଏଥିରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିବ। ଏ ନେଇ ଗ୍ରୀନ ସ୍ପେସ ଆଡଭେଞ୍ଚର ପ୍ରାଇଭେଟ ଲିମିଟେଡର ଶଶାଙ୍କ ରଥ କହିଛନ୍ତି, ଦୁଃସାହସିକ କ୍ରୀଡ଼ାରେ ଭାଗ ନେଉଥିବା ପର୍ଯ୍ୟଟକଙ୍କୁ ଏହା ନିଶ୍ଚିତ ଭାବେ ଏକ ଭିନ୍ନ ଅନୁଭୂତି ଦେବ। ଏଥିପାଇଁ ହିମାଳୟରୁ ଅଭିଜ୍ଞ ପ୍ରଶିକ୍ଷକ ଆସିଛନ୍ତି। ଗତ ଦେଢ଼ ମାସ ହେବ ଟ୍ରାଏଲ୍ ସରିଛି। ଜିଲା ପ୍ରଶାସନ ଏଥିପାଇଁ ଅନୁମତି ବି ଦେଇସାରିଛନ୍ତି। ଖାଲି ଉଡ଼ାଣକୁ ଅପେକ୍ଷା। ହୃଦ୍‌ରୋଗ ଥିବା ପର୍ଯ୍ୟଟକଙ୍କ ବ୍ୟତୀତ ବାକି ସମସ୍ତେ ଏହାର ମଜା ନେଇପାରିବେ। ଏହାଛଡା ପ୍ରତିଟି ପର୍ଯ୍ୟଟକଙ୍କ ସୁରକ୍ଷା ଓ ଜୀବନକୁ ସୁରକ୍ଷିତ ରଖିବା ପାଇଁ ଆମେ ସେମାନଙ୍କୁ ଉଡ଼ାଣ ପୂର୍ବରୁ ଇନ୍‌ସୁରାନ୍ସର ଅନ୍ତର୍ଭୁକ୍ତ କରିବାକୁ ମନସ୍ଥ କରିଛୁ।

କେବଳ ପାରାଗ୍ଲାଇଡିଂ ନୁହେଁ, ରାଜ୍ୟ ପର୍ଯ୍ୟଟନ ବିଭାଗ ଗତ ଦୁଇ ବର୍ଷ ହେବ କୋରାପୁଟକୁ ପର୍ଯ୍ୟଟନ ଦୃଷ୍ଟିକୋଣରୁ ଗୁରୁତ୍ୱ ଦେଇ ତା'ର ପାରିପାର୍ଶ୍ୱିକ ବିକାଶ ପାଇଁ ଚିନ୍ତା କରିଛି। ଏଥିପାଇଁ କୋରାପୁଟ ମୁଖ୍ୟ ଫାଟକର ପ୍ରବେଶ ଦ୍ୱାରରେ ଶୁଳ୍କ ରଖାଯାଇଛି। ଆସନ୍ତା ଦିନରେ ସେଠାରେ କୋରାପୁଟର ଦେଶୀ ଖାଦ୍ୟ ବିକ୍ରିବଟା କରାଯିବା ସହ ନାଇଟ୍ କ୍ୟାମ୍ପିଂ ଓ କାରାବାନ୍ ଟୁରିଜମ କରାଯିବାକୁ ଚିନ୍ତା କରୁଛି। ଏଥିପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ଟେଣ୍ଡର ମାଧ୍ୟମରେ ଘରୋଇ ଉଦ୍ୟୋଗୀମାନଙ୍କ ଦ୍ୱାରା ସେଠାରେ ହୋଟେଲ ରହଣି, ଇକୋ ରିସର୍ଟ ଆଦିର ବ୍ୟବସ୍ଥା କରିଛି। ଜିଲା ପ୍ରଶାସନ ବି ସ୍ୱତନ୍ତ୍ର ଭାବେ ସେଠାରେ କଫି ଓ ମାଣ୍ଡିଆ ଆଉଟ୍‌ଲେଟ କରିବା କାମ ଆରମ୍ଭ କରିଛି। ସେଠାରେ ଆଗାମୀ ଦିନରେ ଦେଓମାଳି ବୁଲିବାକୁ ଆସୁଥିବା ପର୍ଯ୍ୟଟକ କୋରାପୁଟ କଫି ସହ ମାଣ୍ଡିଆର ବିଭିନ୍ନ ଖାଦ୍ୟର ମଜା ନେଇପାରିବେ।


ଦେଓମାଳି ପାହାଡ଼ରେ ପାରାଗ୍ଲାଇଡିଂର ଟ୍ରାଏଲ କରାଯାଉଛି।

## ନୀଳାଦ୍ରିପ୍ରସାଦ ଆର୍‌ଆଇଙ୍କୁ ଆକ୍ରମଣ

ବାଣପୁର/ଗମ୍ଭାରୀମୁଣ୍ଡା,୨୧।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁର ତହସିଲ ଅଧୀନ ନୀଳାଦ୍ରିପ୍ରସାଦ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ସୁରେଶ ଚନ୍ଦ୍ର ପ୍ରଧାନଙ୍କୁ କେତେଜଣ ଦୁର୍ବୃତ୍ତ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସୋମବାର ବାଣପୁର ପୋଲିସ ଏସମ୍ପର୍କରେ ଏକ ମାମଲା (ନଂ.୫୧୮/୨୨)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶନିବାର ଅପରାହ୍ନରେ ଆର୍‌ଆଇ ପ୍ରଧାନ ନିଜ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ କାର୍ଯ୍ୟାଳୟରେ ପଶି ହଠାତ୍ ପ୍ରଧାନଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଆହତ ଅବସ୍ଥାରେ ସେ ମେଡିକାଲରେ ଚିକିତ୍ସିତ ହେବା ସହିତ ତହସିଲଦାରଙ୍କୁ ଅବଗତ କରାଇଥିଲେ। ପରବର୍ତ୍ତୀ ସମୟରେ ଏନେଇ ପ୍ରଧାନ ବାଣପୁର ଥାନାରେ ଅଭିଯୋଗ କରିଥିଲେ।

# ଧାନକିଣା ଆରମ୍ଭରୁ ଅଚଳାବସ୍ଥା

- ଦିନକରେ ଖୋଲିଲା ଜିଲାର ସବୁ ଧାନମଣ୍ଡି
- ସଂଗୃହୀତ ହେଲା ୧୫ ହଜାର ୭୮୬ ପ୍ୟାକେଟ୍

ବରଗଡ଼ ଅଫିସ/ଅତାବିରା/ ସରଣ୍ଡା/ପଦ୍ମପୁର,୨୧।୧୧

ବରଗଡ଼ ଜିଲାରେ ସୋମବାରରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାର ଅତାବିରା, ବରଗଡ଼ ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ଅଧୀନରେ ରହିଥିବା ଧାନକ୍ରୟ କେନ୍ଦ୍ର(ମଣ୍ଡି)ଗୁଡ଼ିକ ଧାନ ସଂଗ୍ରହ ଲାଗି ଏକକାଳୀନ ଖୋଲିଛି। ପ୍ରଥମ ଦିବସରେ ଜିଲାର ମଣ୍ଡିଗୁଡ଼ିକରେ ୧୫ ହଜାର ୭୮୬ ପ୍ୟାକେଟ୍ ଧାନ ସଂଗୃହୀତ ହୋଇଛି। ସେଥିମଧ୍ୟରୁ ଅତାବିରା ଆରଏମ୍‌ସି ଅଧୀନ ମଣ୍ଡିଗୁଡ଼ିକରେ ସର୍ବାଧିକ ୧୪୫୬୫, ବରଗଡ଼ ଆରଏମ୍‌ସି ଅଧୀନ ମଣ୍ଡିଗୁଡ଼ିକରେ ୮୩୨ ଏବଂ ପଦ୍ମପୁର ଆରଏମ୍‌ସି ଅଧୀନ ମଣ୍ଡିଗୁଡ଼ିକରେ ୩୮୯ ପ୍ୟାକେଟ୍ ଧାନ ସଂଗୃହୀତ ହୋଇଛି। ସେଥିମଧ୍ୟରୁ କେବଳ ୯୭୦ ପ୍ୟାକେଟ୍ ଅର୍ଥାତ୍ ୪୨୦.୭୬ କୁଇଣ୍ଟାଲ ଧାନ ବିକ୍ରି ହୋଇ ବିଭିନ୍ନ ରାଇସ୍ ମିଲ୍‌କୁ ଯାଇଛି। ଆହୁରି ୧୪ହଜାର ୮୧୬ ପ୍ୟାକେଟ୍ ଧାନ ମଣ୍ଡିଗୁଡ଼ିକରେ ବିକ୍ରି ଅପେକ୍ଷାରେ ରହିଛି। ଆରମ୍ଭରୁ ଧାନ ଉଠାଣ ପ୍ରକ୍ରିୟାରେ ଶିଥିଳତାକୁ ନେଇ ଚାଷୀ ଅସନ୍ତୋଷ ଦେଖାଯାଇଛି। ଏଭଳି ଅଚଳାବସ୍ଥା ଜାରି ରହିଲେ ଆଗକୁ ସ୍ଥିତି ଆହୁରି ଜଟିଳ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେବେ ପ୍ରଥମ ଦିନ ହୋଇଥିବା ଯୋଗୁ କମ୍ ଧାନ ଉଠିଛି, ଆଗକୁ ଏହା ତ୍ୱରାନ୍ୱିତ ହେବ ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦାଶରଥି ସୋରେନ କହିଛନ୍ତି।

ଜିଲାରେ ଏଥର ଗୋଟିଏ ଦିନରେ ୨୨୦ ମଣ୍ଡି ଖୋଲାଯାଇଛି। ବରଗଡ଼ ଆରଏମ୍‌ସି ଅଧୀନ କଳାପାଣି ମଣ୍ଡିରେ ସୁପରଭାଇଜର ବିଜୟ ରାଉତ, ମାର୍କେଟ ଇନ୍‌ଚାର୍ଜ ଭାଗୀରଥି ସାହୁ, ସରପଞ୍ଚ ପ୍ରତିନିଧି ବିପିନ ପ୍ରଧାନଙ୍କ ଉପସ୍ଥିତିରେ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରାଯାଇଥିଲା। ଉକ୍ତ ଆରଏମ୍‌ସିର କଳାପାଣି ମଣ୍ଡିକୁ ୫ଜଣ ଚାଷୀ ୬୮୯ ଏବଂ ଚଢ଼େଇଗାଁ ମଣ୍ଡିକୁ ଜଣେ ଚାଷୀ ୧୪୩ ପକେଟ୍ ଧାନ ବିକ୍ରି ପାଇଁ ଆଣିଥିଲେ। ମାତ୍ର ତାହା ବିକ୍ରି ହୋଇପାରିନାହିଁ। ସେହିପରି ଅତାବିରା ଆରଏମ୍‌ସି ଅଧୀନ ଗୋଡ଼ଭଗା ମଣ୍ଡିରେ ସହକାରୀ ଯୋଗାଣ ଅଧିକାରୀ ଜ୍ୟୋତ୍ସ୍ନା କର୍ଣ୍ଣ, ଅତାବିରା ଯୋଗାଣ ନିରୀକ୍ଷକ ରଞ୍ଜନ ନାୟକ, ସିଇଓ ସରୋଜ ନାୟକ, ମାର୍କେଟ ଇନ୍‌ଚାର୍ଜ ବିପିନ ମିଶ୍ରଙ୍କ ଉପସ୍ଥିତିରେ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ଉପଜିଲାପାଳ ଲଲାଟ କୁମାର ଲୁହା ଉପସ୍ଥିତ ଥିଲେ। ପଦ୍ମପୁର ଆରଏମ୍‌ସି ଅଧୀନ ୮୦ଟି କ୍ରୟକେନ୍ଦ୍ରରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିବସରେ କେବଳ ପାଇକମାଲ ମଣ୍ଡିକୁ ୪ ଜଣ ଚାଷୀ ୩୮୯ ପ୍ୟାକେଟ୍ ଧାନ ଆଣିଥିବାବେଳେ ସେହି ଧାନ ଉଠିଥିବା ଆରଏମ୍‌ସି ସମ୍ପାଦକ ତ୍ରିନାଥ ରାଉତ ସୂଚନା ଦେଇଛନ୍ତି। ପ୍ରକାଶଥାଉ କି, ଏଥର ଜିଲାରେ ଧାନକ୍ରୟ ଲକ୍ଷ୍ୟ ୫୫ଲକ୍ଷ ୨୬ହଜାର ୯୧୧ କୁଇଣ୍ଟାଲ ରହିଛି। ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଜରିଆରେ ଯୋଗାଣ ନିଗମ ଧାନ କିଣୁଥିବାବେଳେ ୧୧୨ ମିଲର୍ସ ଏଥିରେ ସାମିଲ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧ଲକ୍ଷ ୭୦ହଜାର ୫୫୭ ଟୋକନ ରିଲିଜ୍ ହୋଇଥିବା ଜିଲା ଯୋଗାଣ ବିଭାଗ ସୂତ୍ରରୁ ଜଣାପଡ଼ିଛି।


ବରଗଡ଼ ଆରଏମ୍‌ସି ଅଧୀନ କଳାପାଣି ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରାଯାଉଛି।

# ଅଡିଟ୍ ବ୍ୟବସ୍ଥାର ସମୃଦ୍ଧ ଇତିହାସ ରହିଛି: ରାଜ୍ୟପାଳ






ଲୋକସେବା କନ୍‌ଭେନ୍‌ସନ ସେଣ୍ଟରରେ ସୋମବାର ମହାଲେଖାକାର କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଦ୍ୱିତୀୟ ଅଡିଟ୍ ସପ୍ତାହ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ପ୍ରଧାନ ମହାଲେଖାକାର ବିଭୁଦତ୍ତ ବସନ୍ତିଆ, ପ୍ରଧାନ ମହାଲେଖାକାର ଅନନ୍ତ କିଶୋର ବେହେରା, 'ଧରିତ୍ରୀ ତଥା ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଓ ଅନ୍ୟମାନେ।

### ଦ୍ୱିତୀୟ ଅଡିଟ୍ ସପ୍ତାହ ଉଦ୍‌ଘାଟନ

**ଏ.ଜି. ଅଡିଟ୍ ଯୋଗୁ ୫୬୬ କୋଟି ଅର୍ଥ ସରକାରୀ ତହବିଲକୁ ଫେରିଲା: ମୁଖ୍ୟ ଶାସନ ସଚିବ**

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

ସ୍ଥାନୀୟ ମହାଲେଖାକାର କାର୍ଯ୍ୟାଳୟ ଆନୁକୂଲ୍ୟରେ ୨ୟ ଅଡିଟ୍ ସପ୍ତାହ ସୋମବାର ଲୋକସେବା କନ୍‌ଭେନ୍‌ଶନ ସେଣ୍ଟରଠାରେ ଉଦ୍‌ଘାଟିତ ହୋଇଛି। ଏହାକୁ ଉଦ୍‌ଘାଟନ କରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି, ଭୌତିକ ପୃଥିବୀରୁ ଆଧ୍ୟାତ୍ମିକ ପୃଥିବୀକୁ ଆମର ଯାତ୍ରା ସେତେବେଳେ ତ୍ୱରାନ୍ୱିତ ହେବ, ଯେତେବେଳେ ପ୍ରତ୍ୟେକେ ନିଜ ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିବେ। ବର୍ତ୍ତମାନ ଭାରତର ସାମ୍ପ୍ରତିକ ଶାସନ ବ୍ୟବସ୍ଥା ସଶକ୍ତ ହୋଇଛି। ପ୍ରଗତିର ନୂତନ ଶିଖର ସ୍ପର୍ଶ କରୁଛି। ଏହି କ୍ରିୟାଶୀଳତାର ଆଧାର ହେଉଛି ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ। ଭାରତ ଅଡିଟ୍ ବ୍ୟବସ୍ଥାର ସମୃଦ୍ଧ ଇତିହାସ ଓ ଐତିହ୍ୟ ରହିଛି। ସମୟର ଆହ୍ୱାନ ଓ ଆବଶ୍ୟକତା ଅନୁସାରେ ଏଥିରେ ଉନ୍ନତି ହେଉଥିବା ଖୁସିର କଥା ବୋଲି ରାଜ୍ୟପାଳ ତାଙ୍କ ଅଭିଭାଷଣରେ କହିଛନ୍ତି।

ସମ୍ମାନିତ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ପ୍ରଧାନ ମହାଲେଖାକାର ବିଭୁଦତ୍ତ ବସନ୍ତିଆ, ପ୍ରଧାନ ମହାଲେଖାକାର ଅନନ୍ତ କିଶୋର ବେହେରା ଯୋଗଦେଇଥିଲେ। ପ୍ରଧାନ ମହାଲେଖାକାର ବସନ୍ତିଆ ତାଙ୍କ ସ୍ୱାଗତ ଭାଷଣରେ ବର୍ତ୍ତମାନ ପରିସ୍ଥିତିରେ ଅଡିଟ୍ ପରିସର ଅତି ବ୍ୟାପକ ହୋଇଛି। ଅନ୍‌ଲାଇନ କାରବାର ଓ କମ୍ପ୍ୟୁଟରୀକରଣ ଫଳରେ ପାରମ୍ପରିକ ଅଡିଟ୍ ବଦଳରେ ବିଭିନ୍ନ ଆଧୁନିକ ପଦ୍ଧତିକୁ ଅଡିଟ୍‌ରେ ପ୍ରୟୋଗ କରାଯିବା ଯୋଗୁ ଖୁବ୍‌ଶୀଘ୍ର ଅଡିଟ୍ ହେବା ସହ ବିଭିନ୍ନ ଦୁର୍ନୀତିକୁ ସରକାରଙ୍କ ଦୃଷ୍ଟିକୁ ଅଣାଯାଇପାରୁଛି ବୋଲି କହିଛନ୍ତି। ମୁଖ୍ୟ ଶାସନ ସଚିବ କହିଛନ୍ତି, ଦୁର୍ନୀତି ରୋକିବା ପାଇଁ ରାଜ୍ୟ ସରକାର ଅନ୍‌ଲାଇନ କାରବାର ଓ କମ୍ପ୍ୟୁଟରୀକରଣକୁ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ବିଭିନ୍ନ ସ୍ତରରେ ହେଉଥିବା ଦୁର୍ନୀତିକୁ ରୋକାଯାଇପାରିବ। ଓଡ଼ିଶା ଏ.ଜି. ତାଙ୍କ ଅଡିଟ୍ ରିପୋର୍ଟରେ ଦର୍ଶାଯାଉଥିବା ବିଭିନ୍ନ ତ୍ରୁଟି ଓ ବିଚ୍ୟୁତି ଗ୍ରହଣ କରିବା ଉପରେ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହାଫଳରେ ରାଜ୍ୟ ସରକାରଙ୍କ ତହବିଲକୁ ୫୬୬ କୋଟି ଟଙ୍କା ଫେରସ୍ତ ଆସିଛି ବୋଲି କହିଛନ୍ତି। ସେ ଏ.ଜି. ଅଫିସ କାର୍ଯ୍ୟଧାରାକୁ ପ୍ରଶଂସା କରିଛନ୍ତି। ଏ.ଜି.ଙ୍କ ତତ୍କାଳ ପଦକ୍ଷେପ ଯୋଗୁ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ ଖୁବ୍‌ଶୀଘ୍ର ତାଙ୍କ ଅବସରକାଳୀନ ପ୍ରାପ୍ୟ ପାଇପାରୁଛନ୍ତି। ପ୍ରାରମ୍ଭରେ ରାଜ୍ୟପାଳ ଓ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଧାନ ମହାଲେଖାକାର ବସନ୍ତିଆ ଓ ବେହେରା ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଉପମହାଲେଖାକାର ଦୀପକ ରଘୁ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ପ୍ୟାନେଲିଷ୍ଟ ଭାବେ ଧରିତ୍ରୀ ତଥା ଓଡିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଯୋଗ ଦେଇ କହିଛନ୍ତି ସରକାରୀ , ବେସରକାରୀ ସଂସ୍ଥା କିମ୍ବା ଛୋଟ ବ୍ୟବସାୟ କ୍ଷେତ୍ରର ସଫଳତା ପାଇଁ ଆର୍ଥିକ ସୁପରିଚାଳନା ଅତ୍ୟନ୍ତ ଗୁରତ୍ୱପୂର୍ଣ୍ଣ। ଏହାର ଦାୟିତ୍ୱ ସରକାର ଏଜେନ୍ସି ଉପରେ ନ୍ୟସ୍ତ କରିଥାନ୍ତି। ଅଡିଟ ବୋର୍ଡର ଦସସ୍ୟା ସୁଭଶ୍ରୀ ଦାଶ ମହିଳା ଶସକ୍ତିକରଣ କ୍ଷେତ୍ରରେ ସିଏଜିର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଆଲୋଚନାରେ ପ୍ୟାନେଲିଷ୍ଟ ଭାବେ ସାମଜସେବୀ ଜଗଦାନନ୍ଦ, ସୂଚନା କମିଶନର ଦିଲ୍ଲୀପ ବିଶୋଇ, ଅଡିଟ ଡିଜି ବସନ୍ତିଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବିଚାରାଧୀନ ବନ୍ଦୀଙ୍କ ଆତ୍ମହତ୍ୟା

### ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ

ଭଞ୍ଜନଗର,୨୧।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଭଞ୍ଜନଗର ସ୍ୱତନ୍ତ୍ର ଉପ କାରାଗାରରେ ସୋମବାର ଜଣେ ବିଚାରାଧୀନ ବନ୍ଦୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଭଞ୍ଜନଗର ଥାନା ଅନ୍ତର୍ଗତ ଡୁମାକୁମ୍ପାର ତୋଫାନ ନାଇକ (୩୦)। ତୋଫାନଙ୍କ ବେକରେ ଦାଗ ରହିଛି। ଅଣ୍ଟାରେ ପିନ୍ଧିଥିବା ସୂତାକୁ ବେକରେ ବାନ୍ଧି ଶୌଚାଳୟ ନିକଟ ଝରକାରେ ଝୁଲି ପଡ଼ିଥିବା ଜେଲ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସ୍ୱାମୀଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ତୋଫାନଙ୍କ ସ୍ତ୍ରୀ ବନୀ ନାଇକ ଅଭିଯୋଗ କରିଛନ୍ତି। ସେ ଏ ନେଇ ଥାନାରେ ଅଭିଯୋଗ କରିବେ ବୋଲି ମଧ୍ୟ କହିଛନ୍ତି। ଜେଲ ଅଧୀକ୍ଷକ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

ପ୍ରକାଶ ଯେ, ୨୦୨୦ରେ ତୋଫାନ ଏବଂ ତାଙ୍କର ଜଣେ ସାଙ୍ଗ ମିଶି ଭୁବନେଶ୍ୱରରେ ରହୁଥିଲେ। ସେଠାରେ କୌଣସି ଏକ କଥାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସାଙ୍ଗଙ୍କୁ ଆକ୍ରମଣ କରିଥିବା ନେଇ ଭୁବନେଶ୍ୱରରେ ତାଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଥିଲା। ଆସନ୍ତା ୨୬ ତାରିଖ ସୁଦ୍ଧା ତୋଫାନଙ୍କୁ କୋର୍ଟରେ ହାଜର କରିବା ପାଇଁ ୱାରେଣ୍ଟ ଜାରି ହୋଇଥିଲା। ଭଞ୍ଜନଗର ପୋଲିସ ଗତ ଶନିବାର ତାଙ୍କୁ ଗିରଫ କରିଥିଲା। ସେ ଭଞ୍ଜନଗର ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ। ସେଠାରୁ ତାଙ୍କୁ ଭୁବନେଶ୍ୱର ଜେଲକୁ ପଠାଯିବାର ଥିଲା। ସୋମବାର ସକାଳ ପ୍ରାୟ ୯ଟାରେ ଜେଲରେ ତୋଫାନ ଅନ୍ୟମାନଙ୍କ ସହ ମିଶି ଜଳଖିଆ ଖାଇଥିଲେ। ପରେ ସେ ଶୌଚାଳୟ ନିକଟକୁ ଯାଇ ଝରକାରେ ଝୁଲି ପଡ଼ିଥିଲେ। ଜେଲ କର୍ମଚାରୀ ଏହା ଜାଣିବା ପରେ ତୁରନ୍ତ ତାଙ୍କୁ ଭଞ୍ଜନଗର ମେଡିକାଲକୁ ନେଇଥିଲେ। ସେଠାରେ ତୋଫାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ଅନ୍ତିମ ସଂସ୍କାର କରାଯାଇଛି। ତେବେ ତୋଫାନ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ ହତ୍ୟା କରାଯାଇଛି ତାହା ସନ୍ଦେହଘେରରେ ରହିଛି। ଏ ନେଇ ଭଞ୍ଜନଗର ଜେଲ ଅଧୀକ୍ଷକ ଦଣ୍ଡପାଣି ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ତୋଫାନ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ମାମଲା (ନଂ.୨୪୪୮/୨୦)ରେ ଭଞ୍ଜନଗର ଜେଲରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। କୌଣସି ପରିସ୍ଥିତିରେ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି। ହତ୍ୟା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଅନ୍ୟପକ୍ଷରେ ଥାନା ଅଧିକାରୀ ଧୀରେଶ ଦାସ ଫୋନ ନ ଉଠାଇବାରୁ ତାଙ୍କ ମତାମତ ନିଆଯାଇପାରିନାହିଁ।

# ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

### ୧୦ ହଜାର ପାଇଁ ନବବଧୂ ହତ୍ୟା ମାମଲା

ଭଞ୍ଜନଗର,୨୧।୧୧(ଡି.ଏନ୍.ଏ.)

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅନ୍ତର୍ଗତ ଟଭାପଲ୍ଲୀରେ ନବବଧୂ ସନ୍ତୋଷିନୀ ସାହୁ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଭଞ୍ଜନଗର ଏଡିଜେ ଦେବଦତ୍ତ ପଟ୍ଟନାୟକ ୧୨ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତ ସ୍ୱାମୀ ଶିବରାମ ସାହୁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ଏଡିଜେ ରାୟରେ ଉଲ୍ଲେଖ କରିଛନ୍ତି।

ତାରସିଂ ଥାନା ଅନ୍ତର୍ଗତ ଗେରେଡ଼ାର ନାରାୟଣ ସାହୁଙ୍କ ଝିଅ ସନ୍ତୋଷିନୀ ୨୦୧୭ ମେ ୪ ତାରିଖରେ ବୁଗୁଡ଼ା ଥାନା ଅନ୍ତର୍ଗତ ଟଭାପଲ୍ଲୀର ଶିବରାମଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ବେଳେ ଯୌତୁକ ବାବଦକୁ ୩୦ ହଜାର ଟଙ୍କା ସମେତ ଅନ୍ୟାନ୍ୟ ଜିନିଷ ଦିଆଯାଇଥିଲା। କିଛିମାସ ପରେ ଶିବରାମ ଯୌତୁକ ବାବଦକୁ ବାପଘରୁ ଆଉ ୧୦ହଜାର ଟଙ୍କା ଆଣିବା ପାଇଁ ସନ୍ତୋଷିନୀଙ୍କୁ କହିଥିଲେ। ମୃତ୍ୟୁର ୧୦ ଦିନ ପୂର୍ବରୁ ସନ୍ତୋଷିନୀ ଏ ସମ୍ପର୍କରେ ତାଙ୍କ ବାପାଙ୍କୁ ଜଣାଇଥିଲେ। ବାପା ଆଉ ୧୦ ହଜାର ଟଙ୍କା ଦେଇ ପାରି ନ ଥିଲେ। ଏଥିରେ ଅସନ୍ତୁଷ୍ଟ ଶିବରାମ ୨୦୧୭ ନଭେମ୍ବର ୧୬ରେ ଶିବରାମ ଯୋଜନାବଦ୍ଧ ଭାବେ ସନ୍ତୋଷିନୀଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ଏ ନେଇ ତାଙ୍କ ବାପା ନାରାୟଣ ଜାଣିବା ପରେ ଝିଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାର ରାୟ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏମ୍. ତାଜ୍ ଆଦେନୀ ମାମଲା ପରିଚାଳନା କରୁଥିଲେ।

“ଆମ ହୃଦୟରେ କୃତଜ୍ଞତାର ଶୁଦ୍ଧ ଅଗ୍ନିଶିଖା ସର୍ବଦା ପ୍ରଜ୍ୱଳିତ ରହିବା ଉଚିତ। ତା’ହେଲେ ସେହି ଶିଖାର ଉଷ୍ମ, ଉଜ୍ଜ୍ୱଳ ଓ ମଧୁର ଆଲୋକରେ ଆମର ସମସ୍ତ ଅହଂକାର ଓ ଅଜ୍ଞାନ ମିଳେଇ ଯିବ। –ଶ୍ରୀମା



# କୋରେଇ ଦୁର୍ଘଟଣା

ଯାଜପୁର ଜିଲା କୋରେଇ ରେଳ ଷ୍ଟେଶନରେ ୨୧ ନଭେମ୍ବର ୨୦୨୨ ସକାଳେ ଏକ ମାଲବାହୀ ଟ୍ରେନ୍‌ର ୮ଟି ବଗି ଲାଇନ୍‌ଚ୍ୟୁତ ହୋଇଛି। ସେଥିରୁ ଦୁଇଟି ବଗି ପ୍ଲାଟଫର୍ମ ଉପରେ ଚଢ଼ିଯିବାରୁ ୩ ଜଣଙ୍କ ପ୍ରାଣହାନି ଘଟିଛି। ମୃତକମାନେ ପ୍ରତୀକ୍ଷାଳୟରେ ଥିବା ସମୟରେ ହଠାତ୍ ଲାଇନଚ୍ୟୁତ ବଗି ପ୍ଲାଟଫର୍ମ ଧାର ଡେଇଁ ସେହିଠାରେ ମାଡ଼ ହେବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଝାଡଖଣ୍ଡର ଡାଙ୍ଗୋଆପୋଷିରୁ ଗଞ୍ଜାମର ଛତ୍ରପୁର ଅଭିମୁଖେ ଯାଉଥିଲା ଏହି ଟ୍ରେନ୍। ବଗିଗୁଡ଼ିକ ଯେଭଳି ଭାବେ ପ୍ଲାଟଫର୍ମ ଉପରେ ଚଢ଼ିଯାଇଥିବା ଦେଖାଯାଇଛି, ସେଥିରେ ଦୁର୍ଘଟଣା ଅତ୍ୟନ୍ତ ଭୟଙ୍କର ଥିଲା। ଅଘଟଣର କାରଣ ମନୁଷ୍ୟକୃତ ବୋଲି ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ୱାଗନ ଡୋର୍‌ରେ ତାଲା ନ ପଡ଼ି ତାରରେ ବନ୍ଧା ହୋଇଥିବାରୁ ତାହା ଛିଣ୍ଡିଯାଇଥିଲା। ଏଥିରୁ ବୁଝିହେଉଛି ଯେ, ଆମ ଦେଶରେ କୌଣସି ଲୋକ କୌଣସି ସ୍ତରରେ ସାଧାରଣ କାର୍ଯ୍ୟପ୍ରଣାଳୀ ଅନୁସରଣ କରିବାକୁ ପସନ୍ଦ କରନ୍ତି ନାହିଁ। ସମସ୍ତେ ‘ଚଳିଯିବା, ଚଳିଯିବା’ ପଦ୍ଧତିରେ କାର୍ଯ୍ୟ କରୁଥିବା ହେତୁ ଭାରତରେ ପ୍ରାୟ ସବୁଦିନେ ନୂତନ ପ୍ରକାରର ଦୁର୍ଘଟଣା ଦେଖିବାକୁ ମିଳୁଛି। ଏଠାରେ ମନେପକାଇ ଦିଆଯାଇପାରେ ୩୦ ଅକ୍ଟୋବର ୨୦୨୨ରେ ଗୁଜରାଟର ମୋର୍‌ବିଠାରେ ଝୁଲା ସେତୁ ଛିଣ୍ଡିଯିବା ଘଟଣା। ମୋର୍‌ବି ସହର ଦେଇ ପ୍ରବାହିତ ମାଛୁ ନଦୀ ଉପରେ ଥିବା ବ୍ରିଜ୍‌କୁ ବ୍ରିଟିଶ ଅମଳରେ ନିର୍ମାଣ କରାଯାଇଥିଲା। ସବୁଠାରୁ ଉଲ୍ଲେଖଯୋଗ୍ୟ ଯେ, ଶତାବ୍ଦୀ ପୁରୁଣା ପୋଲଟି ଦୁର୍ବଳ ହୋଇଯାଇଥିବାରୁ ଅନେକ କୋଟି ଟଙ୍କା ଖର୍ଚ୍ଚ କରାଯାଇ ତାହାର ମରାମତି କରାଯାଇଥିଲା। ୨୬ ତାରିଖରେ ଗୁଜରାଟୀ ନବବର୍ଷ ପାଇଁ ତାହାକୁ ଖୋଲି ଦିଆଯାଇଥିଲା। ତେବେ ୩୦ ତାରିଖରେ ୫୦୦ ଲୋକ ବ୍ରିଜ୍ ଦେଖିବାକୁ ଏକତ୍ରିତ ହୋଇଯିବାରୁ ଅଘଟଣ ଘଟିଥିଲା ଓ ୧୩୫ ଜଣଙ୍କ ପ୍ରାଣହାନି ହୋଇଥିଲା। ଏହି ବ୍ରିଜ୍ କାହିଁକି ଖସିଲା ଏକ ରହସ୍ୟ ନୁହେଁ। ଅତି ନିମ୍ନମାନର କାମ ଯୋଗୁ ଖସିଲା ପୋଲ। ଆରମ୍ଭ ହେଲା ପ୍ରବଳ ରାଜନୀତି। କେତେକ ତଳିଆ କର୍ମଚାରୀ ଓ ଅଧିକାରୀ ନିଲମ୍ବିତ ହେଲେ। କିନ୍ତୁ ବାସ୍ତବରେ ଏହା ହେଉଛି ଭାରତୀୟ ଚରିତ୍ରର ଉତ୍ତମ ଦୃଷ୍ଟାନ୍ତ।

**କେନ୍ଦ୍ର ସରକାର ସାଧାରଣ ଟ୍ରେନ୍‌ଗୁଡ଼ିକର ମରାମତି, ରକ୍ଷଣାବେକ୍ଷଣ କରିପାରୁ ନ ଥିବା ବେଳେ ବହୁ ଅର୍ଥ ବ୍ୟୟ କରାଯାଇ ନିର୍ମାଣ କରାଯାଇଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ପଛରେ ପଡ଼ିଛନ୍ତି। ଅନେକ ନୂଆ ନାମରେ ଚାଲୁଥିବା ରେଳଗାଡ଼ି ବାସ୍ତବରେ କୌଣସି ଭାବେ ଆଧୁନିକ ବ୍ୟବସ୍ଥାର ସୁବିଧା ହାସଲ କରିପାରୁ ନାହିଁ। ‘ନୂଆ ବୋତଲରେ ପୁରୁଣା ମଦ’ ଭଳି ଏବେ ଖାଲି ନୂଆ ନାମରେ ଟ୍ରେନ୍ ଚାଲୁଛି।**

କୁହାଯାଏ ଦୁର୍ଘଟଣା ଅକସ୍ମାତ ଘଟିଥାଏ। କିନ୍ତୁ ମନୁଷ୍ୟକୃତ ଅଘଟଣକୁ ରୋକାଯାଇପାରନ୍ତା। କୋରୋଇରେ ହୋଇଥିବା ଦୁର୍ଘଟଣାକୁ ଦେଖିଲେ ମାଲଡବା ଦାୟିତ୍ୱରେ ଥିବା କର୍ମଚାରୀମାନେ ଯଦି ଠିକ୍ ପଦକ୍ଷେପ ନେଇଥାଆନ୍ତେ, ତେବେ ତାହା ଖୋଲି ହୋଇ ପ୍ଲାଟଫର୍ମ ଧାରରେ ବାଡ଼େଇ ହୋଇ ନ ଥାଆନ୍ତା। ଏମିତି ଦେଖିଲେ ରେଳପଥ ଭିତ୍ତିଭୂମି ଏବେ ମଧ୍ୟ ଅନେକ ସ୍ଥାନରେ ପୁରୁଣାକାଳିଆ ବ୍ୟବସ୍ଥା ବ୍ୟବହାର କରିଚାଲିଛି। ଦୀର୍ଘବର୍ଷ ଧରି ଟ୍ରାକ୍ ଉପରେ ଟ୍ରେନ୍ ଗଡୁଥିଲେ ମଧ୍ୟ ଅନେକ ଡବା ମରାମତି ନ ହୋଇ ସେମିତି ଚାଲିଛି। ସେହିପରି ଜଗୁଆଳିବିହୀନ ରେଳ ଫାଟକ ଯୋଗୁ ପ୍ରତିବର୍ଷ ବହୁ ଲୋକଙ୍କ ଜୀବନ ଯାଉଛି। କେନ୍ଦ୍ର ସରକାର ସାଧାରଣ ଟ୍ରେନ୍‌ଗୁଡ଼ିକର ମରାମତି, ରକ୍ଷଣାବେକ୍ଷଣ କରିପାରୁ ନ ଥିବା ବେଳେ ବହୁ ଅର୍ଥ ବ୍ୟୟ କରାଯାଇ ନିର୍ମାଣ କରାଯାଇଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ପଛରେ ପଡ଼ିଛନ୍ତି। ଅନେକ ନୂଆ ନାମରେ ଚାଲୁଥିବା ରେଳଗାଡ଼ି ବାସ୍ତବରେ କୌଣସି ଭାବେ ଆଧୁନିକ ବ୍ୟବସ୍ଥାର ସୁବିଧା ହାସଲ କରିପାରୁ ନାହିଁ। ‘ନୂଆ ବୋତଲରେ ପୁରୁଣା ମଦ’ ଭଳି ଏବେ ଖାଲି ନୂଆ ନାମରେ ଟ୍ରେନ୍ ଚାଲୁଛି। ରେଳଲାଇନ୍ ବଦଳାଯାଉ ନାହିଁ କିମ୍ବା ସିଗ୍‌ନାଲିଂ ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଉ ନାହିଁ। ବନ୍ଦେ ଭାରତ ଏକ୍ସପ୍ରେସ ଚାଲିବା ଦିନଠାରୁ ବହୁ ଗାଈ, ଷଣ୍ଢ ଓ ମଣିଷଙ୍କୁ ମାରିଦେଇଥିବା ଖବର ପ୍ରକାଶ ପାଇଛି। କୁହାଯାଉଛି ଭାରତୀୟ ରେଳ ତରଫରୁ କୁଆଡ଼େ ଏକ ହଜାର କିଲୋମିଟର ଲମ୍ବ ପାଚେରି ନିର୍ମାଣ କରାଯିବ, ଯଦ୍ଦ୍ୱାରା ଗୋରୁଙ୍କ ମୃତ୍ୟୁକୁ ରୋକାଯାଇପାରିବ। ମଣିଷ ପଛେ ମରୁ, ଗାଈଙ୍କୁ ନିଶ୍ଚିତ ଭାବେ ସୁରକ୍ଷିତ ରଖିବା ହେଉଛି ଆମ ସମସ୍ତଙ୍କ ମୂଳ ଦାୟିତ୍ୱ। ତେବେ ପାଚେରି ତିଆରି ପାଇଁ ଲାଗୁଥିବା ଅର୍ଥ କେତେଦୂର ଉଚିତ ଭାବେ ବ୍ୟବହୃତ ହେଲା ତାହା ଆସନ୍ତା ନିର୍ବାଚନ ପୂର୍ବରୁ ଜାଣି ହେବ ନାହିଁ।

# ଭାଗ୍ୟ ନିର୍ଦ୍ଧାରଣ କରିବ ଚିପ୍ସ



ଡ. ଚିତ୍ତରଂଜନ ମିଶ୍ର

ଅତ୍ୟାଧୁନିକ ଚିପ୍ସଗୁଡ଼ିକର ଆକାର ଦିନକୁ ଦିନ ହ୍ରାସ ପାଇଚାଲିଛି। ରାଷ୍ଟ୍ରଗୁଡ଼ିକର ଭାଗ୍ୟ ଏହି ସୂକ୍ଷ୍ମାତିସୂକ୍ଷ୍ମ ସିଲିକନ ଚିପ୍ସ ଉପରେ ନିର୍ଭର କରିଥାଏ। ଚାଲନ୍ତୁ ଏ ସମ୍ପର୍କିତ ତିନୋଟି ଦୃଶ୍ୟପଟ୍ଟର ପର୍ଯ୍ୟାଲୋଚନା କରିବା। ପ୍ରଥମତଃ ଆପଲ୍ କମ୍ପାନୀର ନୂଆ ଏ–୧୬ ଚିପ୍ ମଧ୍ୟରେ ୧୬ ବିଲିୟନରୁ ଅଧିକ ଟ୍ରାନ୍‌ଜିଷ୍ଟର ରହିଅଛି। ତାଇୱାନ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ କମ୍ପାନୀ (ଟିଏସ୍‌ଏମ୍‌ସି) ସମଗ୍ର ବିଶ୍ୱର ଏକ ଅଗ୍ରଣୀ ଚିପ୍ସ ମାନୁଫାକ୍ଚରିଂ କମ୍ପାନୀ। ଏହା ଗୋଟିଏ ଆଇଫୋନ୍ ଚିପ୍‌ରେ ଏକ କ୍ୱିନଟ୍ରିଲିୟନରୁ ଅଧିକ ସଂଖ୍ୟକ ଟ୍ରାନ୍‌ଜିଷ୍ଟରକୁ ସନ୍ନିବେଶିତ କରିପାରିଛି। ଆମେ ପଠାଉଥିବା ପ୍ରତ୍ୟେକଟି ବାର୍ତ୍ତା, ଆମେ ଉଠାଉଥିବା ପ୍ରତ୍ୟେକଟି ଫଟୋ ଏବଂ ଆମେ କରୁଥିବା ପ୍ରତ୍ୟେକଟି କଲ୍ କୌଣସି ଏକ ଚିପ୍ ଉପରେ ନିର୍ଭର କରିଥାଏ।

ଆପଲ୍ କମ୍ପାନୀ ତା’ର ଚିପ୍ସକୁ ସାଇରସ୍ ଲଜିକ୍, ଆମେରିକା; କିଓକ୍ସିଆ, ଜାପାନ; ସ୍କାଇୱାର୍କ୍ସ, ଆମେରିକା ଏବଂ ଟି.ଏସ.ଏମ.ସି. ତାଇୱାନରୁ କିଣିଥାଏ। ଆପଲ୍ ଏହାକୁ ନିଜର ଇନ୍–ହାଉସ୍ ପ୍ରୟୋଗଶାଳାରେ ଡିଜାଇନ କରି ଅତ୍ୟନ୍ତ ଜଟିଳ ପ୍ରକ୍ରିୟା ମାଧ୍ୟମରେ ଆଇଫୋନ୍ ଅପରେଟିଂ ସିଷ୍ଟମର ପ୍ରସ୍ତୁତି କରିଥାଏ। ଆପଲ୍ କମ୍ପାନୀକୁ ‘ପ୍ରକୃତିର ଏକ ଶକ୍ତି’ ବୋଲି ଏହା ବିବେଚିତ କରିଥାଏ। ତଥାପି ଆପଲ୍ ଭଳି ଏକ ଟ୍ରିଲିୟନ ଡଲାର କମ୍ପାନୀ ନିଜର ଚିପ୍ସ ମାନୁଫାକ୍ଚରିଂ କରିବାରେ ସମର୍ଥ ହୋଇପାରୁନାହିଁ। ଏ–୧୬ ଚିପ୍ କେବଳ ଗୋଟିଏ ମାତ୍ର କମ୍ପାନୀ ଦ୍ୱାରା ଏବଂ ତାଇୱାନର ରାଜଧାନୀ ତାଇପେଇରେ ଥିବା ‘ଭବନ–୧୮’ ନାମକ କେବଳ ଗୋଟିଏ ମାତ୍ର ଭବନରେ ନିର୍ମାଣ ହୋଇଥାଏ। ଟି.ଏସ.ଏମ୍.ସି.ର ଫାବ୍ରିକେଶନ ୟୁନିଟ୍ ସମ୍ଭବତଃ ସମଗ୍ର ବିଶ୍ୱର ଅତ୍ୟନ୍ତ ବ୍ୟୟବହୁଳ ଓ ମୂଲ୍ୟବାନ କାରଖାନା। ଆଜିର ଦିନରେ ଚିପ୍ସ ବିଶ୍ୱର ମାତ୍ର ଅଳ୍ପ କେତେକ ହାତ ଗଣତି ରାଷ୍ଟ୍ର ଯଥା– ତାଇୱାନ, ଦକ୍ଷିଣ କୋରିଆ, ଆମେରିକା, ଜାପାନ, ନେଦରଲାଣ୍ଡ ଓ ଚାଇନା ଦ୍ୱାରା ଉତ୍ପାଦନ ହୋଇଥାଏ।

ଦ୍ୱିତୀୟତଃ ରୁଷିଆ–ୟୁକ୍ରେନ୍ ଯୁଦ୍ଧରେ ନିଜର ଆଧିପତ୍ୟ ବିସ୍ତାର କରିବା କ୍ଷେତ୍ରରେ ରୁଷିଆ ଏତେଟା ସକ୍ଷମ ହୋଇପାରୁନାହିଁ। ରୁଷିଆ ବିରୋଧରେ ୟୁକ୍ରେନ ଚିପ୍ସ ଦ୍ୱାରା ସଂଚାଳିତ ‘ପ୍ରେସିସନ୍–ଗାଇଡେଡ୍ ମିଶାଇଲ’ ପ୍ରୟୋଗ କରୁଛି, ଯାହାକୁ ପାଶ୍ଚାତ୍ୟ ମିତ୍ରରାଷ୍ଟ୍ରଙ୍କଠାରୁ ନିକଟ ଅତୀତରେ କିଣିଛି। ୟୁକ୍ରେନ୍ ଓ ଆମେରିକାର ଅଧିକାରୀମାନେ ଦାବି କରନ୍ତି ଯେ ରୁଷିଆ ପାଖରେ ଯାହା କିଛି ବି ଚିପ୍ସ ରହିଛି ତାହା ହେଉଛି ନିଜ ଦେଶରେ ନିର୍ମିତ ଏବଂ ଆଉ କିଛି ବିଦେଶରୁ ଆମଦାନୀ ହୋଇଥିବା ଚିପ୍ସର ମୋଟ ସମ୍ମିଶ୍ରଣ। ଆମେରିକା ସରକାରଙ୍କ ପ୍ରସିଦ୍ଧ ‘ଏଣ୍ଟିଟି ଲିଷ୍ଟ’ ସ୍ୱତଃସିଦ୍ଧ କରିଥାଏ ଯେ ଏହି ପ୍ରଯୁକ୍ତିବିଦ୍ୟା ଯେପରି ଚାଇନା ଓ ରୁଷିଆର ହସ୍ତଗତ ନ ହୁଏ ଏବଂ ଏହି ଦୁଇ ଦେଶ ଯେଭଳି ଭାବେ ଚିପ୍ସର ଦୌଡ଼ରେ ଆମେରିକାକୁ ଟପି ଆଗକୁ ଯାଇ ନ ପାରନ୍ତି। ତୃତୀୟତଃ ୨୦୨୨ର ପ୍ରାରମ୍ଭିକ ପର୍ଯ୍ୟାୟରେ ଟୟୋଟା କମ୍ପାନୀ ଚିପ୍ସର ଅଭାବ କାରଣରୁ ଅସ୍ଥାୟୀ ରୂପରେ ଜାପାନରେ ଥିବା ତା’ର ୫ଟି ଅନ୍ତର୍ଦ୍ଦେଶୀୟ କାର୍ ଉତ୍ପାଦନ କାରଖାନାକୁ ବନ୍ଦ କରିଦେଲା।



ଉପରବର୍ଣ୍ଣିତ ତିନୋଟି ଦୃଶ୍ୟପଟ୍ଟରେ ଥିବା ସମାନତା ହେଲା ଚିପ୍ସର ଅନନ୍ୟ ମହତ୍ତ୍ୱ, ଆବଶ୍ୟକତା ଓ ଗୁରୁତ୍ୱ। କେବଳ ଚିପ୍ସର ଉତ୍ପାଦନ ପାଇଁ ଉପଯୁକ୍ତ କ୍ଷମତା, ନିପୁଣତା, ଯୋଗ୍ୟତା ବା ସାମର୍ଥ୍ୟ ଆହରଣ କରିଦେଲେ ଚଳିବ ନାହିଁ ବରଂ ଏହାକୁ କମ୍ପ୍ଲେକ୍ସ ସିଷ୍ଟମ୍ସକୁ ଏକୀକୃତ ଏବଂ ସଂଶ୍ଳେଷିତ କରିବାର ଅସାଧାରଣ ଦକ୍ଷତା ହିଁ ଆଗାମୀ ଦଶନ୍ଧିଗୁଡ଼ିକରେ ରାଷ୍ଟ୍ରଗୁଡ଼ିକର ଭାଗ୍ୟ ନିର୍ଦ୍ଧାରଣ କରିବ। ଆଜିର ଦିନରେ କ୍ରିଟିକାଲ ସେକ୍ଟରଗୁଡ଼ିକ ଯଥା– ଦେଶରକ୍ଷା, ଦୂରସଞ୍ଚାର, ଇଲେକ୍ଟ୍ରୋନିକ୍ସ ଏବଂ ଗତିଶୀଳତା ଚିପ୍ସର ଅଭାବ କାରଣରୁ ଗଭୀର ଭାବେ ପ୍ରଭାବିତ ହେଉଛନ୍ତି ଏବଂ ଏଭଳି ସ୍ଥିତି ୨୦୨୩ର ଶେଷ ପର୍ଯ୍ୟନ୍ତ ଲାଗି ରହିବ। ଆମେରିକା, ୟୁରୋପୀୟ ୟୁନିୟନ୍, ଜାପାନ, ଭାରତ ଏବଂ ଚାଇନା ସେମିକଣ୍ଡକ୍ଟର ସେକ୍ଟରରେ ପ୍ରାୟ ୨୦୦ ବିଲିୟନ ଡଲାର ଲଗାଇଛି, ପରନ୍ତୁ ଏହାର ପ୍ରଭାବ ଏବେ ପରିଦୃଶ୍ୟ ହେବନାହିଁ। ଚାଇନା ଯଦି ତାଇୱାନ ଉପରେ ଆକ୍ରମଣ କରେ ତେବେ ତାଇୱାନକୁ ସହାୟତା କରିବା ପାଇଁ ଆମେରିକା ବନ୍ଧୁତ୍ୱର ହାତ ବଢ଼ାଇବା ଲାଗି ପ୍ରସ୍ତୁତ ଅଛି। ସମ୍ଭବତଃ ତାହାର କାରଣ ହେଲା ପୃଥିବୀରେ ଏପରି କୌଣସି କ୍ଷମତାସମ୍ପନ୍ନ ରାଷ୍ଟ୍ର ନାହିଁ ଯେ କି ତାଇୱାନ ଏବଂ ଦକ୍ଷିଣ କୋରିଆଠାରୁ ସର୍ବୋତ୍ତମ ଓ ଅଧିକ ଗତିଶୀଳ ଚିପ୍ସର ଉତ୍ପାଦନ କରିପାରିବ।

ଯଦିଓ ଭାରତ ଚିପ୍ସର ଉତ୍ପାଦନ ପାଇଁ ଏକ ଦୂରଦର୍ଶୀ ପଦକ୍ଷେପ ଗ୍ରହଣ କରିଛି ହେଲେ ଭାରତବର୍ଷକୁ ଗ୍ଲୋବାଲ ଚିପ୍ସ ମାନୁଫାକ୍ଚରର୍ଙ୍କ ପଛରେ ଦୌଡ଼ ଲଗାଇଲା ବେଳେ ମନେ ରଖିବାକୁ ପଡ଼ିବ ଯେ, ଫକ୍ସକନ୍ କମ୍ପାନୀର ମାୟାରେ ଭ୍ରମିତ ହେବା ଉଚିତ ନୁହେଁ। ଅତୀତରେ ବ୍ରାଜିଲ୍ ଓ ଭିଏତ୍‌ନାମ ପରି, ଜୁନ୍ ୨୦୧୮ରେ ଆମେରିକାର ୱିଇସକନ୍‌ସିନ୍‌ର ଦକ୍ଷିଣ–ପୂର୍ବ ପଟରେ ଥିବା ରାସିନ ଅଞ୍ଚଳରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ୱିଇସକନ୍‌ସିନ୍‌ର ତତ୍କାଳୀନ ରାଜ୍ୟପାଳ ସ୍କଟ ୱାଲ୍‌କରଙ୍କ ସହାୟତାରେ ଫକ୍ସକନ କମ୍ପାନୀର ଚେୟାରମ୍ୟାନ ମିଷ୍ଟର ଟେରୀ ଗୋଉ ସେଠାରେ ବିଶ୍ୱର ସର୍ବଶ୍ରେଷ୍ଠ ଏଲସିଡି ମାନୁଫାକ୍ଚରିଂ ପ୍ଲାଣ୍ଟ ସ୍ଥାପନା କରିବାକୁ ସ୍ଥିର କରିଥିଲେ। ମିଷ୍ଟର ଟେରୀ ଗୋଉ ଏଥିପାଇଁ ୫ ବିଲିୟନ ଡଲାର ଅର୍ଥରାଶି ମଧ୍ୟ ସବ୍‌ସିଡି ଆକାରରେ ଯୋଗାଡ଼ କରିଥିଲେ ଏବଂ ହଜାର ହଜାର ଲୋକଙ୍କୁ ଏହି କାରଖାନାରେ ନିଯୁକ୍ତି ଦେବା ପାଇଁ ମଧ୍ୟ ସ୍ୱୀକୃତି ପ୍ରଦାନ କରିଥିଲେ। ହେଲେ ଏ ସମସ୍ତ ଯୋଜନା ଡ୍ରଇଂବୋର୍ଡ ସ୍ତରରେ ହିଁ ରହିଗଲା। ସେଠାରେ ଏକ ନୂଆ କାରଖାନାର ପ୍ରତିଷ୍ଠା ପାଇଁ ଅଧିବାସୀମାନଙ୍କୁ ସେମାନଙ୍କ ବାସସ୍ଥାନରୁ ଉଚ୍ଛେଦ କରାଯାଇଥିଲେ ମଧ୍ୟ ଗୋଟିଏ ହେଲେ ଚିପ୍ସ ନା ଏଲସିଡ଼ି ମାନୁଫାକ୍ଚରିଂ ପ୍ଲାଣ୍ଟ ସ୍ଥାପନା ହୋଇ ପାରିଲା ନାହିଁ। ଭାରତବର୍ଷର ବିଭିନ୍ନ ରାଜ୍ୟ ଯେଉଁମାନେ କି ନିଜ ନିଜ ଭିତରେ ପ୍ରତିଦ୍ୱନ୍ଦ୍ୱିତା କରି ଚିପ୍ସର ମାନୁଫାକଚରିଂ ୟୁନିଟ୍ ପ୍ରତିଷ୍ଠା ପାଇଁ ପୁଞ୍ଜିନିବେଶ କରିବାକୁ ପ୍ରଯୁକ୍ତିବିଦ୍ୟାର ମହାଦୌଡ଼ରେ ଆଗଭର ହେଉଛନ୍ତି ସେମାନେ ମନେ ରଖିବା ଉଚିତ ଯେ ଏକ ଚିପ୍ ୟୁନିଟ୍ ପ୍ରତିଷ୍ଠା କରିବା ପାଇଁ ସ୍ଥିର ବିଦ୍ୟୁତ୍ ଶକ୍ତି ଏବଂ ବିଲିୟନ ବିଲିୟନ ଗ୍ୟାଲନର ସ୍ୱଚ୍ଛ ଜଳର ଆବଶ୍ୟକତା ରହିଛି , ଯାହାକି ଏବେ କୌଣସି ରାଜ୍ୟ ବନ୍ଦୋବସ୍ତ କରିପାରିବ ନାହିଁ। ଏପରିକି ଭବିଷ୍ୟତ ପାଇଁ ଏକ ଏଲସିଡି ପ୍ୟାନେଲ ମାନୁଫାକ୍ଚରିଂ ୟୁନିଟ୍ ପ୍ରତିଷ୍ଠା କରିବା ମଧ୍ୟ ସ୍ୱପ୍ନ ହେବ। ଯଦି ସବୁ ଠିକ୍‌ଠାକ୍ ଚାଲେ ତେବେ ଆଗାମୀ ଦଶନ୍ଧିରେ ଭାରତ ତା’ର ରଣନୀତି ଓ ସମ୍ବେଦନଶୀଳ ନେତୃତ୍ୱ ମାଧ୍ୟମରେ ସେହି ସ୍ଥାନରେ ପହଞ୍ଚିପାରିବ।

ଏକ ଚିପ୍ ମାନୁଫାକଚରିଂ ପ୍ଲାଣ୍ଟ ୧୫ ରୁ ୨୦ ବିଲିୟନ ଡଲାରର ପୁଞ୍ଜି ଆବଶ୍ୟକ କରିଥାଏ। ଏହି କାରଖାନା ବର୍ଷକ ୩୬୫ ଦିନ କାର୍ଯ୍ୟକାରୀ ହେଲେ ମଧ୍ୟ ନିଜର ଲାଭପ୍ରଦତ୍ତ ସାବ୍ୟସ୍ତ କରିବାକୁ ଏକାଧିକ ବର୍ଷ ଲାଗିଯିବ। କୋଭିଡ–୧୯ ଓ ୟୁକ୍ରେନ୍ ଯୁଦ୍ଧ କାରଣରୁ ଗ୍ଲୋବାଲ ସପ୍ଲାଇ ଚେନ୍ ଅତ୍ୟନ୍ତ ଅଶାନ୍ତ ହୋଇପଡ଼ିଛି। ବିଶ୍ୱର ପ୍ରତ୍ୟେକଟି ପ୍ରମୁଖ ଅର୍ଥନୈତିକ ମହାଶକ୍ତି ନିଜର ଅର୍ଥ ବଳ ଓ ସର୍ବୋତ୍କୃଷ୍ଟ ମସ୍ତିଷ୍କକୁ ବ୍ୟବହାର କରି ଏହି ସିଲିକନ୍ ଯୁଦ୍ଧକୁ ଜିଣିବାକୁ ଚାହୁଁଛନ୍ତି। ଭାରତ ଏହି ପ୍ରଯୁକ୍ତି ଯୁଦ୍ଧରେ ଯଦି ହାରିଯାଏ, ତେବେ ନିଜ କବର ନିଜ ହାତରେ ଖୋଳିବା ସହ ସମାନ ହେବ।

ମୋ–୯୩୩୮୨୦୪୯୯୩

# ଓଡ଼ିଶା ଓ ବିଇଡି ଶିକ୍ଷକ



ଡ. ପ୍ରମୋଦ କୁମାର ପଣ୍ଡା

ଶିକ୍ଷାର ମାନ ବୃଦ୍ଧି ପାଇଁ ତାଲିମପ୍ରାପ୍ତ ଶିକ୍ଷକଙ୍କର ଆବଶ୍ୟକତା ଅଛି। ସେଥିପାଇଁ ଆମ ଶିକ୍ଷା ବ୍ୟବସ୍ଥାରେ ପ୍ରାଥମିକ ଶିକ୍ଷା ପାଇଁ ସିଟି ଓ ମଧ୍ୟ ଇଂଲିଶ ଓ ଉଚ୍ଚ ବିଦ୍ୟାଳୟ ପାଇଁ ବିଇଡି ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତି ବ୍ୟବସ୍ଥା ରହିଛି। ବିଇଡି ତାଲିମ କେନ୍ଦ୍ରରେ ଶିକ୍ଷକମାନଙ୍କୁ ଶିକ୍ଷାଦାନର ସରଳୀକରଣ ଓ ଆଧୁନିକତା ଉପାୟ ବିଷୟରେ ବିଶେଷ ଭାବେ ତାଲିମ ଦିଆଯାଇଥାଏ। ସେହିପରି ପିଲାମାନଙ୍କର ବୌଦ୍ଧିକ ଶକ୍ତି ଅନୁସାରେ ବିଜ୍ଞାନ ଓ ଗାଣିତିକ ବିଷୟକୁ ମନୋରଞ୍ଜନ ଧର୍ମୀ ଢଙ୍ଗରେ ଉପସ୍ଥାପନା କରିବାର କଳା ମଧ୍ୟ ଶିକ୍ଷା ଦିଆଯାଇଥାଏ। ତାଲିମପ୍ରାପ୍ତ ଶିକ୍ଷକ ନିଶ୍ଚିତ ରୂପେ ଅଣ ତାଲିମପ୍ରାପ୍ତ ଶିକ୍ଷକଙ୍କଠୁ ଶିକ୍ଷାଦାନରେ ପାରଦର୍ଶୀ ଓ କୁଶଳୀ। ସେଥିପାଇଁ ଉଭୟ ସିବିଏସ୍‌ସି ଓ ମାଧ୍ୟମିକ ବୋର୍ଡରେ ବିଇଡି ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତି ବାଧ୍ୟତାମୂଳକ କରାଯାଉଛି। ତଦନୁସାରେ ଆମ ରାଜ୍ୟରେ ତାଲିମପ୍ରାପ୍ତ ଶିକ୍ଷକ ସୃଷ୍ଟି କରିବା ପାଇଁ ବିଇଡି କଲେଜ ମାନ ସ୍ଥାପନ ହୋଇଛି। ବର୍ତ୍ତମାନ ଓଡ଼ିଶାରେ ପାଖାପାଖି ସାହାଯ୍ୟପ୍ରାପ୍ତ ମାଧ୍ୟମିକ ସ୍କୁଲ ସଂଖ୍ୟା ୬୧୯୩, ୮୪୯ ସ୍ୱୀକୃତି ପ୍ରାପ୍ତ ଉଚ୍ଚବିଦ୍ୟାଳୟ ଓ ୧୫୧ଟି ସ୍ୱୀକୃତି ଅପେକ୍ଷିତ ଉଚ୍ଚ ବିଦ୍ୟାଳୟ ଶିକ୍ଷାଦାନ କରୁଛନ୍ତି। ମୋଟ ଉପରେ ଉଚ୍ଚବିଦ୍ୟାଳୟ ସଂଖ୍ୟା ହେଉଛି ୭୧୯୩। ପ୍ରତି ଉଚ୍ଚ ବିଦ୍ୟାଳୟରେ ନ୍ୟୁନତମ ୪ଟି ବିଇଡି ତାଲିମପ୍ରାପ୍ତ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ତେଣୁ ସର୍ବମୋଟ ୨୮,୭୭୨ ବିଇଡି ତାଲିମପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଆବଶ୍ୟକତା ଅଛି। ଯେତୋଟି ଉଚ୍ଚବିଦ୍ୟାଳୟ ଅଛି, ଅତି କମ୍‌ରେ ସେତୋଟି ମଧ୍ୟ ଇଂଲିଶ ବିଦ୍ୟାଳୟ ବା ମାଇନର ସ୍କୁଲ ଥିବ। ସେଠାରେ ଜଣେ ଲେଖାଏଁ ବିଇଡି ଶିକ୍ଷକ ଆବଶ୍ୟକ ହେଲେ ଅତିକମ୍‌ରେ ୭୧୯୩ ଜଣ ଆବଶ୍ୟକ। ତା’ ଛଡ଼ା ବଡ଼ ବଡ଼ ହାଇସ୍କୁଲ, ଜିଲା ସ୍କୁଲମାନଙ୍କରେ ପ୍ରତ୍ୟେକ ଶ୍ରେଣୀରେ ଏକାଧିକ ସେକ୍ସନ ଥିବାରୁ ସେଠାରେ ସ୍ୱୀକୃତିପ୍ରାପ୍ତ ବିଇଡି ଶିକ୍ଷକଙ୍କ ସଂଖ୍ୟା ଅଧିକ। ଆହୁରି ମଧ୍ୟ ଆମ ରାଜ୍ୟରେ ସଂସ୍କୃତ ଟୋଲ ବା ସଂସ୍କୃତ ଶିକ୍ଷାକେନ୍ଦ୍ର ଓ ଉର୍ଦ୍ଦୁ ଶିକ୍ଷାକେନ୍ଦ୍ରର ସଂଖ୍ୟା ମଧ୍ୟ ଅଧିକ। ସେସବୁ ସ୍କୁଲରେ ବି ବିଇଡି ତାଲିମପ୍ରାପ୍ତ ଶିକ୍ଷକଙ୍କର ଆବଶ୍ୟକତା ପଡ଼ିଥାଏ। ଏତଦ୍‌ବ୍ୟତୀତ ରାଜ୍ୟର ବିଭିନ୍ନ ଜିଲାରେ ଥିବା ସିଟି ଓ ବିଇଡି ଟ୍ରେନିଂ ସ୍କୁଲରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆବଶ୍ୟକତା ଥାଏ। ମୋଟାମୋଟି ହିସାବ କଲେ ପ୍ରାୟ ପାଖାପାଖି ଆମ ରାଜ୍ୟରେ ୪୦ ହଜାର ବିଇଡି ତାଲିମପ୍ରାପ୍ତ ଶିକ୍ଷକଙ୍କର ଆବଶ୍ୟକତା ପଡ଼ିଥାଏ।

ସରକାର ବିଇଡି ତାଲିମପ୍ରାପ୍ତ ଶିକ୍ଷକ ପାଇଁ ବିଭିନ୍ନ ସ୍ଥାନରେ କଲେଜ ମାନ ସ୍ଥାପନ କରିଛନ୍ତି; ଯେଉଁଠୁ ପାଖାପାଖି ୫୦୦ (ପାଞ୍ଚ ଶହ)ପ୍ରଶିକ୍ଷାର୍ଥୀ ବହାରୁଛନ୍ତି। ଆଉ ମଧ୍ୟ ଆମ ପାଖରେ ସେଲ୍ଫ ଫାଇନାନ୍ସ ବା ନିଜ ଖର୍ଚ୍ଚରେ ଶିକ୍ଷା ପ୍ରାପ୍ତି ପାଇଁ ପାଖାପାଖି ୫୦୦ ସିଟ୍ ଅଛି। ଅର୍ଥାତ୍ ଉଭୟ ସରକାରୀ ଓ ସେଲ୍ଫ ଫାଇନାନ୍‌ସିଂ ପାଠ୍ୟକ୍ରମ ମିଶାଇଲେ ବାର୍ଷିକ ବିଇଡି ସିଟ୍ ସଂଖ୍ୟା ୧୦୦୦ (ଏକ ହଜାର)। ବିଭିନ୍ନ ମଧ୍ୟ ଇଂଲିଶ ଓ ଉଚ୍ଚ ବିଦ୍ୟାଳୟରେ ବିଇଡି ତାଲିମପ୍ରାପ୍ତ ଶିକ୍ଷକଙ୍କର ଆବଶ୍ୟକତା ପୂରଣ ପାଇଁ ବହୁବର୍ଷ ଲାଗିଯିବ ବିଇଡିର ପୋଷ୍ଟ ଭରିବା ଲାଗି। ସେଥିପାଇଁ ପ୍ରତିବର୍ଷ ଆମ ରାଜ୍ୟରୁ ହଜାର ହଜାର ପିଲା ଆନ୍ଧ୍ରପ୍ରଦେଶ, ହରିୟାଣା, ହିମାଚଳ ପ୍ରଦେଶ, ସିକିମ, ଉତ୍ତର ପ୍ରଦେଶ ପ୍ରଭୃତି ରାଜ୍ୟକୁ ଯାଇ ବିଇଡି ଶିକ୍ଷା ଗ୍ରହଣ କରିଥାନ୍ତି। ସେ ସବୁ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର ସୀକୃତିପ୍ରାପ୍ତ ମହାବିଦ୍ୟାଳୟ ଅଧୀନରେ ନାମ ଲେଖାହୁଏ। ସେଥିପାଇଁ ଓଡ଼ିଶାରେ ସେମାନଙ୍କର ଏଜେଣ୍ଟ ଥାଆନ୍ତି; ଯେଉଁମାନେ ବିଦ୍ୟାର୍ଥୀଙ୍କୁ ପ୍ରବର୍ତ୍ତାଇ ସେଠାକୁ ନେଇଥାନ୍ତି। ନାମ ଲେଖା ଫିସ ପ୍ରାୟ ହାରାହାରି ଲକ୍ଷେ ଟଙ୍କା ଜଣକା ଦେବାକୁ ପଡ଼ିଥାଏ। ପିଲାମାନେ ସେଠାରେ ନାମ ଲେଖାଇ ପଳାଇ ଆସନ୍ତି। ସେଠାରେ ରହି ପାଠ ପଢ଼ିବା ଆବଶ୍ୟକ ପଡ଼େନାହିଁ। ପରୀକ୍ଷା ସମୟରେ ଯାଇ ଥିଓରି ପରୀକ୍ଷା ଦେଇ ଦିଅନ୍ତି। ତା’ ପରେ ଯାଇ ପ୍ରାକ୍ଟିକାଲ ଟିଚିଂ ମଧ୍ୟ ଦେଇ ଦିଅନ୍ତି। ପ୍ରାୟ ୧୦୦ ପ୍ରତିଶତ ପାସ୍ ଭଳି ରେଜଲ୍ଟ ହୁଏ। ପରୀକ୍ଷାର୍ଥୀ ସେହି ସମୟରେ ଏଣେ ଓଡ଼ିଶାରେ କିଏ ଅନ୍ୟ ସ୍କୁଲରେ ପଢ଼ାଉଥାଏ ତ କିଏ ଟିଉସନ ତ ଆଉ କିଏ ବେପାର ବଣିଜ।



ଆସନ୍ତୁ ଜାଣିବା ଏଥିରୁ ରାଜ୍ୟବାସୀଙ୍କର ଲାଭ କ୍ଷତି ବିଷୟରେ । ପ୍ରଥମତଃ ପ୍ରତି ପିଲାଠୁ ଲକ୍ଷେ ଟାଙ୍କ ଆମ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଚାଲିଯାଏ, ଯଦ୍ଦ୍ୱାରା ଆମ ପଇସାରେ ସେମାନେ ଧନୀ ହୁଅନ୍ତି । ଦ୍ୱିତୀୟରେ ଓଡ଼ିଶାରେ ସିଟ୍ ନ ପାଇବା କାରଣରୁ ଛାତ୍ରୀଛାତ୍ର ଅନ୍ୟ ରାଜ୍ୟରେ ଡୋନେସନ ଦେଇ ପଢ଼ନ୍ତି, ଯାହା କି ଛାତ୍ରୀଛାତ୍ରଙ୍କ ପରିବାର ଉପରେ ଆର୍ଥିକ ବୋଝ ପଡ଼େ। ତୃତୀୟରେ ଅନ୍ୟ ରାଜ୍ୟରୁ ବିଇଡି ସାର୍ଟିଫିକେଟ ବିନା ପାଠପଢ଼ାରେ ମିଳୁଥିବାରୁ, ସେ ସାର୍ଟିଫିକେଟ ଦେଇ ନିଯୁକ୍ତି ପାଉଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଠପଢ଼ା ନିମ୍ନ ମାନର ହୋଇଥାଏ। ଯା’ ଫଳରେ ସେସବୁ ସ୍କୁଲରେ ଛାତ୍ରୀଛାତ୍ର ବିଇଡି ତାଲିମପ୍ରାପ୍ତ ଶିକ୍ଷକଙ୍କର ନୂତନ ଶିକ୍ଷାଦାନ କୌଶଳରୁ ବଞ୍ଚିତ ହୁଅନ୍ତି। ଯେହେତୁ ବିଇଡି ପୋଷ୍ଟ ତୁଳନାରେ ବିଇଡି ତାଲିମ ସିଟ୍ ସଂଖ୍ୟା ନଗଣ୍ୟ ଓ ବିଇଡି ସାର୍ଟିଫିକେଟ ବିଇଡି ପୋଷ୍ଟ ପାଇଁ ବାଧ୍ୟତାମୂଳକ, ସେଥିପାଇଁ ଓଡ଼ିଶାର ଛାତ୍ରୀଛାତ୍ର ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରନ୍ତି ବିଇଡି ଡିଗ୍ରୀ ହାସଲ କରିବା ପାଇଁ। ଓଡ଼ିଶାର ଆର୍ଥିକ ଦୁର୍ବଳ ଶ୍ରେଣୀର ମେଧାବୀ ଛାତ୍ରୀଛାତ୍ର ଏଥିରୁ ବଞ୍ଚିତ ହେଉଛନ୍ତି କାରଣ ସେମାନଙ୍କ ପାଖରେ ପଇସା ଦେଇ ବିଇଡି ପଢ଼ିବା ପାଇଁ ସମ୍ବଳ ନ ଥାଏ। ତେବେ କିଛି ଉପାୟରେ ବିଇଡି ତାଲିମପ୍ରାପ୍ତ ଶିକ୍ଷକ ବୃଦ୍ଧିକରି ରାଜ୍ୟକୁ ସାବଲମ୍ବୀ କରିପାରିବା। ପ୍ରଥମତଃ ବିଇଡି ପୋଷ୍ଟ ଅନୁସାରେ ସରକାରୀ କ୍ଷେତ୍ରରେ ସିଟ୍ ସଂଖ୍ୟା ବଢ଼ାଯାଉ। ଯଦି ସିଟ୍ ସଂଖ୍ୟା ନ ବଢ଼ି ପାରୁଛି, ତା’ ହେଲେ ବେସରକାରୀ ସଂସ୍ଥାକୁ ବିଇଡି କଲେଜ ସ୍ଥାପନ କରିବା ପାଇଁ ଅନୁମତି ଦିଆଯାଉ। ସରକାର ଫିସ ନିର୍ଦ୍ଧାରଣ କରନ୍ତୁ । ସରକାର ଏଣ୍ଟ୍ରାନ୍ସ କରି ପିଲାର ତାଲିକାକୁ ବେସରକାରୀ କଲେଜକୁ ଦିଅନ୍ତୁ। ଏହାଦ୍ୱାରା ମେଧାବୀ ପିଲାମାନେ ବିଇଡି ପଢ଼ିବାର ସୁଯୋଗ ପାଇବେ ଓ ସ୍କୁଲରେ ଶିକ୍ଷାଦାନ ମାନ ବୃଦ୍ଧି ହେବ । ଆମକୁ ଆଉ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର ହେବାକୁ ପଡ଼ିବନି।

ମୋ: ୮୯୧୭୪୨୬୪୪୦

## ଏଇ ଭାରତରେ

ମୀନାକ୍ଷୀ ଖତିଙ୍କ ବୟସ ୨୪, କିନ୍ତୁ କାର୍ଯ୍ୟ ପ୍ରେରଣାଦାୟୀ। ଉତ୍ତରାଖଣ୍ଡର ଉକ୍ତ ଝିଅ ୩୦ ମହିଳାଙ୍କୁ ଆଇପନ୍ (ଚାଉଳ ହଳଦୀ ମିଶ୍ରିତ ପୁରୁଣା ଲୋକଚିତ୍ର)ର ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ କରିବା ସହ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୨୦,୦୦୦ ପିଲାଙ୍କୁ ଏଥିରେ ପ୍ରଶିକ୍ଷିତ କରିପାରିଛନ୍ତି। କାର୍ଯ୍ୟରତ ମହିଳାମାନେ ହିଁ ପିଲାମାନଙ୍କୁ ଚିତ୍ରକଳା ଶିକ୍ଷା ଦେଉଛନ୍ତି। କୁମାଁଓ ନିବାସୀ ମୀନାକ୍ଷୀ ଲୁପ୍ତପ୍ରାୟ ଲୋକଚିତ୍ରକୁ ପୁଣି ଫେରାଇ ଆଣିବା ଲାଗି ‘ମୀନାକୃତି ଆଇପନ୍ ପ୍ରୋଜେକ୍ଟ’ ମାଧ୍ୟମରେ ମହିଳାମାନଙ୍କୁ ସଞ୍ଚାଳନ କରୁଛନ୍ତି। ଏହି ପ୍ରୋଜେକ୍ଟ ୨୦୧୯ରେ ଆରମ୍ଭ ହୋଇଥିଲା। ମହିଳାମାନେ ନାମଫଳକ, ବିଭିନ୍ନ ବାସନକୁସନ ଏବଂ ଅନ୍ୟ ଉତ୍ପାଦକୁ ଏହି ପ୍ରକାର କଳାକୃତିରେ ରଙ୍ଗେଇ ମାସକୁ ହାରାହାରି ୧୦,୦୦୦ରୁ ଊର୍ଦ୍ଧ୍ୱ ରୋଜଗାର କରୁଛନ୍ତି। କୁମାଁଓରେ ସେମାନେ ଘର କାନ୍ଥକୁ ଲାଲ ରଙ୍ଗରେ ରଙ୍ଗେଇ ସେଥିରେ ଧଳାରଙ୍ଗର ପୁରୁଣା ଲୋକଚିତ୍ର ଅଙ୍କନ କରିଛନ୍ତି। ସେମାନେ ଚାଉଳରୁ ପ୍ରସ୍ତୁତ ପେଷ୍ଟରୁ ଅଙ୍ଗୁଳି ମାଧ୍ୟମରେ ଶଙ୍ଖ, ପାଦଚିହ୍ନ, ଫୁଲ ଓ ବିଭିନ୍ନ ଦେବଦେବୀଙ୍କ ଚିତ୍ର ଆଙ୍କୁଛନ୍ତି। ଗାଁର ସବୁ ଘରର କାନ୍ଥ ହସ୍ତଚିତ୍ରରେ ସଜେଇହେବା ବାସ୍ତବରେ ଖୁବ୍ ଆକର୍ଷଣୀୟ ଓ ଏହା ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟିଛି। କୁମାଁଓ ଗାଁରେ ବୃଦ୍ଧାମାନେ ସେମାନଙ୍କ ଝିଅମାନଙ୍କୁ ଏହି କଳା ଶିକ୍ଷା ଦିଅନ୍ତି। ମୀନାକ୍ଷୀ ମଧ୍ୟ ତାଙ୍କ ମା’ଙ୍କଠାରୁ ଶିକ୍ଷାକରି ବା ପରେ ଏହାକୁ ବଞ୍ଚାଇବା ଲାଗି ପ୍ରୟାସ କରୁଛନ୍ତି। ସେଥିପାଇଁ ତାଙ୍କୁ ‘ ଆଇପନ୍ ଗର୍ଲ’ ନାମରେ ସମ୍ବୋଧିତ କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ନଭେମ୍ବର ୧୯୯୭

- ଜାମ୍ମୁସ୍ଥିତ ଡୋଡା ଜିଲାର ପଦାର ଇଲାକାରେ ପାହାଡ଼ ଉପରୁ ଏକ ଟ୍ରକ୍ ଖସିପଡ଼ିବା ଫଳରେ ୧୩ ଜଣଙ୍କ ମୃତ୍ୟୁ।
- ଅଞ୍ଜନାଙ୍କ ପ୍ରତି ବଳାତ୍କାର ଉଦ୍ୟମ ଅଭିଯୋଗରେ ସିବିଆଇ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ଇନ୍ଦ୍ରଜିତ ରାୟଙ୍କ ବିରୁଦ୍ଧରେ ଚାର୍ଜଶିଟ୍ ଦାଖଲ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | | | 8 | | 7 |
| 2 | 9 | 8 | | | | | 4 | |
| | 7 | | 5 | | | | 3 | |
| | | 3 | 1 | 4 | | | | |
| | 5 | 2 | | | 9 | | | 6 |
| 8 | | | | | | | 1 | |
| 6 | | | | 8 | | 3 | | |
| | | | | | | | | 2 |
| | | 9 | | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 3 | 5 | 8 | 2 | 1 | 9 | 6 |
| 5 | 6 | 9 | 1 | 3 | 4 | 2 | 7 | 8 |
| 1 | 2 | 8 | 7 | 6 | 9 | 3 | 5 | 4 |
| 8 | 4 | 7 | 6 | 2 | 3 | 5 | 1 | 9 |
| 9 | 5 | 2 | 8 | 7 | 1 | 6 | 4 | 3 |
| 6 | 3 | 1 | 9 | 4 | 5 | 7 | 8 | 2 |
| 2 | 9 | 4 | 3 | 1 | 7 | 8 | 6 | 5 |
| 7 | 8 | 5 | 2 | 9 | 6 | 4 | 3 | 1 |
| 3 | 1 | 6 | 4 | 5 | 8 | 9 | 2 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଚଢ଼ାଦରରେ ସାର ବିକ୍ରି

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକ ଉପଖଣ୍ଡରେ ଗତ କିଛି ମାସ ଧରି ଚଢ଼ାଦରରେ ସାର ବିକ୍ରୟ କରାଯାଉଛି। ଚାଷୀମାନେ ଉଚ୍ଚାଦରରେ ସାର କ୍ରୟ କରୁଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ସତ୍ୟବାଦୀ ବଜାର ସମେତ ପ୍ରତ୍ୟେକ ପଞ୍ଚାୟତରେ ଛତୁ ଫୁଟିଲା ଭଳି ସାର ଦୋକାନ ଖୋଲାଯିବା ଏବଂ ସରକାରୀ ମୂଲ୍ୟଠାରୁ ଅଧିକ ଦାମ୍‌ରେ ସାର ବିକ୍ରୟ ହେଉଥିବା ଜଣାପଡ଼ିଛି। ସାର ସହିତ ରାସାୟନିକ ଔଷଧ ମଧ୍ୟ ଧାର୍ଯ୍ୟ ଦରଠାରୁ ଅଧିକ ଦରରେ ବିକ୍ରୟ ହେଉଛି। ସରକାର ଚାଷୀମାନଙ୍କର ଆୟ ଦୁଇଗୁଣା ବଢ଼ାଇବାକୁ ଚେଷ୍ଟା କରୁଥିବା ବେଳେ କିଛି ଅସାଧୁ ବ୍ୟକ୍ତି ସରକାରୀ ବାବୁମାନଙ୍କୁ ହାତ କରି ଖୁଲମ୍‌ଖୁଲା ଭାବରେ ସାର ଅଧିକ ଦରରେ ବିକ୍ରି କରୁଛନ୍ତି । ସବୁ ଜାଣି ସତ୍ୟବାଦୀ କୃଷି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମବାୟ କେନ୍ଦ୍ର ହେଉ କି ଲାଇସେନ୍ସପ୍ରାପ୍ତ ଡିଲର, ସବୁଠାରେ ଦୁର୍ନୀତି ଚାଲିଥିବା ବେଳେ ଯାଞ୍ଚ କି ତଦନ୍ତ କରାଯାଉ ନାହିଁ। ରାଜ୍ୟ ସରକାର ଯୋଜନା ଉପରେ ବିଜ୍ଞାପନ ଦେଇ ଉଚିତ ମୂଲ୍ୟରେ ସାର କ୍ରୟ କରିବାକୁ ପରାମର୍ଶ ଦେଉଥିବା ବେଳେ ସମବାୟ ସମିତିରେ କିଭଳି ଚଢ଼ାଦରରେ ସାର ବିକ୍ରୟ ହେଉଛି ତାହାର ତଦନ୍ତ କରାଯାଉ।

**ଦେବଦତ୍ତ ମିଶ୍ର, ବରିଷ୍ଠ ନାଗରିକ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତାହାରି କୁନ୍ତଳ ଧୋଇ
ସିନ୍ଧୁଜଳ ନୀଳ ହୋଇ
ତାହାରି କ୍ରନ୍ଦନ ପ୍ରତି
ଲହରୀରେ ଡାକେ
କେଉଁ ଦୂର ମାୟା–ଚକ୍ରବାଳେ !
–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଶିଶୁକୁ ପୋଷ୍ୟ ଗ୍ରହଣ କଲେ ଇଟାଲି ଦମ୍ପତି

**ପାରଳାଖେମୁଣ୍ଡି,୨୧।୧୧(ଡି.ଏନ.ଏ):** ଗଜପତି ଜିଲାର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ୩୩ତମ ଶିଶୁକୁ ଜିଲାପାଳ ଲିଙ୍ଗରାଜ ପଣ୍ଡା ପୋଷ୍ୟ ସନ୍ତାନ ଭାବେ ଇଟାଲିର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ପ୍ରାୟ ୫ବର୍ଷ ତଳେ ଏହି ଶିଶୁପୁତ୍ରକୁ ମୋହନା ଅଞ୍ଚଳରୁ ଅସହାୟ ଅବସ୍ଥାରେ ଜିଲା ଶିଶୁ ସୁରକ୍ଷା ୟୁନିଟ ଏବଂ ଚାଇଲ୍ଡଲାଇନ ଉଦ୍ଧାର କରିଥିଲା। ତାକୁ ଡ଼େ ଷ୍ଟାର୍ ହୋମ, ଜରଡ, ମୋହନା ଶିଶୁ ଯତ୍ନ ଅନୁଷ୍ଠାନରେ ରଖି ଜିଲା ପ୍ରଶାସନ ସମସ୍ତ ଯତ୍ନ ଏବଂ ସୁରକ୍ଷା ଦେଇ ଆସୁଥିଲା। ଶିଶୁଟିର ବାପାଙ୍କ ଦେହାନ୍ତ ପରେ ମା' ଅନ୍ୟତ୍ର ପଳାଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ହସ୍ତକ୍ଷେପ ପରେ ମା' ଶିଶୁ ମଙ୍ଗଳ ସମିତି ଆଗରେ ପୁଅକୁ ସମର୍ପିତ କରିଥିଲେ। ପରେ ଶିଶୁ ମଙ୍ଗଳ ସମିତି ଶିଶୁକୁ ଆଇନତଃ ମୁକ୍ତ ଭାବେ ପ୍ରାୟ ଚାରିବର୍ଷ ହେଲା ଘୋଷଣା କରିଥିଲେ। ପାରଳାଖେମୁଣ୍ଡି ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ସାଲୋମ ମାଧମରେ ପୁଅଟିକୁ ପୋଷ୍ୟ ସନ୍ତାନ ନିମନ୍ତେ କେନ୍ଦ୍ରୀୟ ପୋଷ୍ୟ ସମ୍ବଳ କେନ୍ଦ୍ରର ପୋର୍ଟାଲରେ ଅପଲୋଡ଼ କରାଯାଇଥିଲା। ୪ ବର୍ଷ ଧରି ଏକ ପୋଷ୍ୟ ସନ୍ତାନ ପାଇଁ ଅନଲାଇନ ମାଧମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଇଟାଲି ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଆବଶ୍ୟକ ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପ୍ରସ୍ତୁତ କରିଥିଲେ। ସମସ୍ତ ଦସ୍ତାବିଜକୁ ଜିଲାପାଳ ଏବଂ କୋର୍ଟ ଯାଞ୍ଚ କରିବା ପରେ ଶିଶୁଟିକୁ ଇଟାଲି ଦମ୍ପତିଙ୍କୁ ହସ୍ତାନ୍ତର କରିଦିଆଯାଇଛି।

### ଓଜେଏସ୍ ପରୀକ୍ଷାରେ କୃତିତ୍ୱଙ୍କୁ ସମ୍ବର୍ଦ୍ଧନା

**ପାରଳାଖେମୁଣ୍ଡି,୨୧।୧୧(ଡି.ଏନ୍.ଏ.):** ଓଡ଼ିଶା ଜୁଡିସିଆଲ ସର୍ଭିସ (ଓଜେଏସ୍) ପରୀକ୍ଷାରେ କୃତୀତ୍ୱ ହାସଲ କରିଥିବା ନୂଆଗଡ଼ ବ୍ଲକ ଗୋଲି ଗ୍ରାମର ସାଧକ କାର୍ଯ୍ୟୀଙ୍କୁ ଗଜପତି ଜିଲା ପାରଳାଖେମୁଣ୍ଡି ସହରର ରାମନଗରଠାରେ ଥିବା ହାଇଟେକ ପ୍ଲାଜାରେ ସମ୍ବର୍ଦ୍ଧିତ କରାଯାଇଛି। ସୋମବାର ଏନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହାଇଟେକ ଗ୍ରୁପର ଅଧକ୍ଷ ଡ. ତିରୁପତି ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ସାଧକଙ୍କ ଏହି କୃତୀତ୍ୱକୁ ପାଇଁ ଗଜପତି ଗର୍ବିତ ବୋଲି କହିବା ସହ ଉତ୍ତରୀୟ ଦେଇ ତାଙ୍କୁ ସମ୍ମାନିତ କରିଥିଲେ। ଗୋଲି ଗ୍ରାମର ସାଧକ ଆଦିବାସୀ ଅଧୁକ୍ଷିତ ନୂଆଗଡ ବ୍ଲକ ଗୋଲି ଗ୍ରାମର ଏକ ଗରିବ ପରିବାରର ହୋଇଥିଲେ ହେଁ ପାଠ ପଢ଼ା ପ୍ରତି ଯତ୍ନବାନ ହୋଇ ଭୁବନେଶ୍ୱରର କିଟ୍ ଶିକ୍ଷାନୁଷ୍ଠାନରେ ଶିକ୍ଷା ଲାଭ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲାପରିଷଦ ସଭାପତି ଜି.ତିରୁପତି ରାଓ, ଆର୍‌ଏମସିଏସ ସଭାପତି ଏସ୍.ଗଜପତି ରାଓ, ପୂର୍ବତନ ଜିଲାପରିଷଦ ସଭ୍ୟ ଜେମ୍ସ ରାଇକା, ହାଇଟେକ ଗ୍ରୁପ କ୍ରୀଡ଼ା ନିର୍ଦ୍ଦେଶକ ଲଳିତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

### ସାନଘାଗରା ପ୍ରବେଶ ପଥ ଗେଟ୍‌କୁ ପିଟିଲା ବୋଲେରୋ

**କେନ୍ଦୁଝର, ୨୧।୧୧ (ସ୍ୱ.ପ୍ର.) :** ସାନଘାଗରା ଜଳପ୍ରପାତ ପର୍ଯ୍ୟଟନ କେନ୍ଦ୍ରରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିବା ବେଳେ ପର୍ଯ୍ୟଟକଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉନାହିଁ। ରବିବାର ଦିନ ପର୍ଯ୍ୟଟନ ସ୍ଥଳରେ ଭିଡ଼ ଥିବା ବେଳେ ମୁଖ୍ୟ ପ୍ରବେଶ ପଥ ଗେଟ୍‌କୁ ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଫଳରେ ଦୁଇ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଏବେ ଦଉଡ଼ି ବାନ୍ଧି ଗେଟ୍‌ରେ ଜଗିବାକୁ ପଡୁଛି। ଏବେ ପର୍ଯ୍ୟଟକଙ୍କ ଭିଡ଼ ହେଉଥିବାରୁ ସ୍ଥଳର ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ଦାବି ହେଉଛି।

# ନଦୀବନ୍ଧ ଭାଙ୍ଗିବା ସତ୍ତ୍ୱେ ବନ୍ଦ ହେଉନି ବାଲି ଉଠାଣ

**ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳ**

- ବର୍ଷ ବର୍ଷ ଧରି ମୌଳିକ ସମସ୍ୟା ଲାଗି ରହିଛି

**କେନ୍ଦ୍ରାପଡ଼ା ଅଫିସ, ୨୧।୧୧**

କେନ୍ଦ୍ରାପଡ଼ା ଜିଲାର ଲୁଣା ଓ କରାଣ୍ଡିଆ ଦ୍ୱୀପାଞ୍ଚଳର ପକ୍ଷୋଟଠାରେ ୩ ସପ୍ତାହ ପୂର୍ବେ ନଦୀବନ୍ଧ ଭାଙ୍ଗିଥିଲା। ଏହାର କାରଣ ବେଆଇନ ବାଲି ଉଠାଣ ହୋଇଥିବା ପ୍ରଶାସନିକ ତଦନ୍ତ ସମୟରେ ଜଣାପଡିଥିଲା। ଏହାସତ୍ତ୍ୱେ ନଦୀପଠାରୁ ବାଲି ଉଠାଣ ବନ୍ଦ ହେଉନାହିଁ। ଏଥିସହ ଦ୍ୱୀପାଞ୍ଚଳରେ ଥିବା ୧୩ ରାଜସ୍ୱ ଗ୍ରାମ ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଅବହେଳିତ ଅବସ୍ଥାରେ ଅଛି। ଏ ନେଇ ଦ୍ୱୀପାଞ୍ଚଳବାସୀ ବାରମ୍ବାର ରାଜନେତା ଓ ପ୍ରଶାସକଙ୍କ ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅଦ୍ୟାବଧି ସୁଫଳ ମିଳିନାହିଁ। କେନ୍ଦ୍ରାପଡ଼ା ସହରଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଥିବା ଏହି ଦ୍ୱୀପାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳଯୋଗାଣ ଆଦି ମୌଳିକ ସମସ୍ୟା ଲାଗି ରହିଛି। ଦ୍ୱୀପାଞ୍ଚଳର ୧୩ ଗ୍ରାମ ଏବେ ୩ ବ୍ଲକ ଅଧୀନ ୫ ପଞ୍ଚାୟତରେ ଅଛି। ମାର୍ଶାଘାଇ ବ୍ଲକ ଆଇତିପୁର ପଞ୍ଚାୟତର ଆଇତିପୁର, ବଳରାମପୁର, ବାଲିସିଂ, ଜଳପୋକ ପଞ୍ଚାୟତ ଅଧୀନରେ ଥିବା ଡିହଜଳପୋକ, ପକ୍ଷଟ, କଣିବାଙ୍କ ସହ ଡେରାବିଶ ବ୍ଲକର ବସପୁର ପଞ୍ଚାୟତ ଅଧୀନରେ ଥିବା ଡିହବସୁପୁର,ଓ ଇନ୍ଦାଳୋ ପଞ୍ଚାୟତ ଅଛି।



ଲୁଣା ନଦୀ ବନ୍ଧରୁ ମାଟି ଅତଡା ଧସି ଯାଇଛି। (ଫାଇଲ ଫଟୋ)

ସେହିପରି ଏଠାରେ ଗରଦପୁର ବ୍ଲକସ୍ଥ ବଙ୍ଗାଳପୁର ପଞ୍ଚାୟତର ସାନସଲାର, ଶିଶୁଆ ଓ ସଠିଲୋ ଗ୍ରାମ ରହିଛି। ଏହି ୧୩ ରାଜସ୍ୱ ଗ୍ରାମର ଗୋଟିଏ ପାର୍ଶ୍ୱରେ କରାଣ୍ଡିଆ ନଦୀ ଓ ଅନ୍ୟ ପାର୍ଶ୍ୱରେ ଲୁଣାନଦୀ ପ୍ରବାହିତ ହେଉଛି। ସଠିଲୋ ନିକଟରୁ ଏହି ଦ୍ୱୀପାଞ୍ଚଳ ଆରମ୍ଭ ହୋଇ ଡିହବଳରାମପୁରରେ ଶେଷ ହୋଇଛି। ଏହି ନଦୀପଠାର ବିଭିନ୍ନ ସ୍ଥାନରୁ ବାଲି ଉଠାଣ ଚାଲିଥିବା ଗ୍ରାମବାସୀ କହିଛନ୍ତି।

ଏ ସମ୍ପର୍କରେ ସାମାଜିକ କର୍ମୀ ନଗେନ୍ଦ୍ର ଜେନା କହିଛନ୍ତି, କରାଣ୍ଡିଆ ନଦୀ ଉପରେ ଏକ ପଥର ଆଡିବନ୍ଧ ନିର୍ମାଣ ଅଧାରେ ଅଟକିଯାଇଛି। ଲୁଣାନଦୀର ବାମ ପାର୍ଶ୍ୱ ସୁଦୃଢ଼ ହେଉଥିବା ବେଳେ ଦକ୍ଷିଣପାର୍ଶ୍ୱ ବନ୍ଧର ବହୁ ସ୍ଥାନ ଦୁର୍ବଳ ଅଛି। ମହାନଦୀ ସିଷ୍ଟମରେ ବନ୍ୟାଜଳ ପ୍ରବାହିତ ହେଲେ ଦ୍ୱୀପାଞ୍ଚଳବାସୀଙ୍କ ପାଇଁ ବିପଦ ଘନାଇ ଆସୁଛି। ଚଳିତ ମାସର ପ୍ରଥମ ସପ୍ତାହରେ ନଦୀବନ୍ଧ ଭାଙ୍ଗିଯାଇଛି। ଫଳରେ ଆଗାମୀ ବନ୍ୟା ଦ୍ୱୀପାଞ୍ଚଳର ଜୀବନ, ଜୀବିକା ସହିତ ବାସସ୍ଥାନ ଉପରେ ପ୍ରଭାବ ପକାଇବ। ସେହିପରି ଡିହବଳରାମପୁର ଗ୍ରାମର ରମେଶ ଚନ୍ଦ୍ର ସାହାଣୀ କହିଛନ୍ତି, ଦ୍ୱୀପାଞ୍ଚଳରେ ଲୁଣାନଦୀ ବାମପାର୍ଶ୍ୱ ବନ୍ଧର ଲମ୍ବ ୫ କିଲୋମିଟର। ଏଥିରୁ ପ୍ରଥମ ୨ କିଲୋମିଟର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ବେଳେ ଅବଶିଷ୍ଟ ବନ୍ଧ ଜଳ ସମ୍ପଦ ବିଭାଗ ଅଧୀନରେ ଅଛି। ବିଭିନ୍ନ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନଦୀବନ୍ଧ ନିର୍ମାଣ ପାଇଁ ଟେଣ୍ଡର ହେଉଥିଲେ ମଧ ପ୍ରକଳ୍ପ ଅଧାପନ୍ତରିଆ ରହୁଛି। ଅପରପକ୍ଷରେ ଜଳସେଚନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସେହିପରି ଏହି ଦ୍ୱୀପାଞ୍ଚଳରେ ମୌଳିକ ସୁବିଧା ମିଳୁ ନ ଥିବା ଗ୍ରାମବାସୀ ମତ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଏ ନେଇ ବିଭିନ୍ନ ବୈଠକରେ ଆଲୋଚନା ହୋଇଛି। ଦ୍ୱୀପାଞ୍ଚଳର ଉନ୍ନତି ପାଇଁ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି।

### ଷଣ୍ଢ ମାଂସ ଭୋଜିକୁ ନେଇ ଉତ୍ତେଜନା, ଅଭିଯୁକ୍ତ ଗିରଫ

**ପଦ୍ମପୁର, ୨୧।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଧାମରା ପଞ୍ଚାୟତ ଶଙ୍ଖାଯୋଡ଼ି ଗ୍ରାମର କେତେଜଣ ବ୍ୟକ୍ତି ଭୋଜି ପାଇଁ ଏକ ଷଣ୍ଢକୁ ମାରିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ରବିବାର ଉକ୍ତ ଅଞ୍ଚଳର ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ବ୍ୟକ୍ତି ନିଜ ଭାଇଙ୍କର ଶ୍ରାଦ୍ଧଦିବସରେ ଭୋଜି କରିବା ପାଇଁ ଏକ ନିବୃତ୍ତ କୋଠରୀରେ ଷଣ୍ଢକୁ ମାରି ମାଂସ ସଂଗ୍ରହ କରୁଥିବା ବେଳେ ଜଣେ ହିନ୍ଦୁ ସମ୍ପ୍ରଦାୟର ବ୍ୟକ୍ତି ଜାଣିପାରିଥିଲେ। ଏହି ଘଟଣା ଗ୍ରାମରେ ପ୍ରଚାରିତ ହେବା ପରେ ବହୁ ସଂଖ୍ୟାର ହିନ୍ଦୁ ସମ୍ପ୍ରଦାୟର ଅନ୍ୟମାନେ ଏକଜୁଟ ହୋଇ ଘଟଣାକୁ ବିରୋଧ କରିବା ସହ ଧାମରା ଥାନାକୁ ଖବର ଦେଇଥିଲେ। ପରେ ପାଇକସାହିର ସରୋଜ ଲେଙ୍କାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୩୯/୨୨) ରୁଜୁ କରି ମୁଖ୍ୟ ଅଭିଯୁକ୍ତ ସେକ୍ ମୁସୀଙ୍କୁ ଗିରଫ କରିଛି।

# ଯାଜପୁର ଜିଲା ଆଶାକର୍ମୀ ସଂଘର ସମ୍ମିଳନୀ




ଆଶାକର୍ମୀ ସମ୍ମିଳନୀରେ ସଂଘର କର୍ମକର୍ତ୍ତା।

**ପାଣିକୋଇଲି,୨୧।୧୧(ଡି.ଏନ.ଏ.)**

ଭାରତୀୟ ମଜଦୁର ସଂଘ ସହବନ୍ଧିତ ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘର ଯାଜପୁର ଜିଲା ଶାଖାର କର୍ମୀ ସମ୍ମିଳନୀ ପାଣିକୋଇଲି ସରସ୍ୱତୀ ଶିଶୁ ମନ୍ଦିର ପରିସର ଅନୁଷ୍ଠିତ ହୋଇଛି। ବିଏମ୍‌ଏସ୍‌ର ଜିଲା ସଭାପତି ବଟକୃଷ୍ଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଷ୍ଟ୍ରୀୟ ସ୍ୱଂୟ ସେବକ ସଂଘର ଜିଲା ସଂଘ ଚାଳକ ବଟକୃଷ୍ଣ ଜେନା ଯୋଗଦେଇ ମାର୍ଗ ଦର୍ଶନ କରିଥିଲେ। ଏହି ବୈଠକରେ ଆଶ କର୍ମୀ ସଂଘର ରାଜ୍ୟ ସଭାନେତ୍ରୀ ମମତା ମହାନ୍ତି ଓ ସଙ୍ଗଠନ ସହପ୍ରଭାରୀ ମୁକ୍ତିକାନ୍ତ ସାହୁ, ଯାଜପୁର ଜିଲା ବିଏମ୍‌ଏସ୍‌ର ଜିଲା ସମ୍ପାଦକ ମୃତ୍ୟୁଞ୍ଜୟ ଜେନା, ଆଶା କର୍ମୀ ସଂଘ ଜିଲା ସମ୍ପାଦିକା ପୁଷ୍ପଲତା ରାଉତ ପ୍ରମୁଖ ଯୋଗଦେଇଥିଲେ । ଆଶାମାନଙ୍କ ବିଭିନ୍ନ ସମସ୍ୟା ଓ ୨୯ ନଭେମ୍ବର ଭୁବନେଶ୍ୱର ଚାଲ ଡାକରା, ସଙ୍ଗଠନକୁ ତୃଣମୂଳସ୍ତରରୁ କିପରି ସଦୃଢ କରାଯିବ ସେ ନେଇ ଅତିଥିମାନେ ଆଲୋଚନା କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଆଶ ସଙ୍ଗଠନର ନୂତନ ଜିଲା କମିଟି ଗଠନ କରାଯାଇଥିଲା। ଜିଲା ସଭାନେତ୍ରୀ ଭାବେ ପୁଷ୍ପଲତା ରାଉତ, ଉପସଭାପତି ସୁରମା ରାଣୀ କର, ସମ୍ପାଦିକା ଭାବେ ହେମଲତା ଦାସ, ସହ ସମ୍ପାଦିକା ଅବନ୍ତୀ ସାମଲ, ସଙ୍ଗଠନ ସମ୍ପାଦିକା ରଞ୍ଜିତା ନାୟକ, କୋଷାଧ୍ୟକ୍ଷ ରମା ପଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ପ୍ରେମଲତା ସାମଲ, ସୀତା ବେହେରା, ସବିତା ପଣ୍ଡା, ସୁକାନ୍ତି ଜେନା ଏବଂ ସାବିତ୍ରୀ ହେମ୍ବ୍ରମକୁ ମନୋନୀତ କରାଯାଇଥିଲା । ନୂତନ ସମ୍ପାଦିକା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# କାମ ନ ସାରି ଠିକାଦାର ସଂସ୍ଥା ଫେରାର

- ମେଗାପାନୀୟ ଜଳ ପ୍ରକଳ୍ପ ପାଇଁ ସମୀକ୍ଷା
- ଅସନ୍ତୋଷ ପ୍ରକାଶ କଲେ ଜନପ୍ରତିନିଧି

**କାଳିଆପାଣି,୨୧।୧୧(ଡି.ଏନ.ଏ.)**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଙ୍କଡପାଳ ଠାରେ ମେଗାପାନୀୟ ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସୋମବାର କାଙ୍କଡପାଳ ପଞ୍ଚାୟତର କଙ୍କଡାହାଡଠାରେ ଆୟୋଜିତ ଏହି ବୈଠକରେ ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ଇଂ. ପ୍ରୀତି ରଞ୍ଜନ ଘଡାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଯୋଗ ଦେଇଥିଲେ । ସୁକିନ୍ଦା ବ୍ଲକ ଅଧକ୍ଷ ଦିବ୍ୟ ରଞ୍ଜନ ବରାଳ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଉପାଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଜିଲା ପରିଷଦ ସଭ୍ୟ ଜେମା ଚାଖି , ସୁକିନ୍ଦା ନିର୍ବାଚନ ମଣ୍ଡଳୀର ୨୫ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କ ସହ ଆରଡବ୍ଲୁଏସ୍‌ଏସ୍‌ର ବରିଷ୍ଠ ଅଧିକାରୀ, ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର ପ୍ରମୁଖ ଉପସ୍ଥିତ ଥିଲେ । ୨ ବର୍ଷ ଧରି ମେଗାପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଗ୍ରାମର ସମସ୍ତ ଘରକୁ ଅଦ୍ୟାବଧି ପାଇପ୍ ସଂଯୋଗ ହୋଇନି । ଅନ୍ୟପକ୍ଷେ ପାଇପ ପୋତିବା କାମ ଅଧାପନ୍ତରିଆ ହେବା ସହ କଂକ୍ରିଟ୍ ରାସ୍ତା ଖୋଳି ଠିକାଦାରୀ ସଂସ୍ଥା ନାଗାର୍ଜୁନ କନ୍‌ଷ୍ଟ୍ରକଶନ କମ୍ପାନୀ କାମ ଛାଡି ଚାଲିଯିବାରୁ ଗମନାଗମନ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଏନେଇ ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ଇଂ. ଘଡାଇ ଅସନ୍ତୋଷ ପ୍ରକାଶ କରିଥିଲେ। ସଂପୃକ୍ତ ବିଭାଗ ବରିଷ୍ଠ ଅଧିକାରୀଙ୍କୁ ତୁରନ୍ତ ଏହି ସମାଧାନ କରିବା ପାଇଁ ମନ୍ତ୍ରୀ ଘଡାଇ ନିର୍ଦ୍ଦେଶ ଦେଇଥିଲେ ।

# ଡିଜିଟାଲ ଦକ୍ଷତା ଆଜିର ସମୟ ପାଇଁ ଏକ ବଡ଼ ଆହ୍ୱାନ

**ଶିକ୍ଷକ ଦକ୍ଷତା ବିକାଶ ପ୍ରଶିକ୍ଷଣ**



ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକ ବୃନ୍ଦ।

**ପାଣିକୋଇଲି,୨୧।୧୧(ଡି.ଏନ.ଏ.)**

ଯାଜପୁର ସମଗ୍ର ଶିକ୍ଷା ଆନୁକୂଲ୍ୟରେ ୩ୟ ପର୍ଯ୍ୟାୟ ୫-ଟି ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକଙ୍କ ଏକ ଜିଲାସ୍ତରୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ଅଧ୍ୟକ୍ଷତା କରିଥିଲେ । ଗତ ୧୭ରୁ ଆରମ୍ଭ ହୋଇଥିବା ଏହି ୫ ଦିନିଆ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଛି । ପ୍ରଥମ ୨ ଦିନ ଶିକ୍ଷକମାନଙ୍କ ନେତୃତ୍ୱ ଦକ୍ଷତା ବିକାଶ ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଥିଲା । ଅବଶିଷ୍ଟ ୩ଦିନ ଡିଜିଟାଲ ଦକ୍ଷତା ବୃଦ୍ଧି ସଂକ୍ରାନ୍ତରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିରଜା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ, ଡିପିସି କାର୍ଯ୍ୟାଳୟର ଏମ୍‌ଆଇଏସ୍ ପ୍ରୋଗ୍ରାମର ରଜତ କୁମାର ସାହୁ , ଧର୍ମଶାଳା ବ୍ଲକର ଯୋଜନା ସହାୟକ ଆଶିଷ ରଞ୍ଜନ ବିଶ୍ୱାଳ ଓ ଅଭିଷେକ ପଟ୍ଟନାୟକ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଂଝାରପୁର, ଦଶରଥପୁର ଓ ବରୀ ବ୍ଲକର ୫୬ ଜଣ ଶିକ୍ଷୟିତ୍ରୀ,ଶିକ୍ଷକ ଯୋଗଦାନ କରିଥିଲେ । ପାଣିକୋଇଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟବାଦୀ ପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ବେହେରା ଓ ପ୍ରଫୁଲ୍ଲ କୁମାର ଦାଶ ସମେତ ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ସହଯୋଗ କରିଥିଲେ।

ସୋମବାର ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ ଓ ଶଶୀଧର ସିଂହ ଉଦ୍‌ବୋଧନ ଦେଇ ନେତୃତ୍ୱର ବିକାଶ ଓ ଡିଜିଟାଲ ଦକ୍ଷତା ଆଜିର ସମୟ ପାଇଁ ଏକ ବଡ଼ ଆହ୍ୱାନ ବୋଲି କହିଥିଲେ। ଏହାହିଁ ପ୍ରଶିକ୍ଷଣ ଶିବିରର ମୁଖ୍ୟ ଉଦ୍ଦେଶ୍ୟ, ଏଥିରୁ ପ୍ରାପ୍ତ ଜ୍ଞାନ କୌଶଳକୁ ବିଦ୍ୟାଳୟ ଶ୍ରେଣୀ ଗୃହରେ ପ୍ରୟୋଗ କରି ଛାତ୍ରୀଛାତ୍ରଙ୍କ ବିକାଶରେ ବିନିଯୋଗ କରିପାରିଲେ ଏହାର ପ୍ରକୃତ ସଫଳତା ମିଳିପାରିବା ସହ ଆମର ଲକ୍ଷ୍ୟ ସାଧିତ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ପାଣିକୋଇଲି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରତାପ କୁମାର ପହି ପରିଚାଳନା କରିଥିବା ବେଳେ ସମସ୍ତଙ୍କୁ ପ୍ରଶିକ୍ଷଣ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।

# ପରିବାର ଲୋକଙ୍କୁ ବନ୍ଧୁକ ଦେଖାଇ ଡକାୟତି

**କଳିଙ୍ଗନଗର,୨୧।୧୧(ଡି.ଏନ୍.ଏ.)**

କଳିଙ୍ଗନଗର ଥାନା ଅନ୍ତର୍ଗତ ରଣାଗୁଣ୍ଡି ଜଗନ୍ନାଥପୁର ଗ୍ରାମର ଜୁରିଆ ହେସାଙ୍କ ଘରୁ ଡକାୟତ ଦଳ ଲକ୍ଷାଧିକ ଟଙ୍କା ସହିତ ସୁନା,ରୁପା ଗହଣା ଲୁଟ ନେଇଥିବା ଅଭିଯୋଗ ହୋଇଛି। ଲୁଟ ପାଇଁ ଆସିଥିବା ୩ ଦୁର୍ବୃତ୍ତ ମୁହଁରେ କପଡା ବାନ୍ଧି ଜୁରିଆଙ୍କୁ କବାଟ ବାଡେଇ ଡାକିଥିଲେ । ଜୁରିଆ ଓ ତାଙ୍କ ଭଉଣୀ ବାଲେମା କାବଟ ଖୋଲିବା ମାତ୍ରେ ତାଙ୍କୁ ସେମାନେ ବନ୍ଧୁକ ଦେଖାଇ କାବୁ କରିନେଇ ହତ୍ୟା ଧମକ ଦେଇଥିଲେ । ଏହି ସମୟରେ ମୁହଁରେ କପଡା ବାନ୍ଧି ବାହାରେ ଇସାରାକୁ ଅପେକ୍ଷା କରିଥିବା ଅନ୍ୟ ୧୦ରୁ ୧୫ ଜଣ ଯୁବକ ଘର ବାହାରେ ଜଳୁଥିବା ଲାଇଟ ଭାଙ୍ଗି ତାଙ୍କ ଘରେ ପଶିଥିଲେ । ସେମାନେ ଜୁରିଆଙ୍କ ସ୍ତ୍ରୀ ସମ୍ବାରିଙ୍କ ୩ ହଳ କାନ ଫୁଲ ଓ ୨ ହଳ ରୁପା ପାଉଁଜି ସହିତ ଘରେ ଥିବା ନଗଦ ୧ ଲକ୍ଷ ୧୦ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ । ଏଥିସହିତ ଏକ ବାକ୍ସରେ ଥିବା ଜରୁରୀ କାଗଜପତ୍ରକୁ ବି ସେମାନେ ନେଇ ଫେରାର ହୋଇ ଯାଇଥିଲେ। ଏ ସମ୍ପର୍କରେ କଳିଙ୍ଗ ନଗର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୫୫/୧୧) ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ସମବାୟବିତ୍‌ଙ୍କୁ ସମବାୟ ସୁରକ୍ଷା ସମ୍ମାନ

**ରସୁଲପୁର,୨୧।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ସାମନ୍ତରାପୁର ପଞ୍ଚାୟତ କୁଲୁଗାଁର ସମବାୟବିତ୍ ତଥା ଓଡ଼ିଶା ବୁଣାକାର ମହାସଂଘର ସଭାପତି ଶ୍ରୀଧର ବେହେରାଙ୍କୁ ସମବାୟ ସୁରକ୍ଷା ସମ୍ମାନ ପ୍ରଦାନ କରାଯାଇଛି । ସମବାୟ ସପ୍ତାହ ପାଳନ ଅବସରରେ ବେହେରାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏଥିପାଇଁ ଶୁଭେଚ୍ଛୁମାନେ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

ଜାତୀୟ ସମବାୟ ସପ୍ତାହ ପାଳନ ଅବସରରେ କଟକସ୍ଥିତ ଗାନ୍ଧୀ ଭବନ ପରିସରରେ ଓଡ଼ିଶା ସମବାୟ ସୁରକ୍ଷା ସଂଘର ସଭାପତି ରଘୁନାଥ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବେହେରାଙ୍କୁ ଏହି ସମ୍ମାନ ମିଳିଛି। ମୁଖ୍ୟ ଅତିଥି ତଥା ବରିଷ୍ଠ ସମବାୟ ନେତା ପ୍ରଭାତ କୁମାର ତ୍ରିପାଠୀ, ରାଜ୍ୟ ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଅକ୍ଷୟ କୁମାର ମହାନ୍ତି, କଟକ ଜିଲା ସମବାୟ ବିଭାଗର ଉପନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସମବାୟ ନେତା ବେହେରାଙ୍କୁ ସମବାୟ ସୁରକ୍ଷା ସମ୍ମାନ-୨୦୨୨ ପ୍ରଦାନ କରିଥିଲେ । ବେହେରା ବୁଣାକାର, ହସ୍ତଶିଳ୍ପୀ କାରିଗରମାନଙ୍କ ସ୍ୱାର୍ଥ ପାଇଁ ଲଢେଇ ଜାରି ରଖିଛନ୍ତି । ବିଭିନ୍ନ ସମୟରେ କାରିଗରମାନଙ୍କ ସମସ୍ୟାକୁ ନେଇ ଆନ୍ଦୋଳନ କରି ସମସ୍ୟାକୁ ସମାଧାନ କରିବାରେ ସକ୍ଷମ ହୋଇପାରିଛନ୍ତି । ବେହେରାଙ୍କ ସାଧନା ଓ ସମସ୍ୟା ସମାଧାନ କରିବାର ଦକ୍ଷତା ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି ।



ଶ୍ରୀଧର ବେହେରାଙ୍କୁ ସମବାୟ ସୁରକ୍ଷା ସମ୍ମାନ ପ୍ରଦାନ କରାଯାଇଛି ।

# ଶ୍ରମିକ ମାରଣ ନୀତି ପ୍ରତିବାଦରେ ଆନ୍ଦୋଳନ ପାଇଁ ଆହ୍ୱାନ

**ଯାଜପୁର ରୋଡ,୨୧।୧୧(ଡି.ଏନ୍.ଏ.)**

ରବିବାର ସିଆଇଟିୟୁର ତୃତୀୟ ଯାଜପୁର ଜିଲା ସମ୍ମିଳନୀ ବ୍ୟାସନଗର ଭୀମସେନ ପ୍ୟାଲେସଠାରେ ଅନୁଷ୍ଠିତ ହୋଇଯାଇଛି। ଲାଲ ପତାକାକୁ ବରିଷ୍ଠ କର୍ମକର୍ତ୍ତା ଅମୂଲ୍ୟ ସାମଲ ଉତ୍ତୋଳନ କରିଥିଲେ । ଜିଲା ଆବାହକ ସାଥି ପ୍ରଫୁଲ୍ଲ ନାୟକ ସମ୍ମିଳନୀକୁ ପରିଚାଳନା କରିଥିଲେ । ଅନ୍ୟଅତିଥି ରୂପେ ନିର୍ମଳ ରଥ, ଲାଲମଣି ମୁଣ୍ଡା ଓ ରଞ୍ଜିତା ଦାସଙ୍କୁ ନେଇ ସଭାପତି ମଣ୍ଡଳୀ ଉକ୍ତ ସମ୍ମିଳନୀକୁ ପରିଚାଳନା କରିଥିଲେ। ରାଜ୍ୟ ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ ଏହି ସମ୍ମିଳନୀକୁ ଉଦଘାଟନ କରି ଭାଜପା ସରକାର ଶ୍ରମିକ ମାରଣ ନୀତି ଅବଲମ୍ବନ କରିବା,୪୪ ଶ୍ରମ ଆଇନକୁ ସଂଶୋଧନ କରି ୪କୋର୍ଡରେ ପରିଣତ କରି ଶ୍ରମିକଙ୍କ ଅଧିକାରକୁ ଛଡାଇ ନେବା, ଦର ଦାମ ଆକାଶ ଛୁଆଁ, ରାଷ୍ଟ୍ରାୟତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କରି ଘରୋଇକରଣ କରିବା, ଚୁଡା, ଗୁଡ଼, ମୁଢ଼ି, ବିସ୍କୁଟ ଓ ପ୍ୟାକେଟ ସାମଗ୍ରୀ ଉପରେ ୫ ପ୍ରତିଶତ ଜିଏସ୍‌ଟି ଲାଗୁ କରିବା ଆଦିକୁ ବିରୋଧ କରିଥିଲେ। ଜିଲା ଆବାହକ ନାୟକ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶ୍ରମିକମାରଣ ନୀତି ପ୍ରତିବାଦରେ ମିଳିତ ଟ୍ରେଡ଼ ୟୁନିୟନ ଡିସେମ୍ବର ୭ରେ ରାଜ୍ୟବ୍ୟାପୀ ସମସ୍ତ ଶ୍ରମ କାର୍ଯ୍ୟାଳୟ ଘେରାଉ କରିବ ବୋଲି ସୂଚନା ଦେଇଥିଲେ। କୃଷକ ସଭା ପକ୍ଷରୁ ଗଣେଶ ସାହୁ, ଶିକ୍ଷକନେତା ସାଧୁ ଚରଣ ଷଡ଼ଙ୍ଗୀ ଓ ପାଚିକା ସଂଘ ପକ୍ଷରୁ ବିଜୟ ନାୟକ ବକ୍ତବ୍ୟ ଉପସ୍ଥାପନା କରିଥିଲେ । ରାଜ୍ୟ ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ ଉଦ୍‌ଯାପନୀ ବକ୍ତବ୍ୟ ପ୍ରଦାନ କରିଥିଲେ । ସୁରେଶ ସାହୁ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ । ସନ୍ତୋଷ ବରାଳ, ସୁରେଶ ବାରିକ, ମିନତୀ ମିଶ୍ର, ପ୍ରଦୀପ ମହାନ୍ତି, ବିଜୟାଲକ୍ଷ୍ମୀ ମହାନ୍ତି, ବେବିନା ଜେନା, ଗାୟତ୍ରୀ ମହାନ୍ତି ପ୍ରମୁଖ ସମ୍ମିଳନୀର ସଫଳତା ପାଇଁ ସହଯୋଗ କରିଥିଲେ।




ଯାଜପୁର ଜିଲା ସମ୍ମିଳନୀରେ ସିଆଇଟିୟୁର ନେତୃବୃନ୍ଦ।

# ବୈଷୟିକ ପ୍ରଣାଳୀରେ ମତ୍ସ୍ୟ ଚାଷ କର

**ଜିଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ**

- ବାୟୋଫ୍ଲକ, ରାସ ଫାର୍ମିଂ ଓ ମୋ ପୋଖରୀ ଯୋଜନା ଉପରେ ଗୁରୁତ୍ୱାରୋପ
- ସଚେତନତା ଉପରେ ଗୁରୁତ୍ୱ

**ଜଗତ୍‌ସିଂହପୁର ଅଫିସ, ୨୧।୧୧**

ମତ୍ସ୍ୟ ଚାଷ କ୍ଷେତ୍ରରେ ଜଗତ୍‌ସିଂହପୁର ଜିଲାର ଗୁରୁତ୍ୱ ରହିଛି। ବିଶେଷ କରି ଖାରି ଓ ମଧୁର ଜଳରେ ମାଛ ଚାଷ କରାଯାଉଛି। ଖାରି ଜଳରେ ମାଛ ଚାଷ କଲେ ଅଧିକ ଉତ୍ପାଦନ ହେଉଛି । ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ମଧ ଭଲ ଚାଷ କରୁଛନ୍ତି । କିନ୍ତୁ ଆଧୁନିକ ବୈଷୟିକ ପ୍ରଣାଳୀରେ ଏହି ଚାଷ କରାଗଲେ ଅଧିକ ଲାଭ ମିଳନ୍ତା। ଏନେଇ ଜିଲା ମତ୍ସ୍ୟ ବିଭାଗ ଦାୟିତ୍ୱବାନ ହେବା ସହ ସଚେତନତା ସୃଷ୍ଟି କରିବାକୁ ପଡ଼ିବ। ସୋମବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ମତ୍ସ୍ୟ ଅଧିକାରୀ ଦିପ୍ତୀ ମହାପାତ୍ରଙ୍କୁ ଜିଲାପାଳ ପାରୁଲ ପଟୱାରୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜିଲାରେ ଯେଉଁସବୁ ଜଳ ଉତ୍ସ ରହୁଛି ତାକୁ ବୈଜ୍ଞାନିକ ପ୍ରଣାଳୀରେ କିପରି ମତ୍ସ୍ୟ ଚାଷ ପାଇଁ ଉପଯୋଗ କରିହେବ ତାଉପରେ ଧ୍ୟାନ ଦେବାକୁ କହିଥିଲେ। ସେ ବାୟୋଫ୍ଲକ, ରାସ ଫାର୍ମିଂ ଓ ମୋ ପୋଖରୀ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ। ଜଗତ୍‌ସିଂହପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ପ୍ରଦୀପ କୁମାର ବଳ ଉଦ୍ୟାନ ବିଭାଗରେ ଯେଉଁସବୁ ଯୋଜନା କାର୍ଯ୍ୟକାରୀ ହେଉଛି ତା'ଉପରେ ଆଲୋକପାତ କରିଥିଲେ। ଜିଲା କୃଷି ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା, ଜାତୀୟ ଖାଦ୍ୟ ନିରାପତ୍ତା ମିଶନ, ରାଜ୍ୟ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ସମନ୍ୱିତ କୃଷି, ଜଳନିଧି, ସୌର ଜଳନିଧି, କୃଷକ ଓଡ଼ିଶା ପୋର୍ଟାଲ ଆଦି ଉପରେ ଅବଗତ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ମତ୍ସ୍ୟ ସମ୍ପଦ ବିଭାଗର ସରିତା ଦାସ ଏରସମା ବ୍ଲକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ କିଭଳି ମତ୍ସ୍ୟ ଚାଷ କରୁଛନ୍ତି ତା'ଉପରେ ଆଲୋଚନା କରିଥିଲେ। ଦାସ କହିଥିଲେ, ମାଛ ଯାଆଁଳ ଉତ୍ପାଦନକାରୀଙ୍କ ପାଇଁ ଉନ୍ନତ ପରିଚାଳନା ପଦ୍ଧତିର ଆବଶ୍ୟକ ଅଛି। ଉପକୂଳ ଜଳକୃଷି ପ୍ରାଧିକରଣଙ୍କ ଗାଇଡ ଲାଇନ୍ ଆଧାରରେ ଅନୁକୂଳ ଜମି ଓ ଖାରିପାଣିରେ ଚିଙ୍ଗୁଡି ଓ ଅନ୍ୟ ମାଛ ଚାଷ କରାଯାଉଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ପାଇଁ ନୂଆ ପୋଖରୀ ଖୋଳା ଯୋଜନା, ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ଯୋଜନା, ଓଡ଼ିଶାରେ ଜଳ କୃଷି ପାଇଁ ଆବଶ୍ୟକ ଯନ୍ତ୍ରପାତି ଓ ଅନ୍ୟାନ୍ୟ ସରଞ୍ଜାମଗୁଡ଼ିକର ବହୁଳ ବ୍ୟବହାର ନିମନ୍ତେ ସ୍ୱତନ୍ତ୍ର ପ୍ରୋତ୍ସାହନ ସମ୍ପର୍କରେ ଅବଗତ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ମତ୍ସ୍ୟ ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଯୋଜନାଗୁଡ଼ିକ ଉପରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ମଧୁର ଜଳ ମତ୍ସ୍ୟ ଚାଷୀ ତଥା ତିର୍ତ୍ତୋଲ ଇଟାଙ୍ଗର ବାବାଜୀ ନାୟକ, ଉତ୍ତମ ଖାରି ଜଳ ମତ୍ସ୍ୟ ଚାଷୀ ତଥା ଏରସମା ଧୋବେଇ ଜଙ୍ଗଲ ଅଞ୍ଚଳର ହରିପଦ ଦାସ, ଉତ୍ତମ ବାୟୋଫ୍ଲକ ମତ୍ସ୍ୟ ଚାଷୀ ତଥା ଜଗତ୍‌ସିଂହପୁର ଗାନ୍ଧିଛକ ଅଞ୍ଚଳର ସରୋଜ ଭାଷିନୀ ବିଶ୍ୱାଳ, ଜିଲାର ସର୍ବୋତ୍ତମ ମତ୍ସ୍ୟ ଚାଷ କରିଥିବା ରଘୁନାଥପୁର ବ୍ଲକ ଧରାଧରପୁର ଅଞ୍ଚଳର ମହିଳା ସ୍ୱୟଂ ସହାୟକ ଦଳ କର୍ମକର୍ତ୍ତାଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ମତ୍ସ୍ୟ ଅଧିକାରୀ ରେଶମା ରାଣୀ ସିଂହ ପ୍ରାରମ୍ଭରେ ସ୍ୱାଗତ, ଅତିଥି ପରିଚୟ ସହ ଉତ୍ସବ ପରିଚାଳନା କରିଥିଲେ।


ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ଅନ୍ୟ ଅତିଥିଙ୍କ ଗହଣରେ ଜିଲାପାଳ ପାରୁଲ ପଟୱାରୀ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ସଂକ୍ଷେପରେ

### ସୋହମ ପକ୍ଷରୁ ଶୀତକାଳୀନ ସାରସ୍ୱତ ସମାରୋହ



**ପଟ୍ଟାମୁଣ୍ଡାଇ,୨୧।୧୧(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସୋହମ ସାହିତ୍ୟ ସଂସଦ ପକ୍ଷରୁ ଏକ ଆଲୋଚନା ଚକ୍ର ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି କବି ଡା. ମନୋରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗାଳ୍ପିକା ଡ. ବୀଣାପାଣି ସିଂହ ମୁଖ୍ୟଅତିଥି, କଥାକାର ଡ. ନୀଳମଣି ଲେଙ୍କା ମୁଖ୍ୟବକ୍ତା, ଅଧ୍ୟାପକ ବିରଜାନନ୍ଦ ମହାନ୍ତି ଓ ଅଧ୍ୟାପିକା ଚିତ୍ରାକାନ୍ତି ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟର ବିଭିନ୍ନ ବିଭବ ଗଳ୍ପ, କବିତା, ନାଟକ ଓ ରମ୍ୟରଚନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ କବିତା ପାଠ ଉତ୍ସବରେ କବି ଶରତ ଦାସ, ଶ୍ରାବଣୀ ନାୟକ, ବିରଞ୍ଚି ମିଶ୍ର, ମଧୁଛନ୍ଦା ଜେନା, ଡ. ନୀଳମଣି ଲେଙ୍କା ଓ ଡା. ମନୋରଞ୍ଜନ ଦାଶ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କୀର୍ତ୍ତି ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

### ଜରୀ ପଞ୍ଚାୟତରେ ଡେଙ୍ଗୁ ରୋଗ ବ୍ୟାପୁଛି, ଜଣେ ମୃତ

**ସିଂହପୁର,୨୧।୧୧(ଡି.ଏନ.ଏ.):** ଯାଜପୁର ଜିଲା ବିଂଝାରପୁର ବ୍ଲକ ଅଧୀନ ଜରୀ ପଞ୍ଚାୟତରେ ଡେଙ୍ଗୁ ରୋଗ ବ୍ୟାପୁଛି। ଏହି ପଞ୍ଚାୟତର ନାଉବାଙ୍କ ଗ୍ରାମର କୈଳାସ ଜେନାଙ୍କ ସ୍ତ୍ରୀ ମଞ୍ଜୁଳା ଡେଙ୍ଗୁରେ ଆକ୍ରାନ୍ତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଶନିବାର ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବାପରେ ସାଧାରଣରେ ଆତଙ୍କ ପ୍ରକାଶ ପାଇଛି । ସେହିପରି ନାଉବାଙ୍କ ଗ୍ରାମର ଗୌତମ ଜେନା ଆକ୍ରାନ୍ତ ହୋଇ କଟକରେ ଚିକିତ୍ସିତ ହେଉଛନ୍ତି । ଡେଙ୍ଗୁ ରୋଗ ବ୍ୟାପୁଥିବାରୁ ବହୁ ଲୋକ ଆକ୍ରାନ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି । ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ଉପରୋକ୍ତ ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବା ସହିତ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସରପଞ୍ଚ ନନ୍ଦକିଶୋର ମଲ୍ଲିକ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### କଳାପଥର ଚାଲାଣ ବେଳେ ଗାଡ଼ି ଜବତ, ୨ ଗିରଫ

**ଧର୍ମଶାଳା,୨୧।୧୧(ଡି.ଏନ୍.ଏ.):** ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର ଚଢ଼େଇଧରା ନିକଟରୁ ପୋଲିସ ରବିବାର ରାତିରେ ବେଆଇନ ଭାବେ କଳାପଥର ବୋଝେଇ ଏକ ହାଇୱା ଗାଡ଼ିକୁ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି । ସୂଚନା ମୁତାବକ ଜେନାପୁର ପୋଲିସ ରବିବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଏକ ହାଇୱା(ନଂ ପିବି୦୨ଏଜେ୨୫୪୪)ରେ କଳାପଥର ପରିବହନ ହେଉଥିବା ଦେଖି କାଗଜପତ୍ର ଯାଞ୍ଚ କରିଥିଲେ । ତେବେ ଗାଡ଼ିରେ ବସିଥିବା ଏକ ଘରୋଇ କମ୍ପାନୀର ସୁପରଭାଇଜର କାଗଜପତ୍ର ଦେଖାଇବାକୁ ଅସମର୍ଥ ହୋଇଥିଲେ । ଫଳରେ ପୋଲିସ ଗାଡ଼ିକୁ ଜବତ କରିବା ସହ ନୟାଗଡ଼ ଅଞ୍ଚଳର ଗାଡ଼ି ଡ୍ରାଇଭର ରଶ୍ମିରଞ୍ଜନ ଦଳବେହେରା (୪୨) ଓ ମଙ୍ଗଳପୁର ଥାନା ସୁଖୁଆ ଗ୍ରାମର ସୁପରଭାଇଜର ସୁନାକର ମହାନ୍ତି (୪୪)ଙ୍କୁ ଗିରଫ କରିଥିଲା । ସୋମବାର ଉଭୟଙ୍କୁ କୋର୍ଟକୁ ଚାଲାଣ କରାଯାଇଛି ।

## ଜାତୀୟ ଶିକ୍ଷାନୀତି ସମ୍ପର୍କିତ ଆଲୋଚନା ଚକ୍ର

**ତିର୍ତ୍ତୋଲ,୨୧।୧୧ (ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଜଇପୁରଠାରେ ଜାତୀୟ ଶିକ୍ଷାନୀତି ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସାରା ଭାରତ ଶିକ୍ଷା କମିଟି ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ସିଆରସିସି ବିରୁପାକ୍ଷ ସେଠୀଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏଥିରେ ଜିଲା ସଭାପତି ମନୋଜ କୁମାର ଲେଙ୍କା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବତନ ଗଣିତ ବିଭାଗ ମୁଖ୍ୟ ପ୍ରଫେସର ବିରେନ୍ଦ୍ର ନାୟକ, ମୁଖ୍ୟ ବକ୍ତାଭାବେ କ୍ଷିରୋଦ ଚନ୍ଦ୍ର କର ଯୋଗଦେଇ ଜାତୀୟ ଶିକ୍ଷାନୀତି ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ବିଶାବସୁ ଦାସ, ସମ୍ପାଦକ ପ୍ରଦିପ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ମହମ୍ମଦ ଓସାମା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସଞ୍ଜୁକ୍ତା କୁମାରୀ ବେହେରା, ଶିକ୍ଷକ ହୃଷିକେଶ ଯୋଗାଣିଆ, ନିମାଇଁ ଚରଣ ସାହୁ, ଜଗନ୍ନାଥ ଦାସ, ରାଜେଶ ଖଟୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନୀଳକଣ୍ଠପୁରରେ ପଲ୍ଲୀରେ ପ୍ରଶାସନ: ୧୬୪ ଅଭିଯୋଗ


ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଯୋଗଦେଇଥବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ପଟ୍ଟାମୁଣ୍ଡାଇ,୨୧।୧୧(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ନୀଳକଣ୍ଠପୁର ପଞ୍ଚାୟତ ଗୋବିନ୍ଦପୁର ସ୍କୁଲରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜ୍ଞାନରଞ୍ଜନ ଖଣ୍ଡାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଅତିରିକ୍ତ ଜିଲାପାଳ ଦୁର୍ଗାପ୍ରସାଦ ମହାରଣା, ବିଡିଓ ଭରତ ଚନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇ ପଲ୍ଲୀ ପ୍ରଶାସନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଆବାସ, ରାଶନ କାର୍ଡ ଓ ଭତ୍ତାକୁ ମିଶାଇ ସମୁଦାୟ ୧୬୪ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ୨୯ ଜଣଙ୍କୁ ଭତ୍ତା ଦିଆଯିବା ସହ ୪୫ ଅଣସଙ୍ଗଠିତ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇଥିବା ବେଳେ ୫୦ ଜଣଙ୍କ ଆଧାର ପଞ୍ଜୀକରଣ, ୨୨୦ ଗାଇଙ୍କୁ ଟିକା ଦିଆଯାଇଥିଲା। ଏଥିସହ ବ୍ୟାଙ୍କ ସଂଯୋଗୀକରଣ–୫ଜଣ, ପିଏମ୍‌ଇଜିପି–୪ଜଣ ସୁକନ୍ୟା ସମୃଦ୍ଧି ଯୋଜନାରେ ୧୫ ଜଣଙ୍କୁ ଓ ଭିଏଚ୍‌ଏନ୍‌ଡି ଯୋଜନାରେ ୯ ଜଣଙ୍କୁ ସାମିଲ କରାଯାଇଥିଲା। ଏହି ସରକାରୀ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ ସେଠୀ, ସବ୍‌ଡିଭିଜନ ହସ୍ପିଟାଲ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିରାକାର ପରିଡା, ଏବିଡିଓ ସନ୍ତୋଷ କୁମାର ମନ୍ତ୍ରୀ, ବ୍ଲକ ସହ ନିର୍ବାହୀଯନ୍ତ୍ରୀ ରୋଜାଲିନ ଦଳେଇ, ସହକାରୀ ଯନ୍ତ୍ରୀ ସୁରେଶ ବେହେରା, ସିଡିପିଓ ମୁକ୍ତରି ବେଗମ୍, ମିଶନ ଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ଏସ୍‌ଇଓ ଉଦାର ସୁନ୍ଦର ସ୍ୱାଇଁ, ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଟି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ପ୍ରଧାନୀ, ବ୍ଲକ ଉଦ୍ୟାନ ଅଧିକାରୀ, ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ପ୍ରମୁଖ ବ୍ଲକ ସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ।

## ଶିକ୍ଷକଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ଧର୍ମଶାଳା,୨୧।୧୧(ଡି.ଏନ.ଏ.):**

ଧର୍ମଶାଳା ଥାନା କୁମାରୀ ଗ୍ରାମର ଜଣେ ଶିକ୍ଷକଙ୍କ ଘରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି । ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ, ବରୀ ବ୍ଲକ ରତ୍ନଗିରି ପଞ୍ଚାୟତ ମାଳସାହି ଗ୍ରାମର ଶ୍ୟାମସୁନ୍ଦର ଶାନ୍ତି ଧର୍ମଶାଳା ବ୍ଲକ ଅନ୍ତର୍ଗତ ଭୁବନ ମାଇନର ସ୍କୁଲରେ ଶିକ୍ଷକତା କରନ୍ତି । ଜାରକା ନିକଟସ୍ଥ କୁମାରୀ ଗ୍ରାମରେ ସେ କିଛି ବର୍ଷ ହେଲା ଘର କରି ପରିବାର ସହିତ ରହିଆସୁଛନ୍ତି। ଗାଁରେ ଗୀତା ଯଜ୍ଞ ଥିବାରୁ ସେ ଗତ ୧୬ ତାରିଖ ଦିନ ସପରିବାର ଯାଇଥିଲେ । ସୋମବାର ସେମାନେ କୁମାରୀସ୍ଥିତ ଘରକୁ ଫେରିଥିବା ବେଳେ ତାଙ୍କ ଘରର ଶିଡ଼ି କବାଟ ଖୋଲା ଥିଲା । ଶୋଇବା ଘର ସ୍କାଇଲାଇଟ୍ ଭଙ୍ଗାଯାଇଥିବା ଦେଖିଥିଲେ । ପରିବାର ଲୋକେ ଘରେ ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ଆଲମିରା ଭାଙ୍ଗି ସୁନା ଅଳଙ୍କାର ସହ ନଗଦ ୫୦ ହଜାର ଟଙ୍କା ଚୋରି କରି ନେଇଛନ୍ତି । ଏନେଇ ସେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

## ୫–ଟି ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟ ତଦାରଖ

**ରଘୁନାଥପୁର, ୨୧।୧୧(ଡି.ଏନ୍.ଏ.)**

୫–ଟି ଯୋଜନାର ୩ୟ ପର୍ଯ୍ୟାୟରେ ରଘୁନାଥପୁର ବ୍ଲକରେ ୬ ସ୍କୁଲରେ ରୂପାନ୍ତରିକରଣ କାର୍ଯ୍ୟ ଆରମ୍ଭ ହୋଇଛି। ସୋମବାର ବିଡିଓ ଲମ୍ବୋଦର ଖୁଣ୍ଟିଆ ବିଭିନ୍ନ ସ୍କୁଲ ଗସ୍ତରେ ଆସି ଏସବୁ କାର୍ଯ୍ୟର ତଦାରଖ କରିଛନ୍ତି। ସେ ପ୍ରଥମେ ଗୋକୁଳପୁରସ୍ଥିତ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଦୁଇଟି ସ୍ମାର୍ଟ କ୍ଲାସ ରୁମ, ଇ–ଲାଇବ୍ରେରୀ ଓ ସାଇନ୍ସ ଲ୍ୟାବ ପାଇଁ ହେବାକୁ ଥିବା ଶ୍ରେଣୀଗୃହଗୁଡ଼ିକର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏଥିସହ ଶ୍ରେଣୀଗୃହର ଭିତ୍ତିଭୂମି ଓ ଆଗକୁ ହେବାକୁ ଥିବା ଅନ୍ୟାନ୍ୟ କାର୍ଯ୍ୟ ସମ୍ବନ୍ଧରେ ଉପସ୍ଥିତ ଟିସି ରାଜଲକ୍ଷ୍ମୀ ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଆଲୁମିନି କମିଟି ସଭାପତି ବିନୋଦ ବିହାରୀ ମହାନ୍ତି କହିଥିଲେ, ବିଦ୍ୟାଳୟ ସମ୍ମୁଖରେ ମୂଳଦୁଆ ପଡି ବନ୍ଦଥିବା ଏକ ବଖରାକୁ ମଲ୍ଟିପରପୋଜ ହଲ ଓ ପଛପାର୍ଶ୍ୱରେ ଥିବା ପଡ଼ିଆରେ ମଲ୍ଟିପରପୋଜ ପ୍ଲେ କୋଟ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହାକୁ ବିଡିଓ ଖୁଣ୍ଟିଆ ସ୍ୱାଗତ କରିବା ସହ ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୁମିନି କମିଟି ସମ୍ପାଦକ ରାଜେନ୍ଦ୍ର ନାରାୟଣ ସିଂହ, ଉପସଭାପତି ଚନ୍ଦ୍ରଶେଖର ସିଂହ, ଉମେଶ ପରିଡା ଓ ଦୁର୍ଗାପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ବିଡିଓ ଚିକିଣିଆସ୍ଥିତ ଏଚଏମ୍‌ଟି ସ୍କୁଲ ଓ ରାମଚନ୍ଦ୍ରପୁରସ୍ଥିତ ଜୟପ୍ରକାଶ ଶିକ୍ଷା ନିକେତନର ୫–ଟି କାର୍ଯ୍ୟ ତଦାରଖ କରିଥିଲେ।


ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଡିଓ ରୂପାନ୍ତରୀକରଣ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

## ବିଜେଡି ଜନ ସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ


ଜନସମ୍ପର୍କ ପଦଯାତ୍ରାରେ ଦଳୀୟ କର୍ମୀଙ୍କ ସହ ବିଧାୟକ ବିଜୟ ଶଙ୍କର ଦାସ।

**ତିର୍ତ୍ତୋଲ, ୨୧।୧୧ (ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକସ୍ତରୀୟ ବିଜେଡି ଜନସମ୍ପର୍କ ପଦଯାତ୍ରା ସୋମବାର ଉଦ୍‌ଯାପିତ ହୋଇଯାଇଛି। କନକପୁର ଶାରଳା ମନ୍ଦିରଠାରୁ ବିଧାୟକ ବିଜୟ ଶଙ୍କର ଦାସଙ୍କ ଏହି ପଦଯାତ୍ରା ବାହାରି ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଏହି ପଦଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ସୁମିତ ଦାସ, ଗୋବିନ୍ଦପୁର ସରପଞ୍ଚ ଶୁଭଶ୍ରୀ ନାୟକ, ବିଷନପୁର ସମିତିସଭ୍ୟ ବସନ୍ତ ମହାପାତ୍ର, ବରିଷ୍ଠ ବିଜେଡି ନେତା ଭାସ୍କର ଚନ୍ଦ୍ର ନାୟକ, ବ୍ଲକ ଆମ୍ବା କମିଟି ଅଧ୍ୟକ୍ଷ ଦେବେନ୍ଦ୍ର ମଲ୍ଲିକ, ଯୁବନେତା ନିହାର କୁମାର ମହାନ୍ତି, ଧ୍ୟାନ ରଞ୍ଜନ ନନ୍ଦ, ରମେଶ ରାଉଳ, ଦେବବ୍ରତ ମହାନ୍ତି, ରବିନାରାୟଣ କର ଓ ଜୀବନ ଆଶ୍ରିତ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ସରପଞ୍ଚମାନଙ୍କ ପାଇଁ ତାଲିମ ଶିବିର

**ବିରିଡି,୨୧।୧୧(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଓ ବିରିଡି ବ୍ଲକର ନବନିର୍ବାଚିତ ସରପଞ୍ଚମାନଙ୍କ ପାଇଁ ଏକ ତାଲିମ ଶିବିର ଅଣଖିଆସ୍ଥିତ ଏକ ଘରୋଇ ସଂସ୍ଥା ପରିସରରେ ଆରମ୍ଭ ହୋଇଛି। ଉକ୍ତ ଶିବିର ୫ ଦିନ ଧରି ଚାଲିବ। ଶିବିରକୁ ଜଗତ୍‌ସିଂହପୁର ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ୫–ଟି ଓ ମୋ ସରକାର, ସଶକ୍ତ ଗ୍ରାମସଭା, ଅର୍ଥ ଆୟୋଗ ଅନୁଦାନ, ମଧ୍ୟାହ୍ନ ଭୋଜନ, ଦୀର୍ଘ ସ୍ଥାୟୀ ବିକାଶ ଲକ୍ଷ ଓ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା, ପାନୀୟ ଜଳ ଯୋଗାଣ ଓ ସ୍ୱଚ୍ଛ ଭାରତ ମିଶନ, ଗ୍ରାମୀଣ ବାସଗୃହ, ଏମ୍‌ଜିଏନ୍‌ଆରଇଜିଏସ୍, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଯୋଜନା ଆଦି ସମ୍ପର୍କରେ ତାଲିମ ଦିଆ ଯାଇଥିଲା । ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆର୍ଥିକ ସହାୟତା ସହଯୋଗରେ ଚୌଦ୍ୱାରସ୍ଥିତ କୋର ସଂସ୍ଥା ଏହାକୁ ଆୟୋଜନ କରିଥିଲେ । ଶିବିରରେ ଭାରତୀ ଦାସ ଓ ତପନ ନାୟକ ସରପଞ୍ଚମାନଙ୍କୁ ତାଲିମ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ରୁଦ୍ର ନାରାୟଣ ଦାଶ, ପ୍ରସନ୍ନ ମିଶ୍ର, ଅଭିମନ୍ୟୁ ପଣ୍ଡା, ବିଡିଓ ସାଗର ନନ୍ଦ, ସ୍ନିଗ୍ଧା ମହାନ୍ତି ଓ ପ୍ରଦିପ ଷଣ୍ଢ ପ୍ରମୁଖ ସାମିଲ ହୋଇଥିଲେ।


ତାଲିମ ଶିବିରରେ ଯୋଗଦେଇଥିବା ଅତିଥିମାନେ।

## ଜବ୍‌କାର୍ଡଧାରୀ ନ ଥିବାରୁ ଉପଜିଲାପାଳ ଅସନ୍ତୁଷ୍ଟ

**ବ୍ଲକସ୍ତରୀୟ ଜନଶୁଣାଣି ଶିବିର**

**ନାଉଗାଁ,୨୧।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସୋମବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୬ ପଞ୍ଚାୟତରେ କାର୍ଯ୍ୟକାରୀ ହୋଇଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍), ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଓ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନ ଯୋଜନା ସମ୍ପର୍କରେ ସମୀକ୍ଷା ହୋଇଥିଲା। ହେଲେ ଶିବିରରେ କୌଣସି ଜବ୍‌କାର୍ଡଧାରୀ, ଗାଁ ସାଥି ଅବା ଜନସାଧାରଣଙ୍କୁ ଦେଖିବାକୁ ମିଳି ନ ଥିଲା। ଏନେଇ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ ଅସନ୍ତୋଷବ୍ୟକ୍ତି କରି କହିଥିଲେ, ଯେଉଁମାନଙ୍କ ପାଇଁ ଶିବିରର ଆୟୋଜନ କରାଯାଇଛି, ସେମାନେ ଅନୁପସ୍ଥିତ ଥିବାରୁ ଶିବିରର ମୂଳ ଉଦ୍ଦେଶ୍ୟ ପୂରଣ ହୋଇପାରିବ ନାହିଁ। ବିଡିଓ ରଶ୍ମୀରେଖା ମଲ୍ଲିକ, ଆତ୍ମଉସମ୍ୟାନ ରମେଶ ଚନ୍ଦ୍ର ବେହେରା, ଏପିଡି (ଏମ୍‌ଜିଏନ୍‌ଆ।ର୍‌ଇଜିଏସ୍ ସଂଯୋଜକ) ପ୍ରାଚୀ ମିଶ୍ର, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ.ଅଙ୍କିତା ଜାଲି ପ୍ରମୁଖ ଉପସ୍ଥିତ ରହି ସମୀକ୍ଷା କରିଥିଲେ। ଶିବିରରେ ଜବକାର୍ଡଧାରୀଙ୍କ ଅନୁପସ୍ଥିତ ସମ୍ପର୍କରେ ଏପିଇଓ ଗୌରଭ ନନ୍ଦଙ୍କୁ ମୋବାଇଲ ଫୋନ୍ ଯୋଗେ ଯୋଗାଯୋଗା କରାଯାଇଥିଲେ ମଧ ସେ ଉଠାଇ ନ ଥିଲେ। ଏ ସମ୍ପର୍କରେ ବିଡିଓ ରଶ୍ମୀରେଖା ମଲ୍ଲିକଙ୍କୁ ମଧ ଯୋଗାଯୋଗ କରାଯାଇଥିଲା କିନ୍ତୁ ସେ ଉଠାଇ ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏସ୍‌ଏସ୍‌ଓ ଜୟକୃଷ୍ଣ ସ୍ୱାଇଁ, ଯୋଗାଣ ନିରୀକ୍ଷକ ଅମିୟ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଶାରଦା ପ୍ରସନ୍ନ ସ୍ୱାଇଁ, ସ୍ମୃତି ରଞ୍ଜନ ନାୟକ, ମନସ୍ମିତା ମିଶ୍ରଙ୍କ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆର୍‌ଏସ, ସାମାଜିକ ସମୀକ୍ଷାର ଭିଆରପି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସୋସିଆଲ ଅଡିଟର ସଚିନ ଦାସ ପରିଚାଳନା କରିଥିଲେ।



ଶିବିରରେ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ ଓ ବିଭାଗୀୟ ଅଧିକାରୀମାନେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଧରାକୋଟ,୨୧।୧୧(ଡି.ଏନ୍.ଏ.)-ବଡ଼ଗଡ଼ ଥାନା ଅନ୍ତର୍ଗତ ବାହାଁରପୁର ପଞ୍ଚାୟତ ଡାକିବଜା ଗ୍ରାମର ଭୂଷଣ ନାଇକ(୫୫)ଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ଭୂଷଣ ୧୮ ତାରିଖରେ ପୋଖରୀରେ ଶୌଚ ହେବା ପାଇଁ ଘରୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ଗତ ୪ଦିନ ଧରି ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ସୋମବାର ସକାଳୁ ମୃତଦେହ ପାଣିରେ ଭାସୁଥିବା ଗ୍ରାମବାସୀ ଦେଖି ପରିବାର ଲୋକଙ୍କୁ ଖବର ଦେଲାପରେ ପୋଲିସ ଉପସ୍ଥିତିରେ ପୋଖରୀରୁ ଭୂଷଣଙ୍କ ମୃତଦେହ ଜବତ କରାଯାଇଛି। ଏ ନେଇ ବଡ଼ଗଡ଼ ଥାନାରେ ନଂ.୨୮/୨୨ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ପୂର୍ବତନ ଜିଲା ପରିଷଦ ସଭ୍ୟଙ୍କ ପରଲୋକ

ପୋଲସରା,୨୧।୧୧(ଡି.ଏନ.ଏ.)- ଗଞ୍ଜାମ ଜିଲାର ୩୮ ନଂ. ଜୋନ୍‌ର ପୂର୍ବତନ ଜିଲା ପରିଷଦ ସଭ୍ୟ ଶରତ ଚନ୍ଦ୍ର ପ୍ରଧାନଙ୍କ ବିୟୋଗ ଘଟିଛି। ଗତ ଦୁଇ ଦିନ ପୂର୍ବରୁ ସେ ଅସୁସ୍ଥ ଥିବାରୁ ବ୍ରହ୍ମପୁର ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶରତଚନ୍ଦ୍ର ୨୦୧୨-୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୩୮ ନଂ. ଜୋନ୍‌ରୁ ଜିଲା ପରିଷଦ ଭାବେ ନିର୍ବାଚିତ ହୋଇଥିଲେ। ସେ ଜାତୀୟ କଂଗ୍ରେସ ଦଳର ଜଣେ ଟାଣୁଆ ନେତା ଭାବେ ଅଞ୍ଚଳରେ ଖ୍ୟାତି ଅର୍ଜନ କରିଥିଲେ। ମୃତ୍ୟୁ ସମୟରେ ତାଙ୍କର ପୁତ୍ର ତଥା ସୋଡକ ସରପଞ୍ଚ ଉତ୍କଳ ପ୍ରଧାନ ଓ କଳିଙ୍ଗ ପ୍ରଧାନ, ପୁତ୍ରୀ ଅନସୂୟାଙ୍କ ସମେତ ପରିବାର ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ମୃତଦେହକୁ ଗ୍ରାମରେ ପରିକ୍ରମା କରିବା ପରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା କରାଯାଇଥିଲା।

### ମତାଝରି ବିଦ୍ୟାଳୟରେ ପୋଷାକ ବିତରଣ ମେଳା

ବୁଗୁଡ଼ା,୨୧।୧୧(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ ମତାଝରି ଗ୍ରାମସ୍ଥ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୀନବନ୍ଧୁ ନାଇକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଆର୍‌ସିସି ଆଶୁତୋଷ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ତାକରଡା ସରପଞ୍ଚ ଦିଲୀପ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ପୂର୍ବକ ପୋଷାକ ବିତରଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉପେନ୍ଦ୍ର ସାହୁ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପରିଶେଷରେ ସହକାରୀ ଶିକ୍ଷୟିତ୍ରୀ ସୁଚିତ୍ରା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ସୁରକ୍ଷାରେ ସମେଟିଭ୍ ଆସେସ୍‌ମେଣ୍ଟ-୧ର ପ୍ରଶ୍ନପତ୍ର

ବୁଗୁଡ଼ା,୨୧।୧୧(ଡି.ଏନ.ଏ.)-ଚଳିତ ମାସ ୨୩ ତାରିଖରୁ ଆରମ୍ଭ ହେବାକୁ ଥିବା ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସମେଟିଭ୍ ଆସେସ୍‌ମେଣ୍ଟ-୧ର ପ୍ରଶ୍ନପତ୍ର ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ନୋଡାଲ ସେଣ୍ଟରରେ ପୋଲିସ ପହରା ସହ କଡ଼ା ସୁରକ୍ଷା ମଧ୍ୟରେ ରହିଛି। ଏହି ନୋଡାଲ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଶିକ୍ଷକ ଶଙ୍କର ଦାଶ ଓ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ତପନ କୁମାର ପାଢ଼ୀ ରହିଛନ୍ତି। ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ୨୭ ଉଚ୍ଚ ବିଦ୍ୟାଳୟର ମୋଟ ୧୭୩୫ ଛାତ୍ରୀଛାତ୍ର ୧୦ କେନ୍ଦ୍ରରେ ଏହି ପରୀକ୍ଷା ଦେବା ନେଇ ଜଣାପଡ଼ିଛି।

# ପେଟ ପାଇଁ ଶିଶୁ କରୁଛନ୍ତି କାମ

**ଚଢ଼ାଉ, ଧରପଗଡ଼ ଶୂନ**

■ ଦଣ୍ଡନୀୟ ଅପରାଧ ଜାଣି କରୁଛନ୍ତି ନିୟୋଜନ

ନୟାଗଡ଼ ଅଫିସ,୨୧।୧୧

ନୟାଗଡ଼ ସହରରେ ମାଲମାଲ ଶିଶୁ ଶ୍ରମିକ ଘୂରି ବୁଲୁଛନ୍ତି। କେଉଁଠି ଭିକ୍ଷାବୃତ୍ତିରେ ନିୟୋଜିତ ତ ଆଉ କେଉଁଠି ରୋଜଗାର ପାଇଁ ଢ଼ାବା, ହୋଟେଲ ପରି ବିଭିନ୍ନ ସ୍ଥାନରେ ସଂଗ୍ରାମ କରିବାକୁ ପଡୁଛି। ଏମାନଙ୍କୁ ନିୟୋଜନ କରିବା ଏକ ଦଣ୍ଡନୀୟ ଅପରାଧ ହୋଇଥିଲେ ହେଁ ଉଦ୍ଦିଷ୍ଟ ଆଇନ ଶୀତଳଭଣ୍ଡାରରେ ରହିଯାଇଛି। ଏ ସମ୍ପର୍କରେ ଖୋଳତାଡ଼ କରିବାରେ ଏମାନେ ଶିକ୍ଷା ପାଇଁ ନୁହେଁ ପେଟ ପାଇଁ ସଂଗ୍ରାମ କରି ବିଭିନ୍ନ କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି। ଏମାନଙ୍କ ପାଇଁ ସରକାରୀ ଯୋଜନା ଅପହଞ୍ଚ ହୋଇପଡ଼ିଛି। ଏଥିପ୍ରତି ସରକାରୀ ଅଧିକାରୀମାନଙ୍କ ଧ୍ୟାନ ଅଛି ନାଁ ନେତାଙ୍କର। କାଗଜକଲମର ରିପୋର୍ଟକୁ ନେଇ ସମସ୍ତେ ଖୁସି ହେଉଥିବାବେଳେ ଦିନକୁଦିନ ଶିଶୁ ଶ୍ରମିକଙ୍କ ସଂଖ୍ୟା ନୟାଗଡ଼ର ବଢ଼ିଚାଲିଛି। ଶିଶୁମାନଙ୍କ ସମସ୍ୟାକୁ ଅନୁଧ୍ୟାନ କଲେ ଶିଶୁ ଶ୍ରମିକ ଉଚ୍ଛେଦ ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ ସ୍ଲୋଗାନ ନୟାଗଡ ସହରରେ ମଧ୍ୟ ଅର୍ଥହୀନ ହୋଇପଡ଼ିଛି ।

ସରକାରଙ୍କ ପକ୍ଷରୁ ଶିକ୍ଷାର ପ୍ରସାର ନିମନ୍ତେ ବିଭିନ୍ନ ସାକ୍ଷରତା କାର୍ଯ୍ୟକ୍ରମ ଚାଲୁ ରହିଛି। କେତେଜଣ ବିଭାଗୀୟ ଅଧିକାରୀଙ୍କ ଅବହେଳା, ଆନ୍ତରିକତା ଅଭାବ ତଥା ଦୁର୍ନୀତି ଖୋର ମନୋଭାବ ଯୋଗୁ ଜିଲାରେ ଚାଲିଥିବା ଜାତୀୟ ତଥା ରାଜ୍ୟସ୍ତରୀୟ ବିଦ୍ୟାଳୟ ଚାଲ ଅଭିଯାନ ଫେଲ ମାରୁଛି। ଏଣୁ ୧୪ବର୍ଷରୁ କମ୍ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ଅଭିମୁଖୀ କରାଇବାକୁ ଯେଉଁ ଅର୍ଥ ଖର୍ଚ୍ଚ କରାଯାଉଛି ତାହା ପାଣିରେ ପଡୁଛି। ଫଳରେ ଏ ସମସ୍ୟା ସରକାରଙ୍କର ବାଳ ଶ୍ରମିକ ଯୋଜନାକୁ ଉପହାସ କରୁଛି। ଏହା ସମାନ୍ତରାଳ ଭାବେ ମଧ୍ୟ ସମାଜର ବିକାଶରେ ପ୍ରତିବନ୍ଧକ ହୋଇ ଠିଆ ହୋଇଛି। ନୟାଗଡ଼ ସହରରେ ଶିଶୁ ଶ୍ରମିକମାନେ ଘୂରି ବୁଲୁଥିଲେ ମଧ୍ୟ ଚଢ଼ାଉ, ଧରପଗଡ ନାହିଁ। ଜିଲାର ୮ଟି ବ୍ଲକ ଓ ୫ ସହରାଞ୍ଚଳରେ ବିଦ୍ୟାଳୟ ଚାଲ ଅଭିଯାନ କେତେଦୂର କାର୍ଯ୍ୟରେ ଲାଗିଛି ତାହା କାର୍ଯ୍ୟରତ ଶିଶୁ ଶ୍ରମିକମାନଙ୍କୁ ଦେଖିବା ପରେ ନଜୀରର ଆବଶ୍ୟକତା ନାହିଁ। ତଥାପି ଜିଲାରେ ସବୁ କିଛି ଠିକ୍‌ଠାକ ଚାଲିଥିବା ପ୍ରଶାସନିକ ଅଧିକାରୀମାନଙ୍କ ପକ୍ଷରୁ କୁହାଯାଉଛି। ଶିଶୁଙ୍କ ପାଇଁ ଜିଲାରେ କିପରି ସର୍ବଶିକ୍ଷା ଅଭିଯାନ, ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲା ଶ୍ରମ ବିଭାଗ ଓ ବିଭିନ୍ନ ଏନ୍‌ଜିଓ କାମ କରୁଛନ୍ତି ତାହା ଏଥିରୁ ଅନୁମେୟ କରାଯାଇ ପାରୁଛି। ଯେଉଁ ବୟସରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଯାଇ ହାତରେ କଲମ, ବହି ଧରି ପାଠ ପଢ଼ିବା ଓ ଖେଳକୁଦ କରିବା କଥା ସେହି ବୟସ ସେମାନଙ୍କର ପରିବାର ପ୍ରତିପୋଷଣ ଭାର ବୋହିବାକୁ ପଡୁଛି। ନୟାଗନ ସହରର ବିଭିନ୍ନ ହୋଟେଲ, ଢ଼ାବା, ଦୋକାନ, ଗ୍ୟାରେଜରେ ଶିଶୁ ଶ୍ରମିକମାନଙ୍କୁ ଦେଖିବାକୁ ମିଳିଛି। ଏଭଳି ଦୃଶ୍ୟ ସମସ୍ତେ ଦେଖୁଥିଲେ ମଧ୍ୟ କେହି ହେଲେ ବି ପ୍ରତିବାଦ କରୁନାହାନ୍ତି। ନିଜେ ବଞ୍ଚିବା ପାଇଁ ନୁହେଁ ଅନ୍ୟକୁ ବଞ୍ଚାଇବା ଲାଗି ଏମାନଙ୍କର ଏ ଯୁଦ୍ଧ ଜରୁରୀ ହୋଇପଡିଛି। ଅନ୍ୟପକ୍ଷରେ ଥଇଥାନ କରିବାର ବ୍ୟବସ୍ଥା ନ ଥିବାରୁ ଜିଲାରେ ଶିଶୁ ଶ୍ରମିକ କମିବା ପରିବର୍ତ୍ତେ ବଢ଼ି ଚାଲିଛି। ଏ ନେଇ ନୟାଗନର ୬ ବର୍ଷର ମିଥୁନ କୁହନ୍ତି, ଆମର କାମ ଭିକ୍ଷା କରିବା। ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳେ। ପାଠ ପଢ଼ିଲେ ଖାଇବାକୁ କିଏ ଦେବ। ବଞ୍ଚିବୁ କେମିତି। ୯ ବର୍ଷର ସ୍ନିଗ୍ଧା କୁହନ୍ତି, ଆମେ କାମ ନ କଲେ ଘରେ ଚୁଲି ଜଳିବନି। ମୋର ବାପା ମରି ଯାଇଛନ୍ତି। ମା ରୋଜଗାରରେ ଘର ଚଳି ପାରୁନି। ମା' ରୋଗିଣା। ଦୁଇଭଉଣୀ ଭିକ୍ଷା କରି ଯାହା ରୋଜଗାର କରୁଛୁ ୩ ପ୍ରାଣୀ ଚଳୁଛୁ। ଓନଗାଁର ୧୧ ବର୍ଷର ଶିଶୁ ବାବୁ କୁହନ୍ତି, ମୋତେ ଥରେ ଏକ ଦୋକାନରୁ ନେଇ ଏକ ସ୍କୁଲର ପାଠପଢ଼ାର ବ୍ୟବସ୍ଥା କରିଥିଲେ। ହେଲେ କିଛିଦିନ ସ୍କୁଲକୁ ଯିବା ପରେ ଘର ଚଳିବା କାଠିକର ପାଠ ହୋଇଗଲା। ଏଣୁ ପୁଣି ପୁରୁଣା କାମରେ ନିୟୋଜିତ ହୋଇଗଲି। ଜିଲା ଶ୍ରମ ଅଧିକାରୀ ଶିବ ପ୍ରସାଦ ସାହୁ କୁହନ୍ତି, ମୁଁ ନୂଆକରି କାର୍ଯ୍ୟରେ ଯୋଗ ଦେଇଛି। ତେବେ ଶିଶୁ ଶ୍ରମିକଙ୍କ ସମ୍ପର୍କରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ।

## ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା

ଫୁଲବାଣୀ ଅଫିସ, ୨୧।୧୧

କନ୍ଧମାଳ ଜିଲା ସାହିତ୍ୟ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଏକ ବୈଠକ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ତ୍ରୟୋଦଶ ପୁସ୍ତକ ମେଳା ପାଇଁ ଏହି ବୈଠକରେ ଆଲୋଚନା କରାଯିବା ସହ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା । ଆସନ୍ତା ଫେବୃୟାରୀ ୧୨ରୁ ୨୩ ପର୍ଯ୍ୟନ୍ତ ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ପାଳନ ପାଇଁ ବୈଠକରେ ସ୍ଥିର ହୋଇଥିଲା। ପରେ କର୍ମକର୍ତ୍ତା ଚୟନ ହୋଇଥିଲା । ସଭାପତି ଭାବେ ପ୍ରଶାନ୍ତ କୁମାର ବେହେରା, ଉପସଭାପତି ସୁଜିତ୍ କୁମାର ବେହେରା ଏବଂ ଶରତଚନ୍ଦ୍ର ମହାନ୍ତି, ମୁଖ୍ୟ ସମ୍ପାଦକ ଡଃ କାହ୍ନୁ ଚରଣ ଶତପଥୀ, ସହ ସମ୍ପାଦକ ଓମ୍ ପ୍ରକାଶ ପଣ୍ଡା ଏବଂ ସୁନିତୀ ଆଚାରୀ, ସଙ୍ଗଠନ ସମ୍ପାଦକ ସୋମନାଥ ସାହୁ, ସାଂସ୍କୃତିକ ସମ୍ପାଦିକା ବିରାଜିନୀ ମହାପାତ୍ରଙ୍କୁ ଚୟନ କରା ଯାଇଥିଲା। ନିର୍ବାଚନ ଅଧିକାରୀ ଭାବେ ବିଷ୍ଣୁ ପ୍ରସାଦ ମିଶ୍ର ଦାୟିତ୍ୱ ତୁଲାଇଥିଲେ।

# ଘୁମୁସର ଜିଲା ଆନ୍ଦୋଳନ ତେଜିଲା

**କଂଗ୍ରେସ, ଖବରଦାତା ସଂଘ ଆନ୍ଦୋଳନକୁ ଓହ୍ଲାଇଲେ**

ଭଞ୍ଜନଗର,୨୧।୧୧(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁରକୁ ନୂଆ ଜିଲା କରିବା ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିଛିଦିନ ପୂର୍ବେ ପ୍ରତିଶ୍ରୁତି ଦେଇଛନ୍ତି। ଏଭଳି ସ୍ଥିତିରେ ଗଞ୍ଜାମ ଜିଲାର ଭଞ୍ଜନଗର ଉପଖଣ୍ଡକୁ ଘୁମୁସର ଜିଲା ଓ ଆଉ କେତେକ ଅଞ୍ଚଳରେ ନୂଆ ଜିଲା ଦାବି ନେଇ ଆନ୍ଦୋଳନ ମୁଣ୍ଡ ଟେକିଛି ।

ଘୁମୁସର ଜିଲା ଘୋଷଣା ପାଇଁ ୨୯ବର୍ଷ ହେବ ଆନ୍ଦୋଳନ ଚଳାଇଥିବା ଭଞ୍ଜନଗର ଉପଖଣ୍ଡବାସୀ ବର୍ତ୍ତମାନ ପୁଣି ଦାବି ଦୋହରାଇବା ଆରମ୍ଭ କରିଦେଇଛନ୍ତି । ସୋମବାର କଂଗ୍ରେସ ଦଳ, ଭଞ୍ଜନଗର ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଭଞ୍ଜନଗର ଗସ୍ତରେ ଆସିଥିବା ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଭେଟି ଘୁମୁସର ଜିଲା ଘୋଷଣା ଲାଗି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ପୂର୍ବରୁ



ଦାବିପତ୍ର ପ୍ରଦାନ ପାଇଁ କଂଗ୍ରେସ ନେତାମାନେ ଯାଉଛନ୍ତି ।

ଶନିବାର ସ୍ଥାନୀୟ ନାୟକ ଭବନ ପରିସରରେ ହୋଇଥିବା ବରିଷ୍ଠ ନାଗରିକ ମଞ୍ଚ ବୈଠକରେ ମଧ୍ୟ ଜିଲା ଘୋଷଣା ଦାବି ନେଇ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ବିଭିନ୍ନ ସଙ୍ଗଠନକୁ ନେଇ ଆନ୍ଦୋଳନକୁ ଜୋରଦାର କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହାପୂର୍ବରୁ ବାର୍ ଆସୋସିଏଶନ କାର୍ଯ୍ୟକାରିଣି ବୈଠକରେ ମଧ୍ୟ ଘୁମୁସର ଜିଲା ଆନ୍ଦୋଳନ କିଭଳି ସଫଳ ହେବ ସେନେଇ ମୌଖିକ ଆଲୋଚନା ହୋଇଛି। ଆଗାମୀ ଦିନରେ ଆଉ କିଛି ସଙ୍ଗଠନ ଘୁମୁସର ଜିଲା ଦାବି ଆନ୍ଦୋଳନରେ ସାମିଲ ହେବା ସମ୍ଭାବନା ରହିଛି । ଭୌଗଳିକ ଦୃଷ୍ଟି କୋଣରୁ ଭଞ୍ଜନଗର ଉପଖଣ୍ଡ ରାଜ୍ୟର ବଡ଼ ଉପଖଣ୍ଡ। ଜଗନ୍ନାଥପ୍ରସାଦ ବ୍ଲକ ରଗଡ଼ାରୁ ଜଣେ ବ୍ୟକ୍ତିଙ୍କୁ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯିବାକୁ ହେଲେ ୧୫୦ କିମି ୩ଟି ବସ୍ ବଦଳାଇ ଯିବାକୁ ପଡୁଛି। ଦୂରତ୍ୱ ଏବଂ ଅନ୍ୟାନ୍ୟ କାରଣରୁ ଘୁମୁସର ଜିଲାର ଆବଶ୍ୟକତା ରହିଛି । ୧୯୯୩ରେ ରାଜ୍ୟରେ ୧୩ ଜିଲାରୁ ୩୦ ଜିଲାକୁ ବୃଦ୍ଧି କରାଯାଇଥିଲା । ଏହାପରେ ଆଉ ନୂଆ ଜିଲା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇ ନ ଥିଲେ। କିନ୍ତୁ ୧୩ରୁ ୩୦ ଜିଲାକୁ ବୃଦ୍ଧି ପରେ ଆଉ କିଛି ନୂତନ ଜିଲା ଘୋଷଣା ପାଇଁ କେତକ ଜିଲାରେ ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ଅଞ୍ଚଳକୁ ନେଇ ନୂଆ ଜିଲା ଘୋଷଣା ଦାବି ଉଠିଥିଲା। କିନ୍ତୁ ଜନତାଦଳ, କଂଗ୍ରେସ, ବିଜେଡ଼ି ଓ ଭାଜପା ମେଣ୍ଟ ସରକାର ଏବଂ ବର୍ତ୍ତମାନର ବିଜେଡ଼ି ସରକାର ଚାଲିଥିଲେ ମଧ୍ୟ ଜିଲା ଦାବି ପ୍ରତି କୌଣସି ସରକାର ଗୁରୁତ୍ୱ ଦେଇନାହାନ୍ତି।

## ବନ୍ୟପ୍ରାଣୀ ଶିକାର ଯୋଜନା: ବିଦ୍ୟୁତ ତାର, ସାମଗ୍ରୀ ଜବତ


ଜବତ ସରଞ୍ଜାମ।

ବୁଗୁଡ଼ା,୨୧।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଦକ୍ଷିଣ ଘୁମୁସର ବନଖଣ୍ଡ ଅନ୍ତର୍ଗତ ବୁଗୁଡ଼ା ବନାଞ୍ଚଳରେ ମାତିଛନ୍ତି ବନ୍ୟପ୍ରାଣୀ ଶିକାରୀ। ନିର୍ଭୟରେ ଶିକାରୀମାନେ ବନ୍ୟଜନ୍ତୁ ଶିକାର କରୁଥିବା ବେଳେ ବନବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହେଉଛି। ବନାଞ୍ଚଳ ପକ୍ଷରୁ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ସଚେତନ ରଥର ଶୁଭାରମ୍ଭ ହୋଇଥିବା ବେଳେ ଅନ୍ୟପଟେ ଶିକାରୀମାନେ ବନ୍ୟପ୍ରାଣୀ ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇବା ଘଟଣା କମିବାର ନାଁ ଧରୁନାହିଁ। ସୋମବାର ବୁଗୁଡ଼ା ବନାଞ୍ଚଳର ଉଦୟପୁର ବିଟ ଅଧୀନରେ ଥିବା କରସିଙ୍ଗି ଗ୍ରାମର ବଞ୍ଜର କାଜୁତୋଟାଠାରେ ଶିକାରୀମାନେ ବନ୍ୟପ୍ରାଣୀ ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇଥିବା ଦେଖିଲା ପରେ ବିଦ୍ୟୁତ ବିଭାଗର କିଛି କର୍ମଚାରୀ ବନ ବିଭାଗକୁ ଖବର ଦେଇଥିଲେ। ବନରକ୍ଷୀ ହୃଷୀକେଶ ପାଣିଗ୍ରାହୀ ଏବଂ ଲାଇନ ମ୍ୟାନ୍ ମିର୍ଜା ଅଲ୍ଲୀ ବାଗ ଘଟଣାସ୍ଥଳରେ ପହଞ୍ଚି ତାର ଖୋଲିବା ସହିତ ଘଟଣାସ୍ଥଳରୁ ୬୦୦ମିଟର ଜିଆଇ ତାର ଏବଂ ବ୍ୟବହୃତ ବାଉଁଶ, କାଚ ବୋତଲ ଜବତ କରିଥିଲେ ହେଁ ଶିକାରୀକୁ ଧରିବା ପାଇଁ କୌଣସି ପଦକ୍ଷେପ ନେଇ ନ ଥିବା କରସିଂ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବୁଗୁଡ଼ା ବନାଞ୍ଚଳରେ ଶିକାରୀମାନେ ସକ୍ରିୟ ଥିବା ବେଳେ ବନ ବିଭାଗ ଏଥିପ୍ରତି କୌଣସି ଉଚିତ ପଦକ୍ଷେପ ନେଉନାହିଁ କି ରାତ୍ରିକାଳୀନ ପ୍ରହରା ଦେଉ ନ ଥିବାରୁ ଶିକାରୀମାନେ କେତେକ ବନ ବିଭାଗ କର୍ମଚାରୀଙ୍କ ସହ ସଲାସୁତୁରାରେ ଅବାଧରେ ଶିକାର କରୁଛନ୍ତି। ନିକଟରେ ବୁଗୁଡ଼ା ଅଞ୍ଚଳରେ ଶିକାରୀଙ୍କ ଫାଶରେ ପଡି ଏକ ହାତୀ ଛୁଆର ମୃତ୍ୟୁ ଘଟିଥିଲେ ହେଁ ବନ ବିଭାଗ ତତ୍ପର ନ ହେବା ବନ ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ସ୍ଥାୟୀ ନିଯୁକ୍ତି ଦାବିରେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ପ୍ରତିବାଦ ସଭା



ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା।

ପୋଲସରା,୨୧।୧୧(ଡି.ଏନ.ଏ.)

ବହୁଦିନ ଧରି ରାଜ୍ୟର ବିଭିନ୍ନ ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଞ୍ଚଳ ପରିଷଦଗୁଡ଼ିକରେ କାର୍ଯ୍ୟରତ ଚତୁର୍ଥଶ୍ରେଣୀ କର୍ମଚାରୀମାନେ କରୋନା ଭଳି ମହାମାରୀ ସମୟରେ ମଧ୍ୟ ନିଜ ଜୀବନକୁ ବାଜି ଲଗାଇ ସ୍ୱଳ୍ପ ଦରମାରେ ନାନାଦି ଅସୁବିଧାରେ କାର୍ଯ୍ୟକରି ଆସୁଥିବା ବେଳେ ବର୍ତ୍ତମାନର ବଜାରଦର ଅନୁସାରେ ପ୍ରାପ୍ୟ ପାଇବା ତ ଦୂରର କଥା କିନ୍ତୁ ବିଭିନ୍ନ ସର୍ଭିସ ପ୍ରୋଭାଇଡରର ମାଧ୍ୟମରେ ନିଯୁକ୍ତି ହୋଇଥିବାରୁ ସେମାନଙ୍କର ଚାକିରିର ସୁରକ୍ଷା ରହୁନି ଓ ବାରମ୍ବାର ଛଟେଇ ହେଉଛନ୍ତି। କିନ୍ତୁ ସରକାର ନିକଟ ଅତୀତରେ କେବଳ ଅଳ୍ପ ସଂଖ୍ୟକ ଠିକା କର୍ମଚାରୀମାନଙ୍କୁ ନିୟମିତ କରିଦେଇ ରାଜ୍ୟର ଲକ୍ଷାଧିକ ଆଉଟସୋର୍ସିଂ କର୍ମଚାରୀଙ୍କୁ ରାଜରାସ୍ତାରେ ଛାଡ଼ି ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ମୁଣ୍ଡ ଟେକିଥିବା କର୍ମଚାରୀ ଆନ୍ଦୋଳନ ଆସନ୍ତା ୨୬ ନଭେମ୍ବର ଭୁବନେଶ୍ୱରରେ ୪୧ଟି ବିଭାଗର ଆଉଟସୋର୍ସିଂ କର୍ମଚାରୀମାନେ ସମବେତ ହେବେ। ଏହାକୁ ନେଇ ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟରତ ଚତୁର୍ଥଶ୍ରେଣୀ କର୍ମଚାରୀମାନେ ଏକ ସାଙ୍ଗଠନିକ ବୈଠକ ମାଧ୍ୟମରେ ଆନ୍ଦୋଳନରେ ଯୋଗଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପୌର କର୍ମଚାରୀ ସଂଘ ଗଞ୍ଜାମ ଜିଲା ସଭାପତି ପ୍ରଶାନ୍ତ ପରିଚ୍ଛା ସଭାପତିତ୍ୱ କରିଥିବା ବେଳେ ଉତ୍ତମ ନାୟକଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ରାଜ୍ୟ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ରାଜ୍ୟ ଆବାହକ ପ୍ରତାପ ପ୍ରଧାନ, ହିମାଂଶୁ ପଟ୍ଟନାୟକ, ଗଞ୍ଜାମ ଜିଲା ସମ୍ପାଦକ ବିନାୟକ ପତି, ସମିନା ଖତମ, ସତ୍ୟାଶିଷ ପାତ୍ର, ସୁକାନ୍ତ ବେହେରା, ସଂଜୀବ ନାୟକ, ସୂର୍ଯ୍ୟ ନାୟକ, ବିଶାଳ ବେହେରା, ସନ୍ତୋଷ ନାୟକ, ସୁମନ ବିଷୋୟୀ, ଅଜିତ ନାୟକ, ବାବୁ ନାୟକ ଏବଂ ବିଭିନ୍ନ ଏନ୍‌ଏସିର ସମସ୍ତ ଆଉଟସୋର୍ସିଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କଳିଙ୍ଗ ବୈଶ୍ୟ ସମାଜର ଆଲୋଚନା ସଭା

ଦିଗପହଣ୍ଡି,୨୧।୧୧(ଡି.ଏନ.ଏ.)

ଦିଗପହଣ୍ଡି ସ୍ଥିତ ସ୍ଥିତ କଳିଙ୍ଗ ବୈଶ୍ୟ ସମାଜର ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ପେଣ୍ଟ ଘର ସଭାଗୃହଠାରେ ଆୟୋଜିତ ସଭାରେ ସମାଜର ସାଙ୍ଗଠନିକ ଅଭିବୃଦ୍ଧି, ବିବିଧ ସମସ୍ୟା ଓ ତା'ର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ଦିଗପହଣ୍ଡି କଳିଙ୍ଗ ବୈଶ୍ୟ ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଦିଗପହଣ୍ଡି ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ଭି.ରବି ନାରାୟଣ ରାଜୁଙ୍କୁ ସର୍ବସମ୍ମତି କ୍ରମେ ସଭାପତି(ପୃଷ୍ଠି) ରୂପେ ଚୟନ କରାଯାଇଥିବା ବେଳେ ଭି.ରାମନାଥ ରାଜୁଙ୍କୁ ସମ୍ପାଦକ ଏବଂ ଭି.ସନ୍ତୋଷ ରାଜୁଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଦିଗପହଣ୍ଡିଠାରେ କଳିଙ୍ଗ ବୈଶ୍ୟ ସମାଜ ରାଜ୍ୟ କମିଟି ମହାସଭାର ନିର୍ବାଚନ କାର୍ଯ୍ୟ ଅନୁଷ୍ଠିତ ହେବାକୁ ଥିବାରୁ ସେ ନେଇ ସଭାରେ ଆଲୋଚନା କରାଯିବା ସହ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଏ.ସମେଶ୍ୱର ରାଓ, ଭି.ଶ୍ୟାମ ସୁନ୍ଦର ରାଜୁ, ନାଗେଶ୍ୱର ରାଓ, ଭି. ଧର୍ମା ରାଜୁ, ସୀମାଦ୍ରି ପାତ୍ର, ଭି.ସୁଦର୍ଶନ ରାଜୁ, ଡା. ଶ୍ରୀନିବାସ ରାଓ, ଓଡ଼ି.ଲୋକନାଥ, ଭି.ଅରବିନ୍ଦ ରାଜୁ, ଭି.ପ୍ରମୋଦ କୁମାର ରାଜୁ, ଭି.ପ୍ରଦୀପ କୁମାର ରାଜୁ, ଓଡି.ଅରବିନ୍ଦ ରାଜୁଙ୍କ ସମେତ ବହୁସଂଖ୍ୟକ କଳିଙ୍ଗ ବୈଶ୍ୟ ସମାଜର ସଭ୍ୟ ବୃନ୍ଦ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସୁରଟରେ ପ୍ରତିଷ୍ଠା ହେବ ଶ୍ରମିକ ସହାୟକ କେନ୍ଦ୍ର

ପୋଲସରା,୨୧।୧୧(ଡି.ଏନ.ଏ.)

**ପ୍ରତିଶ୍ରୁତି ପୂରଣ କଲେ ମନ୍ତ୍ରୀ**

ସୁରାଟରେ ରହୁଥିବା ପ୍ରାୟ ୮ ଲକ୍ଷ ପ୍ରବାସୀ ଓଡ଼ିଆ ଓ ଓଡ଼ିଆ ଶ୍ରମିକମାନଙ୍କ ଉପକାର ପାଇଁ ସେଠାରେ ପ୍ରତିଷ୍ଠା ହେବ ଓଡ଼ିଆ ଶ୍ରମିକ ସହାୟକ କେନ୍ଦ୍ର ଓ ନିର୍ମାଣ ହେବ ଓଡ଼ିଶା ସାଂସ୍କୃତିକ ଭବନ। ୨୦୨୨ ସେପ୍ଟେମ୍ବର ୨୫ରେ ସୁରଟର ବିଭିନ୍ନ ପ୍ରବାସୀ ଓଡ଼ିଆ ସଙ୍ଗଠନ ସହ ଆଲୋଚନା ବେଳେ ସୁରଟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଓଡ଼ିଆ ଶ୍ରମିକ ସହାୟକ କେନ୍ଦ୍ର କାର୍ଯ୍ୟାଳୟ ୩ ମାସ ମଧ୍ୟରେ ଖୋଲିବାକୁ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତି ପ୍ରକାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଐତିହାସିକ ପଦକ୍ଷେପ ସ୍ୱରୂପ ଓଡ଼ିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପତ୍ରସଂଖ୍ୟା ୮୮୧୭/୨୬।୧୦।୨୨ରେ ସୁରଟରେ ଶ୍ରମ ବିଭାଗ ପକ୍ଷରୁ ଓଡ଼ିଆ ଶ୍ରମିକ ସହାୟକ କେନ୍ଦ୍ର କାର୍ଯ୍ୟାଳୟ ଖୋଲିବା ପାଇଁ ଅନୁମତି ପ୍ରଦାନ କରାଯାଇଛି। ସେଥିପାଇଁ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ସୁରଟ ଗସ୍ତରେ ଯାଇଥିବା ଜଣାପଡ଼ିଛି। ସୁରଟରେ ଏହି କାର୍ଯ୍ୟାଳୟ ଖୋଲିବା ଦ୍ୱାରା ସେଠାରେ କାର୍ଯ୍ୟରତ ଓଡ଼ିଆ ଶ୍ରମିକବୃନ୍ଦ ନିଜର ସମସ୍ୟା ଓ ଅଭିଯୋଗ କରିପାରିବେ। ଓଡ଼ିଶା ସରକାର ଏହାର ସମାଧାନ କରିବା ଦ୍ୱାରା ଓଡ଼ିଆ ଶ୍ରମିକଙ୍କ ନିରାପତ୍ତା ଓ ମଙ୍ଗଳ ହୋଇପାରିବ। ସେହିପରି ୧୦ କୋଟି ଟଙ୍କା ବ୍ୟୟରେ ସୁରଟରେ ଏକ ସାଂସ୍କୃତିକ ଭବନ ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ସୁରାଟରେ ଓଡ଼ିଆ ସାଂସ୍କୃତିକ ଭବନ ନିର୍ମାଣ ପାଇଁ ସରକାରୀ ଜାଗା ଯୋଗାଇଦେବାକୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଗୁଜରାଟ ସରକାରଙ୍କୁ ପତ୍ର ଦିଆଯାଇଥିଲା। ଗୁଜରାଟ ସରକାର ଜାଗା ଯୋଗାଇଦେବାକୁ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଯୋଗୁ ସାଂସ୍କୃତିକ ଭବନ ନିର୍ମାଣ କାର୍ଯ୍ୟ ଆଗେଇ ପାରି ନ ଥିଲା। ଗତ ସେପ୍ଟେମ୍ବରରେ ଶ୍ରମମନ୍ତ୍ରୀ ସାହୁଙ୍କ ସୁରଟ ଗସ୍ତ ବେଳେ ପ୍ରବାସୀ ଓଡ଼ିଆମାନେ ଏହି ପ୍ରଶ୍ନ ଉଠାଇଥିଲେ। ଶ୍ରମମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଚେଷ୍ଟା କରିବେ। ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ପୁନର୍ବାର ଗୁଜରାଟ ସରକାରଙ୍କୁ ଓଡ଼ିଆ ସାଂସ୍କୃତିକ ଭବନ ନିର୍ମାଣ ପାଇଁ ପ୍ରାୟ ୨ ଏକର ଜମି ଯୋଗାଇଦେବାକୁ ଅନୁରୋଧ କରିଛନ୍ତି। ଆଲୋଚନା ସଫଳ ହୋଇଥିବା ବେଳେ ଓଡ଼ିଶା ସରକାରଙ୍କ ଶ୍ରମ ବିଭାଗର ପତ୍ର ସଂଖ୍ୟା ୬୬୬୪/ ୧୬।୧୧।୨୨ରେ ଓଡ଼ିଶା ସରକାର ୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ସୁରଟରେ ସାଂସ୍କୃତିକ ଭବନ ନିର୍ମାଣ ପାଇଁ ଅର୍ଥ ମଞ୍ଜୁରୀ କରିଛନ୍ତି। ସାଂସ୍କୃତିକ ଭବନ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶାର ଶ୍ରମ ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ସାଂସ୍କୃତିକ ଭବନ ନିର୍ମାଣ ହେଲେ ସୁରଟର ପ୍ରବାସୀ ଓଡ଼ିଆମାନେ ନିଜର ସାଂସ୍କୃତିକ କାର୍ଯ୍ୟକ୍ରମ, ସଭା ସମିତି, ବିବାହ, ବ୍ରତ ପ୍ରଭୃତି କାର୍ଯ୍ୟ କରିପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରୁ ଶ୍ରମମନ୍ତ୍ରୀ ସାହୁ ପ୍ରତିଶ୍ରୁତି ଦେଇଥିବା ଦୁଇଟି ଐତିହାସିକ ପଦକ୍ଷେପ କାର୍ଯ୍ୟକାରୀ ହୋଇପାରିଥିବା ଜଣାପଡ଼ିଛି।

## ଚିକିତ୍ସାଧୀନ ଗର୍ଭବତୀଙ୍କ ମୃତ୍ୟୁ ପ୍ରତିବାଦରେ ଧାରଣା

ପାରଳାଖେମୁଣ୍ଡି(ଡି.ଏନ୍.ଏ.)/ କାଶୀନଗର ୨୧/୧୧

କାଶୀନଗର ବ୍ଲକ ଅନ୍ତର୍ଗତ କରଟାମ ଗ୍ରାମର ଜଣେ ଗର୍ଭବତୀ ମାଳତୀ କୁମାର ପଟ୍ଟନାୟକଙ୍କର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଥିଲା। ଚିକିତ୍ସାରେ ଅବହେଳା ଯୋଗୁ ମାଳତୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ଗ୍ରାମର କେତେଜଣ ଲୋକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ମହିଳାଙ୍କ ଦୁଇ ଭାଇ ଶିବପ୍ରସାଦ ନାୟକ ଓ ସୁମନ୍ତ କୁମାର ନାୟକ କହିଛନ୍ତି, ଗତ ୧୬ରେ ପରିସ୍ରା ତ୍ୟାଗରେ ସମସ୍ୟା ସୃଷ୍ଟି ହେବାରୁ ସେମାନେ ଭଉଣୀକୁ କାଶୀନଗର ମେଡିକାଲକୁ ଆଣିଥିଲେ। ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କ ଭଉଣୀଙ୍କ ମୃତ୍ୟୁ ଘଟିଛି। କେବଳ ଦୋଷ ଲୁଚାଇବା ପାଇଁ



ଧାରଣାରେ ବସିଛନ୍ତି।

ଚିକିତ୍ସା କରିଥିବା ଡାକ୍ତର ଓ ଷ୍ଟାଫ୍ ପରବର୍ତ୍ତୀ ସମୟରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଥିଲେ। ସେଠାରେ ଡା. ମାଳତିଙ୍କୁ ମୃତ ଘୋଷଣା କରିଥିଲେ। ତେଣୁ ସମ୍ପୃକ୍ତ ଡାକ୍ତରଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯାଉ ଏବଂ ମାଳତୀଙ୍କ ପରିବାରକୁ ୩୦ଲକ୍ଷ ଟଙ୍କା କ୍ଷତି ପୂରଣ ଦିଆଯାଉ ବୋଲି ସେମାନେ ଦାବି ରଖିଛନ୍ତି। ସିଆଳି ସରପଞ୍ଚ ରାମପ୍ରସାଦ ପଟ୍ଟନାୟକ, ପାରଳାଖେମୁଣ୍ଡିର ସାମାଜିକ କର୍ମୀ ସୁନୀଲ ପଟ୍ଟନାୟକ, ସ୍ଥାନୀୟ ମହିଳା ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ସମର୍ଥନ ଜଣାଇଥିବା ବେଳେ ଡାକ୍ତର କହିଛନ୍ତି, ଚିକିତ୍ସା ଅବହେଳା ଯୋଗୁ ମାଳତୀଙ୍କର ମୃତ୍ୟୁ ଘଟିନାହିଁ ।

## ସଂକ୍ଷେପରେ

### ସଫ୍ଟ ବଲ୍ ଜାତୀୟ ଦଳରେ ଯାଜପୁରରୁ ୩ ମନୋନୀତ

**ଯାଜପୁର ଟାଉନ,୨୧।୧୧ (ଡି.ଏନ.ଏ.):** ଓଡ଼ିଶା ସବ୍‌ଜୁନିୟର ସଫ୍ଟ ବଲ୍ ଦଳ ଜାତୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବା ନିମନ୍ତେ ଆନ୍ଧ୍ରପ୍ରଦେଶର କୁର୍ନୁଲ୍‌କୁ ଯାତ୍ରା କରିଛନ୍ତି। ଏହି ଦଳରେ ଯାଜପୁର ଜିଲାରୁ ୩ଜଣ ଖେଳାଳି ମନୋନୀତ ହୋଇଛନ୍ତି । ସେମାନେ ହେଲେ ତାରିଣୀ ପ୍ରସାଦ ପରିଡ଼ା, ଜସ୍ମିନ୍ ସାହୁ, ପାୟଲ ପ୍ରିୟଦର୍ଶିନୀ ପଣ୍ଡା। ତାରିଣୀ ପ୍ରସାଦ ଯାଜପୁର ବ୍ଲକ୍ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡାଙ୍କ ସାନ ପୁଅ ଅଟନ୍ତି । ଏହି ଜାତୀୟ ପ୍ରତିଯୋଗିତା ଆସନ୍ତା ୨୫ରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ।

### ଜରୀ ପଞ୍ଚାୟତରେ ଡେଙ୍ଗୁ ରୋଗ ବ୍ୟାପୁଛି, ଜଣେ ମୃତ

**ସିଂହପୁର,୨୧।୧୧(ଡି.ଏନ.ଏ.):** ଯାଜପୁର ଜିଲା ବିଂଝାରପୁର ବ୍ଲକ ଅଧୀନ ଜରୀ ପଞ୍ଚାୟତରେ ଡେଙ୍ଗୁ ରୋଗ ବ୍ୟାପୁଛି । ଏହି ପଞ୍ଚାୟତର ନାଉବାଙ୍କ ଗ୍ରାମର କୈଳାସ ଜେନାଙ୍କ ସ୍ତ୍ରୀ ମଞ୍ଜୁଳା ଡେଙ୍ଗୁରେ ଆକ୍ରାନ୍ତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଶନିବାର ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବାପରେ ସାଧାରଣରେ ଆତଙ୍କ ପ୍ରକାଶ ପାଇଛି । ସେହିପରି ନାଉବାଙ୍କ ଗ୍ରାମର ଗୌତମ ଜେନା ଆକ୍ରାନ୍ତ ହୋଇ କଟକରେ ଚିକିତ୍ସିତ ହେଉଛନ୍ତି । ଡେଙ୍ଗୁ ରୋଗ ବ୍ୟାପୁଥିବାରୁ ବହୁ ଲୋକ ଆକ୍ରାନ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି । ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ଉପରୋକ୍ତ ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବା ସହିତ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସରପଞ୍ଚ ନନ୍ଦକିଶୋର ମଲ୍ଲିକ ପ୍ରଶାସନ ନିକଟରେ ଦାବି କରିଛନ୍ତି । ମୃତ ମହିଳାଙ୍କ ଘରକୁ ସରପଞ୍ଚ ମଲ୍ଲିକ, ଉମାକାନ୍ତ ଦାସ, ପ୍ରଦ୍ୟୁମ୍ନ ପାତ୍ର, ପ୍ରସନ୍ନ ନାୟକ, ସୁବ୍ରତ ସାମଲ, ସମିତି ସଭ୍ୟା ଅନସୂୟା ମଲିକ, ସୁନାକର ସାହୁ, ଅମର ମଲ୍ଲିକ ପ୍ରମୁଖ ପରିବାରକୁ ସାନ୍ତ୍ୱନା ଦେବା ସହ ଶୋକବ୍ୟକ୍ତ କରିଛନ୍ତି ।

### ଶିକ୍ଷକଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ଧର୍ମଶାଳା,୨୧।୧୧(ଡି.ଏନ.ଏ.):** ଧର୍ମଶାଳା ଥାନା କୁମାରୀ ଗ୍ରାମର ଜଣେ ଶିକ୍ଷକଙ୍କ ଘରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି । ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ, ବରୀ ବ୍ଲକ ରତ୍ନଗିରି ପଞ୍ଚାୟତ ମାଳସାହି ଗ୍ରାମର ଶ୍ୟାମସୁନ୍ଦର ଶାନ୍ତି ଧର୍ମଶାଳା ବ୍ଲକ ଅନ୍ତର୍ଗତ ଭୁବନ ମାଇନର ସ୍କୁଲରେ ଶିକ୍ଷକତା କରନ୍ତି । ଜାରକା ନିକଟସ୍ଥ କୁମାରୀ ଗ୍ରାମରେ ସେ କିଛି ବର୍ଷ ହେଲା ଘର କରି ପରିବାର ସହିତ ରହିଆସୁଛନ୍ତି । ଗାଁରେ ଗୀତା ଯଜ୍ଞ ଥିବାରୁ ସେ ଗତ ୧୬ ତାରିଖ ଦିନ ସପରିବାର ଯାଇଥିଲେ । ସୋମବାର ସେମାନେ କୁମାରୀସ୍ଥିତ ଘରକୁ ଫେରିଥିବା ବେଳେ ତାଙ୍କ ଘରର ଶିଡ଼ି କବାଟ ଖୋଲା ଥିଲା । ଶୋଇବା ଘର ସ୍କାଇଲାଇଟ୍ ଭଙ୍ଗାଯାଇଥିବା ଦେଖିଥିଲେ । ପରିବାର ଲୋକେ ଘରେ ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ଆଲମିରା ଭାଙ୍ଗି ସୁନା ଅଳଙ୍କାର ସହ ନଗଦ ୫୦ ହଜାର ଟଙ୍କା ଚୋରି କରି ନେଇଛନ୍ତି । ଏନେଇ ସେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏମିତି ଘଟଣା ଏକାଧିକଥର ସେହି ଅଞ୍ଚଳରେ ଘଟୁଛି । ସେ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି ।

# ମତ୍ସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ

## ଜିଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ


ବିଶ୍ୱ ମତ୍ସ୍ୟ ଦିବସ ପାଳନ ସଭାରେ ବିଭାଗୀୟ ଅଧିକାରୀ ଏବଂ ଅନ୍ୟମାନେ ।

**ଯାଜପୁର ଟାଉନ, ୨୧।୧୧(ଡି.ଏନ.ଏ.)**

ଯାଜପୁର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ-୨୦୨୨ ସୋମବାର ପାଳିତ ହୋଇଯାଇଛି । ଜିଲା ମତ୍ସ୍ୟ ଅଧିକାରୀ ପ୍ରମୋଦ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯାଜପୁର ବ୍ଲକ୍ ଉନ୍ନୟନ ଅଧିକାରୀ ସୌରଭ ଚକ୍ରବର୍ତ୍ତୀ ମୁଖ୍ୟଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଚକ୍ରବର୍ତ୍ତୀ ଜିଲାକୁ ମତ୍ସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ପାଇଁ ଅଗ୍ରଣୀ ମତ୍ସ୍ୟଚାଷୀ, ମତ୍ସ୍ୟ ଉଦ୍ୟୋଗୀ, ମାଛଚାଷୀମାନଙ୍କୁ ଆହ୍ୱାନ କରିଥିଲେ । ଜିଲା ମୁଖ୍ୟ କୃଷି ଅଧିକାରୀ କମଳ କୁମାର ନାୟକ କୃଷି ଓ ଆନୁସଙ୍ଗିକ କୃଷି ଉପରେ ଚାଷୀର ଆୟ ଦ୍ୱିଗୁଣିତ କରିବାକୁ ପରାମର୍ଶ ଦେଇଥିଲେ । ଜଳଛାୟାର ପ୍ରକଳ୍ପ ନିର୍ଦ୍ଦେଶକ ନାରାୟଣ ପାତ୍ର ଯାଜପୁର କ୍ଷେତ୍ର ପୋଖରୀରେ ମତ୍ସ୍ୟ ଉତ୍ପାଦନ ତଥା ସମନ୍ୱିତ ଚାଷ ଉପରେ ଗୁରୁତ୍ୱାରୋପ କରିଥିଲେ । ଏଡିଏଫ୍‌ଓ ଶିବାଙ୍ଗୀ ପଟ୍ଟନାୟକ ମତ୍ସ୍ୟ ବିଭାଗ ତରଫରୁ ବିଭିନ୍ନ ଯୋଜନାର ରୂପରେଖ ଉପରେ ଆଲୋଚନା କରିଥିଲେ । ଏହି ସଭାରେ ସଫଳ ମତ୍ସ୍ୟଚାଷୀଭାବେ ଯାଜପୁର ସଦରର ବିନ୍ଦୁରେଖା ବିଶ୍ୱାଳ, ଧର୍ମଶାଳା ବ୍ଲକ୍‌ର ଶ୍ରେଷ୍ଠ ବାୟୋଫ୍ଲକ୍ ଚାଷୀଭାବେ ସୌଭାଗିନୀ ଆଚାର୍ଯ୍ୟ, କୋରେଇ ବ୍ଲକ୍‌ର ଶ୍ରେଷ୍ଠ ଯାଆଁଳ ଉତ୍ପାଦନକାରୀ ଶୁଭଲକ୍ଷ୍ମୀ ମହାପାତ୍ର, ଦଶରଥପୁର ବ୍ଲକ୍‌ର ସବିତା ପାଣି ଆଗ୍ରହୀ ମତ୍ସ୍ୟଚାଷୀ, ବରୀ ବ୍ଲକ୍‌ର ସମନ୍ୱିତ ମତ୍ସ୍ୟଚାଷୀ ଦୀପ୍ତିମୟ ଦାସ ଓ ବଡ଼ଚଣା ବ୍ଲକ୍‌ର ମାତୃକୃପା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଉପଢୌକନ, ମାନପତ୍ର ତଥା ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା । ଚିତ୍ତରଞ୍ଜନ ରାଉଳ, ସଚ୍ଚିନ ପଣ୍ଡିତ, ଗାୟତ୍ରୀ ନାୟକ, କ୍ଷୀରୋଦା ନାୟକ, ସଞ୍ଜୟ ଦାସ, ପର୍ଶୁରାମ ତ୍ରିପାଠୀ, ମିହିର ଜେନା, ଅନୀଲ ମହାପାତ୍ର, ପ୍ରଣତି ପ୍ରିୟଦର୍ଶିନୀ ସାହୁ, ସସ୍ମିତା ବାରିକ, ସସ୍ମିତା ପ୍ରଧାନ, କୃଷ୍ଣଚନ୍ଦ୍ର ଜେନା, ଜ୍ୟୋତିପ୍ରକାଶ ମହାପାତ୍ର, ସରସ୍ୱତୀ ସେଠୀ, ଆରିଫ୍ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପ୍ରିୟଙ୍କା ପ୍ରିୟଦର୍ଶନୀ ପୃଷ୍ଟି ଉକ୍ତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବାବେଳେ ସନ୍ଦୀପ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### କଳାପଥର ଚାଲାଣ ବେଳେ ଗାଡ଼ି ଜବତ, ୨ ଗିରଫ

**ଧର୍ମଶାଳା,୨୧।୧୧(ଡି.ଏନ୍.ଏ.)**

ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର ଚଢ଼େଇଧରା ନିକଟରୁ ପୋଲିସ ରବିବାର ରାତିରେ ବେଆଇନ ଭାବେ କଳାପଥର ବୋଝେଇ ଏକ ହାଇୱା ଗାଡ଼ିକୁ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି । ସୂଚନା ମୁତାବକ ଜେନାପୁର ପୋଲିସ ରବିବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଏକ ହାଇୱା(ନଂ ପିଡି୦୨ଏଜେ୨୫୪୪)ରେ କଳାପଥର ପରିବହନ ହେଉଥିବା ଦେଖି କାଗଜପତ୍ର ଯାଞ୍ଚ କରିଥିଲେ । ତେବେ ଗାଡ଼ିରେ ବସିଥିବା ଏକ ଘରୋଇ କମ୍ପାନୀର ସୁପରଭାଇଜର କାଗଜପତ୍ର ଦେଖାଇବାକୁ ଅସମର୍ଥ ହୋଇଥିଲେ । ଫଳରେ ପୋଲିସ ଗାଡ଼ିକୁ ଜବତ କରିବା ସହ ନୟାଗଡ଼ ଅଞ୍ଚଳର ଗାଡ଼ି ଡ୍ରାଇଭର ରଶ୍ମୀରଞ୍ଜନ ଦଳବେହେରା (୪୨) ଓ ମଙ୍ଗଳପୁର ଥାନା ସୁଶୁଆ ଗ୍ରାମର ସୁପରଭାଇଜର ସୁନାକର ମହାନ୍ତି (୪୪)ଙ୍କୁ ଗିରଫ କରିଥିଲା । ଏନେଇ ଏକ ମାମଲା(ନଂ.୩୨୬/୨୨) ରୁଜୁ ହୋଇଛି । ସୋମବାର ଉଭୟଙ୍କୁ କୋର୍ଟକୁ ଚାଲାଣ କରାଯାଇଛି ।

# ଶିକ୍ଷକଙ୍କ ବଦଳି ପ୍ରତିବାଦରେ ଛାତ୍ରୀଛାତ୍ରଙ୍କ ଧାରଣା


ଧାରଣାରେ ବସିଥିବା ଛାତ୍ରୀଛାତ୍ର ।

**ପ୍ରୀତିପୁର,୨୧।୧୧(ଡି.ଏନ.ଏ.)**

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ୍ ଅଧୀନ ଉତ୍ତରକୁଳ ପଞ୍ଚାୟତର ବରକୋଟି ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ନରେନ୍ଦ୍ର ବାଗଲାଙ୍କ ବଦଳିକୁ ବିରୋଧ କରି ସୋମବାର ସମ୍ପୃକ୍ତ ସ୍କୁଲର ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ବଦଳି ଆଦେଶ ପ୍ରତ୍ୟାହାର କରା ନ ଯିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି । ଛାତ୍ରୀଛାତ୍ରମାନେ ଆଉଁରୀ -ଡିହକୁଳ ମୁଖ୍ୟରାସ୍ତାକୁ ଅବରୋଧ କରି ଧାରଣାରେ ବସିଥିଲେ । ଫଳରେ ବହୁ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥଲା । ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ସେକ୍ ନିଜାମୁଦ୍ଦିନ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ୧ ମାସ ମଧ୍ୟରେ ସମ୍ପୃକ୍ତ ଶିକ୍ଷକଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥଲା ।

# ମୁଖ୍ୟମନ୍ତ୍ରୀଙ୍କ ବୁଣାକାର ସହାୟତା ପ୍ୟାକେଜ

## ୮୦ ବୁଣାକାର ପରିବାରକୁ ମିଳିଲା ତନ୍ତ, ସରଞ୍ଜାମ


ବୁଣାକାରମାନଙ୍କୁ ତନ୍ତ ଓ ଅନ୍ୟାନ୍ୟ ସରଞ୍ଜାମ ପ୍ରଦାନ କରାଯାଉଛି ।

**ରସୁଲପୁର,୨୧।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତ ଅଧୀନ ଗୋପାଳପୁରର ୮୦ ବୁଣାକାର ପରିବାରକୁ ତନ୍ତ ଓ ଆବଶ୍ୟକ ସରଞ୍ଜାମ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ବୁଣାକାର ସହାୟତା ପ୍ୟାକେଜ ଅଧୀନ ପିଏଚ୍‌ଓଆଇ (ପୋହି) ଯୋଜନା ଜରିଆରେ ବୁଣାକାରମାନଙ୍କୁ ଉପରୋକ୍ତ ସାମଗ୍ରୀ ଯୋଗାଇ ଦିଆଯାଇଛି । ବୁଣାକାର ପରିବାର ପକ୍ଷରୁ ଅନ୍‌ଲାଇନରେ ଏଥିପାଇଁ ଆବେଦନ କରାଯିବା ସହିତ ୧୦ ପ୍ରତିଶତ ସହାୟତା ରାଶି ଦାଖଲ କରାଯାଇଥିଲା । ଅବଶିଷ୍ଟ ୯୦ ପ୍ରତିଶତ ଅର୍ଥ ବୟନ ଶିଳ୍ପ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିଲା । ଏହି କ୍ରମରେ ଆବେଦନକାରୀମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୮୦ ପରିବାରକୁ ଉପରୋକ୍ତ ସାମଗ୍ରୀ ପ୍ରଦାନ କରାଯାଇଛି । ବୟନ ଶିଳ୍ପ ବିଭାଗର ଉପ-ନିର୍ଦ୍ଦେଶକ ଆଶୁତୋଷ ମହାନ୍ତି, ରସୁଲପୁର ବିଡିଓ ଅବନୀକାନ୍ତ ସାହୁ, ଏବିଡିଓ ଦିବ୍ୟକାନ୍ତି ମିଶ୍ର, ଏସ୍‌ଆରସିଏ ପ୍ରକାଶ କୁମାର ମହାନ୍ତି, ବୈଷୟିକ ସହାୟକ ଶ୍ରୀକାନ୍ତ ମିଶ୍ର, ବୁଣାକାର ନେତା ରମେଶ ଚନ୍ଦ୍ର ଦାସ, ଅଶୋକ କୁମାର ଗୁଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ୨୦ ବୁଣାକାର ପରିବାରକୁ ତନ୍ତ, ୧୫ ପରିବାରକୁ ଜାକଡ, ୧୦ ଜଣଙ୍କୁ ଡବି, ୩୫ ପରିବାରକୁ ତନ୍ତ ସରଞ୍ଜାମ ପ୍ରଦାନ କରାଯାଇଥିଲା । ବୁଣାକାରମାନେ ଏଥିପାଇଁ ୨୦୨୧ରୁ ମୂଳ ପୁଞ୍ଜି ଦାଖଲ କରିଥିଲେ । ହେଲେ ତନ୍ତ ଓ ସରଞ୍ଜାମ ପ୍ରଦାନରେ ବିଳମ୍ବ ହୋଇଥିଲା । ଏ ଦିଗରେ ବୁଣାକାରମାନେ ଉପ-ନିର୍ଦ୍ଦେଶକଙ୍କୁ ଭେଟି ଆଲୋଚନା କରବା ପରେ ତତ୍ପରତା ପ୍ରକାଶ ପାଇଥିଲା ।

# ଘରପୋଡ଼ି, ଲକ୍ଷାଧିକ ଟଙ୍କାର ନୂଆ ଲୁଗା ଜଳିଗଲା

**ରସୁଲପୁର,୨୧।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ସାମନ୍ତରାପୁର ପଞ୍ଚାୟତର କୁଲୁଗାଁରେ ଅଗ୍ନିକାଣ୍ଡଘଟି ୨ବଖରା ବାସଗୃହ ଜଳି ଯାଇଛି । ଘର ଭିତରେ ରହିଥିବା ନୂଆ ଲୁଗା ଗଣ୍ଠିଲିଗୁଡ଼ିକ ପୋଡ଼ି ପାଉଁଶ ହୋଇଯାଇଛି । ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କାର ହେବ ବୋଲି ଆକଳନ କରାଯାଉଛି ।

ସୂଚନା ଅନୁଯାୟୀ, ୨ ଭାଇ ରବିନ୍ଦ୍ର ବେହେରା ଓ ଶମ୍ଭୁନାଥ ବେହେରାଙ୍କ ଘରେ ସୋମବାର ସକାଳ ପ୍ରାୟ ୬ଟା ୫୦ମିନିଟ୍ ସମୟରେ ନିଆଁ ଲାଗି ଯାଇଥିଲା । ନିଆଁର ପ୍ରକୋପ ଯୋଗୁ ଘର ଭିତରୁ କୌଣସି ଆସବାସପତ୍ର ଉଦ୍ଧାର କରାଯାଇ ପାରି ନ ଥିଲା । ଏ ନେଇ ପରିବାର ଲୋକଙ୍କ ପକ୍ଷରୁ ନିଆଁ ଆୟତ କରିବା ପାଇଁ ରସୁଲପୁର ଦମକଳ କେନ୍ଦ୍ରର ସହାୟତା ନିଆଯାଇଥିଲା । ମାତ୍ର ଦମକଳ ବାହିନୀ ପହଞ୍ଚିଲା ବେଳକୁ ଘର ୨ବଖରା ସମ୍ପୂର୍ଣ୍ଣ ଜଳି ଯାଇଥିଲା । ଘରେ ଥିବା ସମସ୍ତ ଅସବାସ ପୋଡି ଯାଇଥିଲା । ଏ ସମ୍ପର୍କରେ ଖବର ପାଇ ରସୁଲପୁର ଅତିରିକ୍ତ ତହସିଲଦାର ଶୁଭସ୍ମିତା ନାୟକ, ସୁପରଭାଇଜର ସନ୍ତୋଷ କୁମାର ପରିଡା, ରାଜସ୍ୱ ନିରୀକ୍ଷକ ନୃସିଂହ ଚରଣ ବେହେରା ପ୍ରମୁଖ କ୍ଷୟକ୍ଷତିର ଆକଳନ କରିଥିଲେ । ରବିନ୍ଦ୍ର ଜଣେ ଲୁଗା ବ୍ୟବସାୟୀ, ତାଙ୍କର ନୂଆ ଲୁଗା ଗଣ୍ଠିଲି ପୋଡ଼ି ପାଉଁଶ ହୋଇଛି । କ୍ଷତିଗ୍ରସ୍ତ ପରିବାରକୁ ତହସିଲ ପକ୍ଷରୁ ୨ଟି ପିଲିଥିନ ଯୋଗାଇ ଦିଆଯାଇଛି । ଅନ୍ୟାନ୍ୟ ସହାୟତା ରିଲିଫ କୋର୍ଡ ଅନୁସାରେ ପ୍ରଦାନ କରାଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି ।



# ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ

## ନୂତନ କର୍ମକର୍ତ୍ତା ନିର୍ବାଚିତ

**ରସୁଲପୁର,୨୧।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ଶାଖା ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ଏକ ସାମ୍ବିଧାନିକ ସମ୍ମିଳନୀ ମଧୁବନସ୍ଥିତ ପଞ୍ଚାୟତ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଯାଜପୁର ଜିଲା ଓଷ୍ଟା ସଂଘର ସଭାପତି ସୁନନ୍ଦ କୁମାର ରାଉତ, ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ରାଜ୍ୟ ପରିଷଦ ସଭ୍ୟ ରମେଶ ଚନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ଅମୂଲ୍ୟ କୁମାର ଦାସ ପ୍ରମୁଖ ଯୋଗଦେଇ ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ସଂଘର ବ୍ଲକ ଶାଖା ପାଇଁ ନୂତନ କାର୍ଯ୍ୟକର୍ତ୍ତାମାନଙ୍କୁ ଚୟନ କରାଯାଇଥିଲା । ଅନୁଷ୍ଠିତ କର୍ମକର୍ତ୍ତା ନିର୍ବାଚନରେ ବ୍ଲକ ସଭାପତି ଭାବେ ଶିକ୍ଷକ କୁଶମଣୀ ପଣ୍ଡା, ସମ୍ପାଦକ ପ୍ରଭାତ କୁମାର ଚନ୍ଦ, ଉପସଭାପତି ଚିତ୍ତରଞ୍ଜନ ଦାସ ଓ ମଞ୍ଜୁଶ୍ରୀ ଜେନା, ଯୁଗ୍ମ ସମ୍ପାଦକ ପ୍ରଜ୍ଞା ପରମିତି ପୃଷ୍ଟି ରଜ୍ୟ ପରିଷଦ ସଦସ୍ୟ ଭାବରେ ଦୁଃଶାସନ ସାହୁ ନିର୍ବାଚିତ ହୋଇଥିଲେ । ଓଷ୍ଟାର ବ୍ଲକ ସଭାପତି ଇନ୍ଦ୍ରମଣି ନାୟକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ବେଳେ ବିଦ୍ୟାଳୟ ଏନସିସି କାଡେଟ୍‌ମାନେ ଅତିଥିମାନଙ୍କୁ ଗାର୍ଡ ଅଫ ଅନର ପ୍ରଦର୍ଶନ କରିଥିଲେ । ସମ୍ପାଦକ ଦୁଃଶାସନ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ସୁବାସୀ ସାହୁ, ଚିତ୍ତରଞ୍ଜନ ଦାସ ପ୍ରମୁଖ ନିର୍ବାଚନ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ଶିକ୍ଷକନେତାମାନେ ନୂତନ କାର୍ଯ୍ୟକର୍ତ୍ତାମାନଙ୍କୁ ସ୍ୱାଗତ ଜଣାଇଥିଲେ ।

# ଦିବ୍ୟାଙ୍ଗଙ୍କୁ ମିଳିଲା ୩ ଚକିଆ ସାଇକେଲ


ଦିବ୍ୟାଙ୍ଗ କୁଶ ମଲ୍ଲିକଙ୍କୁ ୩ ଚକିଆ ସାଇକେଲ ପ୍ରଦାନ କରାଯାଇଛି ।

**ରସୁଲପୁର,୨୧।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଅର୍ଥଗାଁ ପଞ୍ଚାୟତ ୧୭ନଂ. ୱାର୍ଡର ଦିବ୍ୟାଙ୍ଗ କୁଶ ମଲ୍ଲିକ(୨୩)ଙ୍କୁ ୩ ଚକିଆ ସାଇକେଲ ପ୍ରଦାନ କରାଯାଇଛି । ରସୁଲପୁର ବିଡିଓ ଅବନୀକାନ୍ତ ସାହୁ ଏଥିପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ସାଇକେଲକୁ ବ୍ୟବହାର କରି କୁଶ ବିଭିନ୍ନ ସ୍ଥାନକୁ ଯାଇ ପାରିବେ ବୋଲି ସେ ପ୍ରକାଶ କରିଛନ୍ତି ।

ସୂଚନା ଅନୁଯାୟୀ, ଦିନ ଥିଲା କୁଶ ବିଦେଶରେ କାମ କରୁଥିଲେ । ସେଠାରେ ସେ ଅସୁସ୍ଥ ହେବାରୁ ସେ ଘରକୁ ଆସି ଚିକିତ୍ସିତ ହୋଇଥିଲେ । ମାତ୍ର ସ୍ନାୟୁଜନିତ ରୋଗ ହୋଇଥିବାରୁ ତାଙ୍କ ଗୋଡ ଅଚଳ ହୋଇଯାଇଥିଲା । ଫଳରେ ସେ ଯାତାୟତା କରିବାରେ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ । ଶେଷରେ ଏକ ଆଶା ବାଡ଼ି ସହାୟତାରେ ସେ ବହୁ କଷ୍ଟରେ ଚଲାବୁଲା କରୁଥିଲେ । ଏହାପରେ ସେ ଦିବ୍ୟାଙ୍ଗ ପ୍ରମାଣପତ୍ର ହାସଲ କରିବା ପରେ ୩ ଚକିଆ ସାଇକେଲ ପାଇଁ ରସୁଲପୁର ବିଡିଓଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ । ଉକ୍ତ ଆବେଦନପତ୍ର ଓ ଆବେଦନକାରୀଙ୍କ ସ୍ଥିତିକୁ ଯାଞ୍ଚ କରିବା ପରେ ତୁରନ୍ତ ତାଙ୍କୁ ଏକ ୩ ଚକିଆ ସାଇକେଲ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମିନତି ରାଉତ ୩ ଚକିଆ ସାଇକେଲ ହିତାଧିକାରୀଙ୍କୁ ଯୋଗାଇ ଦେଇଛନ୍ତି । ବିଡିଓ ସାହୁ, ଏବିଡିଓ ଦିବ୍ୟକାନ୍ତି ମିଶ୍ର, ବ୍ଲକ ସଂଯୋଜିକା(ସ୍କିଲ) ମଧୁସ୍ମିତା ମହାନ୍ତି ପ୍ରମୁଖଙ୍କ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ୫୬ଜଣଙ୍କୁ ମିଳିଲା ପାଇଖାନା କାର୍ଯ୍ୟାଦେଶ


କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ ।

**ରସୁଲପୁର,୨୧।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତରେ ୫୬ଜଣ ହିତାଧିରୀଙ୍କୁ ବ୍ୟକ୍ତିଗତ ପାଇଖାନା ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ସ୍ୱଚ୍ଛ ଭାରତ ମିଶନ ଜରିଆରେ ଗାଁଗୁଡିକୁ ବାହ୍ୟ ମଳମୂତ୍ର ମୁକ୍ତ ଭାବେ ପରିଗଣିତ କରିବା ପାଇଁ ସରକାରଙ୍କ ପକ୍ଷରୁ ପାଇଖାନା ନିର୍ମାଣ ସକାଶେ ହିତାଧିକାରୀମାନଙ୍କୁ ୧୨ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏହି କ୍ରମରେ ପଞ୍ଚାୟତର ୮ରାଜସ୍ୱ ଗ୍ରାମରୁ ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ପାଇଖାନା ନିର୍ମାଣ କାର୍ଯ୍ୟକୁ ୩ ମାସ ମଧ୍ୟରେ ଶେଷ କରିବା ପାଇଁ ହିତାଧିକାରୀମାନଙ୍କୁ କୁହାଯାଇଛି । ସ୍ଥାନୀୟ ସରପଞ୍ଚ ରୁଦ୍ର ନାରାୟଣ ମହାନ୍ତି ଓ ସମିତି ସଭ୍ୟ ଅଜୟ କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟାଦେଶ କାର୍ଯ୍ୟକ୍ରମକୁ ନିର୍ବାହୀ ଅଧିକାରୀ ଅନିଲ ଅଙ୍ଗରାଇ ପରିଚାଳନା କରିଥିଲେ ।

# ନକଲି ଚା ଜବତ, ଜଣେ କୋର୍ଟ ଚାଲାଣ

## ସୂଚନା ହାସଲ କରିବାରେ ପୋଲିସ ବିଫଳ


ଜବତ ହୋଇଥିବା ନକଲି ଚା' ।

**ରସୁଲପୁର,୨୧।୧୧(ଡି.ଏନ.ଏ.)**

କୁଆଖିଆ ଥାନା ଅନ୍ତର୍ଗତ ହରିପୁର ବଜାରର ମା' ତାରିଣୀ ଭେରାଇଟ୍ ଷ୍ଟୋରରୁ ରବିବାର କୁଆଖିଆ ପୋଲିସ ପକ୍ଷରୁ ୩୦୫ ପ୍ୟାକେଟ(୧୦୦ଗ୍ରାମ ଓଜନର ୨୭୫ ଓ ୨୫ ଗ୍ରାମ ଓଜନର ୨୫ ପ୍ୟାକେଟ) ନକଲି ଟାଟା ଚା ଜବତ କରାଯାଇଛି । ଏଭଳି ବେଆଇନ କାରବାରରେ ସମ୍ପୃକ୍ତ ଦର୍ଶାଇ ପୋଲିସ ଷ୍ଟୋର ମାଲିକ ଲକ୍ଷ୍ମୀଧର ପାତ୍ରକୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ପୋଲିସ ୪୨୦, ୬୩(ନକଲି କରିବା), ୧୦୩,୧୦୪, ୧୦୭(ବେଆଇନ ଭାବେ ଟ୍ରେଡମାର୍କ ବ୍ୟବହାର କରିବା) ଦଫା ଲଗା ଯାଇଛି । ପୋଲିସ ଅଭିଯୁକ୍ତଙ୍କୁ ୨୪ ଘଣ୍ଟା ଥାନାରେ ଅଟକ ରଖି ପଚରାଉଚୁରା କରିବା ପରେ ବି ନକଲି ଚା କାରବାର ସମ୍ପର୍କରେ ପଦୁଟିଏ ସତ ଓଗାଳାଇବାରେ ବିଫଳ ହୋଇଛି । ଅଭିଯୁକ୍ତଙ୍କ ବୟସାଧିକ କାରଣରୁ ତାଙ୍କୁ ଅଧିକ ଜୋର ଦେଇ ପଚରାଉଚୁରା କରାଯାଇ ପାରି ନ ଥିଲା ବୋଲି ପୋଲିସ ସୂତ୍ରରୁ ଜଣା ପଡ଼ିଛି । ତେବେ ଏଭଳି ନକଲି କାରବାର ବ୍ୟାପକ ଭାବେ ଚାଲିଛି । ଉକ୍ତ କାରବାରକୁ ରୋକିବାରେ ପ୍ରଶାସନ ବିଫଳ ହେଉଛି ବୋଲି ମତ ପ୍ରକାଶ ପାଇଛି ।

ଟାଟା ଚା କମ୍ପାନୀ ଦ୍ୱାରା ବିଭିନ୍ନ ଉତ୍ପାଦିତ ଦ୍ରବ୍ୟକୁ ବଜାରରେ ନକଲି କରାଯାଉଛି । ଏହାକୁ ରୋକିବା ପାଇଁ କମ୍ପାନୀ ପକ୍ଷରୁ ତଦନ୍ତ ଓ ଅନୁସନ୍ଧାନକାରୀ ଦଳ ଗଠନ କରାଯାଇଛି । ଏହି ଦଳ ପକ୍ଷରୁ ଅଧିକାରୀ ପ୍ରଦୀପ ଘୋଷ ହରିପୁର ବଜାରରେ ଟାଟା କମ୍ପାନୀ ଚାକୁ ନକଲି କରାଯାଇ ବିକ୍ରୀ ହେଉଥିବା ଜାଣି କୁଆଖିଆ ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ କ୍ରମେ କୁଆଖିଆ ପୋଲିସ ଭେରାଇଟ୍ ଷ୍ଟୋର ଉପରେ ଚଢାଉ କରିଥିଲା । ଉକ୍ତ ଦୋକାନରେ ବିକ୍ରୀ ଉଦ୍ଦେଶ୍ୟରେ ରଖାଯାଇଥିବା ଚା ପ୍ୟାକେଟଗୁଡିକୁ ଜବତ କରିଥିଲେ । ତାହା ଯାଞ୍ଚ କରିବା ପରେ ସେଗୁଡିକ ନକଲି ବୋଲି ଜଣାପଡିଥିଲା । ଏହି କ୍ରମରେ ଦୋକାନରେ ଥିବା ୨୮.୨୫୦କେଜି ଚା'ପ୍ୟାକେଟ ଜବତ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ୬ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ହେବ । ଏ ନେଇ ଥାନାରେ ଏକ । ମାମଲା(ନଂ.୩୬୭/୨୨) ରୁଜୁ କରାଯାଇଛି । ଏସ.ଆଇ ଭାଗବତ ମହାଳି ମାମଲାର ତଦନ୍ତ କରୁଛନ୍ତି । ଏ ଦିଗରେ ପଚରାଉଚୁରା କରିବାରୁ ଅଭିଯୁକ୍ତଙ୍କୁ ଜଣେ ବ୍ୟବସାୟୀ କଟକରୁ ଚା' ପ୍ୟାକେଟ ଆଣି ଦିଅନ୍ତି । ମାତ୍ର ତାଙ୍କ ସମ୍ପର୍କରେ ସେ ବିଶେଷ କିଛି ଜାଣି ନାହାଁନ୍ତି ବୋଲି ପୋଲିସକୁ କହିଛନ୍ତି । ଏ ଦିଗରେ ପୋଲିସକୁ ଅଧିକ କିଛି ତଥ୍ୟ ହସ୍ତଗତ ହୋଇ ନ ଥିବା ବେଳେ ଏହି ବଜାରରେ ଆହୁରି ଅନେକ ଦୋକାନରେ ନକଲି ସାମଗ୍ରୀ କାରବାର ହେଉଥିବାର ସନ୍ଦେହ କରାଯାଉଛି । ଏହାକୁ ରୋକିବା ଦିଗରେ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଖାଉଟିମାନଙ୍କୁ କ୍ଷତି ସହିବାକୁ ପଡୁଛି ।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା



ଆଲି,୨୧।୧୧(ଡି.ଏନ.ଏ.)

ଆଲି ବ୍ଲକ ମେଣ୍ଡପୁର ପଞ୍ଚାୟତ ରସୁଲପୁର ଗାଁର ସନା ଖାଁଙ୍କ ଘରେ ନିଆଁ ଲାଗି ୨ ବଖରା ସମ୍ପୂର୍ଣ୍ଣ ପୋଡି ଛାରଖାର ହୋଇଯାଇଛି। ସୋମବାର ମଧ୍ୟାହ୍ନ ୧୨ଟାରେ ସନାଙ୍କ ଘରେ ବିଦ୍ୟୁତ୍ ଶର୍ଟ ଶର୍କିଟ ଯୋଗୁ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବା ସହ ଆଲି ଦମକଳକୁ ସୂଚନା ଦେଇଥିଲେ। ଦମକଳ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇଥିଲେ। ଏହି ଅଗ୍ନିକାଣ୍ଡରେ ସନାଙ୍କ ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ଯାଇଛି। ଦିନମଜୁରି କରି ପରିବାର ପ୍ରତିପୋଷଣ କରୁଥିବା ସନାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ମେଣ୍ଡପୁର ସରପଞ୍ଚ ମେମୁନା ଖାତୁନ ଦାବି କରିଛନ୍ତି।

### ଛାତ୍ରୀଙ୍କଠାରୁ ମୋବାଇଲ ଲୁଟ୍ ଘଟଣା: ୨ ଗିରଫ

ଆଲି, ୨୧।୧୧(ଡି.ଏନ.ଏ.): ଜଣେ କଲେଜ ଛାତ୍ରୀଙ୍କ ନିକଟରୁ ମୋବାଇଲ ଚୋରି ଘଟଣାରେ ଆଲି ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅକ୍ଟୋବର ୧୧ରେ ରାଜକନିକା ଥାନା ବରାଙ୍ଗ ଗାଁର ସୁବାସ ନାୟକଙ୍କ ଝିଅ ମଧୁସ୍ମିତା ଆଲି ଥାନା ଆୟତପୁରସ୍ଥିତ ଲକ୍ଷ୍ମୀବରାହ କଲେଜକୁ ପଢିବାକୁ ଯାଉଥିଲେ। ଗଡଗଡି ପୋଲ ଉପରେ ଏକ ବାଇକ୍‌ରେ ୨ଜଣ ଯୁବକ ପଛରୁ ଆସି ତାଙ୍କ ସାଇକେଲ ପଛରେ ଥିବା ବ୍ୟାଗ କୁ ଝାମ୍ପି ନେଇ ପଳାଇ ଯାଇଥିଲେ। ବ୍ୟାଗରେ ଏକ ମୋବାଇଲ ସହ ସାର୍ଟିଫିକେଟ ଓ ଅନ୍ୟ କାଗଜ ପତ୍ର ସହ ୪୫୦ ଟଙ୍କା ଥିଲା। ମଧୁସ୍ମିତା ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପରେ ଆଇଆଇସି ଦିଲୀପ ସାହୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ସେ ଚୋରି ହୋଇଥିବା ସାମସଙ୍ଗ ମୋବାଇଲ ଆଇଏମ୍‌ଇଆଇ ନମ୍ବରକୁ ଟ୍ରାକ କରିବା ପରେ ଲୋକେଶନ କେନ୍ଦ୍ରାପଡା ଥାନା ଇନ୍ଦୁପୁର ଦେଖାଇଥିଲା। ପରେ ଗୁଇନ୍ଦା ସୂତ୍ରକୁ ଆଧାର କରି ପୋଲିସ ନିକିରାଇ ଥାନା ଧୁମାତ ଗ୍ରାମର ଆକାଶ ଜେନା (୨୧) ଓ ଇଲୁ ଜେନା(୨୦)ଙ୍କୁ ଗିରଫ କରିବା ସହ ମୋବାଇଲ ଓ କାଗଜପତ୍ର ଜବତ କରିଥିଲା। ପରେ ସେମାନଙ୍କ ଡାକ୍ତରୀ ପରୀକ୍ଷା କରାଇ ଆଲି କୋର୍ଟରେ ହାଜର କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବାରିମୂଳ ଜେଲକୁ ପଠାଇ ଦିଆଯାଇଛି।




# ନଦୀବନ୍ଧ ଭାଙ୍ଗିବା ସତ୍ତ୍ୱେ ବନ୍ଦ ହେଉନି ବାଲି ଉଠାଣ

**ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳ**

■ ବର୍ଷ ବର୍ଷ ଧରି ମୌଳିକ ସମସ୍ୟା ଲାଗି ରହିଛି

କେନ୍ଦ୍ରାପଡ଼ା ଅଫିସ, ୨୧।୧୧

କେନ୍ଦ୍ରାପଡ଼ା ଜିଲାର ଲୁଣା ଓ କରାଣ୍ଡିଆ ଦ୍ୱୀପାଞ୍ଚଳର ପକ୍ଷୋଟଠାରେ ୩ ସପ୍ତାହ ପୂର୍ବେ ନଦୀବନ୍ଧ ଭାଙ୍ଗିଥିଲା। ଏହାର କାରଣ ବେଆଇନ ବାଲି ଉଠାଣ ହୋଇଥିବା ପ୍ରଶାସନିକ ତଦନ୍ତ ସମୟରେ ଜଣାପଡିଥିଲା। ଏହାସତ୍ତ୍ୱେ ନଦୀପଠାରୁ ବାଲି ଉଠାଣ ବନ୍ଦ ହେଉନାହିଁ। ଏଥିସହ ଦ୍ୱୀପାଞ୍ଚଳରେ ଥିବା ୧୩ ରାଜସ୍ୱ ଗ୍ରାମ ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଅବହେଳିତ ଅବସ୍ଥାରେ ଅଛି। ଏ ନେଇ ଦ୍ୱୀପାଞ୍ଚଳବାସୀ ବାରମ୍ବାର ରାଜନେତା ଓ ପ୍ରଶାସକଙ୍କ ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅଦ୍ୟାବଧି ସୁଫଳ ମିଳିନାହିଁ। କେନ୍ଦ୍ରାପଡ଼ା ସହରଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଥିବା ଏହି ଦ୍ୱୀପାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳଯୋଗାଣ ଆଦି ମୌଳିକ ସମସ୍ୟା ଲାଗି ରହିଛି। ଦ୍ୱୀପାଞ୍ଚଳର ୧୩ ଗ୍ରାମ ଏବେ ୩ ବ୍ଲକ ଅଧୀନ ୫ ପଞ୍ଚାୟତରେ ଅଛି। ମାର୍ଶାଘାଇ ବ୍ଲକ ଆଇତିପୁର ପଞ୍ଚାୟତର ଆଇତିପୁର, ବଳରାମପୁର, ବାଲିସିଂ, ଜଳପୋକ ପଞ୍ଚାୟତ ଅଧୀନରେ ଥିବା ଡିହଜଳପୋକ, ପକ୍ଷଟ, କଣିବାଙ୍କ ସହ ଡେରାବିଶ ବ୍ଲକର ବସପୁର ପଞ୍ଚାୟତ ଅଧୀନରେ ଥିବା ଡିହବସୁପୁର,ଓ ଇନ୍ଦାଳୋ ପଞ୍ଚାୟତ ଅଛି। ସେହିପରି ଏଠାରେ ଗରଦପୁର ବ୍ଲକସ୍ଥ ବଙ୍ଗାଳପୁର ପଞ୍ଚାୟତର ସାନସଲାର, ଶିଶୁଆ ଓ ସଠିଲୋ ଗ୍ରାମ ରହିଛି। ଏହି ୧୩ ରାଜସ୍ୱ ଗ୍ରାମର ଗୋଟିଏ ପାର୍ଶ୍ୱରେ କରାଣ୍ଡିଆ ନଦୀ ଓ ଅନ୍ୟ ପାର୍ଶ୍ୱରେ ଲୁଣାନଦୀ ପ୍ରବାହିତ ହେଉଛି। ସଠିଲୋ ନିକଟରୁ ଏହି ଦ୍ୱୀପାଞ୍ଚଳ ଆରମ୍ଭ ହୋଇ ଡିହବଳରାମପୁରରେ ଶେଷ ହୋଇଛି। ଏହି ନଦୀପଠାର ବିଭିନ୍ନ ସ୍ଥାନରୁ ବାଲି ଉଠାଣ ଚାଲିଥିବା ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ନଗେନ୍ଦ୍ର ଜେନା କହିଛନ୍ତି, କରାଣ୍ଡିଆ ନଦୀ ଉପରେ ଏକ ପଥର ଆଡିବନ୍ଧ ନିର୍ମାଣ ଅଧାରେ ଅଟକିଯାଇଛି। ଲୁଣାନଦୀର ବାମ ପାର୍ଶ୍ୱ ସୁଦୃଢ଼ ହେଉଥିବା ବେଳେ ଦକ୍ଷିଣପାର୍ଶ୍ୱ ବନ୍ଧର ବହୁ ସ୍ଥାନ ଦୁର୍ବଳ ଅଛି। ମହାନଦୀ ସିଷ୍ଟମରେ ବନ୍ୟାଜଳ ପ୍ରବାହିତ ହେଲେ ଦ୍ୱୀପାଞ୍ଚଳବାସୀଙ୍କ ପାଇଁ ବିପଦ ଘନାଇ ଆସୁଛି। ଚଳିତ ମାସର ପ୍ରଥମ ସପ୍ତାହରେ ନଦୀବନ୍ଧ ଭାଙ୍ଗିଯାଇଛି। ଫଳରେ ଆଗାମୀ ବନ୍ୟା ଦ୍ୱୀପାଞ୍ଚଳର ଜୀବନ, ଜୀବିକା ସହିତ ବାସସ୍ଥାନ ଉପରେ ପ୍ରଭାବ ପକାଇବ। ସେହିପରି ଡିହବଳରାମପୁର ଗ୍ରାମର ରମେଶ ଚନ୍ଦ୍ର ସାହାଣୀ କହିଛନ୍ତି, ଦ୍ୱୀପାଞ୍ଚଳରେ ଲୁଣାନଦୀ ବାମପାର୍ଶ୍ୱ ବନ୍ଧର ଲମ୍ବ ୫ କିଲୋମିଟର। ଏଥିରୁ ପ୍ରଥମ ୨ କିଲୋମିଟର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ବେଳେ ଅବଶିଷ୍ଟ ବନ୍ଧ ଜଳ ସମ୍ପଦ ବିଭାଗ ଅଧୀନରେ ଅଛି। ବିଭିନ୍ନ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନଦୀବନ୍ଧ ନିର୍ମାଣ ପାଇଁ ଟେଣ୍ଡର ହେଉଥିଲେ ମଧ୍ୟ ପ୍ରକଳ୍ପ ଅଧାପନ୍ତରିଆ ରହୁଛି। ଅପରପକ୍ଷରେ ଜଳସେଚନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସେହିପରି ଏହି ଦ୍ୱୀପାଞ୍ଚଳରେ ମୌଳିକ ସୁବିଧା ମିଳୁ ନ ଥିବା ଗ୍ରାମବାସୀ ମତ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଏ ନେଇ ବିଭିନ୍ନ ବୈଠକରେ ଆଲୋଚନା ହୋଇଛି। ଦ୍ୱୀପାଞ୍ଚଳର ଉନ୍ନତି ପାଇଁ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି।



ଲୁଣା ନଦୀ ବନ୍ଧରୁ ମାଟି ଅତଡା ଧସି ଯାଇଛି। (ଫାଇଲ ଫଟୋ)

# ମାର୍ଶାଘାଇରେ ଜିଲାପାଳଙ୍କ ମିଳିତ ଜନଶୁଣାଣି



ଶିବିରରେ ଅଭିଯୋଗ କରିବାକୁ ଆସିଥିବା ମହିଳାପୁରୁଷମାନେ।

ମାର୍ଶାଘାଇ, ୨୧।୧୧(ଡି.ଏନ.ଏ.)

**ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ**

ମାର୍ଶାଘାଇ ବ୍ଲକ ପରିସରରେ କେନ୍ଦ୍ରାପଡ଼ା ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିର ଚାଲିଥିବା ଗୃହକୁ ଖବରଦାତା ଯିବା ବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ପଚାରିବାରୁ ବିଡିଓ ମନା କରିଛନ୍ତି ବୋଲି କହିଥିଲେ। ଫଳରେ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିରେ ମୋଟ ୭୩ଟି ଅଭିଯୋଗ ଆସିଥିବା ବେଳେ ସେଥିରୁ ୭୦ଟି ବ୍ୟକ୍ତିଗତ ଥିବାବେଳେ ୩ଟି ସାମୂହିକ ଥିଲା। ମହାକାଳପଡ଼ା ବ୍ଲକର ପେଟଛେଲା ପଞ୍ଚାୟତର ୧୦ଜଣ ୱାର୍ଡ ସଭ୍ୟାସଭ୍ୟ ସାମାଜିକ କର୍ମୀ ନାଥ କୁମାର ଭୋଳଙ୍କ ନେତୃତ୍ୱରେ ଆସି ଉକ୍ତ ପଞ୍ଚାୟତର ସରପଞ୍ଚ ଓ ନିର୍ବାହୀ ଅଧିକାରୀ ରିଜୁଲେସନ ଖାତାରେ କିଛି ନ ଲେଖି ଦସ୍ତଖତ କରିବାକୁ ବାଧ କରିବା, ପୂର୍ବରୁ ବାତ୍ୟା ଆଶ୍ରୟସ୍ଥଳରେ ଚାଲୁଥିବା ଅସ୍ଥାୟୀ ପଞ୍ଚାୟତ କାର୍ଯ୍ୟାଳୟକୁ ରାମନଗର ବଜାର ନିକଟକୁ ଉଠାଇ ସେଠାରେ ମନମୁଖି କାର୍ଯ୍ୟ ଚାଲୁଥିବା, ପଞ୍ଚାୟତରେ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଯୋଜନାର ତଥ୍ୟ ପ୍ରଦାନ ପାଇଁ ଜିଲାପାଳଙ୍କୁ ଲିଖିତ ଆକାରରେ ଜଣାଇ ତଦନ୍ତ ପାଇଁ ଦାବି କରିଥିଲେ। ସେହିପରି ମାର୍ଶାଘାଇ ବ୍ଲକର ନାରାୟଣପୁର ଗ୍ରାମବାସୀ ରବି ଫସଲ ନଷ୍ଟ ହୋଇଥିବାରୁ ଇନ୍‌ପୁଟ ସବ୍‌ସିଡି ପାଇଁ ଦାବି କରିଥିଲେ। ଦୁମୁକା ଗ୍ରାମରେ ମହିଳା ସ୍ୱୟଂ ସହାୟିକା ମହାସଂଘ ଗ୍ରାମରେ ଚାଲିଥିବା ଏକ ନିର୍ମାଣ କାର୍ଯ୍ୟକୁ ବନ୍ଦ ପାଇଁ ଜଣାଇଥିଲେ। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଭତ୍ତା, ରାଶନ କାର୍ଡ, ଚିକିତ୍ସା ଖର୍ଚ୍ଚ, ଆବାସ ଯୋଜନାରେ ଗୃହ, ଜମିଜମା ସମ୍ବନ୍ଧୀୟ ଥିଲା। ଏଥିରେ ଜିଲାପାଳ ଅମୃତ ଋତୁରାଜ, ଉପଜିଲାପାଳ ନିରଞ୍ଜନ ବେହେରା, ଏସ୍‌ଡିପିଓ ଜୟନ୍ତ ମହାପାତ୍ର, ବିଡିଓ ଉମାଶଙ୍କର ବେହେରା, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଅତିରିକ୍ତ ତହସିଲଦାର ପ୍ରଫୁଲ୍ଲ କୁମାର ବିଶ୍ୱାଳ ଓ ଅଶୋକ କୁମାର ବେହେରାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଶିବିରକୁ ନ ଛାଡିବା ସମ୍ପର୍କରେ ବିଡିଓ ବେହେରାଙ୍କୁ ପଚାରିବାରେ ଜିଲାପାଳଙ୍କ ଅନୁମତି ନାହିଁ ବୋଲି ସେ କହିଥିଲେ।

## ମଞ୍ଚରେ ବିଡିଓ ଗାଇଲେ ଗୀତ

ରାଜନଗର, ୨୧।୧୧(ଡି.ଏନ.ଏ.)

ଏକ ଶ୍ରଦ୍ଧାଞ୍ଜଳି ସଭାରେ ଅନୁଷ୍ଠିତ ଭଜନ ସମାରୋହରେ ରାଜନଗର ବିଡିଓ ଭଜନ ଗାଇ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଛନ୍ତି। ସୁମଧୁର କଣ୍ଠରେ ବିଡିଓ ଗାଇଥିବା ଭଜନ ସମସ୍ତଙ୍କ ମନ ମୋହିଥିଲା। ଏବେ ଏହି ଭିଡିଓ ଭାଇରାଲ ହେବାରେ ଲାଗିଛି। ଗତ ୧୯ ତାରିଖ ରାଜନଗର ବ୍ଲକ ସାନଓରଗାଁରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଦିବଂଗତ ଶିକ୍ଷାବିତ୍ ଇନ୍ଦ୍ରମଣି ସାମଲଙ୍କ ଦ୍ୱାଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି ସଭା ସହ ଭଜନ ସମାରୋହ କାର୍ଯ୍ୟକ୍ରମ ଚାଲିଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ସହ ରାଜନଗର ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଯୋଗ ଦେଇଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ଭଜନ ସମାରୋହ ଚାଲିଥିବା ଦେଖି ନିଜେ ଏକ ଭଜନ ଗାଇବାକୁ କହିଥିଲେ। ବିଡିଓ କ'ଣ ଗାଇବେ, କିପରି ଗାଇବେ, ପ୍ରଥମେ କଥାଟା ସମସ୍ତଙ୍କୁ ଅଡୁଆ ଲାଗିଥିଲା। ମାତ୍ର ମାଇକ୍ରୋଫୋନ ଧରିବା ପରେ ତାଙ୍କର ସ୍ୱର ଶୁଣି ସମସ୍ତେ ମନ୍ତ୍ରମୁଗ୍ଧ ହୋଇପଡ଼ିଥିଲେ। ଏ ମର୍ତ୍ତ୍ୟ ମଣ୍ଡଳେ ଜନମ ହୋଇଲେ, ଅବଶ୍ୟ ବାନ୍ଧି ନେବ ଯମରେ ବାଇମନ, ଦିନେ ନ ଭଜିଲୁ କୃଷ୍ଣ ନାମରେ ବାଇମନ ଭଜନଟି ସମସ୍ତଙ୍କ ମନ ମୋହି ନେଇଥିଲେ। ଶ୍ରଦ୍ଧା ସୁମନ ଅର୍ପଣ କରିବାକୁ ଉପସ୍ଥିତ ସମସ୍ତ ଅତିଥିଙ୍କ ସହ ଗ୍ରାମବାସୀ ବିଡିଓଙ୍କ ସୁମଧୁର କଣ୍ଠରେ ଭଜନ ଶୁଣି ବିମୋହିତ ହୋଇଥିଲେ।



## 'ଅନୁଦାନ ଅର୍ଥକୁ ପଞ୍ଚାୟତରେ ସୁବିନିଯୋଗ କର'



ପ୍ରଶିକ୍ଷଣ ଶିବିରରେ ଜିଲାପାଳ ପାରୁଲ ପଟୱାରୀ ଓ ଅନ୍ୟମାନେ।

ରଘୁନାଥପୁର,୨୧।୧୧(ଡି.ଏନ୍.ଏ)

ରଘୁନାଥପୁର ବ୍ଲକ ଗୋକୁଳପୁରସ୍ଥିତ ଷ୍ଟେଟ ଆଇଟିଆଇ ସଭା କକ୍ଷରେ ୫ ଦିନ ବ୍ୟାପି ସରପଞ୍ଚମାନଙ୍କ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂସ୍ଥା ନବଜ୍ୟୋତି କ୍ଲବ ପକ୍ଷରୁ ଅନୁଷ୍ଠିତ ଏହି ସଭାରେ କ୍ଲବର ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରୀ ପ୍ରଦୀପ ପ୍ରଜ୍ୱଳନ କରି ସରପଞ୍ଚମାନଙ୍କୁ ସମ୍ବୋଧିତ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ପଞ୍ଚାୟତର ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେବା ସହ ଶିବିରରୁ ଆହରଣ କରିଥିବା ଜ୍ଞାନକୁ କାର୍ଯ୍ୟରେ ଲଗାଇବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତକୁ ବିଭିନ୍ନ ଯୋଜନାରେ ଆସୁଥିବା ଅନୁଦାନର ସୁବିନିଯୋଗ କରିବାକୁ ଜିଲାପାଳ ପଟୱାରୀ ପ୍ରକାଶ କରିଥିଲେ। ପ୍ରତ୍ୟେକ ପଞ୍ଚାୟତରେ ମାର୍କେଟ କମ୍ପ୍ଲେକ୍ସ, ପୋଖରୀ ଭଳି ଯୋଜନାରେ ଅର୍ଥ ବିନିଯୋଗ କରି ଆୟ ବଢ଼େଇବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଜଗତ୍‌ସିଂହପୁର ରୁଦ୍ରନାରାୟଣ ଦାଶ ଯୋଗଦେଇ ପଞ୍ଚାୟତ ସାଧାରଣ ଜନତାଙ୍କ ପ୍ରାଣକେନ୍ଦ୍ର ବୋଲି କହିଥିଲେ। ସରପଞ୍ଚମାନେ ସେମାନଙ୍କ କ୍ଷମତା ଓ ଉତ୍ତରଦାୟିତ୍ୱ ସମ୍ପର୍କରେ ଅବଗତ ହୋଇ ଲୋକଙ୍କ ଆବଶ୍ୟକତାକୁ ଉପଲବ୍ଧ କରି କାର୍ଯ୍ୟ ଆଗେଇ ନେବାକୁ ସେ ମତବ୍ୟକ୍ତ କରିଥିଲେ। ରଘୁନାଥପୁର ବିଡିଓ ଲମ୍ବୋଦର ଖୁଣ୍ଟିଆ ଓ ତିର୍ତ୍ତୋଲ ବିଡିଓ ଅଟଳ ବିହାରୀ ବକ୍ତବ୍ୟରେ ସରପଞ୍ଚମାନଙ୍କ ଭୂମିକା ଓ ଦାୟିତ୍ୱବୋଧ ସମ୍ପର୍କରେ ଆଲୋଚନା କରିଥିଲେ। ନବଜ୍ୟୋତି ସଂସ୍ଥାର ସମ୍ପାଦକ କ୍ଷୀରୋଦ କୁମାର ଦାଶ ସଭା ପରିଚାଳନା କରିଥିବାବେଳେ ସଭାପତି ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ। ସଂଯୋଜକ ଶକ୍ତିସାର୍ଥକ ଶୋଭନ ଓ ସଂସ୍ଥାର ସଦସ୍ୟମାନେ ଏଥିରେ ସହାୟତା କରିଥିଲେ। ଶିବିରରେ ୨ ବ୍ଲକର ୪୮ ଜଣ ସରପଞ୍ଚଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଶୁଭ ନାରାୟଣ ମିଶ୍ର ଓ ସାଧୁଚରଣ ସାହୁ ଏଥିରେ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ।

## ଆଲି ମହାବିଦ୍ୟାଳୟ ଅଧ୍ୟକ୍ଷ ହେଲେ ଦୁର୍ଯ୍ୟୋଧନ ମଲ୍ଲିକ



ନୂଆ ଅଧ୍ୟକ୍ଷଙ୍କୁ କଲେଜର କର୍ମଚାରୀମାନେ ସ୍ୱାଗତ କରୁଛନ୍ତି।

ଆଲି,୨୧।୧୧(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଆଲି ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଗଣିତ ବିଭାଗର ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ମଲ୍ଲିକ ଦାୟିତ୍ୱ ଗ୍ରହଣ କରିଛନ୍ତି। ମଲ୍ଲିକ ଏହି ମହାବିଦ୍ୟାଳୟରେ ୩୦ ବର୍ଷ ଧରି ଗଣିତ ବିଭାଗରେ ଅଧ୍ୟାପକ ଓ ପରେ ପ୍ରାଧ୍ୟାପକ ଭାବରେ କାର୍ଯ୍ୟ କରିଆସିଛନ୍ତି। ମହାବିଦ୍ୟାଳୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ତାହାକୁ ସୁଚାରୁରୂପେ ଚଲାଇବାର ଅନେକ ନଜିର ରହିଛି। ଏଠାରେ କାର୍ଯ୍ୟରତ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକଙ୍କୁ ଡେରାବିଶ ମହାବିଦ୍ୟାଳୟକୁ ବଦଳି ହୋଇଥିବା ବେଳେ ମଲ୍ଲିକଙ୍କୁ ଆଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଛି। ଏ ବିଷୟରେ ଖବର ପାଇବା ପରେ ଆଲି ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ମହାବିଦ୍ୟାଳୟରେ ପହଞ୍ଚି ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ନୂତନ ଅଧ୍ୟକ୍ଷ ନୂତନ ଭାବେ କାର୍ଯ୍ୟ କରିବେ ବୋଲି ସେମାନେ ଆଶା ପୋଷଣ କରିଛନ୍ତି। ଏ ନେଇ ଅଧ୍ୟକ୍ଷ ମଲିକ ମହାବିଦ୍ୟାଳୟର ଉନ୍ନତି କ୍ଷେତ୍ରରେ କାର୍ଯ୍ୟ କରିବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

## ଛୁଆଳିଆ ପୀଠରେ ଭାଜପା ବୁଥ ସଶକ୍ତୀକରଣ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୨୧।୧୧(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମା' ଛୁଆଳିଆ ପୀଠରେ ରାଜନଗର ନିର୍ବାଚନମଣ୍ଡଳୀ ପଟ୍ଟାମୁଣ୍ଡାଇ ବ୍ଲକର ୩ ଜିଲାପରିଷଦ ଜୋନରେ ବୁଥ୍‌କୁ ସଶକ୍ତ କରିବାକୁ ଭାଜପା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ଉପସଭାପତି ଆଇନଜୀବୀ ସଞ୍ଜୟ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନାକାର ବେହେରା, ଜିଲା ଭାଜପା ସଭାପତି କିଶୋର ପଣ୍ଡା, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶନୀ ନନ୍ଦ, ଜିଲା କୃଷକ ମୋର୍ଚ୍ଚା ସଭାପତି ବିଚିତ୍ର ପ୍ରଧାନ, ଜିଲା ମିଡ଼ିଆ ସେଲ ସଭାପତି ନେହେରୁ ସାହୁ, ରାଜନଗର ନିର୍ବାଚନମଣ୍ଡଳୀ ସଂଯୋଜକ ସୁନାକାର ପ୍ରଧାନ, ଜିଲା ଅନୁସୂଚିତ ଜାତି ସେଲ ସଭାପତି ଅନ୍ତର୍ଯ୍ୟାମୀ ମଲିକ, କାଉନସିଲର ବିଦ୍ୟାଧର ସେଠୀ, ରବୀନ୍ଦ୍ର ବିଶ୍ୱାଳ, ସମୀର ପାତ୍ର, ନୀଳକଣ୍ଠ ଦାସ, ସୁଧାଂଶୁ ଜେନା, ଲଳିତ ବେହେରା, ଅମୁଲ୍ୟ ଦାସ, ନୀଳମଣି ବେହେରା, ନୀଳମଣି ସାହାଣୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଗାମୀ ନିର୍ବାଚନରେ ରାଜନଗର ନିର୍ବାଚନମଣ୍ଡଳୀରେ ଭାଜପା ସଫଳତା ହାସଲ କରିବାକୁ ହେଲେ ପ୍ରତି ବୁଥ୍ ମଜଭୁତ ହେବା ଦରକାର ବୋଲି ମତପ୍ରକାଶ କରି ଦଳର କାର୍ଯ୍ୟକର୍ତ୍ତାମାନେ ଏ ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ଭାଜପାର ବହୁ ସଂଖ୍ୟକ କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ।



ବୁଥ ସଶକ୍ତୀକରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଭାଜପା ନେତା ଓ କର୍ମୀମାନେ।

# ଗାଁରେ ବଞ୍ଚି ରହିଛି ଓଡ଼ିଶାର ଗୌରବମୟ ସଂସ୍କୃତି, ଭାଇଚାରା

**୧୦ମ ବସୁଧା ଉତ୍ସବ ଉଦ୍‌ଘାଟିତ**

ପଟ୍ଟାମୁଣ୍ଡାଇ,୨୧।୧୧(ସ୍ୱ.ପ୍ର.)

ସମାଜ ଦ୍ରୁତଗତିରେ ସହରୀ ସଭ୍ୟତା ପ୍ରତି ଆକର୍ଷିତ ହେଉଛି। ଏହି ଆକର୍ଷଣ ପ୍ରଭାବରେ ପରସ୍ପର ପ୍ରତି ସହାନୁଭୂତି ହ୍ରାସ ପାଉଛି। ପରସ୍ପରର ସୁଖଦୁଃଖରେ ସାମିଲ ହେବା ବି କମୁଛି। ତେବେ, ଗ୍ରାମାଞ୍ଚଳରେ ଏବେବି ଓଡ଼ିଆ ସଂସ୍କୃତି ଓ ଭାଇଚାରା ବଞ୍ଚିଛି। ଗ୍ରାମାଞ୍ଚଳରେ ହିଁ ପ୍ରକୃତ ଓଡ଼ିଶା ବଞ୍ଚିଛି ବୋଲି ୧୦ମ ଆଇନିପଡ଼ା-ପଛପଡ଼ା ଗାଁ ଉତ୍ସବ 'ବସୁଧା-୨୦୨୨'ର ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ଅତିଥିମାନେ ମତପ୍ରକାଶ କରିଛନ୍ତି। 'ବସୁଧା ସାହିତ୍ୟ ସଂସଦ' ର ସଭାପତି ରଜନୀକାନ୍ତ ନାୟକଙ୍କ ପୌରୋହିତ୍ୟ ଓ ଖବରଦାତା ସଚ୍ଚିକାନ୍ତ ନାଥଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପ୍ରାଶାସନିକ ଅଧିକାରୀ, ସାହିତ୍ୟିକ ଓ ସଙ୍ଗଠକ ଡ. ବିରଜା ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଆୟୁର୍ବେଦିକ ଚିକିତ୍ସକ ଡା. ଦୀନବନ୍ଧୁ ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଛକ ନିର୍ମଳ ପରିବେଶ ଓ ସୁସ୍ଥ ଜୀବନଯାପନ ପାଇଁ ଜନ୍ମମାଟି ଗାଁ ହେଉଛି ସର୍ବୋତମ ବୋଲି ମତବ୍ୟକ୍ତ କରିଥିଲେ। ସାମାଜିକ କର୍ମୀ ଅଜୟ ରାଉତ ଓ ନାଟ୍ୟକାର ଗୋଲେକ ମହାରଣା ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ଗ୍ରାମାଞ୍ଚଳର ଭବିଷ୍ୟତ ବିନା ଉଜ୍ଜ୍ୱଳ ଭାରତର ଭବିଷ୍ୟତ ପରିକଳ୍ପନା ଅବାସ୍ତବ ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବ୍ୟଙ୍ଗ କବି ଧର୍ମଛଡ଼ା ଯୋଗଦେଇ କବିତା ପାଠ କରିଥିଲେ। ଏହି ଅବସରରେ ସଂସଦ ପକ୍ଷରୁ ସାହିତ୍ୟିକା ଆରାଧନା ଦାଶ, ନଳିନୀପ୍ରଭା ନାୟକ, ଚାରୁଲତା ଭୂୟାଁଙ୍କୁ ଚଳିତବର୍ଷରେ 'ବସୁଧା ସାହିତ୍ୟ ସମ୍ମାନ' ପ୍ରଦାନ କରଯାଇଥିଲା। ସମ୍ପାଦକ ସିତ ବେହେରା ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଭିମନ୍ୟୁ ପଡିହାରୀ ଧନ୍ୟବାଦ ଦେଇଥିଲେ। ସଭା ପରେ କବି ଦାଶ, ଶୁଭ୍ରାଂଶୁ ଦାସ ଓ ପ୍ରମୋଦ ମଲିକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ସମାରୋହରେ ସୁଶାନ୍ତ କୁମାର ନାୟକ, ଅନୀଲ ଚୌଧୁରୀ, ନନ୍ଦିକେଶ୍ୱରୀ ନାଥ, ଡକ୍ଟର ବିନୋଦିନୀ ବେହେରା, ଚିତ୍ତରଞ୍ଜନ କବିଙ୍କ ସମେତ ବହୁସଂଖ୍ୟକ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସନ୍ଧ୍ୟାରେ ମହେଶ ପାତ୍ରୀଙ୍କ ନିର୍ଦ୍ଦେଶନରେ ରୟାଲ ଡ୍ୟାନ୍ସ ଏକାଡେମୀର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ପ୍ରକାଶ ଭଞ୍ଜଙ୍କ ମଞ୍ଚ ସଂଯୋଜନା ଓ ଗୁରୁ ଶିବରାମ ବାରିକଙ୍କ ନିର୍ଦ୍ଦେଶନରେ ଗାଁର ଓଡ଼ିଶୀ ନୃତ୍ୟାୟନର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। 'ବସୁଧା' ସଭାପତି ରଜନୀକାନ୍ତ ନାଥ, କୋଷାଧ୍ୟକ୍ଷ ପ୍ରଭାକର ମହାକୁଳ, ଦୁର୍ଗାପ୍ରସାଦ ପାଢ଼ୀ, ପବିତ୍ର ପଣ୍ଡା, ମହେଶ୍ୱର ପାଢୀ, ରତ୍ନାକର ପାଢୀ, ବାବାଜୀ ମଲିକ, ପ୍ରଭାକର ତରାଇ, ଶରତ କୁମାର ବେହେରା, ନବକିଶୋର ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ବସୁଧା ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ଧାନକିଣାରେ ବନ୍ଦ ହେଉ କଟନୀ ଛଟନୀ


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାରଣା ଦେଇଛନ୍ତି।

- ଜିଲାପାଳଙ୍କ ଅଫିସ ଘେରିଲେ ଚାଷୀ
- ସୁଧ ଖାଇବା ବନ୍ଦ କରି ତୁରନ୍ତ ବାଣ୍ଟ ଜୱାଦ କ୍ଷତିପୂରଣ
- ବାର୍ଦ୍ଧକ୍ୟ ଭତ୍ତା ୨ ହଜାରକୁ ବର୍ଦ୍ଧିତ କରାଯାଉ

ନୟାଗଡ ଅଫିସ,୨୧।୧୧

ଧାନକିଣାରେ କଟନୀଛଟନି ବନ୍ଦ, ବାର୍ଦ୍ଧକ୍ୟ ଭତ୍ତା ୨ ହଜାର ଟଙ୍କାକୁ ବୃଦ୍ଧି, ସୁଧ ଖାଇବା ବନ୍ଦ କରି ତୁରନ୍ତ ଚାଷୀଙ୍କୁ ଯୱାଦ ବାତ୍ୟା କ୍ଷତିପୂରଣ ଅର୍ଥ ବାଣ୍ଟିବା ଦାବି କରି ଚାଷୀମାନେ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ଧାରଣା ଓ ପ୍ରତିବାଦ କରିଥିଲେ। ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ମମତା ନାଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା ସଂଯୋଜକ ମହେଶ୍ୱର ମେଳା, ଖୋର୍ଦ୍ଧା ଜିଲା ସଂଯୋଜକ ସୁରେଶ କୁମାର ମାନସିଂ, ରାଜ୍ୟ କମିଟିସଭ୍ୟ ଆଶିଷ ପ୍ରଧାନ, ରଣଜିତ ପଟ୍ଟନାୟକ, ଭରତ ଚନ୍ଦ୍ର ସାହୁ, ବେଗୁନିଆ ବ୍ଲକ ସଂଯୋଜକ ମଦନ ମୋହନ ସାହୁ, ନୟାଗଡ଼ ଜିଲା ସହ ସଂଯୋଜକ ରଣଜିତ ଦଳବେହେରା ପ୍ରମୁଖ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ।

ବକ୍ତାମାନେ କହିଥିଲେ, ଧାନ ମଣ୍ଡିରେ ଚାଷୀ ସବୁବର୍ଷ ନାନା ପ୍ରକାରର ଅବ୍ୟବସ୍ଥାର ଶିକାର ହେଉଛନ୍ତି। ଅସୁବିଧା ହେଉଛି ଧାନ ବିକ୍ରି ବେଳେ କଟନୀଛଟନୀ। ଚାଷୀର ୧ କୁଇଣ୍ଟାଲ ଧାନରେ ୧୦ରୁ ୨୦ କିଲୋ ଲେଖାଏଁ ଭଲ ଧାନ ନୁହେଁ କହି କଟନୀଛଟନୀ କରାଯାଉଛି। ଏ ନେଇ ଜିଲାପାଳ, ଉପଜିଲାପାଳ, ଜିଲା ଯୋଗାଣ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନି। ଚଳିତବର୍ଷ ଧାନ କିଣାରେ କଟନୀଛଟନକୀ ବନ୍ଦ କରିବାକୁ ଚାଷୀମାନେ ଅନୁରୋଧ କରିଛନ୍ତି। ସେହିପରି ଯୱାଦ ବାତ୍ୟାରେ ନୟାଗଡ଼ ଜିଲା କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟ ସରକାର ଏଥିପାଇଁ ଅନୁଦାନ ଜିଲା ପ୍ରଶାସନକୁ ଦେଇଛନ୍ତି। ଜିଲାର ପ୍ରତି ତହସିଲଦାରଙ୍କ ପାଖରେ ବାତ୍ୟ ଅନୁଦାନ ରହିଛି। ତେବେ ତହସିଲ କର୍ତ୍ତୃପକ୍ଷ ବ୍ୟାଙ୍କରେ ଟଙ୍କା ଜମା ରଖି ସୁଧ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଚାଷୀଙ୍କୁ ବାତ୍ୟା କ୍ଷତିପୂରଣ ଟଙ୍କା ବାଣ୍ଟୁ ନାହାନ୍ତି। ଚାଷୀଙ୍କ କ୍ଷତିପୂରଣକୁ ଶୀଘ୍ର ନ ବାଣ୍ଟି ପ୍ରଶାସନ ସମୟ ଗଡାଇ ଚାଲିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବାତ୍ୟାରେ ଭାପୁର, ଗଣିଆ ଓ ଖଣ୍ଡପଡ଼ା କ୍ଷତିଗ୍ରସ୍ତ ହୋଇଥିଲେ ହେଁ ଏହି ବ୍ଲକଗୁଡିକୁ ଜାଣିଶୁଣି ବାଦ୍ ଦିଆଯାଇଛି। ଆନ୍ଦୋଳନ ହେଲେ ସାମିଲ ପାଇଁ ପ୍ରତିଶ୍ରୁତି ମିଳୁଛି। ଆନ୍ଦୋଳନ ହଟି ଗଲେ ଦାବି ଅଣଦେଖା ହୋଇ ରହିଯାଉଛି। ଚାଷୀଙ୍କ ସମସ୍ୟାର ଅଭିଯୋଗକୁ ଡେପୁଟି କଲେକ୍ଟର ଶୁଣିବା ସହ ସ୍ମାରକପତ୍ର ନେଇଛନ୍ତି। ତେବେ ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନରେ ସାମିଲ ହେବ ବୋଲି ଚାଷୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ବ୍ୟବସାୟୀ ମୃତ

ନୟାଗଡ଼ ଅଫିସ/ଭାପୁର, ୨୧।୧୧ (ଡି.ଏନ.ଏ.): ଫତେଗଡ ଥାନା ଅନ୍ତର୍ଗତ ବନମାଳିପୁର ପଞ୍ଚାୟତ ଅଧୀନ ବାହାଡା ଗ୍ରାମର ଜଣେ ବ୍ୟବସାୟୀଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତବ୍ୟକ୍ତି ହେଉଛନ୍ତି ଗ୍ରାମର ବ୍ୟବସାୟୀ ନଗେଶ ସାହୁ (୫୦)। ମୃତ ନଗେଶ ସୋମବାର ଅପରାହ୍ନରେ ନୟାଗଡ଼ ଜିଲାର ନାଟୁଗାଁସ୍ଥିତ ସଢୁଙ୍କ ଘରକୁ ଆସିଥିଲେ। ସଢୁଙ୍କ ଘର ଛାତ ପଡୁଥିବା ବେଳେ ସେଠାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପଡି ଯାଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ନଗେଶଙ୍କର ୨ଟି ଝିଅ ଏବଂ ଗୋଟିଏ ପୁଅ ଥିବାବେଳେ ବାହାଡା ବଜାରରେ ଫଳ ଦୋକାନ କରି ପରିବାର ଚଳାଉ ଥିଲେ। ତାଙ୍କ ମୃତ୍ୟୁରେ ପରିବାର ସମ୍ପୂର୍ଣ୍ଣ ବେସାହାରା ହୋଇପଡିଛି। ସନ୍ଧ୍ୟାରେ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ପରିବାର ସୂତ୍ରରୁ ସୂଚନା ମିଳିଛି।

### ପଞ୍ଚାୟତିରାଜ ନିର୍ଦ୍ଦେଶକଙ୍କ ନୟାଗଡ଼ ଗସ୍ତ

ନୟାଗଡ଼ ଅଫିସ,୨୧।୧୧: ପଞ୍ଚାୟତିରାଜ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମିନା ସୋମବାର ନୟାଗଡ଼ ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପକୁ ଅନୁଧାନ କରିବା ସହ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ନୟାଗଡ଼ ବ୍ଲକ ବିରୁଡାର ପାନୀୟଜଳ ପ୍ରକଳ୍ପ, ଧବଳେଶ୍ୱର ମନ୍ଦିରରେ କରାଯାଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ, ବିରୁଡା ଶ୍ମଶାନକୁ ବୁଲି ଦେଖିଥିଲେ। ସେହିପରି ବିରୁଡା ପଞ୍ଚାୟତ କାର୍ଯ୍ୟାଳୟରେ ସମୀକ୍ଷା କରିଥିଲେ।

### ପୂର୍ବତନ ଜିଲା ପରିଷଦ ସଭ୍ୟଙ୍କ ପରଲୋକ

ଭାପୁର,୨୧।୧୧ (ଡି.ଏନ.ଏ.): ନୟାଗଡ଼ ଜିଲା ଭାପୁର ବ୍ଲକର ପୂର୍ବତନ ଜିଲାପରିଷଦ ସଭ୍ୟ ପ୍ରଫୁଲ୍ଲ କୁମାର ଲେଙ୍କା (୮୩) ରବିବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। କିଛି ମାସ ହେବ ସେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁ ଘରେ ରହି ଚିକିତ୍ସିତ ହେଉଥିଲେ। ପ୍ରଫୁଲ୍ଲ ଏକାଧାରରେ ଭାପୁର ବ୍ଲକର ବରିଷ୍ଠ ଶିକ୍ଷାବିତ୍, ଶିକ୍ଷକ ନେତା, ସୁସଙ୍ଗଠକ ତଥା ୨୦୦୨-୨୦୦୭ ପର୍ଯ୍ୟନ୍ତ ଭାପୁର ବ୍ଲକର ୧୮ ନଂ. ଜୋନର ପୂର୍ବତନ ଜିଲା ପରିଷଦ ସଭ୍ୟ ଥିଲେ। ତାଙ୍କର ଶେଷ ଦର୍ଶନ କରିବାକୁ ବାସଭବନରେ ଭାପୁର ବ୍ଲକର ଉପାଧକ୍ଷ ବେଣୁଧର ପ୍ରଧାନ, ଭାଜପା ନାରୀ ନେତ୍ରୀ ଅର୍ଚ୍ଚନା ଦାଶ , ଅନୁଭବ ପଟ୍ଟନାୟକ ଓ ଭାପୁର ବ୍ଲକର ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ସଂସ୍କାର କରାଯାଇଥିଲା।

## ମରଣାନ୍ତକ ଆକ୍ରମଣ ଘଟଣା

# ଅଭିଯୁକ୍ତଙ୍କୁ ୧୪ ବର୍ଷ କାରାଦଣ୍ଡାଦେଶ

ଓଡଗାଁ,୨୧।୧୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ସହକାରୀ ଦୌରା ଜଜ୍ ଶିବାଶିଷ ଗିରି ଏକ ମରଣାନ୍ତକ ଆକ୍ରମଣ ଘଟଣାର ଶୁଣାଣି କରି ଅଭିଯୁକ୍ତଙ୍କୁ ୧୪ ବର୍ଷ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଶରଣକୁଳ ଥାନା ଗୋଡ଼ିପଡ଼ାର ରମେଶ ପାତ୍ର। ସୂଚନାଯୋଗ୍ୟ, ୨୦୧୫ ଅଗଷ୍ଟ ୨୮ରେ ଉକ୍ତ ଗ୍ରାମର ଶ୍ୟାମ ସୁନ୍ଦର ପାତ୍ରଙ୍କୁ ଏକ ଛୁରି ଦ୍ୱାରା ମରଣାନ୍ତକ ଆକ୍ରମଣ କରିବା ସହିତ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ। ଛୁରାଘାତରେ ଶ୍ୟାମ ସୁନ୍ଦର ଗୁରୁତର ହୋଇ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଏହି ଆକ୍ରମଣରେ ଶ୍ୟାମସୁନ୍ଦରଙ୍କ ପେଟରୁ ଅନ୍ତବୁଜୁଳା ବାହାରି ଯାଇଥିଲା। ଏ ନେଇ ଅଭିଯୋଗ ପରେ ଶରଣକୁଳ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ କୋର୍ଟରେ ମାମଲା ବିଚାରାଧୀନ ଥିଲା। ୧୪ ଜଣ ସାକ୍ଷୀ ଓ ଅନ୍ୟ ପ୍ରମାଣକୁ ଆଧାର କରି ସୋମବାର ସହକାରୀ ଦୌରା ଜଜ୍ ଗିରି ଅଭିଯୁକ୍ତଙ୍କୁ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଆଇନଜୀବୀ ଯଜ୍ଞନାରାୟଣ ପାତ୍ର ଓ ସୁରେନ୍ଦ୍ରସେନାପତିପରିଚାଳନା କରୁଥିଲେ।

# ସିଆଇଟିୟୁର ଜିଲା ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ସିଆଇଟିୟୁର ନେତାମାନେ।

ନୟାଗଡ଼ ଅଫିସ,୨୧।୧୧

ନୟାଗଡ଼ ଶିକ୍ଷକ ଭବନରେ ସିଆଇଟିୟୁର ଜିଲା ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ବରିଷ୍ଠ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର ଲାଲା ପତାକା ଉତ୍ତୋଳନ କରିବା ପରେ ଓ ରାଜ୍ୟର ବରିଷ୍ଠ ନେତା ଦୁଷ୍ମନ୍ତ ଦାସ ସମ୍ମିଳନୀକୁ ଉଦ୍‌ଘାଟନ କରିବା ପରେ ଅଧିବେଶନ ଆରମ୍ଭ ହୋଇଥିଲା। ଶ୍ରମିକ ମାରଣ ନୀତି, ଶ୍ରମ ଆଇନ ଉଚ୍ଛେଦ, ଦରଦ୍ରାମ ବୃଦ୍ଧି ଉପରେ ଆଲୋଚନା କରାଯାଇ କେନ୍ଦ୍ର ସରକାରଙ୍କୁ ଅଧିବେଶନରେ ସମାଲୋଚନା କରାଯାଇଛି।

ସମ୍ପାଦକ ଶରତ ଚନ୍ଦ୍ର ବେହେରା କାର୍ଯ୍ୟ ରିପୋର୍ଟରେ ଏକ ବିଷଦ ବିବରଣୀ ଉପସ୍ଥାପନ କରିଥିଲେ। କୃଷକ ସଙ୍ଗଠନ ପକ୍ଷରୁ ଗୋଲକ ବିହାରୀ ମୁଦୁଲି, ଯୁବ ସଙ୍ଗଠନ ପକ୍ଷରୁ ବିରଞ୍ଚି ନାରାୟଣ ପ୍ରଧାନ, ମହିଳା ସଙ୍ଗଠନ ପକ୍ଷରୁ ଜ୍ୟୋତିପ୍ରଭା ଜେନା ପ୍ରମୁଖ ଭାଷଣରେ ଚାଷୀଙ୍କ ସମସ୍ୟା ଉପରେ ଟିପ୍ପଣି ରଖିଥିଲେ। ନଭେମ୍ବର ୨୭ରେ ଭୁବନେଶ୍ୱର ସମାବେଶ ଓ ଜାନୁୟାରୀରେ ଦିଲ୍ଲୀ ସମାବେଶକୁ ସଫଳ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ବିଶ୍ୱନାଥ ମହାପାତ୍ର ଆବାହକ ଓ ସୁରେଶ ଚନ୍ଦ୍ର ସ୍ୱାଇଁ କୋଷାଧକ୍ଷ ଥାଇ ଏକ ୨୩ ଜଣିଆ କମିଟି ଗଠନ କରାଯାଇଛି।

## ଦୃତିକେଶ୍ୱର ମହାଦେବଙ୍କ ହୁଣ୍ଡି ଚୋରି ମାମଲା: ଆଉ ଜଣେ ଅଭିଯୁକ୍ତ ଗିରଫ

ଓଡ଼ଗାଁ, ୨୧।୧୧ (ସ୍ୱ.ପ୍ର.):

ଓଡ଼ଗାଁ ନିକଟସ୍ଥ ଜାମୁପାଟଣାରେ ବାବା ଦୃତିକେଶ୍ୱର ମହାଦେବଙ୍କ ହୁଣ୍ଡି ଚୋରି ମାମଲାରେ ପୋଲିସ ସୋମବାର ଅନ୍ୟତମ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ବାହାଡ଼ାଖୋଲା ଫାଣ୍ଡି ବନ୍ଧାଭୁଇଁ ଗାଁର ପ୍ରଶାନ୍ତ କୁମାର ଜେନା (୨୧)ବୋଲି ଜଣାଯାଇଛି। ସୂଚନା ଅନୁସାରେ, ସେପ୍ଟେମ୍ବର ୨୮ ରାତିରେ ବାବା ଦୃତିକେଶ୍ୱରଙ୍କ ମନ୍ଦିର ତାଲା ଭାଙ୍ଗି ପ୍ରାୟ ୧ କୁଇଣ୍ଟାଲ ଓଜନ ବିଶିଷ୍ଟ ହୁଣ୍ଡି ବାକ୍ସ ଦୁର୍ବୃତ୍ତମାନେ ଚୋରି କରି ନେଇ ପାହାଡ ଉପରେ ଫୋପାଡି ଦେଇଥିଲେ। ହେଲେ ସେମାନେ ହୁଣ୍ଡି ତାଲା ଭାଙ୍ଗି ଦାନ ଅର୍ଥ ବାବଦକୁ ଥିବା ସମସ୍ତ ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୧୪୭/୨୨ରେ ମାମଲା ରୁଜୁ କରିଥିଲା। ପୋଲିସ ତଦନ୍ତ କରି ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଥିଲା। ହେଲେ ଏଯାବତ ଚୋରି ଟଙ୍କା ଉଦ୍ଧାର ହୋଇନାହିଁ। ପୋଲିସ ମଧ୍ୟ କୌଣସି ସୂଚନା ଦେଉନାହିଁ।



# ନୀଳମାଧବ ମହାବିଦ୍ୟାଳୟ, ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ


ନୂତନ ଅଧକ୍ଷ ଡ. ରଞ୍ଜିତ କୁମାର ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରୁଛନ୍ତି। ପାଖରେ ଅନ୍ୟମାନେ।

ଖଣ୍ଡପଡ଼ା,୨୧।୧୧(ସ୍ୱ.ପ୍ର.)

ନୀଳମାଧବ ମହାବିଦ୍ୟାଳୟ କଂଟିଲୋର ନୂତନ ଅଧକ୍ଷ ଭାବେ ଏହି କଲେଜ ପଦାର୍ଥ ବିଜ୍ଞାନର ପ୍ରାଧାପକ୍ଷ ଡ.ରଞ୍ଜିତ କୁମାର ତ୍ରିପାଠୀ ସୋମବାର ଦାୟୀତ୍ୱ ଗ୍ରହଣ କରିଛନ୍ତି ।ଓଡିଶା ସରକାରଙ୍କର ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ଭାରପ୍ରାପ୍ତ ଅଧକ୍ଷ ସରୋଜ କୁମାର ମିଶ୍ର ନୂତନ ଅଧକ୍ଷ ଶ୍ରୀ ତ୍ରିପାଠୀଙ୍କୁ ଦାୟିତ୍ୱ ହସ୍ତା'ର କରିଥିବା ଜଣାଯାଇଛି । ସୂଚନା ଯୋଗ୍ୟ ବିଦାୟୀ ଅଧକ୍ଷ ଶ୍ରୀ ମିଶ୍ର ଗତ ୨୦୨୨ ମସିହା ଅଗଷ୍ଟ ୨୪ ତାରିଖରେ ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ମହାବିଦ୍ୟାଳୟ ପକ୍ଷରୁ ପୂର୍ବତନ ଅଧକ୍ଷ ଶରତ କୁମାର ସାହୁ ମୁଖ୍ୟ କିରାଣୀ ଲକ୍ଷ୍ମୀଧର ଟିକରା, ପ୍ରାଧାପକ ଡଃ.ପବିତ୍ର କୁମାର ସୁବୁଦ୍ଧି, ଅଧାପକ ପୂର୍ଣ୍ଣ ଚନ୍ଦ୍ର ଶତପଥୀ,ରାଜୀବ କୁମାର ମିଶ୍ର, ହୃଷିକେଶ ମିଶ୍ରଙ୍କ ସମେତ ସମସ୍ତ ଅଧାପିକା ଅଧାପକ ଓ କର୍ମଚାରୀ ମାନେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ । ତେବେ ଅସଜଡା ଅବସ୍ଥାରେ ଥିବା ଏବଂ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବା ଏହି ମହାବିଦ୍ୟାଳୟର ଉନ୍ନତି ତଥା ଶୈକ୍ଷିକ ପରିବେଶ ପ୍ରତି ଦୃଷ୍ଟି ଦେବେ ବୋଲି ଅଧକ୍ଷ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

# ଜିଆ ଖତ, ଜଳ ସଂରକ୍ଷଣ ଗାତ ପାଇଁ ରାଜନୀତି

- ବାରମ୍ବାର ଆବେଦନ ପରେ ୬୦ ଚାଷୀଙ୍କୁ ଅଣଦେଖା
- ଜିଲାପାଳ, କେନ୍ଦ୍ରମନ୍ତ୍ରୀଙ୍କୁ ଫେରାଦ

ନୟାଗଡ଼ ଅଫିସ,୨୧।୧୧

ନୟାଗଡ଼ ବ୍ଲକ କାଳିକାପ୍ରସାଦ ପଞ୍ଚାୟତ ଆଡଚେର ଗାଁରେ ଜିଆ ଖତ, ଜଳ ସଂରକ୍ଷଣ ଗାତ କରିବାକୁ ଚାଷୀମାନେ ଆଗ୍ରହୀ ହୋଇ ବାରମ୍ବାର ଆବେଦନ କରୁଛନ୍ତି। ହେଲେ ଆଡଚେର ଗାଁର ୬୦ ଜଣ ଚାଷୀଙ୍କୁ ଅଣଦେଖା କରାଯାଇ ସରକାରୀ ଯୋଜନାରେ ସାମିଲ କରାଯାଉନି। ସରକାରୀ ଯୋଜନାରେ ସାମିଲ ନ କରିବାକୁ ରାଜନୀତି ଚାଲିଛି। ଏ ନେଇ ଜିଲାପାଳ, କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଆଡଚେର ଗାଁର ଗଙ୍ଗାଧର ମହାନ୍ତି ଓ କାର୍ତ୍ତିକେଶ୍ୱର ମହାନ୍ତି କୁହନ୍ତି, ଜିଆ ଖତ, ଜଳ ସଂରକ୍ଷଣ ଗାତ ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ବିଡିଓଙ୍କୁ ବାରମ୍ବାର ଅବଗତ କଲୁ। ହେଲେ ଆମକୁ ରାଜନୈତିକ ଉଦ୍ଦେଶ୍ୟ ରଖି ସରକାରୀ ଯୋଜନାରୁ ବଞ୍ଚିତ କରାଯାଉଛି ବୋଲି ଅନୁଭବ କରୁଛୁ। ଏ ନେଇ ଆମେ ଜିଲାପାଳଙ୍କୁ ଫେରାଦ୍ ହୋଇଛୁ। ପୂର୍ବତନ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରୋଜେଶ୍ୱରୀ ସିଂ କୁହନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜିଆ ଖତ, ଜଳ ସଂରକ୍ଷଣ ଗାତ ବ୍ୟବସ୍ଥା ରହିଛି। ଆଡଚେର ଗାଁର ଉତ୍ସୁକ ଥିବା ବ୍ୟକ୍ତିଙ୍କୁ ଏହା ଦିଆଯିବା ଦରକାର। ଏଥିରେ ରାଜନୀତି ଚାଲିଥିବାରୁ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଜିଲାପାଳ ଓ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିବା କହିଛନ୍ତି।

# ମୁଣ୍ଡରେ ମାଂସପିଣ୍ଡୁଳା ଥିବା ଶିଶୁ ମୃତ

ପାତ୍ରପୁର,୨୧।୧୧(ଡି.ଏନ.ଏ.)

ପାତ୍ରପୁର ବ୍ଲକ ବାଘଲଟି ଜଳଭଣ୍ଡାର ଉପରେ ଥିବା ଚରିଆବାଡ ଗ୍ରାମର ଲଳିତା ପ୍ରଧାନଙ୍କ ଜନ୍ମିତ ଅଦ୍ଭୁତ ଶିଶୁକନ୍ୟାର ସୋମବାର ମୃତ୍ୟୁ ହୋଇଛି। ଗତ ଦଶ ଦିନ ତଳେ ଘରେ ଶିଶୁ କନ୍ୟା ଜନ୍ମ ହୋଇଥିବା ବେଳେ ଶିଶୁଟିର ମୁଣ୍ଡରେ ଏକ ମାଂସ ପିଣ୍ଡୁଳା ଥିଲା ଯାହାକୁ ନେଇ ପରଦିନ ଜଳଭଣ୍ଡାର ପାରହୋଇ ଶିଶୁକୁ ପାତ୍ରପୁର ଡାକ୍ତର ଖାନାକୁ ନେଇ ଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବ୍ରହ୍ମପୁର ଡାକ୍ତର ଖାନାକୁ ପଠାଯାଇ ପରେ କଟକ ପଠାଯାଇଥିଲା। ତେବେ ଆର୍ଥିକ ଅବସ୍ଥା ଠିକ ନଥିବାରୁ ପରିବାର ଲୋକ ଶିଶୁଟିକୁ ଗ୍ରାମକୁ ଫେରାଇ ଆଣିଥିଲେ। ଯାହାକୁ ନେଇ ସେହିଦିନ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନ ପୁଣି କଟକ ନେଇ ଚିକିତ୍ସା କରିଥିଲେ।ପରବର୍ତ୍ତୀ ସମୟରେ ତାକୁ ଭୁବନେଶ୍ୱର ଚିକିତ୍ସା ପାଇଁ ଅଣାଯାଇ ଥିବା ବେଳେ ତାର ମୃତ୍ୟୁ ଘଟିଥିଲା।

# ଜିଲାପାଳଙ୍କ ଜନଶୁଣାଣି ଶିବିର: ୧୫୧ ଅଭିଯୋଗ

ଓଡ଼ଗାଁ, ୨୧।୧୧ (ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପରିସରରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସାହୁ ଲୋକମାନଙ୍କର ବିଭିନ୍ନ ଅଭିଯୋଗ ସିଧା ସଳଖ ଶୁଣିଥିଲେ। ସମୁଦାୟ ୧୫୧ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୧୩୬ ବ୍ୟକ୍ତିଗତ, ସାମୂହିକ ଗ୍ରାମ୍ୟ ବିବାଦ ୩ର ଶୁଣାଣି କରାଯାଇଥିବା ବେଳେ ୩୩ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୧୨ଜଣ ଆବେଦନକାରୀଙ୍କୁ ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା। ଅବଶିଷ୍ଟ ଅଭିଯୋଗର ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜନଶୁଣାଣି ଶିବିରରେ ଜିଲାପାଳଙ୍କ ସହ ଏସ୍‌ପି ଅଲେଖ ଚନ୍ଦ୍ର ପହି, ଉପଜିଲାପାଳ ଶକ୍ତିକାନ୍ତ ରାୟ, ବିଡିଓ ସ୍ୱାତିଲେଖା ଦାସ, ତହସିଲଦାର ବିଜୟିତା ସାମନ୍ତସିଂହାର ଏବଂ ସମସ୍ତ ଜିଲାସ୍ତରୀୟ ପଦାଧିକାରୀ ଓ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସମସ୍ୟାଗୁଡିକର ସମାଧାନ ନିମନ୍ତେ ଜିଲାପାଳଙ୍କୁ ସହଯୋଗ କରିଥିଲେ।

ଭାଡିକିଲା ଗ୍ରାମବାସୀ ୫ ବୋରିଂ ଅଚଳ ହୋଇପଡିଥିବା ବେଳେ ୧୦୦ ଏକର ଜମି ଜଳ ସେଚନରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଥିଲା। ୩ ମାସ ହେଲା ବୋରିଂ ନିମନ୍ତେ ଉଦ୍ଦିଷ୍ଟ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ ଯୋଗୁ ସେମାନେ ନିଜ ଜମିକୁ ପାଣି ମଡାଇ ପାରୁନାହାନ୍ତି। ପାଣି ଅଭାବରୁ ଶହେ ଏକର ଧାନ ଫସଲ ପୋଡି ଯାଇଥିବା ଜିଲାପାଳଙ୍କୁ ଜଣାଇଥିଲେ। ହେଲେ ଏ ନେଇ ସେମାନେ ବହୁବାର ଓଡ଼ଗାଁ ସେକ୍ସନ ୨ ବିଦ୍ୟୁତ୍ ବିଭାଗୀୟ ଜେଇ-୨ଙ୍କୁ ଅଭିଯୋଗ କରିବା ସହ ବାରମ୍ବାର ଅନୁରୋଧ ସତ୍ତ୍ୱେ ସେ ହେୟଜ୍ଞାନ କରିଥିବା କହିଛନ୍ତି। ଜିଲାପାଳ ଅଭିଯୋଗ ଗ୍ରହଣ କରିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ। ଫନି ବାତ୍ୟା ପରଠାରୁ ଗିରିଡିଆମ୍ବ ଗ୍ରାମବାସୀ ଅନ୍ଧାରରେ ରହିଛନ୍ତି ବୋଲି ବ୍ଲକ ଛାତ୍ର କଂଗ୍ରେସର ଅଭିଯୋଗ କରିଥିଲା। ବିଦ୍ୟୁତ୍ ବିଭାଗ ସେକ୍ସନ-୨ ଅଧୀନରେ ଆସୁଥିବା ବାଣ୍ଟପୁର ପଞ୍ଚାୟତ ଗିରିଡିଆମ୍ବ ଗ୍ରାମବାସୀ ଫନି ପରଠାରୁ ଟ୍ରାନ୍ସଫର୍ମର ଅଚଳ ଯୋଗୁ ଅନ୍ଧାରରେ ରହିଥିବା ବ୍ଲକ ଛାତ୍ର କଂଗ୍ରେସ ସଭାପତି ଦିଲୀପ ବିଷୋୟୀ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ହେବା ପରେ ସେ ନିଜେ ସମ୍ପୃକ୍ତ ଗ୍ରାମକୁ ଗସ୍ତ କରି ଲୋକଙ୍କ ମୌଳିକ ସମସ୍ୟା ସମ୍ପର୍କରେ ହୃଦୟଙ୍ଗମ କରିଥିଲେ। ସେଠାରେ କାର୍ଯ୍ୟରତ ଜଣେ କର୍ମଚାରୀ ଗ୍ରାମବାସୀଙ୍କଠାରୁ ୧୦ ହଜାର ଟଙ୍କା ଆଦାୟ କରିଥିଲେ। ଏଯାବତ୍ ଟ୍ରାନ୍ସଫର୍ମର ଲଗାଇ ନ ଥିବା ନେଇ ଗ୍ରାମବାସୀ କହିଥିଲେ। ୨୦୧୬ ମସିହାରେ ସଂପୃକ୍ତ ଗ୍ରାମବାସୀ ଅନୁରୂପ ଭାବେ ଜିଲାପାଳଙ୍କ ଜନ ଶୁଣାଣି ଶିବିରରେ ସମାନ କଥା ଜଣାଇଥିଲେ ସୁଦ୍ଧା ଏଯାବତ୍ ଅଭିଯୋଗ ନାଲି ଫିତା ତଳେ ପଡିଛି। ସେମାନେ ଏବେବି ଅନ୍ଧାରରେ ରହିଛନ୍ତି। ଜିଲାପାଳ ସାହୁ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରିଥିବା ବେଳେ ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ। ଅନ୍ୟପକ୍ଷେ କର୍ମଚାରୀ ଲାଞ୍ଚ ନେବା ଘଟଣାକୁ ବିଭାଗୀୟ ଭିଜିଲାନ୍ସ ଅଧିକାରୀ ସୋମବାର ହିଁ ତଦନ୍ତ କରି ଫେରିଥିବା ବେଳେ ଏ ନେଇ କୌଣସି ପ୍ରତିକ୍ରିୟା ହସ୍ତଗତ ହୋଇନାହିଁ। ଏନେଇ ବିଭାଗୀୟ ଜେଇ ଜିତେନ୍ଦ୍ର ମହାରଣାଙ୍କ ମୋବାଇଲ ନମ୍ବର ୯୪୩୭୫୫୫୪୩୮କୁ ଫୋନ ଯୋଗାଯୋଗ କରାଯାଇଥିଲା। ସେଥିରେ ଇନ୍‌କମିଂ ସୁବିଧା ନ ଥିବା ଉତ୍ତର ମିଳିଥିଲା। ହେଲେ ବିଭାଗୀୟ ଏସ୍‌ଡିଓ ଭାଗ୍ୟଧର ପ୍ରଧାନଙ୍କ ସୂଚନା ଅନୁସାରେ, ବିଭାଗୀୟ ଭିଜିଲାନ୍ସ ଟିମ୍ ଗ୍ରାମବାସୀଙ୍କୁ ଭେଟି ସେମାନଙ୍କ ପ୍ରତିକ୍ରିୟା ରେକର୍ଡ କରିଥିଲେ। ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ସଂଲଗ୍ନ ୪ ଡିସିମିଲ ଜାଗା ଜବରଦଖଲର ରହି ଦୋମହଲା ଘର ହୋଇଛି। ଏହାକୁ ବେଦଖଲ କରି ମନ୍ଦିରର ଗାରିମା ଫେରାଇ ଆଣିବାକୁ ପରିଷଦ ପକ୍ଷରୁ ଜିଲାପାଳଙ୍କୁ ଭେଟି ପୁଣି ଥରେ ଅଭିଯୋଗ କରିଥିଲେ। ଏ ନେଇ ବ୍ଲକ ଅଫିସ ସାମ୍ନାରେ ସେମାନେ ନାରାବାଜି କରିବା ସହିତ ଜିଲାପାଳ ଏନେଇ ତୁର' ପଦକ୍ଷେପ ନେବାକୁ ଦାବୀ କରିଥିଲେ। ହେଲେ ଜିଲାପାଳ ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।


ଛାତ୍ର କଂଗ୍ରେସ ସଭାପତି ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କୁ ଲୋକଙ୍କ ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ଜଣାଉଛନ୍ତି।

## ୩୩ ତତ୍କାଳ ସମାଧାନ, ୩ ସାମୂହିକ

# ନିମିଷକରେ ଛାରଖାର

ଯାଜପୁର ଜିଲା କୋରେଇ ଷ୍ଟେଶନରେ ସୋମବାର ସକାଳେ ଦୁର୍ଘଟଣାଗ୍ରସ୍ତ ହୋଇଛି ଏକ ମାଲବାହୀ ଟ୍ରେନ୍। ଏହା ଏତେ ଭୟଙ୍କର ଥିଲା ଯେ, ୫୯ ବଗି ମଧ୍ୟରୁ ୧୪ଟି ଲାଇନଚ୍ୟୁତ୍ ହୋଇଥିଲା। ସେଥିମଧ୍ୟରୁ ୮ଟି ବଗି ପ୍ଲାଟ୍‌ଫର୍ମକୁ ଚଢ଼ିଯାଇଥିଲା। ଫଳରେ ନିମିଷକ ମଧ୍ୟରେ କୋରେଇ ଷ୍ଟେଶନ ଛାରଖାର ହୋଇଯାଇଥିଲା। ଟ୍ରେନ୍‌କୁ ଅପେକ୍ଷା କରିଥିବା ୩ ମହିଳା ଯାତ୍ରୀଙ୍କ ଜୀବନ ଚାଲିଯାଇଥିବାବେଳେ ୪ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

**ଟ୍ରେନ୍ ଦୁର୍ଘଟଣା, ଉଦ୍ଧାର କାର୍ଯ୍ୟ**















## ବର୍ତ୍ତିଲେ ଅଢେଇ ମାସର ଶିଶୁପୁତ୍ର

କଣ୍ଢେଇ ବିନ୍ଧାଣୀ ତାଙ୍କ ଅଢେଇ ମାସର ଶିଶୁ ପୁତ୍ର ଓ ରୋଗିଣା ଶାଶୁ ପାର୍ବତୀ ବିନ୍ଧାଣୀଙ୍କୁ ନେଇ କଟକ ବଡ଼ ମେଡିକାଲକୁ ଯିବାକୁ ବାହାରିଥିଲେ। ଶାଶୁ ପାର୍ବତୀଙ୍କୁ ଟ୍ୟୁମର ରୋଗ ହୋଇଥିଲା। ତାଙ୍କ ଚିକିତ୍ସା କରି ଘରକୁ ଫେରିବାକୁ ଯୋଜନା ଥିଲା। ଏଥିପାଇଁ ଡିଏମୟୁ ଟ୍ରେନରେ କଟକକୁ ଯିବାକୁ ପ୍ଲାଟଫର୍ମରେ ଟିକେଟ କାଟି ଠିଆ ହୋଇଥିଲେ। କିନ୍ତୁ ଟ୍ରେନ ଦୁର୍ଘଟଣାରେ ପାର୍ବତୀ ଏବଂ କଣ୍ଢେଇଙ୍କ ଜୀବନ ଚାଲି ଯାଇଥିବାବେଳେ ସୌଭାଗ୍ୟବଶତଃ ଅଢ଼େଇ ମାସର ଶିଶୁପୁତ୍ର ବଞ୍ଚିଯାଇଛି। କଣ୍ଢେଇ ଉପସ୍ଥିତ ବୁଦ୍ଧି ଖଟାଇ ପୁଅକୁ ଫୋପାଡ଼ି ଦେବାରୁ ତା'ର ଜୀବନ ବଞ୍ଚି ଯାଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ମିଳିଛି।

## ଅବ୍‌ଜୁଲ ବିବି ଏକମାତ୍ର ରୋଜଗାରକ୍ଷମ ଥିଲେ

କୋରେଇ ଥାନା ଅନ୍ତର୍ଗତ ଫାଜଲପୁର (ଶଙ୍ଖପାରି)ର ଅବଜୁଲ ବିବିଙ୍କ ଟ୍ରେନ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତାଙ୍କ ସ୍ୱାମୀ ସେକ ମୟିଉଦ୍ଦିନ ଜଣେ ଭିନ୍ନକ୍ଷମ ହୋଇଥିବାରୁ ଘରେ ରୁହନ୍ତି। ତେଣୁ ଏକମାତ୍ର ରୋଜଗାରକ୍ଷମ ଅବଜୁଲଙ୍କ ମୃତ୍ୟୁପରେ ୨ ପୁଅ ଓ ୨ ଝିଅ ଅନାଥ ହୋଇଯାଇଛନ୍ତି। ଝିଅଙ୍କୁ ଏବେ କେମିତି ବିବାହ କରାଇବେ ସେହି ଚିନ୍ତାରେ ରହିଛନ୍ତି ମୟିଉଦ୍ଦିନ। ତେଣୁ ଅବଜୁଲିଙ୍କ ପରିବାର ଲୋକଙ୍କୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଏବଂ ଜଣଙ୍କୁ ରେଲୱେରେ ଚାକିରି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ରେଳ କର୍ମଚାରୀ ଆହତ

ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ରେଳ କର୍ମଚାରୀ ସୁନୀଲ ବିନ୍ଧାଣୀଙ୍କ ଉପରେ ଏକ ଲୁହା ଏଙ୍ଗେଲ ଖସି ପଡ଼ିବା ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ନିମନ୍ତେ ତାଙ୍କୁ ପ୍ରଥମେ କୋରେଇ ମେଡିକାଲ ଓ ପରେ ଯାଜପୁର ସଦର ମହକୁମା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି।

## 'ଅବହେଳାରୁ ଦୁର୍ଘଟଣା ଘଟିଲା'

ପୂର୍ବତଟ ରେଳପଥ କର୍ତ୍ତୃପକ୍ଷଙ୍କ ଅବହେଳା ମନୋଭାବ ଯୋଗୁ ଟ୍ରେନ ଦୁର୍ଘଟଣାରେ ୩ ଜଣଙ୍କ ଜୀବନ ଗଲା ବୋଲି ଆମ୍ବେଦକର ଲୋହିଆ ବିଚାର ମଞ୍ଚ ଅଭିଯୋଗ କରିଛି। ମଞ୍ଚ ପକ୍ଷରୁ ଏକ ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, ମାଲବାହୀ ଟ୍ରେନରୁ ମାଲ୍ ଅନଲୋଡ୍ ଓ ଲୋଡିଂ ପରେ ବଗିଗୁଡ଼ିକର କବାଟ ବା ତାଲା ପକାଇବା ନିୟମ ରହିଛି। ମାତ୍ର ସମ୍ପୃକ୍ତ ଠିକାସଂସ୍ଥା ବଗିର କବାଟରେ ତାଲା ନ ପକାଇ ଜିଆଇ ତାର ବାନ୍ଧନ୍ତି। ଏହାକୁ ବିଭାଗୀୟ କର୍ତ୍ତୃପକ୍ଷ ତନଖି କରନ୍ତି ନାହିଁ, ଯାହା ଫଳରେ ଏହି ଦୁର୍ଘଟଣା ହେଲା। ତେଣୁ ସମ୍ପୃକ୍ତ ଠିକାସଂସ୍ଥା ଏବଂ ଅଧିକାରୀଙ୍କ ବିରୋଧରେ ଆଇପିସି ଦଫା ୩୦୨ ଅନୁଯାୟୀ ମାମଲା ଦାଏର କରାଯାଉ। ଏହାସହ ମୃତକଙ୍କ ପରିବାରଙ୍କୁ ଚାକିରି ଓ ୩୦ ଲକ୍ଷ ଟଙ୍କା ସହାୟତା ଓ ଆହତଙ୍କୁ ୧୦ ଲକ୍ଷ ସହାୟତା ଦିଆଯାଉ ବୋଲି ମଞ୍ଚର ରାଜ୍ୟନେତା ମନୋରଞ୍ଜନ ଜେନା କହିଛନ୍ତି।

## ନିଯୁକ୍ତି ଦାବି କଲା କୋରେଇ ସଂଗ୍ରାମ ସମିତି

କୋରେଇ ରେଳଷ୍ଟେଶନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କୁ ୨୫ଲକ୍ଷ ଟଙ୍କା ସହାୟତା ଓ ପରିବାରରୁ ଜଣକୁ ରେଲୱେରେ ନିଯୁକ୍ତି ଦିଆଯାଉ ବୋଲି କୋରେଇ ସଂଗ୍ରାମ ସମିତି ପକ୍ଷରୁ ଦାବି କରାଯାଇଛି। ଏହାସହିତ ଏହି ଦୁର୍ଘଟଣାର ବିଭାଗୀୟ ତଦନ୍ତ କରିବାକୁ ସମିତିର ସଭାପତି ବିଦ୍ୟାଧର ମହାନ୍ତି ଦାବି କରିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚନ୍ଦନେଶ୍ୱର



@ ପବିତ୍ର



@ ପ୍ରଦୀପ



@ ପ୍ରଶାନ୍ତ



@ ଶିଶିରକାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୌଶଳ ବିକାଶ କ୍ଷେତ୍ରରେ ଓଡ଼ିଶା ଆଗୁଆ

ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)

ମାନବସମ୍ବଳ ଓ କୌଶଳ ବିକାଶ କ୍ଷେତ୍ରରେ ଓଡ଼ିଶା ସଫଳ ପଦକ୍ଷେପ ଗ୍ରହଣ କରି ଆସୁଛି। ବିଶେଷକରି ଯୁବଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ଓ ନିରନ୍ତର ପ୍ରଗତି ସହ ସେମାନଙ୍କ କ୍ରିୟାଶୀଳ ଭୂମିକାକୁ ଉନ୍ନତ କରିବା କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ସୋମବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ 'ବିକଶିତ ଭାରତ: ଦିଗନ୍ତ ପହୁଞ୍ଚ' ଶୀର୍ଷକ କର୍ମଶାଳାରେ ମୁଖ୍ୟ ଶାସନ ସଚିବ ଯୋଗଦେଇ ଏହା କହିଛନ୍ତି।

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମଧ୍ୟ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ସରକାର ବହୁ ପଦକ୍ଷେପ ନେଇଥିବା ଆଲୋକପାତ କରିଥିଲେ। କର୍ମଶାଳାରେ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ହିମାଚଳ ପ୍ରଦେଶ, ଗୋଆ, ଜମ୍ମୁ ଓ କଶ୍ମୀର, ପଞ୍ଜାବ, ତ୍ରିପୁରା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ, ମଣିପୁର ତଥା କେନ୍ଦ୍ର ଶାସିତ ଅଞ୍ଚଳ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଡାମନ-ଡିଉ-ଦାଦ୍ରା-ନଗର ହାଭେଲୀ, ଲାକ୍ଷାଦ୍ୱୀପ, ଲଦାଖର ପ୍ରତିନିଧିମାନେ ଯୋଗଦେଇ ଦକ୍ଷତା ବିକାଶ ସ୍ଥିତି ନେଇ ବକ୍ତବ୍ୟ ରଖିଥିଲେ। କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରାଳୟର ଶାସନ ସଚିବ ଅତୁଲ ତିୱାରୀ ଯୋଗଦେଇ ଦକ୍ଷତା ବିକାଶ କ୍ଷେତ୍ରରେ କେନ୍ଦ୍ରୀୟ ଯୋଜନା ଓ ପଦକ୍ଷେପ ସମ୍ପର୍କରେ କହିଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ସ୍ୱାଗତ ଭାଷଣରେ ରାଜ୍ୟରେ ଦକ୍ଷତା ବିକାଶ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ହୋଇଥିବା ଦର୍ଶାଇଥିଲେ। ବିଭାଗୀୟ ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ରେଘୁ ଜିଙ୍କ ସମେତ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅପରାହ୍ଣର ଉଦ୍‌ଯାପନ ଅଧିବେଶନ ପରେ ପ୍ରତିନିଧି ଦଳ ଜଟଣୀସ୍ଥିତ ଦକ୍ଷତା ବିକାଶ ପ୍ରତିଷ୍ଠାନ ଓ ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ତଥ୍ୟ ସମ୍ପର୍କରେ ଅବଗତ ହୋଇଥିଲେ ଏବଂ ଉଭୟ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ।




କର୍ମଶାଳାରେ ମୁଖ୍ୟ ଶାସନ ସଚିବ ସୁରେଶଚନ୍ଦ୍ର ମହାପାତ୍ର ଓ ଅନ୍ୟ ଅତିଥିମାନେ।

## ପୁଣି ୩ ଦିନିଆ ରିମାଣ୍ଡରେ ଖଗେଶ୍ୱର

### ବ୍ଲାକ୍‌ମେଲର ଅର୍ଚ୍ଚନାଙ୍କ ଠକେଇ ମାମଲା

ଭୁବନେଶ୍ୱର, ୨୧।୧୧(ବ୍ୟୁରୋ):

ବହୁଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ବିଜ୍‌ନେସ୍ ପାର୍ଟନର ଖଗେଶ୍ୱର ପାତ୍ରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସୋମବାର ପୁଣି ୩ ଦିନିଆ ରିମାଣ୍ଡରେ ନେଇଛି। ଗତ ୧୧ ତାରିଖରୁ ୧୦ ଦିନିଆ ରିମାଣ୍ଡରେ ଥିବା ଖଗେଶ୍ୱରଙ୍କୁ ଜେରା କରାଯାଇ ଅର୍ଚ୍ଚନାଙ୍କ କଳାସାମ୍ରାଜ୍ୟର ବେଆଇନ ଆର୍ଥିକ କାରବାର ନେଇ ବହୁ ତଥ୍ୟ ହାସଲ ହୋଇଥିଲା। ରିମାଣ୍ଡ ଅବଧି ସରିବା ପରେ ଇଡି ତାଙ୍କୁ ସୋମବାର ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟଙ୍କ ନିକଟରେ ହାଜର କରି ପୁଣି ୫ଦିନ ପାଇଁ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। ହେଲେ କୋର୍ଟ ୩ଦିନ ପାଇଁ ଅନୁମତି ଦେଇଛନ୍ତି। ଏହି ୩ ଦିନ ରିମାଣ୍ଡ ଅବଧି ମଧ୍ୟରେ ଖଗେଶ୍ୱରଙ୍କୁ ମାରାଥନ ଜେରା କରିବ ଇଡି। ଏଥିସହ ଅର୍ଚ୍ଚନା ଓ ଖଗେଶ୍ୱରଙ୍କୁ ରିମାଣ୍ଡରେ ଆଣି ୩ଜଣଙ୍କୁ ସାମ୍ନାସାମ୍ନି ଜେରା କରାଯାଇପାରେ ବୋଲି ସୂଚନା ମିଳୁଛି। ଅନ୍ୟପକ୍ଷରେ ଅର୍ଚ୍ଚନାଙ୍କ ସହ ଆର୍ଥିକ କାରବାର କରିଥିବା ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଇଡି ନୋଟିସ୍ କରିଥିବାବେଳେ ସେମାନେ ଜେରାର ସାମ୍ନା କରିବେ। ନୋଟିସ୍ ତାଲିକାରେ ବଡ଼ବଡ଼ିଆ ନେତା, ଆଇପିଏସ୍ ଅଧିକାରୀ ଓ ବ୍ୟବସାୟୀ ପ୍ରମୁଖ ରହିଛନ୍ତି।

## ସର୍ବଭାରତୀୟ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହରେ ପାରାଦୀପ ପ୍ରଥମ

ପାରାଦୀପ, ୨୧।୧୧(ସ୍ୱ.ପ୍ର.)

ପାରାଦୀପସ୍ଥିତ ଜୟଦେବ ସଦନରେ ଚାଲିଥିବା ସର୍ବଭାରତୀୟ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହ ସୋମବାର ସନ୍ଧ୍ୟାରେ ଉଦଯାପିତ ହୋଇଛି। ଏଥିରେ ଦେଶର ୯ଟି ବନ୍ଦରର ୨୦୦ରୁ ଊର୍ଦ୍ଧ୍ୱ କଳାକାର ଭାଗ ନେଇଥିଲେ। ଏହି ଅବସରରେ ନାଟକ, ସଂଗୀତ, ନୃତ୍ୟ ଆଦି ପରିବେଷଣ କରାଯାଇଥିଲା। ଏଥିରେ ସମୂହ ଭାବେ ପାରାଦୀପ ଗ୍ରୁପ୍ ଚାମ୍ପିୟାନ ହୋଇଥିଲା । ସେହିପରି ଶ୍ୟାମାପ୍ରସାଦ ମୁଖାର୍ଜୀ ବନ୍ଦର ଦ୍ୱିତୀୟ ଓ ମୁମ୍ବାଇ ତୃତୀୟ ସ୍ଥାନରେ ରହି ପୁରସ୍କାର ପାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବନ୍ଦର ଉପାଧ୍ୟକ୍ଷ ଏ.କେ. ବୋଷ ଯୋଗଦେଇ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଫ୍‌କୋ ନିର୍ବାହୀ ନିର୍ଦ୍ଦେଶକ କେ.ଜେ. ପଟେଲ, ଲେଡିଜ କ୍ଲବ ଉପସଭାପତି ସୁଚିସ୍ମିତା ବୋଷ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ପାରାଦୀପ ବନ୍ଦର ଓ ମେଜରପୋର୍ଟ ସ୍ପୋର୍ଟସ କାଉନ୍‌ସିଲ ମିଳିତ ଭାବେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହାକୁ ଡାକ୍ତର ଦୁର୍ଗାପ୍ରସାଦ ସେଠି, ଡି.ଏନ. ସୋନ୍ଧି ଓ ରଶ୍ମିରଞ୍ଜନ ବେଉରା ପ୍ରମୁଖ ପରିଚାଳନା କରିଥିଲେ।



ସାଂସ୍କୃତିକ ସମାରୋହରେ ପୁରସ୍କାର ସହ ପାରାଦୀପର କଳାକାରମାନେ।

# ନିମିଷକରେ ଛାରଖାର

ଯାଜପୁର ଜିଲା କୋରେଇ ଷ୍ଟେଶନରେ ସୋମବାର ସକାଳେ ଦୁର୍ଘଟଣାଗ୍ରସ୍ତ ହୋଇଛି ଏକ ମାଲବାହୀ ଟ୍ରେନ୍। ଏହା ଏତେ ଭୟଙ୍କର ଥିଲା ଯେ, ୫୯ ବଗି ମଧ୍ୟରୁ ୧୪ଟି ଲାଇନଚ୍ୟୁତ୍ ହୋଇଥିଲା। ସେଥିମଧ୍ୟରୁ ୮ଟି ବଗି ପ୍ଲାଟ୍‌ଫର୍ମକୁ ଚଢ଼ିଯାଇଥିଲା। ଫଳରେ ନିମିଷକ ମଧ୍ୟରେ କୋରେଇ ଷ୍ଟେଶନ ଛାରଖାର ହୋଇଯାଇଥିଲା। ଟ୍ରେନ୍‌କୁ ଅପେକ୍ଷା କରିଥିବା ୩ ମହିଳା ଯାତ୍ରୀଙ୍କ ଜୀବନ ଚାଲିଯାଇଥିବାବେଳେ ୪ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

**ଟ୍ରେନ୍ ଦୁର୍ଘଟଣା, ଉଦ୍ଧାର କାର୍ଯ୍ୟ**















### ବର୍ତ୍ତିଲେ ଅଢ଼େଇ ମାସର ଶିଶୁପୁତ୍ର

କଣ୍ଢେଇ ବିନ୍ଧାଣୀ ତାଙ୍କ ଅଢେଇ ମାସର ଶିଶୁ ପୁତ୍ର ଓ ରୋଗିଣା ଶାଶୁ ପାର୍ବତୀ ବିନ୍ଧାଣୀଙ୍କୁ ନେଇ କଟକ ବଡ଼ ମେଡିକାଲକୁ ଯିବାକୁ ବାହାରିଥିଲେ। ଶାଶୁ ପାର୍ବତୀଙ୍କୁ ଟ୍ୟୁମର ରୋଗ ହୋଇଥିଲା। ତାଙ୍କ ଚିକିତ୍ସା କରି ଘରକୁ ଫେରିବାକୁ ଯୋଜନା ଥିଲା। ଏଥିପାଇଁ ଡିଏମୟୁ ଟ୍ରେନରେ କଟକକୁ ଯିବାକୁ ପ୍ଲାଟଫର୍ମରେ ଟିକେଟ କାଟି ଠିଆ ହୋଇଥିଲେ। କିନ୍ତୁ ଟ୍ରେନ ଦୁର୍ଘଟଣାରେ ପାର୍ବତୀ ଏବଂ କଣ୍ଢେଇଙ୍କ ଜୀବନ ଚାଲି ଯାଇଥିବାବେଳେ ସୌଭାଗ୍ୟବଶତଃ ଅଢ଼େଇ ମାସର ଶିଶୁପୁତ୍ର ବଞ୍ଚିଯାଇଛି। କଣ୍ଢେଇ ଉପସ୍ଥିତ ବୁଦ୍ଧି ଖଟାଇ ପୁଅକୁ ଫୋପାଡ଼ି ଦେବାରୁ ତା'ର ଜୀବନ ବଞ୍ଚି ଯାଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ମିଳିଛି।

### ଅବ୍‌ଜୁଲ ବିବି ଏକମାତ୍ର ରୋଜଗାରକ୍ଷମ ଥିଲେ

କୋରେଇ ଥାନା ଅନ୍ତର୍ଗତ ଫାଜଲପୁର (ଶଙ୍ଖପାରି)ର ଅବଜୁଲ ବିବିଙ୍କ ଟ୍ରେନ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତାଙ୍କ ସ୍ୱାମୀ ସେକ ମୟିଉଦ୍ଦିନ ଜଣେ ଭିନ୍ନକ୍ଷମ ହୋଇଥିବାରୁ ଘରେ ରୁହନ୍ତି। ତେଣୁ ଏକମାତ୍ର ରୋଜଗାରକ୍ଷମ ଅବଜୁଲଙ୍କ ମୃତ୍ୟୁପରେ ୨ ପୁଅ ଓ ୨ ଝିଅ ଅନାଥ ହୋଇଯାଇଛନ୍ତି। ଝିଅଙ୍କୁ ଏବେ କେମିତି ବିବାହ କରାଇବେ ସେହି ଚିନ୍ତାରେ ରହିଛନ୍ତି ମୟିଉଦ୍ଦିନ। ତେଣୁ ଅବଜୁଲିଙ୍କ ପରିବାର ଲୋକଙ୍କୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଏବଂ ଜଣଙ୍କୁ ରେଲୱେରେ ଚାକିରି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ରେଳ କର୍ମଚାରୀ ଆହତ

ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ରେଳ କର୍ମଚାରୀ ସୁନୀଲ ବିନ୍ଧାଣୀଙ୍କ ଉପରେ ଏକ ଲୁହା ଏଙ୍ଗେଲ ଖସି ପଡ଼ିବା ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ନିମନ୍ତେ ତାଙ୍କୁ ପ୍ରଥମେ କୋରେଇ ମେଡିକାଲ ଓ ପରେ ଯାଜପୁର ସଦର ମହକୁମା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି।

### 'ଅବହେଳାରୁ ଦୁର୍ଘଟଣା ଘଟିଲା'

ପୂର୍ବତଟ ରେଳପଥ କର୍ତ୍ତୃପକ୍ଷଙ୍କ ଅବହେଳା ମନୋଭାବ ଯୋଗୁ ଟ୍ରେନ ଦୁର୍ଘଟଣାରେ ୩ ଜଣଙ୍କ ଜୀବନ ଗଲା ବୋଲି ଆମ୍ବେଦକର ଲୋହିଆ ବିଚାର ମଞ୍ଚ ଅଭିଯୋଗ କରିଛି। ମଞ୍ଚ ପକ୍ଷରୁ ଏକ ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, ମାଲବାହୀ ଟ୍ରେନରୁ ମାଲ୍ ଅନଲୋଡ୍ ଓ ଲୋଡିଂ ପରେ ବଗିଗୁଡିକର କବାଟ ବା ତାଲା ପକାଇବା ନିୟମ ରହିଛି। ମାତ୍ର ସମ୍ପୃକ୍ତ ଠିକାସଂସ୍ଥା ବଗିର କବାଟରେ ତାଲା ନ ପକାଇ ଜିଆଇ ତାର ବାନ୍ଧନ୍ତି। ଏହାକୁ ବିଭାଗୀୟ କର୍ତ୍ତୃପକ୍ଷ ତନଖି କରନ୍ତି ନାହିଁ, ଯାହା ଫଳରେ ଏହି ଦୁର୍ଘଟଣା ହେଲା। ତେଣୁ ସମ୍ପୃକ୍ତ ଠିକାସଂସ୍ଥା ଏବଂ ଅଧିକାରୀଙ୍କ ବିରୋଧରେ ଆଇପିସି ଦଫା ୩୦୨ ଅନୁଯାୟୀ ମାମଲା ଦାଏର କରାଯାଉ। ଏହାସହ ମୃତକଙ୍କ ପରିବାରଙ୍କୁ ଚାକିରି ଓ ୩୦ ଲକ୍ଷ ଟଙ୍କା ସହାୟତା ଓ ଆହତଙ୍କୁ ୧୦ ଲକ୍ଷ ସହାୟତା ଦିଆଯାଉ ବୋଲି ମଞ୍ଚର ରାଜ୍ୟନେତା ମନୋରଞ୍ଜନ ଜେନା କହିଛନ୍ତି।

### ନିଯୁକ୍ତି ଦାବି କଲା କୋରେଇ ସଂଗ୍ରାମ ସମିତି

କୋରେଇ ରେଳଷ୍ଟେଶନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କୁ ୨୫ଲକ୍ଷ ଟଙ୍କା ସହାୟତା ଓ ପରିବାରରୁ ଜଣକୁ ରେଳୱେରେ ନିଯୁକ୍ତି ଦିଆଯାଉ ବୋଲି କୋରେଇ ସଂଗ୍ରାମ ସମିତି ପକ୍ଷରୁ ଦାବି କରାଯାଇଛି। ଏହାସହିତ ଏହି ଦୁର୍ଘଟଣାର ବିଭାଗୀୟ ତଦନ୍ତ କରିବାକୁ ସମିତିର ସଭାପତି ବିଦ୍ୟାଧର ମହାନ୍ତି ଦାବି କରିଛନ୍ତି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚନ୍ଦନେଶ୍ୱର



@ ପବିତ୍ର



@ ପ୍ରଦୀପ



@ ପ୍ରଶାନ୍ତ



@ ଶିଶିରକାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୌଶଳ ବିକାଶ କ୍ଷେତ୍ରରେ ଓଡ଼ିଶା ଆଗୁଆ

ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)




କର୍ମଶାଳାରେ ମୁଖ୍ୟ ଶାସନ ସଚିବ ସୁରେଶଚନ୍ଦ୍ର ମହାପାତ୍ର ଓ ଅନ୍ୟ ଅତିଥିମାନେ।

ମାନବସମ୍ବଳ ଓ କୌଶଳ ବିକାଶ କ୍ଷେତ୍ରରେ ଓଡ଼ିଶା ସଫଳ ପଦକ୍ଷେପ ଗ୍ରହଣ କରି ଆସୁଛି। ବିଶେଷକରି ଯୁବଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ଓ ନିରନ୍ତର ପ୍ରଗତି ସହ ସେମାନଙ୍କ କ୍ରିୟାଶୀଳ ଭୂମିକାକୁ ଉନ୍ନତ କରିବା କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ସୋମବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ 'ବିକଶିତ ଭାରତ: ଦିଗନ୍ତ ପହୁଞ୍ଚ' ଶୀର୍ଷକ କର୍ମଶାଳାରେ ମୁଖ୍ୟ ଶାସନ ସଚିବ ଯୋଗଦେଇ ଏହା କହିଛନ୍ତି।

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମଧ୍ୟ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ସରକାର ବହୁ ପଦକ୍ଷେପ ନେଇଥିବା ଆଲୋକପାତ କରିଥିଲେ। କର୍ମଶାଳାରେ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ହିମାଚଳ ପ୍ରଦେଶ, ଗୋଆ, ଜମ୍ମୁ ଓ କଶ୍ମୀର, ପଞ୍ଜାବ, ତ୍ରିପୁରା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ, ମଣିପୁର ତଥା କେନ୍ଦ୍ର ଶାସିତ ଅଞ୍ଚଳ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଡାମନ-ଡିଉ-ଦାଦ୍ରା-ନଗର ହାବେଳୀ, ଲାକ୍ଷାଦ୍ୱୀପ, ଲଦାଖର ପ୍ରତିନିଧିମାନେ ଯୋଗଦେଇ ଦକ୍ଷତା ବିକାଶ ସ୍ଥିତି ନେଇ ବକ୍ତବ୍ୟ ରଖିଥିଲେ। କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରାଳୟର ଶାସନ ସଚିବ ଅତୁଲ ତିୱାରୀ ଯୋଗଦେଇ ଦକ୍ଷତା ବିକାଶ କ୍ଷେତ୍ରରେ କେନ୍ଦ୍ରୀୟ ଯୋଜନା ଓ ପଦକ୍ଷେପ ସମ୍ପର୍କରେ କହିଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ସ୍ୱାଗତ ଭାଷଣରେ ରାଜ୍ୟରେ ଦକ୍ଷତା ବିକାଶ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ହୋଇଥିବା ଦର୍ଶାଇଥିଲେ। ବିଭାଗୀୟ ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ରେଘୁ ଜିଙ୍କ ସମେତ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନର ଉଦ୍‌ଯାପନ ଅଧିବେଶନ ପରେ ପ୍ରତିନିଧି ଦଳ ଜଟଣୀସ୍ଥିତ ଦକ୍ଷତା ବିକାଶ ପ୍ରତିଷ୍ଠାନ ଓ ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ତଥ୍ୟ ସମ୍ପର୍କରେ ଅବଗତ ହୋଇଥିଲେ ଏବଂ ଉଭୟ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ।

## ପୁଣି ୩ ଦିନିଆ ରିମାଣ୍ଡରେ ଖଗେଶ୍ୱର

### ବ୍ଲାକ୍‌ମେଲର ଅର୍ଚ୍ଚନାଙ୍କ ଠକେଇ ମାମଲା

ଭୁବନେଶ୍ୱର,୨୧।୧୧(ବ୍ୟୁରୋ):

ବହୁଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ବିଜ୍‌ନେସ୍ ପାର୍ଟନର ଖଗେଶ୍ୱର ପାତ୍ରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସୋମବାର ପୁଣି ୩ ଦିନିଆ ରିମାଣ୍ଡରେ ନେଇଛି। ଗତ ୧୧ ତାରିଖରୁ ୧୦ ଦିନିଆ ରିମାଣ୍ଡରେ ଥିବା ଖଗେଶ୍ୱରଙ୍କୁ ଜେରା କରାଯାଇ ଅର୍ଚ୍ଚନାଙ୍କ କଳାସାମ୍ରାଜ୍ୟର ବେଆଇନ ଆର୍ଥିକ କାରବାର ନେଇ ବହୁ ତଥ୍ୟ ହାସଲ ହୋଇଥିଲା। ରିମାଣ୍ଡ ଅବଧି ସରିବା ପରେ ଇଡି ତାଙ୍କୁ ସୋମବାର ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟଙ୍କ ନିକଟରେ ହାଜର କରି ପୁଣି ୫ଦିନ ପାଇଁ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। ହେଲେ କୋର୍ଟ ୩ଦିନ ପାଇଁ ଅନୁମତି ଦେଇଛନ୍ତି। ଏହି ୩ ଦିନ ରିମାଣ୍ଡ ଅବଧି ମଧ୍ୟରେ ଖଗେଶ୍ୱରଙ୍କୁ ମାରାଥନ ଜେରା କରିବ ଇଡି। ଏଥିସହ ଅର୍ଚ୍ଚନା ଓ ଖଗେଶ୍ୱରଙ୍କୁ ରିମାଣ୍ଡରେ ଆଣି ୩ଜଣଙ୍କୁ ସାମ୍ନାସାମ୍ନି ଜେରା କରାଯାଇପାରେ ବୋଲି ସୂଚନା ମିଳୁଛି। ଅନ୍ୟପକ୍ଷରେ ଅର୍ଚ୍ଚନାଙ୍କ ସହ ଆର୍ଥିକ କାରବାର କରିଥିବା ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଇଡି ନୋଟିସ୍ କରିଥିବାବେଳେ ସେମାନେ ଜେରାର ସାମ୍ନା କରିବେ। ନୋଟିସ୍ ତାଲିକାରେ ବଡ଼ବଡ଼ିଆ ନେତା, ଆଇପିଏସ୍ ଅଧିକାରୀ ଓ ବ୍ୟବସାୟୀ ପ୍ରମୁଖ ରହିଛନ୍ତି।

## ସର୍ବଭାରତୀୟ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହରେ ପାରାଦୀପ ପ୍ରଥମ

ପାରାଦୀପ,୨୧।୧୧(ସ୍ୱ.ପ୍ର.)

ପାରାଦୀପସ୍ଥିତ ଜୟଦେବ ସଦନରେ ଚାଲିଥିବା ସର୍ବଭାରତୀୟ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହ ସୋମବାର ସନ୍ଧ୍ୟାରେ ଉଦଯାପିତ ହୋଇଛି। ଏଥିରେ ଦେଶର ୯ଟି ବନ୍ଦରର ୨୦୦ରୁ ଊର୍ଦ୍ଧ୍ୱ କଳାକାର ଭାଗ ନେଇଥିଲେ। ଏହି ଅବସରରେ ନାଟକ, ସଂଗୀତ, ନୃତ୍ୟ ଆଦି ପରିବେଷଣ କରାଯାଇଥିଲା। ଏଥିରେ ସମୂହ ଭାବେ ପାରାଦୀପ ଗ୍ରୁପ୍ ଚାମ୍ପିୟାନ ହୋଇଥିଲା । ସେହିପରି ଶ୍ୟାମାପ୍ରସାଦ ମୁଖାର୍ଜୀ ବନ୍ଦର ଦ୍ୱିତୀୟ ଓ ମୁମ୍ବାଇ ତୃତୀୟ ସ୍ଥାନରେ ରହି ପୁରସ୍କାର ପାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବନ୍ଦର ଉପାଧ୍ୟକ୍ଷ ଏ.କେ. ବୋଷ ଯୋଗଦେଇ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଫ୍‌କୋ ନିର୍ବାହୀ ନିର୍ଦ୍ଦେଶକ କେ.ଜେ. ପଟେଲ, ଲେଡିଜ କ୍ଲବ ଉପସଭାପତି ସୁଚିସ୍ମିତା ବୋଷ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ପାରାଦୀପ ବନ୍ଦର ଓ ମେଜରପୋର୍ଟ ସ୍ପୋର୍ଟସ କାଉନ୍‌ସିଲ ମିଳିତ ଭାବେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହାକୁ ଡାକ୍ତର ଦୁର୍ଗାପ୍ରସାଦ ସେଠି, ଡି.ଏନ. ସୋନ୍ଧି ଓ ରଶ୍ମିରଞ୍ଜନ ବେଉରା ପ୍ରମୁଖ ପରିଚାଳନା କରିଥିଲେ।



ସାଂସ୍କୃତିକ ସମାରୋହରେ ପୁରସ୍କାର ସହ ପାରାଦୀପର କଳାକାରମାନେ।

# ଲାଭା ଓଗାଳିବ ଶିଭେଲୁଚ



**ମସ୍କୋ**

ରୁଷିଆର କାମଚାଟକା ପେନିନ୍ସୁଲାରେ ଥିବା ଶିଭେଲୁଚ ଭଲକାନୋର ସକ୍ରିୟ ହେବାରେ ଲାଗିଛି, ଯାହା ଫଳରେ ଶିଭୁଲେଚ ଆଗ୍ନେୟଗିରିରୁ ଉଦ୍‌ଗିରଣ ହେବା ଆଶଙ୍କା ଥିବା ବୈଜ୍ଞାନିକମାନେ କହିଛନ୍ତି। ଆଗ୍ନେୟଗିରି ମଧ୍ୟରେ ଥିବା ଲାଭା ଗମ୍ବୁଜରୁ ଗରମ ବାଷ୍ପ ବାହାରୁଥିବା ଦେଖାଯାଇଛି। ଶିଭେଲୁଚ ନିଜଠାରୁ ୧୫ରୁ ୨୦ କିଲୋମିଟର ଦୂର ପର୍ଯ୍ୟନ୍ତ ବ୍ୟାପିବା ଆଶଙ୍କା ଥିବବେଳେ କମ୍ ଉଚ୍ଚତାରେ ଉଡୁଥିବା ବିମାନ ଏହାଦ୍ୱାରା ପ୍ରଭାବିତ ହେବେ ବୋଲି ଏକ ଅନୁସନ୍ଧାନୀ ଦଳ ପକ୍ଷରୁ କୁହାଯାଇଛି। ଦିନକୁ ଦିନ ଏହି ଆଗ୍ନେୟଗିରି ଉତ୍ତପ୍ତ ହେବାରେ ଲାଗିଛି। ରୁଷିଆ କାମଚାଟକାର ସବୁଠାରୁ ବଡ଼ ଆଗ୍ନେୟଗିରି ହେଉଛି ଶିବେଲୁଚ। ଏହାର ଉଚ୍ଚତା ୩,୨୮୩ ମିଟର। ପେନିନ୍ସୁଲାରେ ଥିବା ୬୦ ଆଗ୍ନେୟଗିରି ଭିତରୁ ଏହ ସବୁଠାରୁ ସକ୍ରିୟ ବୋଲି କୁହାଯାଉଛି। ଆମେରିକୀୟ ମହାକାଶ ଗବେଷଣା ସଂସ୍ଥାର ସୂଚନାକ୍ରମେ ୨୦୦୭ରେ ଶିଭେଲୁଚରେ ସବୁଠାରୁ ଭୟାବହ ଅଗ୍ନେୟ ଉଦ୍‌ଗିରଣ ହୋଇଥିଲା।

# ଦୁର୍ଘଟଣା ପରେ ଏବେ ସୁସ୍ଥ ଅଛନ୍ତି ମୁନ୍‌ମୁନ୍



**ମୁମ୍ବାଇ**

ଦୁର୍ଘଟଣା ପରେ ଏବେ ସୁସ୍ଥ ଅଛନ୍ତି ମୁନ୍‌ମୁନ୍। ଜର୍ମାନୀ ଛୁଟି କଟାଇବାକୁ ଯାଇଥିବା 'ତାରକ ମେହେତାକା ଉଲଟା ଚଷମା' ସିରିଏଲ୍ ଅଭିନେତ୍ରୀ ମୁନ୍‌ମୁନ୍ ଦତ୍ତା ନିକଟରେ ଏକ ଦୁର୍ଘଟଣାର ଶିକାର ହୋଇଛନ୍ତି। ବର୍ତ୍ତମାନ ସୁସ୍ଥ ହେବା ପରେ ସେ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଛନ୍ତି। ନିଜ ଇନ୍‌ଷ୍ଟା ଷ୍ଟୋରୀରେ ମୁନ୍‌ମୁନ୍ ଲେଖିଛନ୍ତି ଯେ, 'ଜର୍ମାନୀରେ ଏକ ଛୋଟ ଦୁର୍ଘଟଣା ତାଙ୍କ ସହ ଘଟିଥିଲା। ଏଥିରେ ତାଙ୍କ ବାମ ଆଣ୍ଠୁରେ ଆଘାତ ଲାଗିଛି ଯେଉଁଥିଲାଗି ତାଙ୍କୁ ଛୁଟିକୁ ଅଧାରେ ଛାଡ଼ି ଘରକୁ ଫେରିବାକୁ ପଡ଼ିଛି। ଏହା ଲେଖିବା ସହ ସେ ବ୍ରୋକେନ୍ ହାର୍ଟର ଇମୋଜି ମଧ୍ୟ ପୋଷ୍ଟ କରିଛନ୍ତି। ପାରିବାରିକ କମେଡି ସୋ' 'ତାରକ ମେହେତା କା ଉଲଟା ଚଷମା' ରେ ବବିତା ଭୂମିକାରେ ଅଭିନୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରଛନ୍ତି ମୁନ୍‌ମୁନ୍। ସିରିଏଲ୍‌ର ଗୋକୁଳଧାମ ସୋସାଇଟି ଏବଂ ଏଥିରେ ଅଭିନୟ କରୁଥିବା ପ୍ରତ୍ୟେକ ଚରିତ୍ରଙ୍କୁ ଦର୍ଶକ ବହୁତ ପସନ୍ଦ କରନ୍ତି। ଧାରାବାହିକରେ ଥିବା ଲୋକପ୍ରିୟ ଚରିତ୍ର ଭିତରୁ ବବିତାଜୀ ହେଉଛନ୍ତି ଅନ୍ୟତମ, ଯେଉଁଥିରେ ମୁନ୍‌ମୁନ୍ ଦତ୍ତା ବବିତାଜୀ ଚରିତ୍ରରେ ଅଭିନୟ କରନ୍ତି।

# ମ୍ୟାଚ୍ ଦେଖିବା ପାଇଁ କିଣାହେଲା ୨୩ ଲକ୍ଷର ଘର

**ଥିରୁଭାନନ୍ତପୁରମ୍**



କ୍ରୀଡ଼ାପ୍ରେମୀମାନେ ମ୍ୟାଚ୍ ଦେଖିବା ପାଇଁ ଅନେକ ସମୟରେ ବହୁ ବିଚିତ୍ର କାଣ୍ଡ କରି ବସନ୍ତି। ମ୍ୟାଚ୍ ଦେଖିବା ଲାଗି କେହି ଲକ୍ଷାଧିକ ଟଙ୍କା ଦେଇ ଘର କିଣିବା କଥା ପଢ଼ିଲାବେଳକୁ ଆଶ୍ଚର୍ଯ୍ୟ ଲାଗୁଥିବ। କିନ୍ତୁ ଏ ପ୍ରକାର ଘଟଣା କେରଳ କୋଚିର ମୁଣ୍ଡାକାମୁଗଲ ଗ୍ରାମରେ ଘଟିଛି। ୧୭ ଜଣ ଯୁବ ଫୁଟବଲ ପ୍ରେମୀ ୱାର୍ଲ୍ଡକପ୍ ମ୍ୟାଚ୍ ଦେଖିବା ଲାଗି ୨୩ ଲକ୍ଷ ଟଙ୍କାରେ ଏକ ଘର କିଣିଛନ୍ତି। କାତାରରେ ୨୦୨୨ ଫିଫା ୱାର୍ଲ୍ଡକପ୍ ଆରମ୍ଭ ହୋଇଥିବାବେଳେ ଏଥିରେ ୩୨ଟି ଟିମ୍ ଭାଗ ନେଇଛନ୍ତି। ଯୁବକମାନେ କିଣିଥିବା ଏହି ନୂଆ ଘରକୁ ସେମାନେ ନିଜ ପ୍ରିୟ ଫୁଟବଲରଙ୍କ ଫଟୋ ଓ ପତାକାରେ ସଜାଇଥିବାର ଦେଖିବାକୁ ମିଳିଛି। ମ୍ୟାଚ୍‌କୁ ଭଲଭାବେ ଉପଭୋଗ କରିବା ସକାଶେ ସେମାନେ ଘରେ ଏକ ବିରାଟ ସ୍କ୍ରିନ୍ ଟିଭି ଲଗାଇଛନ୍ତି। ଦୀର୍ଘ ୧୫ରୁ ୨୦ ବର୍ଷ ହେବ ଏହି ଯୁବକମାନେ ଏକାଠି ଖେଳ ଦେଖି ଆସୁଛନ୍ତି। ଏକାଧିକ ପିଲା ଛୋଟ ସ୍ଥାନରେ ବସି ଖେଳ ଦେଖିବା ପାଇଁ ଅସୁବିଧା ହେବାରୁ ଉକ୍ତ ଯୁବକମାନେ ଗୋଟିଏ ଘର କିଣିବାର ନିଷ୍ପତ୍ତି ନେଇଥିଲେ।

# ପରଲୋକରେ ଜେସନ ଡେଭିଡ ଫ୍ରାଙ୍କ



**ୱାଶିଂଟନ:** ହଲିଉଡ ଅଭିନେତା ଜେସନ ଡେଭିଡ ଫ୍ରାଙ୍କ୍‌ଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୪୯ ବର୍ଷ ବୟସ ହୋଇଥିଲା। ରିପୋର୍ଟ ମୁତାବକ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ତେବେ ସେ କାହିଁକି ଆତ୍ମହତ୍ୟା କଲେ ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳିନାହିଁ ଡେଭିଡ ଫ୍ରାଙ୍କଙ୍କ ହଲିଉଡ ସିରିଜ ପାୱାର ରେଞ୍ଜରର ୨୮ ଅଗଷ୍ଟ ୧୯୯୩ରେ ପ୍ରସାରିତ ହୋଇଥିଲା।ସେଥିରେ ସେ ଅଭିନୟ କରି ସେ ବେଶ ଲୋକପ୍ରିୟତା ସାଉଁଟିଥିଲେ। ଏହାପରେ ଦ୍ୱିତୀୟ ସିଜନରେ ସେ ଗ୍ରୀନ ରେଞ୍ଜର୍ ରୂପେ ନଜର ଆସିଥିଲେ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
BOLANGIR (R&B) DIVISION, BOLANGIR
Email: eepwd.bgr@rediffmail.com
eepwd.bgr@gmail.com, Ph. No.: 06652-232374
No.B-854: e-Procurement Notice
Bid Identification No:BGR R&B/19/2022-23
No. 4744 Dtd.19.11.2022
1. The Executive Engineer, Bolangir (R&B) Division, Bolangir on behalf of the Governor of Odisha invites percentage rate bid in Single Cover System in ONLINE MODE for construction of 100 KV Sub Station and lines work detailed in the table below from eligible contractors.
2. Nature of work : Electrical Work
3. No. of tender : 1 No. Electrical Work
4. Tender Cost : Rs.6,000/- (Tender Paper Cost)
5. Class of Contractor : "HT" Electrical Contractor
6. Date & time of sale & receipt of Bids : From Dt.21.11.2022, 11.30 A.M. to Dt.28.11.2022 upto 05.00 P.M.
7. Date of Opening Bid : Dt.29.11.2022 at 11.30 A.M.
8. The bidders have to participate in ONLINE bidding only. Further details can be seen from the website: http://tendersodisha.gov.in.
Sd./- Executive Engineer, Bolangir (R&B) Division
OIPR-34028/11/0017/2223

# ଟଏଲେଟ୍ ପେପର୍‌ରେ ସତର୍କ ବାର୍ତ୍ତା



**ଟୋକିଓ**

## ଜାପାନରେ ବଢୁଛି ଆତ୍ମହତ୍ୟା ମାମଲା

ଆତ୍ମହତ୍ୟା ଏକ ଜଘନ୍ୟ ଅପରାଧ। ମଣିଷ କୌଣସି ଜଟିଳ ପରିସ୍ଥିତିରେ ପଡ଼ି ଶେଷରେ ଆତ୍ମହତ୍ୟାର ବାଟ ବାଛିଥାଏ। ଅନ୍ୟ ଦେଶଗୁଡ଼ିକ ତୁଳନାରେ ଜାପାନରେ ଆତ୍ମହତ୍ୟା ମାମଲା ଅଧିକ ଦେଖାଯାଉଛି। ବିଶେଷ କରି ଯୁବପିଢ଼ି ଏହି ପନ୍ଥା ଆପଣାଉଥିବାର ଦେଖାଯାଇଛି। ସ୍କୁଲ ଓ କଲେଜରେ ପାଠ ପଢୁଥିବା ପିଲାମାନେ ମଧ୍ୟ ଆତ୍ମହତ୍ୟା କରିବାରୁ ପଛାଉ ନାହାନ୍ତି। ତେବେ ଦେଶରେ ଦେଖାଯାଉଥିବା ଏ ପ୍ରକାର ବିପର୍ଯ୍ୟୟକୁ ଦୂର କରିବା ପାଇଁ ପ୍ରଶାସନ ଏକ ନିଆରା ବାଟ ଅପଣାଇଛନ୍ତି। ଟଏଲେଟ୍ ପେପର ଜରିଆରେ ସରକାର ଲୋକଙ୍କୁ ସତର୍କ କରିବା ଆରମ୍ଭ କରିଛନ୍ତି। ଆତ୍ମହତ୍ୟା ନ କରିବା ଲାଗି ସତର୍କ ବାର୍ତ୍ତା ଜାପାନର ଟଏଲେଟ ପେପରରେ ଛପା ହେଉଛି। ୨୦୨୦ରେ ଦେଶରେ ୪୯୯ ଜଣ ସ୍କୁଲ ଓ କଲେଜ ପଢୁଆ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିବା ଜାପାନ ସ୍ୱାସ୍ଥ୍ୟମନ୍ତ୍ରଣାଳୟ ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଛି।

ଟଏଲେଟ ବା ଗାଧୁଆ ଘରେ ଏକୁଟିଆ ଥିବା ସମୟରେ ମନକୁ ଆତ୍ମହତ୍ୟା ଚିନ୍ତାଧାରା ଆସୁଥିବାବେଳେ ଏହାକୁ କେନ୍ଦ୍ର କରି ଟଏଲେଟ ପେପର୍‌ରେ ଏହି ବାର୍ତ୍ତା ଛପା ଯାଇଛି। ପେପର୍‌ରେ ବିଲେଇ ଓ ଛତାଧରି ଛିଡ଼ା ହୋଇଥିବା ଜଣେ ମହିଳାଙ୍କ ଛବି ଦେଖିବାକୁ ମିଳିଛି। ମନକୁ ପରିବର୍ତ୍ତନ କଲାଭଳି ଅନେକ ମେସେଜ୍ ମଧ୍ୟ ଏହି ବିଶେଷ ପ୍ରକାର ଟଏଲେଟ ପେପରରେ ପ୍ରିଣ୍ଟ କରାଯାଇଛି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
JHARSUGUDA (R&B) DIVISION, JHARSUGUDA
E-mail ID: eepwdjsg2014@gmail.com, Telephone: 06645-271242
No. B-857 Kalimandir Road, Jharsuguda - 768202
"e" - Procurement Notice
Bid Identification No. EE-R&B-JSG-19 of 2022-23

| | | | |
|---|---|---|---|
| 1. | The Superintending Engineer, Jharsuguda (R&B) Division on behalf of Governor of Odisha inviting percentage rate bid in **Single/ Double Cover** system on ONLINE mode from eligible contractors for construction of **Road Work** as detailed in DTCN. | | |
| 2. | Nature of Work | : | Building Works |
| 3. | Estimated Cost | : | Rs.21.00 lakhs to Rs.76.00 lakhs |
| 4. | No. of work | : | 04 (Four) Nos. |
| 5. | Tender Cost | : | Rs.6000/- & Rs.10000.00 (As per DTCN) |
| 6. | Class of Contractor | : | "C" & "B" |
| 7. | Availability of Bid document in the website | : | 10.00 A.M. of Dt. 25.11.2022 to 5.00 P.M. of Dt. 05.12.2022 |
| 8. | Date of Opening of Technical Bid (Cover-I) | : | 11.30 A.M. on Dt.06.12.2022 |
| 9. | The bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website. | | |

Sd./- Superintending Engineer
Jharsuguda (R&B) Division
OIPR-34094/11/0019/2223

No.CAD-2803
idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR
Tender Call Notice No.H.O/P&C/EST-E-2058/01/2022 29928 Dated 19.11.22
NOTICE INVITING TENDER THROUGH e-Procurement
Name of the Work:- Providing first and last mile connectivity of 2.3 km long single lane road to 2 Lane with drain from Maithan Ispat to Rohit Ferrotech in Kalinga Nagar Industrial Complex(KNIC) Dist-Jajpur, Odisha for bridging logistics connectivity gap
Estimated cost :- **Rs. 1040.00 lakhs (approx.).**
Period of completion: -06 (Six) Calendar Months
Pre-Bid meeting is to be conducted on 13.12.2022 at 3.30 P.M

| Procurement Officer | Bid Identification No. | Availability of Tender On-line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, Idco Tower, Bhubaneswar | Bid Id No. P&C/ EST/E-101/ 2022-23 | 17.00 hours of 30.11.22 | 17.00 Hours of 16.12.2022 |

**Further details can be seen from the e-Procurement Portal.www. Tendersorissa.gov.in** and Corrigendum if any will not be published in newspapers and can only be seen in the e-procurement portal **www. tenderorissa.gov.in and IDCO Website www.idco.in.**
Sd./- Chief General Manager (P&C)
IDCO, Bhubaneswar
OIPR-14003/11/0201/2223

OFFICE OF THE DIVISIONAL FOREST OFFICER
KHORDHA DIVISION, KHORDHA
AT/P.O./P.S./DIST.: KHORDHA
Tel. No.: (06755) 222825, E-mail ID: dfo.khordha@odisha.gov.in
NOTIFICATION
No. MM-284: This is for information of all concerned that the following Forest Roads of KHORDHA FOREST DIVISION in Khordha District & Nayagarh District will remain closed to the traffic on the 31st December' 2022 from "0" (Zero) hour to 24 (Twenty Four) hours in accordance with the Rule - 284 of the Odisha Forest Department Code - 1979. The movement of traffic on the date as specified above will be violation of Section 26 of Odisha Forest Act & hence will be liable for prosecution.
FOREST ROADS OF KHORDHA FOREST DIVISION (DISTRICT WISE)

| Sl. No. | Name of Dist. | Name of the Range | Name of Forest Road | Length of Forest Road in Kms. |
|---|---|---|---|---|
| 1 | 2 | 3 | 4 | 5 |
| 1 | Khordha | Balugaon | Salia - Balikania | 5 |
| 2 | - do - | Balugaon | Balikania - Baguda | 4 |
| 3 | - do - | Balugaon | Balikania - Ankula | 4 |
| 4 | - do - | Balugaon | Ankula - Rajini | 10 |
| 5 | - do - | Balugaon | Baguda - Bainsigotha | 12 |
| 6 | - do - | Balugaon | Rajini - Kriamba | 13 |
| 7 | - do - | Balugaon | Baguda - Rajini | 13 |
| 8 | - do - | Balugaon | Ankula - Baguda | 6 |
| 9 | - do - | Balugaon | Ankula - Dhuanali | 11 |
| 10 | - do - | Balugaon | Dhuanali - Ayatpur | 8 |
| 11 | - do - | Balugaon | Dhuanali - Raipada | 5 |
| 12 | - do - | Balugaon | Aranga - Mainsigotha | 16 |
| 13 | - do - | Balugaon | Salia Dam - Berbera | 7 |
| 14 | - do - | Tangi | Nachuni - Gachhapatra | 14 |
| 15 | - do - | Tangi | Sulia - Pitajhola | 5 |
| 16 | - do - | Tangi | Kuhudi - Pitajhola | 6 |
| 17 | Nayagarh | Tangi | Nakithana - Patia | 10 |
| 18 | - do - | Tangi | Patia - Sankhajodi | 15 |
| 19 | - do - | Tangi | Patia - Gachhapatra | 10 |
| 20 | - do - | Ranpur | Sankhajodi - Raipada | 9 |
| 21 | - do - | Ranpur - Tangi | Betuli - Gachhapatra | 6 |
| 22 | - do - | Ranpur | Sankhajodi - Betuli | 9 |
| 23 | - do - | Ranpur | Jasodapur - Sankhajodi | 14 |
| 24 | - do - | Ranpur | Ranpur - Karadapalla | 9 |
| 25 | - do - | Ranpur | Jamuganda - Raipada via - Saktasal | 5.91 |
| | | TOTAL | | 226.91 |

Sd./- Divisional Forest Officer
Khordha Division, Khordha
OIPR-08139/11/0008/2223

GOVERNMENT OF ODISHA No. B-867
"e" PROCUREMENT NOTICE
WORKS DEPARTMENT
E-mail: ceroads.bbsr@gmail.com
Bid Identification No. CE-DPI&R-27/2022-23
1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road work as mentioned below:
2. Nature of Work : Road works
3. No. of Work : 2 Nos.
4. Tender Paper Cost : Rs.10,000.00
5. Class of Contractor : Special Class/Super Class
6. Available of bid document in the website : From 10.00 A.M. of 22.11.2022 to 5.30 P.M. of 12.12.2022
7. Date of opening of Bid : Dt.13.12.2022 at 11.30 A.M.
8. The bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.
Sd./- Chief Engineer (DPI & Roads), Odisha
OIPR-34111/11/0060/2223

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
SOUTHERN (R&B) CIRCLE, BERHAMPUR
Phone : 0680-2281582, e-mail: ccescbam@gmail.com
INVITATIONS FOR BIDS (IFB) [e-Procurement]
Bid Identification No. CCE, S.C (R&B)-BAM-14/2022-23
No. 4458 // Dated: 16.11.2022
**No.B-861:**1) The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road / Bridge Works as detailed in the table below.
2) Nature of work : Road / Bridge works
3) No. of work : 02 Nos.
4) Tender Cost : Rs.10,000/- (online)
5) Class of Contractor : "A" Class & "Special" Class
6) Availability of Bid document in the website : From 23.11.2022 10.00 AM to 02.12.2022 4.00 PM
7) Date of Opening of Bid : 03.12.2022 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersodisha.gov.in.
9) Any addendum / corrigendum / cancellation of tender can also be seen in the said website only.
Sd./- (D.C.Behera)
Chief Construction Engineer
Southern (R&B) Circle, Berhampur
OIPR-34103/11/0015/2223

**ଆସାମରୁ ୫୦ କୋଟି ଟଙ୍କାର ଡ୍ରଗ୍ସ ଜବତ**

ଆସାମର ଚାଚର ଏବଂ କର୍ବି ଆଙ୍ଗ୍‌ଲଙ୍ଗ ଜିଲାରୁ ସୋମବାର ୫୦ କୋଟି ଟଙ୍କା ମୂଲ୍ୟର ଡ୍ରଗ୍ସ ଜବତ ହୋଇଛି। ଏହି ବେଆଇନ ନିଶାଦ୍ରବ୍ୟ ଚୋରା ଚାଲାଣ ଅଭିଯୋଗରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଚାଚର ଜିଲାର ଲକ୍ଷ୍ମୀପୁର ଅଞ୍ଚଳରୁ ୧.୮୦ ଲକ୍ଷ ନିଶା ଟାବ୍‌ଲେଟ ଜବତ ହୋଇଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଏକ ଟ୍ରକ୍‌ର ସିକ୍ରେଟ୍ ଚାମ୍ବରରେ ଉକ୍ତ ଟାବଲେଟ୍ ଚାଲାଣ ହେଉଥିଲା। ଅନ୍ୟ ଏକ ଘଟଣାରେ କର୍ବି ଆଙ୍ଗ୍‌ଲଙ୍ଗ ଜିଲାରୁ ରବିବାର ୪ କୁଇଣ୍ଟାଲ ଗଞ୍ଜେଇ ଜବତ ହେବା ସହ ୨ ଜଣଙ୍କୁ ଗିରଫ କରାଯାଇଛି।



ଇଣ୍ଡୋନେସିଆର ପଶ୍ଚିମ ଜାଭାରେ ସୋମବାର ହୋଇଥିବା ଭୂକମ୍ପରେ ଏକ ସ୍କୁଲ୍ ଘର ଭୁଶୁଡ଼ି ପଡ଼ିଛି।



ସିଆଞ୍ଜୁରର ଏକ ହସ୍ପିଟାଲ ପାର୍କିଂ ସ୍ଥାନରେ ଭୂକମ୍ପ ଆହତମାନଙ୍କୁ ଚିକିତ୍ସା କରାଯାଉଛି।

## ସଂକ୍ଷେପରେ

### ସିରିଆ ରକେଟ୍ ମାଡ଼ରେ ୩ ମୃତ

**ଇସ୍ତାନବୁଲ ୨୧।୧୧:** ସୋମବାର ସିରିଆ ରକେଟ୍ ମାଡ଼ରେ ତୁର୍କିର ସୀମାବର୍ତ୍ତୀ ସହର କାରକାମିସରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ଥିବା ତୁର୍କି ଗୃହମନ୍ତ୍ରୀ ମହମୁତ ଓଜେର ସୂଚନା ଦେଇଛନ୍ତି। ରକେଟ୍ ମାଡ଼ରେ କାରକାମିସର ଦୁଇଟି ଘର ସଙ୍ଗକୁ ଏକ ବିଦ୍ୟାଳୟ ଧ୍ୱସ୍ତବିଧ୍ୱସ୍ତ ହୋଇ ଯାଇଛି। ଆଗାମୀ ଦିନରେ ତୁର୍କି ଏକ ସ୍ୱତନ୍ତ୍ର ଗ୍ରାଉଣ୍ଡ ଅପରେଶନ୍ ସିରିଆରେ କରିବ ବୋଲି ରାଷ୍ଟ୍ରପତି ରିସେପ ଟାୟିପ ଇର୍ଦ୍ଦୋଗାନ କହିଛନ୍ତି। ପ୍ରଦେଶର ସୁରକ୍ଷାକୁ ଦୃଷ୍ଟିରେ ରଖି କାର୍ଯ୍ୟ ପ୍ରଣାଳୀ ଆପଣାଯିବ ବୋଲି ସେ ମତ ପ୍ରକାଶ କରିଛନ୍ତି। ରବିବାର ସିରିଆର ରକେଟ ମାଡ଼ରେ ତୁର୍କିର ୬ ପୋଲିସ ଅଧିକାରୀଙ୍କ ସମେତ ୨ ସେନା କର୍ମଚାରୀ ନିହତ ହୋଇଥିଲେ।

### ବନ୍ଧୁକ ଦେଖାଇ ୧.୨ କୋଟି ଲୁଟ୍

**ଗ୍ୱାଲିଅର ୨୧।୧୧:** ମଧ୍ୟପ୍ରଦେଶ ଗ୍ୱାଲିଅରରେ ଦୁଇଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୧.୨ କୋଟି ଟଙ୍କା ଲୁଟିଛନ୍ତି। ସୋମବାର ମଧ୍ୟାହ୍ନରେ ଏକ ଘରୋଇ ପ୍ରତିଷ୍ଠାନର ୨ କର୍ମଚାରୀ ଟଙ୍କା ଡିପୋଜିଟ୍ ପାଇଁ ବ୍ୟାଙ୍କକୁ ଯାଇଥିଲେ। ଦୁଇଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କ କାର୍‌କୁ ଅଟକାଇଥିଲେ। ବନ୍ଧୁକ ଦେଖାଇ ସେମାନଙ୍କଠାରୁ ଟଙ୍କା ନେଇ ସେଠାରୁ ଚମ୍ପଟ ମାରିଥିବା ଗ୍ୱାଲିଅର ପୋଲିସ ସୁପରିଟେଣ୍ଡେଣ୍ଟ ଋଷିକେଶ ମିନା କହିଛନ୍ତି।

### କଂଗ୍ରେସ ବିଧାୟକଙ୍କ ନାଁରେ ବଳାତ୍କାର ମାମଲା

**ଭୋପାଳ ,୨୧।୧୧:** ମଧ୍ୟପ୍ରଦେଶର ଧର୍ ଜିଲାରେ ଜଣେ ମହିଳାଙ୍କୁ ବଳାତ୍କାର କରାଯିବା ସହ ମାନସିକ ନିର୍ଯ୍ୟାତନା ଦେବା ଅଭିଯୋଗରେ କଂଗ୍ରେସ ବିଧାୟକ ଉମଙ୍ଗ ସିଂଘରଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଗାନ୍ଧୀୱାନି ଆସନର ବିଧାୟକ ସିଂଘରଙ୍କ ବିରୋଧରେ ଧର୍ ଜିଲାର ନାଉଗାଁ ଥାନାରେ ଆଇପିସିର ଧାରା ୩୭୬, ୩୭୭ ଏବଂ ୪୯୮ରେ ମାମଲା ରୁଜୁ ହୋଇଥିବା ପୋଲିସ ଅଧିକାରୀ କହିଛନ୍ତି। ମଧ୍ୟପ୍ରଦେଶରେ କମଲନାଥଙ୍କ ନେତୃତ୍ୱରେ ୧୫ ମାସିଆ କଂଗ୍ରେସ ସରକାର ବେଳେ ସିଂଘର କ୍ୟାବିନେଟ୍ ମନ୍ତ୍ରୀ ଥିଲେ। ସେ ପୀଡ଼ିତାଙ୍କୁ ବର୍ଷେ ପର୍ଯ୍ୟନ୍ତ ବଳାତ୍କାର ଓ ନିର୍ଯ୍ୟାତନା ଦେଇଥିବା ଅଭିଯୋଗ ହୋଇଛି। ତେବେ ଦଳ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି।

# ୨ ଇରାନୀ ଅଭିନେତ୍ରୀ ଗିରଫ

## ହିଜାବ ବିରୋଧୀ ଆନ୍ଦୋଳନକୁ ସମର୍ଥନ

**ପ୍ୟାରିସ୍ ,୨୧।୧୧**

ହିଜାବ ବିରୋଧୀ ଆନ୍ଦୋଳନକୁ ସମର୍ଥନ ଜଣାଇଥିବା ଇରାନର ଦୁଇଜଣ ଖ୍ୟାତନାମା ଅଭିନେତ୍ରୀଙ୍କୁ ଗିରଫ କରାଯାଇଛି। ସେମାନେ ସର୍ବସାଧାରଣ ସ୍ଥାନରେ ହିଜାବ କାଢ଼ି ଶାସନକୁ ଅବମାନନା କରିଥିବା ସରକାରୀ ଗଣମାଧ୍ୟମରେ କୁହାଯାଇଛି। ସୋସିଆଲ ମିଡିଆରେ ଉତ୍ତେଜନା ସୃଷ୍ଟିକାରୀ ପୋଷ୍ଟ କରିବା ଓ ଅନ୍ୟାନ୍ୟ ପ୍ରଚାରଧର୍ମୀ କାର୍ଯ୍ୟ ଅଭିଯୋଗର ତଦନ୍ତର ସମ୍ମୁଖୀନ ହେବା ଲାଗି ଅଭିନେତ୍ରୀ ହେଙ୍ଗାମେହ ଗଜିଆନି ଏବଂ କାଟାୟୁନ ରିଆହିଙ୍କୁ ସମନ କରାଯାଇଥିଲା।

ଇରାନରେ ଦୁଇମାସରୁ ଊର୍ଦ୍ଧ୍ୱ ହିଜାବ ବିରୋଧୀ ଆନ୍ଦୋଳନ ଜାରି ରହିଛି। ହିଜାବ ଆଇନ ଅବମାନନା ଅଭିଯୋଗରେ ତେହରାନ୍ ପୋଲିସ ଗିରଫ କରିଥିବା ୨୨ ବର୍ଷୀୟା କୁର୍ଦ୍ଦିଶ ମହିଳା ମହସା ଅମିନିଙ୍କ ହାଜତ ମୃତ୍ୟୁ ପରେ ଆନ୍ଦୋଳନ ଜୋର୍‌ଦାର ହୋଇଥିଲା। ଇସ୍‌ଲାମିକ୍ ରିପବ୍ଲିକ୍ କର୍ତ୍ତୃପକ୍ଷ ଏହି ଆନ୍ଦୋଳନକୁ ଦଙ୍ଗା କହିବା ସହ ବିକ୍ଷୋଭକାରୀଙ୍କ ବିରୋଧରେ ଦମନ ଲୀଳା ଚଳାଇଥିବାରୁ ଏଥିରେ ୧୩୩ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଲେଣି। ଦେଶର ପାଶ୍ଚାତ୍ୟ ଶତ୍ରୁ



ହେଙ୍ଗାମେହ ଗଜିଆନ



କାଟାୟୁନ ରିଆହି

ଆନ୍ଦୋଳନକାରୀଙ୍କୁ ଉସୁକାଉଥିବା ଇରାନ ସରକାର ଅଭିଯୋଗ କରୁଛନ୍ତି। ଦଙ୍ଗା ଅଭିଯୋଗରେ ଇରାନ ସରକାର ୧୫,୦୦୦ରୁ ଅଧିକ ବିକ୍ଷୋଭକାରୀଙ୍କୁ ଅଟକ ରଖିଛନ୍ତି। ସେମାନଙ୍କୁ ସରକାର ମୃତ୍ୟୁଦଣ୍ଡ ଦେଇପାରନ୍ତି ବୋଲି ବିଭିନ୍ନ ସୋସିଆଲ ମିଡିଆରେ ଖବର ପ୍ରକାଶ ପାଇଛି।

ଆନ୍ଦୋଳନକାରୀଙ୍କ ଉପରେ ସରକାରଙ୍କ ଦମନଲୀଳାକୁ ଅଭିନେତ୍ରୀ ଗଜିଆନି ସମାଲୋଚନା କରିଆସୁଥିଲେ। ବିରୋଧୀଙ୍କ ସହ ହାତ ମିଳାଇ ସେ ଦଙ୍ଗାକୁ ସମର୍ଥନ କରୁଥିବା ଅଭିଯୋଗରେ ଗିରଫ କରାଯାଇଛି। ଏହି ୫୨ ବର୍ଷୀୟା ଅଭିନେତ୍ରୀଙ୍କୁ ସମନ କରାଯିବା ପରେ ସେ ହିଜାବ କାଢ଼ିଦେଇ ଏକ ଭିଡିଓ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ ଏବଂ ଏହା ହୁଏତ ଶେଷ ପୋଷ୍ଟ ବୋଲି ଲେଖିଥିଲେ। ଏବେଠୁ ତାଙ୍କ ପ୍ରତି ଯାହା ଘଟୁ ପଛେ, ସେ ଶେଷନିଃଶ୍ୱାସ ପର୍ଯ୍ୟନ୍ତ ଇରାନବାସୀଙ୍କ ସହ ରହିବେ ବୋଲି କହିଥିଲେ। ଗତ ସପ୍ତାହରେ ସେ କରିଥିବା ଏକ ପୋଷ୍ଟରେ ଇରାନ ସରକାରଙ୍କୁ ଶିଶୁ ହତ୍ୟାକାରୀ କହିଥିଲେ। ଏହି ସରକାର ୫୦ରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ମାରିଲାଣି ବୋଲି ସେ ଅଭିଯୋଗ କରିଥିଲେ।

ଅନୁରୂପ ତଦନ୍ତରେ ଅଭିନେତ୍ରୀ ରିଆହିଙ୍କୁ ଗିରଫ କରାଯାଇଛି। ଏହି ଅଭିନେତ୍ରୀ ଅନେକ ପୁରସ୍କାର ବିଜୟୀ ଚଳଚ୍ଚିତ୍ରରେ କାମ କରିବା ସହ ଦାତବ୍ୟ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ଗତ ସେପ୍ଟେମ୍ବରରେ ସେ ଲଣ୍ଡନରେ ଥିବା ଇରାନ ଇଣ୍ଟରନ୍ୟାସନାଲ ଟିଭିକୁ ଏକ ସାକ୍ଷାତ୍‌କାର ଦେବାବେଳେ ହିଜାବ ପିନ୍ଧି ନ ଥିଲେ। ମହସା ଅମିନି ମୃତ୍ୟୁ ପରେ ଇରାନରେ ଲାଗିରହିଥିବା ହିଜାବ ବିରୋଧୀ ଆନ୍ଦୋଳନକୁ ରିଆହି ସମର୍ଥନ କରିଆସୁଥିଲେ। ସୋସିଆଲ ମିଡିଆରେ ଉତ୍ତେଜନାପୂର୍ଣ୍ଣ ବିଷୟ ପୋଷ୍ଟ କରିବା ଅଭିଯୋଗର ତଦନ୍ତ ଲାଗି ଗଜିଆନିଙ୍କ ସମେତ ୮ ଜଣଙ୍କୁ ସମନ କରାଯାଇଥିବା ବିଚାର ବିଭାଗର ବିଜାନ ଅନ୍‌ଲାଇନ୍ ନ୍ୟୁଜ୍ ୱେବ୍‌ସାଇଟ୍‌ରେ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ତେହରାନ ଫୁଟ୍‌ବଲ ଟିମ୍ ପର୍ସେପୋଲିସ୍ ଏଫ୍‌ସିର କୋଚ ୟାହୟା ଗୋଲମହମ୍ମଦି ଅଛନ୍ତି। ହିଜାବ ବିରୋଧୀ ଆନ୍ଦୋଳନ ପୂର୍ବରୁ ମଧ୍ୟ ଇରାନ ସିନେମା କଳାକାର ଚାପରେ ଥିଲେ ପୁରସ୍କାର ବିଜୟୀ ନିର୍ଦ୍ଦେଶକ ମହମ୍ମଦ ରାସୌଲଫ୍ ଏବଂ ଜାଫର ପନାହି ପୂର୍ବରୁ ଗିରଫ ହୋଇ ଜେଲରେ ଅଛନ୍ତି।

## ଶ୍ରଦ୍ଧା ହତ୍ୟା ମାମଲା

### ପଲିଗ୍ରାଫିକ୍ ପରେ ହେବ ନାର୍କୋ ପରୀକ୍ଷା

**ନୂଆଦିଲ୍ଲୀ, ୨୧।୧୧**

ଦିଲ୍ଲୀ ଶ୍ରଦ୍ଧା ୱାଲକର ହତ୍ୟା ମାମଲାର ଅଭିଯୁକ୍ତ ଆଫତାବ ପୁନାୱାଲାଙ୍କର ପଲିଗ୍ରାଫିକ୍ ଟେଷ୍ଟ କରାଯିବ। ସୋମବାର ଆଫତାବଙ୍କ ନାର୍କୋ ଆନାଲିସିସ୍ ଟେଷ୍ଟ କରାଯିବାର ଥିଲା। ପ୍ରଥମେ ପଲିଗ୍ରାଫିକ୍ ଟେଷ୍ଟ କରାଯିବ ବୋଲି ଦିଲ୍ଲୀ ପୋଲିସ ଓ ଫୋରେନ୍ସିକ୍ ସାଇନ୍ସ ଲାବରେଟୋରୀ କହିଛି। ଉଭୟ ପଲିଗ୍ରାଫିକ୍ ଏବଂ ନାର୍କୋ ଆନାଲିସସ୍ ଟେଷ୍ଟ ୧୦ ଦିନରେ କରାଯିବ। ଆଫତାବ ତଦନ୍ତରେ ପୋଲିସକୁ ବାଟବଣା କରିବାକୁ ଚେଷ୍ଟା କରୁଥିବା ଯୋଗୁ ପଲିଗ୍ରାଫିକ୍ ଟେଷ୍ଟ ପାଇଁ ଦିଲ୍ଲୀ ପୋଲିସ ସିଟି କୋର୍ଟରେ ଆବେଦନ କରିଛି, ଯାହାର ଶୁଣାଣି ମଙ୍ଗଳବାର କରାଯିବ ବୋଲି କୁହାଯାଉଛି। ନାର୍କୋ ଆନାଲିସିସ୍ ଟେଷ୍ଟ ଆବେଦନର ଶୁଣାଣି କରିଥିବା ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ଅଭିରାଲ ଶୁକ୍ଲା ଶୁଣାଣି କରିବେ। ଆଫତାବଙ୍କର ନାର୍କୋ ଟେଷ୍ଟ କରାଯିବା ନେଇ ନଭେମ୍ବର ୧୭ରେ କୋର୍ଟ ଅନୁମତି ଦେଇଥିବାବେଳେ ଏହା ୫ ଦିନ ମଧ୍ୟରେ ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଲିଭ୍-ଇନ୍ ପାର୍ଟନର ୨୬ ବର୍ଷୀୟା ଶ୍ରଦ୍ଧାଙ୍କୁ ଆଫତାବ ହତ୍ୟା କରିବା ପରେ ତାଙ୍କ ଶରୀରକୁ ୩୫ ଖଣ୍ଡ କରି ସହରର ବିଭିନ୍ନ ଅଞ୍ଚଳରେ ନେଇ ଫୋପାଡ଼ିଥିଲା।

# ତଦନ୍ତର ତଦାରଖ କରିବେ ଗୁଜରାଟ ହାଇକୋର୍ଟ

**ନୂଆଦିଲ୍ଲୀ ,୨୧।୧୧(ପି.ଟି.)**

ମୋର୍ବି ଝୁଲାପୋଲ ଭୁଶୁଡ଼ି ୧୪୧ ଜଣଙ୍କ ଜୀବନ ଯିବା ସବୁଠୁ ବଡ଼ ଦୁଃଖଦ ଘଟଣା ବୋଲି ସୁପ୍ରିମକୋର୍ଟ ସୋମବାର କହିବା ସହ ଏହାର ତଦନ୍ତ ଓ ଅନ୍ୟାନ୍ୟ ଦିଗକୁ ଅନୁଧ୍ୟାନ କରିବା ଲାଗି ଗୁଜରାଟ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୋର୍ବି ଭଳି ଦୁର୍ଘଟଣା ଯେପରି ନ ଘଟିବ, ତାହା ସୁନିଶ୍ଚିତ କରିବା ଲାଗି ତଦନ୍ତ କମିଶନ ନିଯୁକ୍ତ କରାଯାଇଥିବା ସରକାର କହିଥିଲେ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ହିମା କୋହଲିଙ୍କ ଖଣ୍ଡପୀଠ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ଏହା ଅତ୍ୟନ୍ତ ଦୁଃଖଦ ଘଟଣା ହୋଇଥିବାରୁ ପ୍ରତି ସପ୍ତାହରେ ତଦନ୍ତର ଅନୁଧ୍ୟାନ କରାଯିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଥିଲେ। ହାଇକୋର୍ଟ



**ମୋର୍ବି ଝୁଲାପୋଲ ଭୁଶୁଡ଼ିବା ଘଟଣା**

ଏହି ଦାୟିତ୍ୱ ନ ନେଲେ ଆମେ ନୋଟିସ୍ ଜାରି କରିବୁ ବୋଲି ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ କହିଥିଲେ। ହାଇକୋର୍ଟର ମୁଖ୍ୟ ବିଚାରପତି ନିଜ ଆଡୁ ମାମଲା ବିଚାରକୁ ନେଇ ଏକାଧିକ ନିର୍ଦ୍ଦେଶନାମା ଜାରି କରିଥିବାରୁ ନିରପେକ୍ଷ ତଦନ୍ତ ପାଇଁ ଦାଏର ଜନସ୍ୱାର୍ଥ ମାମଲାରେ ହସ୍ତକ୍ଷେପ କରିବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ଆବେଦନକାରୀଙ୍କୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି।

## ରାଜୀବ ହତ୍ୟା ମାମଲା

### ଅପରାଧୀଙ୍କୁ ମୁକ୍ତି ରାୟକୁ ଚ୍ୟାଲେଞ୍ଜ କରିବ କଂଗ୍ରେସ

**ନୂଆଦିଲ୍ଲୀ ,୨୧।୧୧**

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟା ମାମଲାର ୬ ଅପରାଧୀଙ୍କୁ ମୁକ୍ତ କରିଦେବା ପାଇଁ ସୁପ୍ରିମକୋର୍ଟଙ୍କ ରାୟର ପୁନର୍ବିଚାର ଲାଗି କଂଗ୍ରେସ ସାନି ରିଭ୍ୟୁ ପିଟିଶନ ଦାଏର କରିବାକୁ ଯାଉଛି। ଆଗାମୀ ୩-୪ ଦିନ ମଧ୍ୟରେ ପିଟିଶନ ଦାଏର ହେବ ବୋଲି ଦଳର ଜଣେ ବରିଷ୍ଠ ନେତା କହିଛନ୍ତି। ଅପରାଧୀଙ୍କୁ ମୁକ୍ତ କରିଦେବା ଲାଗି ସର୍ବୋଚ୍ଚ ଅଦାଲତଙ୍କ ରାୟ ସମ୍ପୂର୍ଣ୍ଣ ଅଗ୍ରହଣୀୟ ଏବଂ ତ୍ରୁଟିପୂର୍ଣ୍ଣ ବୋଲି କଂଗ୍ରେସ କହିଛି। ଦୋଷମୁକ୍ତ ନ ହୋଇ ଜେଲରୁ ଛାଡ଼ ପାଇଥିବା ଅପରାଧୀଙ୍କୁ ହିରୋ ବିବେଚନା କରାଯିବା ଉଚିତ ନୁହେଁ ବୋଲି ଦଳ କହିଛି।

# ଆଇଏସ୍ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ ଅଭିଯୁକ୍ତ

**ମାଙ୍ଗାଲୁରୁ ,୨୧।୧୧**

କର୍ନାଟକର ମାଙ୍ଗାଲୁରୁ ସହରରେ ଶନିବାର ସନ୍ଧ୍ୟାରେ ହୋଇଥିବା ଅଟୋରିକ୍ସା ବିସ୍ଫୋରଣର ଅଭିଯୁକ୍ତ ଶରିକ୍ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ। ପରିଚାଳକମାନଙ୍କ ସହ ଯୋଗାଯୋଗ ଲାଗି ସେ ଡାର୍କ ୱେବ୍ ବ୍ୟବହାର କରୁଥିଲେ ବୋଲି ପୋଲିସ କହିଛି। ଶରିକ୍ ଏକାଧିକ ହ୍ୟାଣ୍ଡଲରଙ୍କ ଅଧୀନରେ କାମ କରୁଥିଲା। ସେମାନଙ୍କ ମଧ୍ୟରୁ ଅଲ୍ ହିନ୍ଦ୍ ସଂଗଠନ ଅନ୍ୟତମ। ଏହା ଆଇଏସ୍‌ଆଇଏସ୍ ପ୍ରଭାବିତ ଆତଙ୍କବାଦୀ ସଂଗଠନ। ଅଭିଯୁକ୍ତ ଆଇଇଡି ବିସ୍ଫୋରକକୁ ପ୍ରେସର କୁକରରେ ରଖି ଶନିବାର ଅଟୋରିକ୍ସାରେ ଯାଉଥିବାବେଳେ ବିସ୍ଫୋରଣ ହେବାରୁ ସେ ଗୁରୁତର ଆହତ ହୋଇଥିଲେ। ଏବେ ସେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

## ମାଙ୍ଗାଲୁରୁ ବିସ୍ଫୋରଣ



ଅଭିଯୁକ୍ତ ନିଜ ଘରେ ବୋମା ତିଆରି କରି ନଦୀକୂଳରେ ପରୀକ୍ଷାମୂଳକ ବିସ୍ଫୋରଣ କରୁଥିଲା ବୋଲି ବରିଷ୍ଠ ପୋଲିସ ଅଧିକାରୀ ଆଲୋକ କୁମାର କହିଛନ୍ତି। ତାଙ୍କୁ ପରିଚାଳନା କରୁଥିବା ଅରଫାତ୍ ଅଲି ଦୁଇଟି ମାମଲାରେ ଅଭିଯୁକ୍ତ। ଶରିକ୍‌ଙ୍କ ମୁଖ୍ୟ ହ୍ୟାଣ୍ଡଲର ଥିଲେ ଅବଦୁଲ ମାଟିନ୍ ତାହା।

# ମୁସଲମାନ ବିବାହ ପୋକ୍ସୋ ଆଇନ ବାହାରେ ନୁହେଁ

**କୋଚି ,୨୧।୧୧**

ପର୍ସନାଲ ଲ' ଅଧୀନରେ ହେଉଥିବା ମୁସଲମାନ ବିବାହ ପୋକ୍ସୋ (ଯୌନ ଅପରାଧରୁ ଶିଶୁଙ୍କ ସୁରକ୍ଷା) ଆଇନ ବାହାରେ ନୁହେଁ। ବିବାହ ନାଁରେ ନାବାଳିକାଙ୍କ ସହ ଯୌନକ୍ରିୟା ଅପରାଧ ବୋଲି କେରଳ ହାଇକୋର୍ଟ କହିଛନ୍ତି। ଜଣେ ୩୧ ବର୍ଷୀୟ ଯୁବକ ୧୫ ବର୍ଷୀୟା ବାଳିକାଙ୍କୁ ଅପହରଣ କରିନେଇ ତାଙ୍କ ସହ ଯୌନ ସମ୍ପର୍କ ରଖିବାରୁ ସେ ଗର୍ଭବତୀ ହୋଇଥିଲେ। ଉକ୍ତ ନାବାଳିକାଙ୍କୁ ବିବାହ କରିଥିବା ଯୁବକ ଜଣକ ଦାବି କରୁଥିଲେ ହେଁ ତାଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ବେଚୁ କୁରିଆନ୍ ଥୋମାସ୍ ଜାମିନ ଖାରଜ କରିବା ଅବସରରେ କହିଛନ୍ତି, ବାଲ୍ୟ ବିବାହ ସମାଜ ପାଇଁ ଅଭିଶାପ।




ନାବାଳିକା ବିବାହ କରିଥିଲେ ମଧ୍ୟ ତାଙ୍କ ସହ ଶାରୀରିକ ସମ୍ପର୍କ ରୋକିବା ପୋକ୍ସୋ ଆଇନର ଉଦ୍ଦେଶ୍ୟ ବୋଲି ବିଚାରପତି କହିଛନ୍ତି। ତେଣୁ ମୁସଲମାନ ବିବାହକୁ ପୋକ୍ସୋ ଆଇନରୁ ବାଦ୍ ଦିଆଯାଇପାରିବ ନାହିଁ। ବିବାହର ଗୋଟିଏ ପକ୍ଷ ନାବାଳକ ବା ନାବାଳିକା ହୋଇଥିଲେ, ବିବାହ ବୈଧ ହୋଇଥାଉ ବା ନ ଥାଉ, ଅନ୍ୟ ପକ୍ଷଙ୍କ ବିରୋଧରେ ପୋକ୍ସୋ ଆଇନ ଲାଗୁ ହେବ ବୋଲି ଜଷ୍ଟିସ୍ ଥୋମାସ ତାଙ୍କ ରାୟରେ କହିଛନ୍ତି। ଜାମିନ ଆବେଦନ କରିଥିବା ଅଭିଯୁକ୍ତ ପଶ୍ଚିମବଙ୍ଗର ଖଲେଦୁର ରହମାନ ନାବାଳିକାଙ୍କୁ ୨୦୨୧ ମାର୍ଚ୍ଚ ୧୪ରେ ମହମ୍ମଡାନ୍ ଆଇନରେ ବିବାହ କରିଥିବାରୁ ସେ ତାଙ୍କ ସ୍ତ୍ରୀ ବୋଲି କୋର୍ଟରେ ଦାବି କରିଥିଲେ। ମହମ୍ମଡାନ ଆଇନରେ ୧୮ ବର୍ଷରୁ କମ୍ ବୟସର ଝିଅ ବିବାହ ପାଇଁ ଅନୁମତି ପାଇଥାନ୍ତି। ସେଥିପାଇଁ ତାଙ୍କ ବିରୋଧରେ ପୋକ୍ସୋ ଆଇନରେ ମକଦ୍ଦମା ଚଳାଯାଇପାରିବ ନାହିଁ ବୋଲି ରହମାନ ଯୁକ୍ତି ବାଢ଼ିଥିଲେ। ସୂଚନାଯୋଗ୍ୟ, ନାବାଳିକା ଜଣକ ଗର୍ଭବତୀ ଥିବାରୁ ଇଞ୍ଜେକ୍‌ଶନ ନେବାକୁ କାଭିୟୁରର ଏକ ଫାମିଲି ହେଲ୍‌ଥ ସେଣ୍ଟରକୁ ଯାଇଥିବାବେଳେ ଆଧାର କାର୍ଡରୁ ତାଙ୍କ ବୟସ ୧୬ ବର୍ଷ ଜାଣି ହସ୍ପିଟାଲ କର୍ତ୍ତୃପକ୍ଷ ପୋଲିସକୁ ଖବର ଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କ ନାମରେ ମାମଲା ଦାଏର କରିଥିଲା।

## ମାଲେସିଆରେ ଝୁଲା ପାର୍ଲାମେଣ୍ଟ

# ମୁହୟିଦ୍ଦିନ ହୋଇପାରନ୍ତି ପ୍ରଧାନମନ୍ତ୍ରୀ

**କୁଆଲାଲମ୍ପୁର,୨୧।୧୧**

ମାଲେସିଆରେ ଶନିବାର ଅନୁଷ୍ଠିତ ପଞ୍ଚଦଶ ସାଧାରଣ ନିର୍ବାଚନରେ କୌଣସି ଦଳକୁ ସ୍ପଷ୍ଟ ଜନାଦେଶ ମିଳି ନ ଥିବାରୁ ଝୁଲା ସରକାର ଗଠନ ହେବାକୁ ଯାଉଛି। ପୂର୍ବତନ ପ୍ରଧାନମନ୍ତ୍ରୀ ମୁହୟିଦ୍ଦିନ ୟାସିନଙ୍କୁ ରବିବାର ଦୁଇଟି ରାଜନୈତିକ ବ୍ଲକ୍‌ର ସମର୍ଥନ ମିଳିବା ପରେ ସେ ନୂଆ ସରକାର ଗଠନ ନେଇ ଦାବି କରିଛନ୍ତି। ପରବର୍ତ୍ତୀ ସରକାର ଦକ୍ଷିଣପନ୍ଥୀ ଧର୍ମୀୟ ମେଣ୍ଟ ମଳୟ ନ୍ୟାଶନାଲିଷ୍ଟ ଗଠନ କରିବାକୁ ଥିବାବେଳେ ମେଣ୍ଟକୁ ନେଇ ଡିଲ୍ ଉପରେ ରାଜାଙ୍କ ଅନୁମୋଦନକୁ ଅପେକ୍ଷା କରାଯାଇଛି। ୨୨୨ ଆସନ ବିଶିଷ୍ଟ ମାଲେସିଆ ପାର୍ଲାମେଣ୍ଟରେ ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୧୨। ପେରିକାତନ ନ୍ୟାଶନାଲିଷ୍ଟ ମେଣ୍ଟର ମୁଖ୍ୟ ମୁହୟିଦ୍ଦିନ କହିଛନ୍ତି, ବୋର୍ନେଓ ଦ୍ୱୀପର ଦୁଇଟି ଆଞ୍ଚଳିକ ଦଳ ତାଙ୍କୁ ସମର୍ଥନ କରିଛନ୍ତି। ଫଳରେ ତାଙ୍କ ମେଣ୍ଟର ଆସନ ସଂଖ୍ୟା ୭୩ରୁ ୧୦୧କୁ ବୃଦ୍ଧି ପାଇବ। ବିରୋଧୀ ଦଳ ନେତା ଅନୱର ଇବ୍ରାହିମ୍‌ଙ୍କ ପକାତନ ହରପାନ୍ ମେଣ୍ଟକୁ ୮୨ ଆସନରେ ସଫଳତା ମିଳିଛି। ସେ ମଧ୍ୟ ସରକାର ଗଠନ ଲାଗି ଅନ୍ୟ ଦଳଗୁଡ଼ିକର ସହଯୋଗ ଲୋଡ଼ିଛନ୍ତି। ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଇସ୍‌ମାଇଲ୍ ସବ୍ରି ୟାକୋବ୍‌ଙ୍କ ବରିସାନ ନ୍ୟାଶନାଲ ଆଲାଏନ୍ସ ୧୭୮ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ମାତ୍ର ୩୦ ଆସନରେ ବିଜୟୀ ହୋଇଛି। ଏହି ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ରରେ ରାଜନୈତିକ ଅନିଶ୍ଚିତତା ଲାଗିରହିଥିବାରୁ ଅନେକ ବର୍ଷ ମଧ୍ୟରେ ୩ ପ୍ରଧାନମନ୍ତ୍ରୀ କ୍ଷମତାକୁ ଯାଇଛନ୍ତି। ସର୍ବାଧିକ ସମୟ ଧରି ଦେଶକୁ ଶାସନ କରିଥିବା ୯୭ ବର୍ଷୀୟ ପୂର୍ବତନ ପ୍ରଧାନମନ୍ତ୍ରୀ ମହାଥିର ମହମ୍ମଦ ୫୩ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ପରାଜିତ ହୋଇଛନ୍ତି।



ମୁହୟିଦ୍ଦିନ ୟାସିନ



ମହାଥିର ମହମ୍ମଦ

# ଇଂଲଣ୍ଡର ବୃହତ ବିଜୟ

**ଦୋହା,୨୧।୧୧**

କାତାରରେ ଅନୁଷ୍ଠିତ ଫିଫା ବିଶ୍ୱକପ୍ ୨୦୨୨ର ଦ୍ୱିତୀୟ ମ୍ୟାଚରେ ବୃହତ ବିଜୟ ହାସଲ କରିଛି ଇଂଲଣ୍ଡ। ୱିଙ୍ଗର ବୁକାୟୋ ସାକାଙ୍କ ଡବଲ ଗୋଲ ବଳରେ ୬-୨ରେ ଇରାନକୁ ପରାସ୍ତ କରିଥିଲା ଇଂଲଣ୍ଡ। ଖଲିଫା ଷ୍ଟାଡିୟମରେ ଆତସବାଜି ପ୍ରଦର୍ଶନ ପରେ ମ୍ୟାଚ ଆରମ୍ଭ ହୋଇଥିଲା। ଇଂଲଣ୍ଡ ୪-୨-୩-୧ ଓ ଇରାନ ୫-୪-୧ କମ୍ବିନେଶନରେ ପଡିଆକୁ ଓହ୍ଲାଇଥିଲେ। ମ୍ୟାଚ ଆରମ୍ଭରୁ ବିଶ୍ୱ ମାନ୍ୟତାରେ ୫ମ ସ୍ଥାନରେ

**ସାକାଙ୍କ ଡବଲ୍ ଗୋଲ୍**

ଥିବା ଇଂଲଣ୍ଡ ଆକ୍ରମଣାତ୍ମକ ଫୁଟବଲ ଖେଳିଥିଲା। ପ୍ରଥମାର୍ଦ୍ଧର ୩୬ ମିନିଟ ଯାଏ ଉଭୟ ଦଳ ଗୋଲ ସ୍କୋର କରିବାରେ ଅସମର୍ଥ ହୋଇଥିଲେ। ମ୍ୟାଚର ୩୬ ତମ ମିନିଟରେ ଇଂଲଣ୍ଡ ପକ୍ଷରୁ ଜୁଡ ବେଲିଂହାମ ପ୍ରଥମ ଗୋଲ ସ୍କୋର କରିଥିଲେ। ଲୁକ୍ ଶଙ୍କ ପାଶକୁ ହେଡର କରିଥିଲେ ବେଲିଂହାମ୍। ୪୩ ତମ ମିନିଟରେ ୱିଙ୍ଗର ସାକା ନିଜର ପ୍ରଥମ ଗୋଲ ସ୍କୋର କରିବା ସହିତ ଇଂଲଣ୍ଡକୁ ୨-୦ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧ


ଗୋଲ୍ ସ୍କୋର ପରେ ଖୁସି ମୁହୂର୍ତ୍ତରେ ଇଂଲଣ୍ଡର ବୁକାୟୋ ସାକା।

ଶେଷ ହେବା ବେଳକୁ ଫରୱାର୍ଡ ରହିମ ଷ୍ଟର୍ଲିଂ ଆଉ ଏକ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଇଂଲଣ୍ଡ ୩-୦ରେ ଆଗୁଆ ରହିଥିଲା। ପ୍ରଥମାର୍ଦ୍ଧ ପରେ ଉଭୟ ଦଳ ପକ୍ଷରୁ ଆକ୍ରମଣ ଜୋରଦାର କରାଯାଇଥିଲା। ମାତ୍ର ଇଂଲଣ୍ଡ ଦଳ ମ୍ୟାଚର ୭୯ ପ୍ରତିଶତ ସମୟ ବଲକୁ ନିୟନ୍ତ୍ରଣରେ ରଖିଥିଲେ। ୬୨ ମିନିଟରେ ସାକା ବ୍ୟକ୍ତିଗତ ଦ୍ୱିତୀୟ ଓ ଇଂଲଣ୍ଡ ପକ୍ଷରୁ ଚତୁର୍ଥ ଗୋଲ ସ୍କୋର କରିଥିଲେ। ଏହାର ୩ ମିନିଟ ପରେ ଇରାନ ପକ୍ଷରୁ ଫରୱାର୍ଡ ଖେଳାଳି ମେହଦୀ ଟାରେମୀ ପ୍ରଥମ ଗୋଲ ପରିଶୋଧ କରିଥିଲେ। ୭୧ ତମ ମିନିଟରେ ମାର୍କସ ରାସଫୋର୍ଡ ଓ ୮୯ ତମ ମିନିଟରେ ଜ୍ୟାକ୍ ଗ୍ରୀଲିସ୍ ଗୋଟିଏ ଲେଖାଏ ଗୋଲ ସ୍କୋର କରିବାରୁ ଇଂଲଣ୍ଡ ୬-୧ରେ ଆଗୁଆ ରହିଥିଲା। ମାତ୍ର ମ୍ୟାଚ ଇଞ୍ଜୁରୀ ଟାଇମରେ ରହିଥିବା ବେଳେ ଇରାନ ପକ୍ଷରୁ ତଥା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ମେହଦୀ ଟାରେମୀ। ବକ୍ସ ମଧ୍ୟରେ ସାର୍ଟ ଟଣାଯାଇଥିବା ବେଳେ ଇରାନକୁ ଏକ ପେନାଲ୍ଟି ମିଳିଥିଲା। ଟାରେମୀ ଏହାକୁ ଗୋଲରେ ପରିଣତ କରିଥିଲେ ହେଁ ଇଂଲଣ୍ଡ ବୃହତ ବିଜୟ ହାସଲ କରିଥିଲା।


ଇଂଲଣ୍ଡ ଫୁଟବଲ ଦଳକୁ ଉତ୍ସାହିତ କରୁଛନ୍ତି ସମର୍ଥକ।

# ମ୍ୟାଚ ଦେଖିବାକୁ କାତାରରେ ମାରିଆମ୍

**ଦୋହା, ୨୧।୧୧ (ଏପି):** ବିଶ୍ୱକପ୍ ମ୍ୟାଚ ଟିକେଟ ୨୭ ବର୍ଷୀୟା ମାରିଆମ୍‌ଙ୍କ ପାଇଁ ଏକ ବହୁମୂଲ୍ୟ ଉପହାର। କ୍ରୀଡ଼ା ପ୍ରତି ତାଙ୍କର ରହିଛି ଅଶେଷ ଦୁର୍ବଳତା। କାତାରରେ ବିଶ୍ୱକପ୍ ଦେଖିବା ଲାଗି ତେହେରାନରୁ କାତାର ଗସ୍ତ କରିଛନ୍ତି। ସୋମବାର ଇଂଲଣ୍ଡ ବିପକ୍ଷରେ ଇରାନର ଓପନିଂ ମ୍ୟାଚ ସେ ଷ୍ଟାଡିୟମରେ ଉପସ୍ଥିତ ରହି ଉପଭୋଗ କରିଛନ୍ତି। ଇରାନରେ ମହିଳାମାନଙ୍କ ଲାଗି ପୁରୁଷ ମ୍ୟାଚ ଦେଖିବାରେ କଟକଣା ରହିଛି। ଇଣ୍ଟରନ୍ୟାଶନାଲ୍ସ ରିଲେଶନ ପାଠ୍ୟକ୍ରମର ଜଣେ ଛାତ୍ରୀ ମାରିଆମ୍ କହିଛନ୍ତି ସେ ତାଙ୍କ ଜୀବନ କାଳରେ କେବେ ଷ୍ଟାଡିୟମରେ ଫୁଟ୍‌ବଲ ମ୍ୟାଚ ଦେଖି ନ ଥିଲେ। ଇରାନରେ ବଡ଼ ଧରଣର ମହିଳା ଆନ୍ଦୋଳନ ଚାଲିଥିବା ବେଳେ ଦେଶ ଏପଟେ ବିଶ୍ୱକପ୍‌ରେ ଭାଗ ନେଇଛି। ମାନବାଧିକାର କର୍ମୀଙ୍କ ସୂଚନା ଅନୁସାରେ ଆନ୍ଦୋଳନକୁ ଦମନ ଲାଗି କାର୍ଯ୍ୟାନୁଷ୍ଠାନ ଫଳରେ ସୁରକ୍ଷାକର୍ମୀଙ୍କ ଦ୍ୱାରା ଇତିମଧ୍ୟରେ ୪୧୯ ଲୋକ ନିହତ ହୋଇସାରିଲେଣି। ମହିଳା ଜଣକ ପ୍ରକୃତ ନାମ ମାରିଆମ୍ ନୁହେଁ। ଏହା ତାଙ୍କ ଛଦ୍ମ ନାମ। ଦେଶକୁ ଫେରିଲେ ଶାସକଙ୍କ ଦ୍ୱାରା ନର୍ଯ୍ୟାତନର ସମ୍ମୁଖୀନ ଆଶଙ୍କା କରି ସେ ନିଜ ନାମକୁ ଗୋପନ ରଖିଛନ୍ତି।

# ଲିୱାଣ୍ଡୋସ୍କିଙ୍କ ମୁକାବିଲା ଲକ୍ଷ୍ୟରେ ମେକ୍ସିକୋ

**ଦୋହା,୨୧।୧୧,(ପି.ଟି.)**

ପୋଲାଣ୍ଡର ସର୍ବାକାଳୀନ ଶ୍ରେଷ୍ଠ ଗୋଲ ସ୍କୋରର ରବର୍ଟ ଲିଓଣ୍ଡୋସ୍କିଙ୍କ ମୁକାବିଲା କରିବ ମେକ୍ସିକୋ। ବୁଧବାର ଲୁସେଲ ଷ୍ଟାଡିୟମରେ ଏହି ମ୍ୟାଚଟି ଖେଳାଯିବ। ପୋଲାଣ୍ଡର ସର୍ବାଧିକ ଗୋଲ ସ୍କୋରର ଲିୱାଣ୍ଡୋସ୍କି ଏଯାଏ ବିଶ୍ୱକପରେ ନିଜର ଗୋଲ ଖାତା ଖୋଲିବାକୁ ପ୍ରୟାସ କରିବ। ସେ ପୋଲାଣ୍ଡ ପାଇଁ ୧୩୪ ମ୍ୟାଚରେ ୭୬ ଗୋଲ ସ୍କୋର କରିଥିବା ବେଳେ ଚଳିତ ସିଜନରେ ୧୮ ଗୋଲ ସ୍କୋର କରିଛନ୍ତି। ୩୪ ବର୍ଷୀୟ ଲିୱାଣ୍ଡୋସ୍କିଙ୍କ ଏହା ଶେଷ ବିଶ୍ୱକପ ହେବାର ସମ୍ଭାବନା। ଏହାକୁ ସ୍ମରଣୀୟ କରିବାକୁ ସେ ପ୍ରୟାସ କରିବେ। ୪ ବର୍ଷ ପୂର୍ବେ ରୁଷିଆରେ ପୋଲାଣ୍ଡ ମାତ୍ର ଦୁଇଟି ଗୋଲ ସ୍କୋର କରିଥିବା ବେଳେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲା। ୨୦୧୦ ଓ ୨୦୧୪ରେ ପୋଲାଣ୍ଡ ଯୋଗ୍ୟତା ହାସଲରେ ବିଫଳ ହୋଇଥିବା ବେଳେ ୧୯୮୬ ପରଠାରୁ ନକଆଉଟରେ ପହଞ୍ଚିନାହିଁ। ୧୯୭୪ ଓ ୧୯୮୨ରେ ପୋଲାଣ୍ଡ ତୃତୀୟ ସ୍ଥାନରେ ରହିଥିଲା। ଷ୍ଟାଡିୟମ ୯୭୪ରେ ଏହି ମ୍ୟାଚ ଖେଳାଯିବ। ଅନ୍ୟପକ୍ଷରେ ମେକ୍ସିକୋ ଦଳ ବେଶ ଶକ୍ତିଶାଳୀ ରହିଥିଲେ ହେଁ ଦଳ ଆଘାତ ସମସ୍ୟା ସହିତ ଲଢେଇ କରୁଛି। ଦଳର ଏକାଧିକ ଫରୱାର୍ଡ ଖେଳାଳି ଆହତ ଥିଲେ ହେଁ ଦଳ ପ୍ରତ୍ୟାବର୍ତ୍ତନ ଆଶାରେ ରହିଛି।

**ଫିଫା ବିଶ୍ୱକପ**

**(ଆଜିର ମ୍ୟାଚ)**

**ଆର୍ଜେଣ୍ଟିନା ବନାମ ସୌଦୀ ଆରବ**
ସ୍ଥାନ: ଲୁସେଲ ଷ୍ଟାଡିୟମ
ସମୟ: ଦିନ ୩.୩୦

**ଡେନ୍‌ମାର୍କ ବନାମ ଟ୍ୟୁନିସିଆ**
ସ୍ଥାନ: ଏଜୁକେଶନ୍ ସିଟି ଷ୍ଟାଡିୟମ
ସମୟ: ସନ୍ଧ୍ୟା ୬.୩୦

**ମେକ୍ସିକୋ ବନାମ ପୋଲାଣ୍ଡ**
ସ୍ଥାନ: ରସ୍ ଅବୁ ଅବୌଦ ଷ୍ଟାଡିୟମ
ସମୟ: ରାତି ୯.୩୦

**ଫ୍ରାନ୍ସ ବନାମ ଅଷ୍ଟ୍ରେଲିଆ**
ସ୍ଥାନ: ଅଲ ରାୟାନ ଷ୍ଟାଡିୟମ
ସମୟ: ରାତି ୧୨.୩୦

# ଆର୍ଜେଣ୍ଟିନା, ବ୍ରାଜିଲ, ଫ୍ରାନ୍ସ ଫେଭରାଇଟ୍

**ଜର୍ଜ ବୁରୁଚାଗା**

କାତାରରେ ପହଞ୍ଚିବା ପରେ ମୁଁ ବାସ୍ତବିକ ଆଶ୍ଚର୍ଯ୍ୟଚକିତ ହୋଇପଡ଼ିଲି। ଅନେକ ପରିବର୍ତ୍ତନ ଦେଖିବାକୁ ପାଇଲି। ନବ ନିର୍ମିତ ସୁନ୍ଦର ଷ୍ଟାଡିୟମ, ହୋଟେଲ ସହ ପରିବହନ ବ୍ୟବସ୍ଥାରେ ବହୁ ଉନ୍ନତି ଘଟିଛି। ମୁଁ ୨୦୧୧ ଓ ୨୦୧୫ରେ ଏଠାକୁ ଆସିଥିଲି। ବିଶ୍ୱକପ୍ ଆୟୋଜନର ପରିଣାମ ସ୍ୱରୂପ ଏସବୁ ଦେଖିବାକୁ ମିଳୁଛି। ଆର୍ଥିକ ସମୃଦ୍ଧି ପାଇଁ କେବଳ ଏହା ସମ୍ଭବ ହୋଇପାରିଛି। ଦୋହା ସହର ନୂଆରୂପ ମୋତେ ସ୍ତମ୍ଭୀଭୂତ କରିଛି। ସମସ୍ତେ ମେଗା ଇଭେଣ୍ଟର ମଜା ଉଠାଇବେ ବୋଲି ମୁଁ ଆଶା କରୁଛି। ମୋ ମତରେ ବ୍ରାଜିଲ ଓ ଫ୍ରାନ୍ସ ସମେତ ଆର୍ଜେଣ୍ଟିନା ହେଉଛନ୍ତି ଟୁର୍ନାମେଣ୍ଟର ଫେଭରାଇଟ୍। କିନ୍ତୁ ବହୁତ ଭଲ ଟିମ୍ ରହିଛନ୍ତି। ଶୀର୍ଷରେ ପହଞ୍ଚିବା ଲାଗି ସେମାନଙ୍କର ଆଶା ରହିଛି। ତେଣୁ ଏହା ଏକ କଠିନ ବିଶ୍ୱକପ୍ ହେବ। ପ୍ରତିଦ୍ୱନ୍ଦ୍ୱୀ ଦୁର୍ବଳ ଅବା ଶକ୍ତିଶାଳୀ ହୋଇଥାନ୍ତୁ ଯେକୌଣସି ବିଶ୍ୱକପ୍‌ରେ ପ୍ରଥମ ଦୁଇଟି ମ୍ୟାଚ ଗୁରୁତ୍ୱପୂର୍ଣ୍ଣ। ଏହା ଯେକୌଣସି ଦଳକୁ ସେମାନଙ୍କ ସକାରାତ୍ମକ ଓ ନକାରାତ୍ମକ ଦିଗ ଖୋଜିବାରେ ସାହାଯ୍ୟ କରିବ। ଏହା ସେମାନଙ୍କୁ ପିଚ୍ ଓ ପରିବେଶକୁ ବୁଝିବା ଏବଂ ପରବର୍ତ୍ତୀ ରାଉଣ୍ଡ ପାଇଁ ଆତ୍ମବିଶ୍ୱାସ ହାସଲ କରିବାରେ ସହାୟକ ହେବ। ଆର୍ଜେଣ୍ଟିନାର ବଳ ହେଲା ଏହାର ବେଞ୍ଚ୍ ଷ୍ଟ୍ରେନ୍ଥ୍ ଶକ୍ତିଶାଳୀ। ଟିମ୍‌ରେ ବହୁ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ପ୍ରତିଯୋଗିତା ଲାଗି ପହଞ୍ଚିବା ପର୍ଯ୍ୟନ୍ତ ଲିଓ ବ୍ରିଜ୍ ଅପରାଜେୟ ଅଛନ୍ତି। କୋଚ୍ ଲିଓ ସ୍କାଲୋନୀ ସେମାନଙ୍କ ସହ ବହୁ ଦିନ ହେଲା ପରିଚିତ। କିନ୍ତୁ ମ୍ୟାଚ ସାରା ଭଲ ଖେଳି ଶେଷ ମୁହୂର୍ତ୍ତରେ ଦୁର୍ଭାଗ୍ୟଜନକ ପରାଜୟ ନେଇ ସତର୍କ ରହିବାକୁ ପଡ଼ିବ। ଜାତୀୟ ଦଳରେ ଯୋଗ ଦେଇଥିବା ଅଧିକାଂଶ ଖେଳାଳି ୟୁରୋପରେ କ୍ଲବ ଫୁଟ୍‌ବଲ ଖେଳୁଛନ୍ତି। ଏହା ନିଶ୍ଚିତ ରୂପେ ସେମାନଙ୍କୁ ସାହାଯ୍ୟ କରିବ। ଫ୍ରାନ୍ସରେ ଖେଳିବା ମେସିଙ୍କ ପାଇଁ ଫାଇଦା ସାବ୍ୟସ୍ତ ହେବ। ବିଶ୍ୱକପ୍‌ରେ ରେଫରି ଖୁବ୍ କଡ଼ା, ବିପକ୍ଷ ଦଳ ମଧ୍ୟ ଶକ୍ତିଶାଳୀ। ଲିଓଙ୍କର କିନ୍ତୁ ଏବାବଦରେ ପ୍ରଚୁର ଅଭିଜ୍ଞତା ରହିଛି। ବିଶ୍ୱକପ୍ ୧୯୮୬ ମୋ ପାଇଁ ଏବଂ ମୋର ସମସ୍ତ ଟିମ୍‌ମେଟ୍ ଲାଗି ଖୁବ୍ କଠିନ ଥିଲା। ମେକ୍ସିକୋରେ ପହଞ୍ଚିବା ବେଳେ ଆମେ ସମସ୍ତେ ଚାପରେ ରହିଥିଲୁ। କିନ୍ତୁ ୧୯୯୦ ବିଶ୍ୱକପ୍ ୧୯୮୬ ତୁଳନାରେ ଅଧିକ ଆବେଗପୂର୍ଣ୍ଣ ଥିଲା। ଇଞ୍ଜୁରି ସମସ୍ୟା ସହ ଆମେ ପହଞ୍ଚିଥିଲୁ। ଫାଇନାଲରେ ପ୍ରବେଶ କରି ମଧ୍ୟ ଦୁର୍ଭାଗ୍ୟଜନକ ଭାବେ ପରାଜିତ ହୋଇଥିଲୁ। ସେମିଫାଇନାଲରେ ଦଣ୍ଡିତ ହୋଇଥିବା ସେହି ଖେଳାଳିମାନେ ଯଦି ଥାନ୍ତେ ତେବେ ଫଳାଫଳ ନିଶ୍ଚିତ ରୂପେ ଭିନ୍ନ ହୋଇଥାନ୍ତା। କିନ୍ତୁ ମେସି ଓ ତାଙ୍କ ଦଳ ସାଉଥ ଆମେରିକାନ୍ କପ୍ ଜିତି ଏଠାରେ ପହଞ୍ଚିଛି। ଦଳ ବର୍ତ୍ତମାନ ଚାପରେ କିମ୍ବା ଇଞ୍ଜୁରି ସମସ୍ୟାରେ ନାହିଁ। ଏଥର ବିଶ୍ୱକପ୍ ଜିତି କପ୍‌କୁ ଡିଏଗୋ ମାରାଡୋନାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାକୁ ଅଭିଳାଷ କରିଛନ୍ତି ଲିଓ। ଫୁଟ୍‌ବଲ କିମ୍ବଦନ୍ତୀଙ୍କ ପ୍ରତି ଏହା ଉପଯୁକ୍ତ ଶ୍ରଦ୍ଧାଞ୍ଜଳୀ ହେବ ବୋଲି ସେ କହିଛନ୍ତି। ଆର୍ଜେଣ୍ଟିନାର ବ୍ଲୁ-ହ୍ୱାଇଟ୍ ଜର୍ସି ପରିଧାନ କରି ବିଶ୍ୱକପ୍ ଖେଳିବା, ପ୍ରତ୍ୟେକ ଖେଳାଳିଙ୍କ ଏକ ସ୍ୱପ୍ନ ଥାଏ। ଏହାଦ୍ୱାରା ଜଣେ ନିଜକୁ ଗୌରବାନ୍ୱିତ ମନେ କରିଥାଏ। ୩୬ ବର୍ଷ ପରେ ପୁଣି ଥରେ ବିଶ୍ୱକପ୍ ଜିତିବା ମୋ ସମେତ ସମସ୍ତ ଆର୍ଜେଣ୍ଟିନାବାସୀ ଏକ ସ୍ୱପ୍ନ ଦେଖୁଛନ୍ତି। ଏହା ଯଦି ସମ୍ଭବ ହୁଏ ଡିଏଗୋ ମାରାଡୋନାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ହେବ। ଏହି ମହାନ ଫୁଟ୍‌ବଲ ଖେଳାଳିଙ୍କର ଦୁଇବର୍ଷ ପୂର୍ବେ ନଭେମ୍ବର ମାସରେ ହିଁ ଦେହାନ୍ତ ଘଟିଛି।

-(ଟିଭାକ୍ ସ୍ପୋର୍ଟ୍ସ)


ଜର୍ଜ ବୁରୁଚାଗା

# ଫିଫା ବିଶ୍ୱକପ୍‌ର ଡେଙ୍ଗା ଦଳ ସର୍ବିଆ

କ୍ରୀଡାରେ ଉଚ୍ଚତାର ବିଶେଷ ଭୂମିକା ରହିଥାଏ। ବକ୍ସିଂ ପରି ଖେଳରେ ଉଚ୍ଚତାକୁ ହିଁ ସବୁଠାରୁ ଅଧିକ ପ୍ରାଧାନ୍ୟ ଦିଆଯାଏ। ଫୁଟବଲରେ ଯଦିଓ ଉଚ୍ଚତା ଅପେକ୍ଷା ଦକ୍ଷତା ଗୁରୁତ୍ୱ ବହନ କରିଥାଏ୍ ତେବେ ଉଚ୍ଚତା ଅଧିକ ଥିଲେ ଏହା ପଡିଆର ଉଭୟ ପାର୍ଶ୍ୱରୁ ଦଳକୁ ଫାଇଦା ପ୍ରଦାନ କରିଥାଏ। ପୂର୍ବରୁ ଅନେକ ବିଶ୍ୱକପ୍‌ରେ ଏହାର ନଜିର ଦେଖିବାକୁ ମିଳିଛି। ପୁରୁଷ ଫୁଟ୍‌ବଲ ମହାକୁମ୍ଭ ବିଶ୍ୱକପ୍ କାତାରରେ ରବିବାର ଆରମ୍ଭ ହୋଇସାରିଛି। ଆସନ୍ତୁ ବିଶ୍ୱକପ୍‌ର ସବୁଠୁ ଡେଙ୍ଗା ଓ ଗେଡା ଖେଳାଳିଙ୍କ ଉପରେ ନଜର ପକାଇବା।

**ଡେଙ୍ଗା ଖେଳାଳି:** ଚଳିତ ବିଶ୍ୱକପ୍‌ରେ ସବୁଠୁ ଡେଙ୍ଗା ଖେଳାଳିଙ୍କ ମଧ୍ୟରେ ପ୍ରଥମ ୩ ସ୍ଥାନ ଉପରେ ଗୋଲକିପରମାନେ ହିଁ କବ୍‌ଜା କରିଛନ୍ତି। ଗୋଲକିପରଙ୍କ ଉଚ୍ଚତା ଅଧିକ ରହିବା ଦ୍ୱାରା ପୋଷ୍ଟର ଉଭୟ ପାର୍ଶ୍ୱକୁ ସହଜରେ ଡାଇଭ ମାରିପାରନ୍ତି। ନେଦରଲାଣ୍ଡ୍ସ ଦଳର ଗୋଲକିପର ରହିଥିବା ଆଣ୍ଡ୍ରିସ୍ ନୋପର୍ଟ ଏହି ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି। ନୋପର୍ଟଙ୍କ ଉଚ୍ଚତା ୨୦୩ ସେମି ରହିଛି । ୨୦୨ ସେମିର ଉଚ୍ଚତା ସହ ସର୍ବିଆର ଭାଞ୍ଜା ମିଲିନକୋଭିକ୍ ସାଭିକ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୨୦୦ ସେମିର ଉଚ୍ଚତା ସହିତ ବେଲଜିୟମର ଥିବାଉଟ କୋର୍ଟିଅସ୍ ତୃତୀୟ ସ୍ଥାନରେ ରହିଛନ୍ତି।

**ଗେଡ଼ା ଖେଳାଳି:** ମରକ୍କୋର ଇଲିଆସ୍ ଚେୟାର ଚଳିତ ବିଶ୍ୱକପ୍‌ର ସବୁଠୁ ଗେଡା ଖେଳାଳି ରହିଛନ୍ତି। କ୍ୱିନ୍ସ ପାର୍କର ରେଞ୍ଜରର ଆଟାକିଂ ମିଡ୍‌ଫିଲ୍ଡର ଇଲିଆସଙ୍କ ଉଚ୍ଚତା ୧୬୪ ସେମି ରହିଛି। ଜାପାନିଜ ଷ୍ଟ୍ରାଇକର ୟୁରି ସୋମାଙ୍କ ଉଚ୍ଚତା ୧୬୬ ସେମି ରହିଥିବା ବେଳେ ସେ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆଲେଜାଣ୍ଡ୍ରୋ ଗୋମେଜ(ଆର୍ଜେଣ୍ଟିନା), ୟୁରିଏଲ ଆଣ୍ଟୁନା(ମେକ୍ସିକୋ), ଆଣ୍ଡ୍ରେସ୍ ଗୁଆର୍ଡାଡୋ (ମେକ୍ସିକୋ) ଓ ନିକୋଲାସ ଡେ ଲା କ୍ରୁଜ୍ (ଉରୁଗୁଏ) ୧୬୭ ସେମିର ଉଚ୍ଚତା ସହିତ ମିଳିତ ଭାବରେ ୪ର୍ଥ ସ୍ଥାନରେ ରହିଛନ୍ତି।

ଡେଙ୍ଗା ଦଳ: ଦଳଗତ ହାରାହାରିକୁ ହିସାବକୁ ନେଲେ ୟୁରୋପୀୟ ଦଳଗୁଡିକ ଏହି ତାଲିକାରେ ନିଜର ଦବଦବା ବଜାୟ ରଖିଛନ୍ତି। ଟପ୍-୧୦ ମଧ୍ୟରେ ୮ଟି ଦଳ ୟୁରୋପ ମହାଦେଶରୁ ରହିଛନ୍ତି। ୧୮୭.୧ ସେମି ହାରାହାରି ଉଚ୍ଚତା ସହିତ ସର୍ବିଆ ଏହି ତାଲିକାରେ ପ୍ରଥମ ସ୍ଥାନରେ ରହିଛି। ଡେନ୍‌ମାର୍କ(୧୮୬.୧ ସେମି) ଓ ଫ୍ରାନ୍ସ (୧୮୫.୪ ସେମି) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ବଜାୟ ରଖିଛନ୍ତି। ଅଣ ୟୁରୋପୀୟ ଦେଶ ମଧ୍ୟରେ ସେନେଗାଲ ଦଳର ହାରାହାରି ଉଚ୍ଚତା ସର୍ବାଧିକ ରହିଛି। ୧୮୪.୪ ସେମି ସହିତ ଏହା ଟପ୍ ଟେନ୍‌ରେ ସପ୍ତମ ସ୍ଥାନରେ ରହିଛି। ଉଚ୍ଚତା ଯଦିଓ ଏତେଟା ପ୍ରଭାବ ପକାଇ ନ ଥାଏ ତେବେ କଡା ସଂଘର୍ଷପୂର୍ଣ୍ଣ ମ୍ୟାଚଗୁଡିକରେ ଫରକ ନଜର ଆସିଥାଏ। ୨୦୧୮ ବିଶ୍ୱକପ୍‌ର ବେଲଜିୟମ ବନାମ ଜାପାନ କ୍ୱାର୍ଟର ଫାଇନାଲ ମୁକାବିଲା ଏହାର ଉଦାହରଣ। ବେଲ୍‌ଜିୟମ ଦଳରେ ରୋମେଲୁ ଲୁକାକୁ ଓ ମାରୌଆନେ ଫେଲାନିଙ୍କ ପରି ଖେଳାଳି ରହିଥିବା ବେଳେ ଲଙ୍ଗ ପାସ୍ ଦ୍ୱାରା କମ୍ ଉଚ୍ଚତା ବିଶିଷ୍ଟ ଜାପାନ ଦଳକୁ ଅସୁବିଧାରେ ପକାଇଥିଲେ।

ଗେଡ଼ା ଦଳ: କାତାର ବିଶ୍ୱକପ୍‌ରେ ସବୁଠାରୁ ଗେଡ଼ା ଦଳ ଭାବରେ ରହିଛି ମେକ୍ସିକୋ। ଉତ୍ତର ଆମେରିକା ଓ କାତାର ଦଳ ୧୭୮.୮ ସେମିର ଉଚ୍ଚତା ସହିତ ଏହି ତାଲିକାରେ ସବୁଠୁ ତଳେ ରହିଛନ୍ତି। ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଦଳର ହାରାହାରି ଉଚ୍ଚତା ୧୮୦ ସେମିରୁ ତଳେ ରହିଥିବା ବେଳେ ୟୁରୋପୀୟ ରାଷ୍ଟ୍ରଙ୍କ ମଧ୍ୟରେ ସ୍ପେନ(୧୮୦.୯)ର ହାରାହାରି ଉଚ୍ଚତା ସର୍ବନିମ୍ନ ରହିଛି।

ମହାଦେଶୀୟ ଭିନ୍ନତା: ଫୁଟବଲ ଖେଳୁଥିବା ମହାଦେଶମାନଙ୍କ ମଧ୍ୟରେ ୟୁରୋପ ମହାଦେଶର ହାରାହାରି ଉଚ୍ଚତା ଅଧିକ ରହିଛି। କାତାର ବିଶ୍ୱକପ୍‌ରେ ୟୁରୋପ ମହାଦେଶୀୟ ଦଳମାନଙ୍କ ହାରାହାରି ଉଚ୍ଚତା ୧୮୩ ସେମି ରହିଛି। ଦକ୍ଷିଣ ଆମେରିକୀୟ ଦେଶଗୁଡ଼ିକର ହାରାହାରି ଉଚ୍ଚତା ୧୮୦.୯ ରହିଥିବା ବେଳେ ଉତ୍ତର ଆମେରିକୀୟ ଦେଶଗୁଡିକର ହାରାହାରି ଉଚ୍ଚତା ୧୮୦.୭ ସେମି ରହିଛି। ଏସିଆ ମହାଦେଶର ଦଳଗୁଡିକର ହାରାହାରି ଉଚ୍ଚତା ୧୮୧.୪ ରହିଛି।


ଆଣ୍ଡ୍ରିସ୍ ନୋପର୍ଟ



ବିଶ୍ୱକପ୍ ମ୍ୟାଚ୍‌ର ମଜା ନେଉଛନ୍ତି ଦର୍ଶକ।



# ବିୟୁଟି ଟ୍ରିଟ୍‌ମେଣ୍ଟ

ସୌନ୍ଦର୍ଯ୍ୟ

**ବିୟୁଟି ପାର୍ଲର ଯାଇ ମହିଳାମାନେ ନିଜ ନିଜର ବିୟୁଟି ଟ୍ରିଟ୍‌ମେଣ୍ଟ କରାଇଥାନ୍ତି। କିନ୍ତୁ ପାର୍ଲରକୁ ନ ଯାଇ ବିଭିନ୍ନ ଘରୋଇ ସାମଗ୍ରୀ ବ୍ୟବହାରକରି ଆପଣ ନିଜର ବିୟୁଟି ଟ୍ରିଟ୍‌ମେଣ୍ଟ କରିପାରିବେ। ଏଥିପାଇଁ କ'ଣ କରିବେ ଜାଣିରଖନ୍ତୁ।**



➥ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧିକରିବାକୁ ଚାହୁଁଥିଲେ ଆଳୁକୁ ବାଟି ତା'ର ରସ ବାହାରକରି ମୁହଁରେ ଲଗାନ୍ତୁ। କିଛି ସମୟ ରହିବା ପରେ ଟିସୁ ପେପରରେ ପୋଛି ତା'ପରେ ଧୋଇ ଦିଅନ୍ତୁ।

➥ ମୁହଁରେ ଯଦି ବ୍ରଣ ସମସ୍ୟା ଥାଏ ଓ ତ୍ୱଚାରେ କୁଞ୍ଚନ ପଡ଼ି ଆସୁଥାଏ ତେବେ ତୁଳସୀପତ୍ରକୁ ବାଟି ମୁହଁରେ ଲଗାନ୍ତୁ। ଲଗାତର ଏହାର ବ୍ୟବହାର କରିବା ଫଳରେ ତ୍ୱଚାର ସମସ୍ତ ପ୍ରକାର ଦାଗ ଦୂର ହେବା ସହ ଅନ୍ୟ ସମସ୍ୟା ବି ଦୂରହେବ।

– ପାଚିଲା ଅମୃତଭଣ୍ଡାକୁ ମୁହଁରେ ଲଗାଇ ଭଲଭାବରେ ଘଷନ୍ତୁ। ଲଗାତର କିଛି ସମୟ ଏପରି କରିବା ଫଳରେ ମୁହଁରେ ଥିବା ସମସ୍ତ ପ୍ରକାର ମଇଳା ସଫା ହୋଇଥାଏ ଏବଂ ସମସ୍ତ ଦାଗ ମଧ୍ୟ କିଛିଦିନ ପରେ ଚାଲି ଯାଇଥାଏ। ଏପରି କରିବା ଫଳରେ ତ୍ୱଚା ଅଧିକ ଉଜ୍ଜ୍ୱଳ ଦେଖାଯାଏ ଓ କୋମଳ ମଧ୍ୟ ହୋଇଥାଏ।

➥ ଚନ୍ଦନ ପାଉଡରକୁ ଗୋଲାପ ଜଳରେ ମିଶାଇ ଫେସ୍ ପ୍ୟାକ୍ ତିଆରି କରି ମୁହଁରେ ଲଗାନ୍ତୁ। ଶୁଖିଯିବା ପରେ ପାଣିରେ ଧୋଇଦିଅନ୍ତୁ। ଏପରି କରିବା ଫଳରେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇବ।

➥ ତ୍ୱଚାରେ ଯଦି ବୟସର ଛାପ ଦେଖାଗଲାଣି ତେବେ ଆଳୁର ପେଷ୍ଟକରି ସେଥିରେ ଅଣ୍ଡାର ଧଳା ଅଂଶ ମିଶାଇ ପ୍ୟାକ୍ ତିଆରି କରି ମୁହଁ ଏବଂ ବେକରେ ଲଗାନ୍ତୁ।

➥ ଆଳୁକୁ ବାଟି ସେଥିରେ ହଳଦୀ ମିଶାଇ ଲଗାଇଲେ ତ୍ୱଚାର ଉଜ୍ଜ୍ୱଳତା ବଢ଼ିବ।

➥ ବ୍ରଣ ସମସ୍ୟାରୁ ମୁକ୍ତି ପାଇଁ ଆଳୁକୁ ବାଟି ସେଥିରେ ଅଳ୍ପ ମୁଲତାନୀ ମାଟି ଏବଂ ଗୋଲାପ ଜଳ ମିଶାଇ ଫେସ୍ ପ୍ୟାକ୍ କରି ଲଗାନ୍ତୁ।

ଫ୍ୟାଶନ

# ଟାଟୁ

**ଫ୍ୟାଶନେବୁଲ ଦେଖାଯିବା ପାଇଁ ଆଜିକାଲି ଅନେକେ ଟାଟୁ କରୁଛନ୍ତି। ଟେମ୍ପୋରାରି ଟାଟୁ ସାଧାରଣତଃ କିଛିଦିନ ପରେ ଆପେ ଆପେ ଛାଡ଼ିଯାଇଥାଏ। ତେବେ ସହଜରେ ଟାଟୁର ଦାଗ ଛଡ଼ାଇବା ପାଇଁ ଜାଣିରଖନ୍ତୁ କିଛି ସହଜ ଉପାୟ।**



➢ ବଡି ସ୍କ୍ରବ୍ ମାଧ୍ୟମରେ ଟେମ୍ପୋରାରି ଟାଟୁକୁ ସହଜରେ ଛଡ଼ାଇହେବ। ତେଣୁ ଅଧାକପ୍ କଫିରେ ଅଧାକପ୍ ନଡ଼ିଆ କିମ୍ବା ଜଡ଼ାତେଲ ମିଶାଇ ସ୍କ୍ରବ୍ କରନ୍ତୁ। ମାର୍କେଟରେ ମିଳୁଥିବା ବଡିସ୍କ୍ରବ୍ ମଧ୍ୟ ବ୍ୟବହାର କରିପାରିବେ। ତେବେ ସପ୍ତାହକୁ ଥରେ ବଡ଼ି ସ୍କ୍ରବ୍ କରନ୍ତୁ।

➢ ମାଉଥ୍‌ୱାଶ୍‌କୁ ନେଇ ଟାଟୁ ଦାଗ ଉପରେ ଲଗାନ୍ତୁ। କିଛି ସମୟ ଘଷିବା ପରେ ଧୀରେ ଧୀରେ ଟାଟୁ ଛାଡ଼ି ଆସିଲେ ପାଣିରେ ଧୋଇଦିଅନ୍ତୁ।

➢ ଟାଟୁ ଦାଗ ଶୀଘ୍ର ଛଡ଼ାଇବା ପାଇଁ କୋଲ୍ଡ୍‌କ୍ରିମ୍ ଲଗାନ୍ତୁ। କ୍ରିମ୍ ଲଗାଇବାର ୧୦ ମିନିଟ୍ ପରେ କପଡ଼ାରେ ପୋଛି ଉଷୁମପାଣିରେ ଧୋଇ ଦିଅନ୍ତୁ।

➢ ନେଲ୍‌ପଲିସ୍ ରିମୁଭରକୁ ତୁଳାରେ ବୁଡ଼ାଇ ଟାଟୁ ଦାଗରେ ଲଗାଇଲେ ଅନେକାଂଶରେ ଟାଟୁର ଦାଗ ଛାଡ଼ି ଯାଇଥାଏ। କିନ୍ତୁ ସେନ୍‌ସିଟିଭ୍ ତ୍ୱଚା ହୋଇଥିଲେ ରିମୁଭର ଲଗାଇବା ଉଚିତ ନୁହେଁ।

➢ ଟାଟୁ ଛଡ଼ାଇବାକୁ ଚାହୁଁଥିଲେ ସେହି ସ୍ଥାନରେ ବେବି ଅଏଲ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ। ଏହାପରେ ହାତରେ ଧୀରେ ଧୀରେ ଘଷି ମାଲିସ୍ କରନ୍ତୁ। ଟାଟୁ ଦାଗ ଛାଡ଼ିବା ସହଜ ହେବ।

➢ ଘରୋଇ ଉପାୟରେ ଟାଟୁ ଛଡ଼ାଇବା ପାଇଁ ଅଧିକ ସମୟ ଲାଗିଥାଏ। ତେଣୁ ଶୀଘ୍ର ଟାଟୁ ଛଡ଼ାଇବା ପାଇଁ ଚାହୁଁଥିଲେ ଟାଟୁ ରିମୁଭାଲ ୱାଇପ୍‌ସର ସାହାଯ୍ୟ ନେଇପାରିବେ।

# ଶୀତଦିନେ ପିଲାଙ୍କ ତ୍ୱଚାର ଯତ୍ନ



**ପିଲାଙ୍କ ତ୍ୱଚା ଶୁଷ୍କ ହୋଇଥିଲେ ଶୀତଦିନେ ଅଧିକ ରୁକ୍ଷ ହୋଇଯାଏ। ତେଣୁ ଏହିଦିନେ ପିଲାଙ୍କ ତ୍ୱଚାର ଯତ୍ନ କିପରି ନେବେ ଜାଣିରଖନ୍ତୁ।**

⇨ ଡ୍ରାଏ ସ୍କିନ୍ ନିମନ୍ତେ ତେଲ ଲଗାଇବା ହିଁ ସବୁଠୁ ଭଲ ଘରୋଇ ଉପାୟ। ପିଲାଙ୍କ ତ୍ୱଚା ଶୁଷ୍କ ହୋଇଥିଲେ ଘରୋଇ ଉପାୟ ଆପଣାନ୍ତୁ। ପିଲାଙ୍କ ଗାଧୋଇବା ପାଣିରେ କିଛି ନଡ଼ିଆତେଲ ପକାଇ ଦିଅନ୍ତୁ। ଉଷୁମ ପାଣିରେ ପିଲାଙ୍କୁ ଗାଧାନ୍ତୁ।

⇨ ଆଲୋଭେରା ଜେଲ୍‌ରେ ଆଣ୍ଟି ଫଙ୍ଗଲ ଓ ଆଣ୍ଟି ବାକ୍ଟେରିଆ ତତ୍ତ୍ୱ ରହିଛି। ତେଣୁ ପିଲାଙ୍କ ତ୍ୱଚାରେ ଆଲୋଭେରା ଜେଲ୍ ଲଗାନ୍ତୁ।

⇨ ପିଲାଙ୍କର ତ୍ୱଚା ଶୁଷ୍କ ହୋଇଥିଲେ ଯଥେଷ୍ଟ ପାଣି ପିଆନ୍ତୁ।

⇨ ପିଲାଙ୍କ ତ୍ୱଚାର ରୁକ୍ଷପଣ ଦୂରକରିବା ପାଇଁ ଦିନକୁ ଦୁଇ ତିନି ଥର ତେଲ ମାଲିସ କରନ୍ତୁ।

⇨ ଶିଶୁଙ୍କ ତ୍ୱଚାର ରୁକ୍ଷପଣ ଦୂର କରିବା ପାଇଁ କେମିକାଲ ଥିବା ଲୋସନ ଲଗାନ୍ତୁ ନାହିଁ। ତେଣୁ ଘରେ ପିଲାଙ୍କ ପାଇଁ ଲୋସନ ତିଆରି କରନ୍ତୁ। ଅଲିଭ ଅଏଲରେ ମହୁ ଓ ଆଲୋଭେରା ଜେଲ୍ ମିଶାଇ ଲୋସନ ଭଳି ପିଲାଙ୍କ ତ୍ୱଚାରେ ବ୍ୟବହାର କରିହେବ।

⇨ ଶୁଷ୍କ ତ୍ୱଚାଥିବା ପିଲାଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ଗାଧାନ୍ତୁ ନାହିଁ।

⇨ ପିଲାମାନଙ୍କୁ ଗାଧୋଇବା ପାଇଁ ସଫ୍ଟ ସାବୁନ ବ୍ୟବହାର କରନ୍ତୁ ଏବଂ ସ୍ନାନ କରାଇବା ପରେ ତଉଲିଆରେ ରଗଡ଼ିକରି ପୋଛନ୍ତୁ ନାହିଁ ବରଂ ନରମ କପଡ଼ାରେ ଧୀରେ ପୋଛନ୍ତୁ।

# ପିଲା ଯାଉଥିଲେ ପଡ଼ିଶା ଘର...



ହସ ଖେଳ ଆଉ ମଜାମସ୍ତି କରିବା ପାଇଁ ପିଲାମାନେ ସବୁବେଳେ ଖୋଜନ୍ତି ତାଙ୍କ ସାଙ୍ଗ ପିଲାମାନଙ୍କୁ। କିନ୍ତୁ ଆଜିକାଲିର ଅଧିକାଂଶ ଏକାନ୍ନବର୍ତ୍ତୀ ପରିବାରରେ ପିଲାମାନେ ଘରେ ଏକୁଟିଆ ରହି ଚିଡ଼ିଚିଡ଼ା ହୋଇ ଯାଉଛନ୍ତି। ଅନେକ ସମୟରେ ପିଲା ଜିଦିଆ, ପ୍ରତିକ୍ରିୟାଶୀଳ ହେଉଥିବା ବି ଦେଖିବାକୁ ମିଳୁଛି। ଏହି ଦୃଷ୍ଟିରୁ ପିଲାଙ୍କୁ ସମ୍ଭାଳିବା ପାଇଁ ଢେର୍ ଉପାୟ ଚିନ୍ତା କରୁଛନ୍ତି ମା'ମାନେ। ତେବେ ମା' ଯଦି କର୍ମଜୀବୀ ହୋଇଥାନ୍ତି ପିଲାଙ୍କ ସମୟକୁ ଖୁସିରେ ଅତିବାହିତ କରାଇବା ଆହୁରି କଷ୍ଟକର ମନେ ହୋଇଥାଏ। ଏଭଳି କ୍ଷେତ୍ରରେ ପିଲାଙ୍କ ପାଇଁ ବେଶ୍ ସହାୟକ ହୋଇଥାନ୍ତି ପଡ଼ୋଶୀ। ପିଲାମାନେ ପଡ଼ୋଶୀଙ୍କ ଘରକୁ ଯାଇ ସେମାନଙ୍କ ପିଲାଙ୍କ ସହ କିଛି ସମୟ ଅତିବାହିତ କରି ଖୁସି ହୋଇଯାନ୍ତି। ହେଲେ ପଡ଼ୋଶୀଙ୍କ ଘରେ ପିଲାମାନେ ଯେମିତି କୌଣସି ପ୍ରକାର ବିଶୃଙ୍ଖଳା ସୃଷ୍ଟି ନ କରନ୍ତି ଏଥିପାଇଁ ମା'ମାନଙ୍କୁ ହିଁ କେତେକ ଦିଗ ପ୍ରତି ଦୃଷ୍ଟିଦେବାକୁ ହେବ।

**ବନ୍ଧୁତା ହେଉ କି ଶତ୍ରୁତା ବୁଝନ୍ତି ନାହିଁ ପିଲା। ସେଥିପାଇଁ ସେମାନେ ପଡ଼ୋଶୀ ଘରକୁ ବି ନିଜର ଭାବନ୍ତି। ନିଶ୍ଚିତରେ ସେଠି ଖେଳନ୍ତି ଆଉ ବୁଲନ୍ତି। ପିଲାଙ୍କର ଏହି ଅଭ୍ୟାସ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ କରୁ ସେଥିପାଇଁ ମା' ମାନେ ସେମାନଙ୍କୁ କିଛି ବ୍ୟବହାରିକ ଗୁଣ ଶିଖାଇବା ଆବଶ୍ୟକ...**

## ଗୁରୁଜନଙ୍କୁ ସମ୍ମାନ

ନିଜ ଘରେ ହେଉ କି ପଡ଼ୋଶୀଙ୍କ ଘରେ ସବୁଠି ଗୁରୁଜନମାନଙ୍କୁ ସମ୍ମାନ ଦେବା ଉଚିତ। ଏକଥା ପ୍ରଥମେ ନିଜ ପିଲାଙ୍କୁ ଶିଖାନ୍ତୁ। ଫଳରେ ପଡ଼ୋଶୀଙ୍କ ଘରକୁ ଯିବା ସମୟରେ ପିଲାଟି ସେଠାରେ ବଡ଼ମାନଙ୍କ କଥା ମାନିବ ଏବଂ ସେହି ଅନୁସାରେ ଭଲ ବ୍ୟବହାର ବି ଦେଖାଇବ। ପଡ଼ୋଶୀଙ୍କ ଘରେ ସମସ୍ତେ ପିଲା ପ୍ରତି ଭଲ ଭାବନା ରଖିବେ ଓ ଦୁଇ ପରିବାର ମଧ୍ୟରେ ଭଲ ସମ୍ପର୍କ ସୃଷ୍ଟି ହୋଇପାରିବ।



## ଜିନିଷ ନଷ୍ଟ ନ ହେଉ

ପିଲାମାନେ ସାଧାରଣତଃ ନିଜ ଘରେ ବିଭିନ୍ନ ଜିନିଷକୁ ଧରି ଖେଳନା କରି ଖେଳନ୍ତି। ବେଳେବେଳେ ଅନେକ କିଛି ନଷ୍ଟ ବି କରିଥାନ୍ତି। କିନ୍ତୁ ପଡ଼ୋଶୀଙ୍କ ଘରେ ଥିବା ସବୁ ଜିନିଷକୁ ଯେମିତି ପିଲା ଖେଳନା ନ କରୁ, ଏନେଇ ପିଲାଙ୍କୁ ଶିକ୍ଷା ଦେବା ଉଚିତ। ତାଙ୍କ ଘରେ ପିଲା ଯେପରି କୌଣସି ଜିନିଷରେ ହାତ ନ ଲଗାଇବ ଏବଂ କୌଣସି ଜିନିଷ ଆଣିବା ପାଇଁ ଜିଦ୍ ନ କରିବ ସେଥିପ୍ରତି ପୂର୍ବରୁ ଶିକ୍ଷା ଦେବା ଉଚିତ।

## ପେଟପୂରା ଖୁଆନ୍ତୁ

ପଡ଼ୋଶୀଙ୍କ ଘରକୁ ପିଲା ଖେଳିବାକୁ ଯିବା ପୂର୍ବରୁ ତାକୁ ପେଟ ପୂରା ଖାଇବା ପାଇଁ ଦିଅନ୍ତୁ। ଫଳରେ ପଡ଼ୋଶୀଙ୍କ ଘରେ ସେ ଆଉ ଅନ୍ୟ କିଛି ଖାଇବା ପାଇଁ ଜିଦ୍ କରିବ ନାହିଁ। ଏହା ସହ ଅନ୍ୟ କାହା ଘରେ ଅନୁମତି ନ ନେଇ କୌଣସି ଖାଇବା ଜିନିଷ ପିଲା ଯେପରି ହାତ ନ ଲଗାଇବ ସେଥିପ୍ରତି ସତର୍କ କରାଇଥାନ୍ତୁ।

## ସମୟକୁ ଧାନ ଦିଅନ୍ତୁ

ପଡ଼ୋଶୀଙ୍କ ଘରକୁ ପିଲା ହୁଏତ ବାରମ୍ବାର ଖେଳିବାକୁ ଯିବା ପାଇଁ ଜିଦ୍ କରିପାରେ, କିନ୍ତୁ ଅତି ସକାଳୁ କିମ୍ବା ଖାଇବା ଅଥବା ଶୋଇବା ସମୟରେ ପିଲାଙ୍କୁ ପଡ଼ୋଶୀଙ୍କ ଘରକୁ ପଠାନ୍ତୁ ନାହିଁ। କେଉଁ ସମୟରେ ପଡ଼ୋଶୀଙ୍କ ଘରକୁ ଗଲେ ସେମାନେ ଡିଷ୍ଟର୍ବ ହେବେ ନାହିଁ ସେକଥା ଜଣାନ୍ତୁ। ଏହା ସହ କାହା ଘରକୁ ଯିବା ପୂର୍ବରୁ ତାଙ୍କୁ ଜଣାଇବା ମଧ୍ୟ ନିହାତି ଦରକାର। ତେଣୁ ଆପଣଙ୍କ ପିଲା ଯଦି ପଡ଼ୋଶୀଙ୍କ ଘରକୁ ଯାଉଥାଏ ତାଙ୍କୁ ଆଗୁଆ ଜଣାଇଦେବା ଭଲ। ଏହା ସହିତ ଖେଳିବା ପରେ ପିଲା ନିଜ ଘରକୁ ଫେରିବା ସମୟରେ ମଧ୍ୟ ପଡ଼ୋଶୀଙ୍କ ଘରେ କୌଣସି ଗୁରୁଜନଙ୍କୁ ଜଣାଇ ଆସିବା ପାଇଁ ପିଲାକୁ କୁହନ୍ତୁ।

## ଏମାନେ କ'ଣ କରନ୍ତି

### ପଡ଼ିଶାଘରକୁ ସବୁଦିନ ଯାଏ



ମୋ ଝିଅ ଏବେ ଦଶମ ଶ୍ରେଣୀରେ ପଢୁଛି, ହେଲେ ଛୋଟବେଳରୁ ସେ ପଡ଼ିଶା ଘରକୁ ସବୁଦିନ ଯାଏ। ତା' ସାଙ୍ଗେ ଖେଳିବା ପାଇଁ ବି କେହି ଭାଇଭଉଣୀ ନ ଥିବାରୁ ମୁଁ ତାକୁ ପଡ଼ୋଶୀଙ୍କ ଘରକୁ ଯିବାକୁ ମନା କରିପାରେ ନାହିଁ। ମୁଁ ଗୃହିଣୀ ହୋଇଥିବାରୁ ସବୁବେଳେ ତା' ପାଖରେ ରହୁଥିଲେ ବି ତାଙ୍କ ଘରକୁ ନ ଗଲେ ସେ ବିରକ୍ତ ହୋଇଯାଏ। ସେଥିପାଇଁ ମୁଁ ଛୋଟବେଳରୁ ତା' ନିତ୍ୟକର୍ମ ଶେଷ କରିବା ପରେ ତାକୁ ତାଙ୍କ ଘରକୁ ପଠାଇଥାଏ। ଆଉ ଆମ ପଡ଼ୋଶୀ ବି ଭାରି ଭଲ ଲୋକ। ତାଙ୍କ ଝିଅ ବି ଆମ ଘରକୁ ଆସେ ଓ ମୋ ଝିଅ ସହ ମିଶି ଏକାଠି ଖେଳେ। ଏବେ ବଡ଼ ହେବା ପରେ ବି ସେମାନେ ଏକାଠି ଅନେକ ସମୟରେ ପଢ଼ାପଢ଼ି କରିବା ସହ ବୁଲିବାକୁ ବି ଯାଆନ୍ତି।

**–ମମତା ଦାସ, ଗୃହିଣୀ, ବରଗଡ଼ ବ୍ରିଟ୍ କଲୋନି, ଭୁବନେଶ୍ୱର**

### ତାଙ୍କ ଘରେ ବଡ଼ ହେଇଛି



ମତେ ଲାଗେ ଆମ ପଡ଼ିଶାଘର ମହାନ୍ତିବାବୁ ନ ଥିଲେ ମୁଁ ବୋଧେ ମୋ ଦୁଇ ଛୁଆଙ୍କୁ ଏକା ରଖି ପାରି ନ ଥାନ୍ତି। ପିଲାଙ୍କୁ ବଡ଼ କରିବା ପାଇଁ ଚାକିରି ଛାଡ଼ିବା ପରେ ବି ସେମାନଙ୍କୁ ଘର ଭିତରେ ସବୁବେଳେ ରଖିପାରେନି। ମଝିରେ ମଝିରେ ପାର୍କ କି ମାମୁଘର ବୁଲାଇବାକୁ ନିଏ, ହେଲେ ମହାନ୍ତି ବାବୁଙ୍କ ଘରକୁ ନ ଗଲେ ସେମାନେ ରହିପାରନ୍ତି ନାହିଁ। ମହାନ୍ତିବାବୁଙ୍କ ପୁଅ ବି ଆମ ଘରକୁ ଆସି ମୋ ଛୁଆଙ୍କ ସହ ଖେଳେ। ଅନେକ ସମୟରେ ମୁଁ କାମ ବ୍ୟସ୍ତ ଥିଲେ ତାଙ୍କ ଘରେ ଛୁଆଙ୍କୁ ଛାଡ଼ି ନିଶ୍ଚିନ୍ତରେ ରହି ଯାଇଥାଏ କିମ୍ବା ବାହାରକୁ କୌଣସି କାମରେ ବି ଯାଇଥାଏ। ମୋ ଛୁଆଙ୍କୁ ବଡ଼ କରିବାରେ ସେମାନଙ୍କର ବି ବହୁତ ବଡ଼ ଅବଦାନ ରହିଛି।

**–ସୁରଶ୍ରୀ ପ୍ରିୟଦର୍ଶିନୀ, ଗୃହିଣୀ, କଟକ**

### ପଡ଼ୋଶୀଙ୍କ ଘରକୁ ପଠାଏ



କର୍ମଜୀବୀ ହୋଇ ପଡ଼ୋଶୀଙ୍କ ସହ ଭଲ ସମ୍ପର୍କ ନ ରଖିଲେ ଭୁବନେଶ୍ୱରରେ ରହି ହେବନି। ଚାକିରି କରି ଛୁଆକୁ ବଡ଼ କରିବା ପାଇଁ ମତେ ତ ପଡ଼ୋଶୀ ଘର ଲୋକେ ବହୁତ ସାହାଯ୍ୟ କରିଛନ୍ତି। ସ୍କୁଲରେ ଚାକିରି କରିଥିବାରୁ ମୁଁ ଘରୁ ଯିବାପରେ ଅଧିକାଂଶ ସମୟରେ ପଡ଼ୋଶୀ ଘର ଲୋକେ ହିଁ ମୋ ପୁଅକୁ ତାଙ୍କ ପାଖରେ ରଖିଥାନ୍ତି। ତାଙ୍କ ଘରେ ତାଙ୍କ ଛୁଆଙ୍କ ସହ ସେ ବେଶ୍ ଖୁସିରେ ଖେଳୁଥାଏ। ପୁଅ ଏବେ ସ୍କୁଲ ଗଲାଣି, ହେଲେ ପଡ଼ୋଶୀ ଘରେ ଥିବା ପିଲାଙ୍କ ପାଖକୁ ସେ ସବୁଦିନ ଯାଇଥାଏ।

**–ଅନୀତା ଦାସ, ଶିକ୍ଷୟିତ୍ରୀ, ଚକେଇସିହାଣୀ, ଭୁବନେଶ୍ୱର**

ଖାଦ୍ୟରୁଚି

# ଟମାଟୋ ପନିର



**ଆବଶ୍ୟକସାମଗ୍ରୀ:** ପନିର– ୫୦୦ ଗ୍ରାମ୍, ଟମାଟୋ– ୪ଟି (ବଡ଼), ଗ୍ରୀନ୍ ମଟର– ୨୦୦ ଗ୍ରାମ୍, ପିଆଜ– ୨ଟି (ବଡ଼), ଅଦା ରସୁଣ ପେଷ୍ଟ– ୨ ଚାମଚ, କଞ୍ଚା ଲଙ୍କା– ୪ଟି, ଘିଅ– ୨ ଚାମଚ, ବଟର– ୧ ଚାମଚ, ଜିରା– ଅଳ୍ପ, ଗୋଲମରିଚ ଗୁଣ୍ଡ– ଅଧା ଚାମଚ, ଲଙ୍କାଗୁଣ୍ଡ– ଅଳ୍ପ, ଚିନି– ୨ ଚାମଚ, ଆବଶ୍ୟକ ଅନୁସାରେ କସ୍ତୁରୀ ମେଥି, ତେଜପତ୍ର ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ମଟରକୁ ସିଝାଇ ରଖନ୍ତୁ। ଏହାପରେ ପନିରକୁ ଛୋଟ ଛୋଟ କାଟି ଅଳ୍ପ ଭାଜି ଦିଅନ୍ତୁ। ଏବେ ଗ୍ୟାସ୍‌ରେ ମଧ୍ୟମ ଆଞ୍ଚରେ କଡ଼େଇ ବସାନ୍ତୁ। କଡ଼େଇ ଗରମ ହେବା ପରେ ସେଥିରେ ଘିଅ ପକାନ୍ତୁ। ଘିଅ ଗରମ ହେଲେ ସେଥିରେ ଦୁଇ ଚାରୋଟି ତେଜପତ୍ର ପକାନ୍ତୁ। ଏହାପରେ ପିଆଜ ଓ କଞ୍ଚାଲଙ୍କାକୁ ଛୋଟ ଛୋଟ କରି କାଟି ସେଥିରେ ପକାନ୍ତୁ। ପିଆଜ ଭାଜିହୋଇ ଆସିଲେ ସେଥିରେ ଟମାଟୋ ପେଷ୍ଟ ଓ ଅଧା ଚାମଚ ଚିନି ପକାଇ କମ୍ ଆଞ୍ଚରେ କିଛି ସମୟ କଷନ୍ତୁ। ଟମାଟୋ ପେଷ୍ଟ ଅଧା ହୋଇଯିବା ପରେ ସେଥିରେ କିଛି ବଟର ପକାନ୍ତୁ। ଏହା ପରେ ଅଦା ରସୁଣ ପେଷ୍ଟ ପକାଇ କଷନ୍ତୁ ଏବଂ କିଛି ସମୟ ପରେ ସେଥିରେ କିଛି କସ୍ତୁରୀ ମେଥି, ଗୋଲମରିଚ ଗୁଣ୍ଡ ଓ ଲୁଣ ପକାନ୍ତୁ। କିଛି ସମୟ ପରେ ସେଥିରେ ପାଣି ଦେଇ ଫୁଟାନ୍ତୁ। ପାଣି ଫୁଟିବା ପରେ ସେଥିରେ ସିଝା ମଟରକୁ ପକାନ୍ତୁ। ତରକାରି ହୋଇଆସିବା ବେଳକୁ ପନିର ପକାଇ, ଅଳ୍ପ ଫୁଟାଇ ଓହ୍ଲାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଟମାଟୋ ପନିର।

# ରୋଷେଇ ଟିପ୍ସ

➔ ଟମାଟୋକୁ ବାଟି ସେହି ପେଷ୍ଟକୁ ଆଇସ୍ ଟ୍ରେ ଭିତରେ ରଖି ବରଫ କରିରଖି ଦିଅନ୍ତୁ। ଆବଶ୍ୟକ ସମୟରେ ଏହାକୁ ତରକାରିରେ ବ୍ୟବହାର କରି କମ୍ ସମୟରେ ରୋଷେଇ କରିପାରିବେ।

➔ ତରକାରିରେ ଲୁଣ ଅଧିକ ହୋଇ ଯାଇଥିଲେ ସେଥିରେ କିଛି ଆଳୁକୁ କାଟି ରଖି ଅଳ୍ପ ସମୟ ଗରମ କରି ଦିଅନ୍ତୁ। ଏହିପରି ଟମାଟୋକୁ କାଟି ରଖିପାରିବେ।

➔ ଘରେ ପନିର ତିଆରି କରିବା ପରେ ବଳକା ପାଣିକୁ ଅଟା ଚକଟିବା ପାଇଁ ବ୍ୟବହାର କରିପାରିବେ। ଏହାଫଳରେ ରୁଟି ନରମ ଏବଂ ସ୍ୱାଦିଷ୍ଟ ହେବ।

➔ ବଳକା ରୁଟିକୁ ଫ୍ରେଶ୍ କରିବା ପାଇଁ ଏହାକୁ ଏକ ସଫା କପଡ଼ାରେ ଗୁଡ଼ାଇ ଏକ ଡବା ଭିତରେ ମୁହଁ ବନ୍ଦ କରି ରଖନ୍ତୁ ଯାହା ପ୍ରେସର କୁକର ଭିତରେ ରହି ପାରୁଥିବ। ଏହାପରେ ପ୍ରେସର କୁକରରେ ପାଣି ଦେଇ ଭିତରେ ଡବାକୁ ରଖି ୨–୩ଟି ସିଟି ଦେଇ ଦିଅନ୍ତୁ। ଏହାପରେ ରୁଟି ପୂରା ଫ୍ରେଶ୍ ଲାଗିବ।



➔ ବାଦାମ, ଟମାଟୋ ଆଦି ପତଳା ଚୋପାକୁ ବାହାର କରିବା ପାଇଁ ଚାହୁଁଥିଲେ ଏହାକୁ କିଛି ସମୟ ଗରମ ପାଣିରେ ଭିଜାଇ ଦିଅନ୍ତୁ।

➔ ନୁଡଲ୍ସ କିମ୍ବା ପାସ୍ତାକୁ ପାଣିରେ ଫୁଟାଇବା ସମୟରେ ଅଳ୍ପ ତେଲ ପକାଇ ଦିଅନ୍ତୁ। ଛାଣିବା ପରେ ଏହା ଖୋଲା ଖୋଲା ରହିବ।

➔ ନନ୍‌ଭେଜ୍ କରିବା ପୂର୍ବରୁ ମାରିନେଟ୍ କରି ୧–୨ ଘଣ୍ଟା ପର୍ଯ୍ୟନ୍ତ ରଖି ଦିଅନ୍ତୁ, ତାହା ଅଧିକ ସ୍ୱାଦିଷ୍ଟ ଲାଗିବ।

➔ ରସୁଣରୁ ଚୋପା ଛଡ଼ାଇବା ପୂର୍ବରୁ କିଛି ସମୟ ଉଷୁମ ପାଣିରେ ଭିଜାଇ ଦିଅନ୍ତୁ। ସହଜରେ ଚୋପା ଛାଡ଼ିଯିବ।



# ସାମସନ୍, ଉମ୍ରାନଙ୍କୁ ମିଳିବ ସୁଯୋଗ

**ନାପିୟର,୨୧।୧୧,(ପି.ଟି.)**

ଭାରତ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜର ଅନ୍ତିମ ମ୍ୟାଚ ମଙ୍ଗଳବାର ନାପିୟରରେ ଖେଳାଯିବ।ପ୍ରଥମ ମ୍ୟାଚ ବର୍ଷାରେ ଧୋଇ ଯାଇଥିବା ବେଳେ ଦ୍ୱିତୀୟ ମ୍ୟାଚକୁ ଜିତି ନେଇଥିଲା ଭାରତ। ତେବେ ଅନ୍ତିମ ମ୍ୟାଚ ପାଇଁ ଭାରତ ସଞ୍ଜୁ ସାମସନ୍ ଓ ଉମ୍ରାନ୍ ମଲିକଙ୍କ ପରି ଖେଳାଳିଙ୍କୁ ସୁଯୋଗ ମିଳିପାରେ।

## ଆଜି ଅନ୍ତିମ ଟି୨୦



ଉମ୍ରାନ୍ ମଲିକ ଓ ସଞ୍ଜୁ ସାମସନ୍।

ବିଶ୍ୱକପରେ ଭାରତର ବିପର୍ଯ୍ୟୟ ପରେ ଏକ ନୂତନ ମାନସିକତା ଏବଂ ନୂତନ ଅଧିନାୟକଙ୍କ ନେତୃତ୍ୱରେ ପଡିଆକୁ ଓହ୍ଲାଇଛି ଟିମ୍ ଇଣ୍ଡିଆ। ସୂର୍ଯ୍ୟକୁମାରଙ୍କ ଶତକକୁ ବାଦ ଦେଲେ ଭାରତ ୧୬୦ ରନରେ ପହଞ୍ଚିବା ମଧ କଷ୍ଟକର ହୋଇ ପଡିଥାନ୍ତା। ଦ୍ୱିତୀୟ ଟି ୨୦ରେ ଓପନର ଭାବରେ ପନ୍ତଙ୍କୁ ସୁଯୋଗ ମିଳିଥିଲା। ମାତ୍ର ପନ୍ତ ବିଫଳ ହୋଇଥିବାରୁ ଏହି ମ୍ୟାଚରୁ ସେ ବାଦ ପଡିବାର ସମ୍ଭାବନା ରହିଛି। ଉଭୟ ଟପ୍ ଓ ମିଡିଲ ଅର୍ଡରରେ ସଞ୍ଜୁ ସାମସନ୍ ବେଶ ପ୍ରଭାବଶାଳୀ। ତେବେ ଭାରତ ଏଯାଏ ସାମସନ୍‌ଙ୍କୁ ସୁଯୋଗ ଦେଇନାହିଁ। ତେବେ ଦ୍ୱିତୀୟ ମ୍ୟାଚ ପରେ ଦଳରେ ଅଧିକ ପରିବର୍ତ୍ତନ ସପକ୍ଷରେ ନଥିବା ପ୍ରକାଶ କରିଥିଲେ ହାର୍ଦ୍ଦିକ ପାଣ୍ଡ୍ୟା। ଯଦିଓ ସମସ୍ତଙ୍କୁ ସୁଯୋଗ ଦେବାକୁ ମ୍ୟାନେଜମେଣ୍ଟର ଇଚ୍ଛୁକ ମାତ୍ର ଗୋଟିଏ ମ୍ୟାଚ ବାକି ଥିବାରୁ ଏହା ସମ୍ଭବ ହେବ ନାହିଁ ବୋଲି ପାଣ୍ଡ୍ୟା କହିଛନ୍ତି। ପାଣ୍ଡ୍ୟାଙ୍କୁ ୨୦୨୪ ଟି ୨୦ ବିଶ୍ୱକପ ପାଇଁ ଅଧିନାୟକ ଭାବରେ ମଧ ବିବେଚନା କରାଯାଉଛି। ଓପନର ଶୁବମାନ ଗିଲ୍ ମଧ ସୁଯୋଗ ଅପେକ୍ଷାରେ ରହିଛନ୍ତି। ତେବେ ପ୍ରଥମ ମ୍ୟାଚରେ ଗିଲ୍‌ଙ୍କ ଅପେକ୍ଷା କିଶନ୍ ଓ ପନ୍ତଙ୍କୁ ସୁଯୋଗ ଦେଇଥିଲା ମ୍ୟାନେଜମେଣ୍ଟ। ଏହା ସହିତ ବୋଲିଂ କରି ପାରୁଥିବା ଖେଳାଳିଙ୍କୁ ସୁଯୋଗ ଦେବା ସପକ୍ଷରେ ପାଣ୍ଡ୍ୟା ଥିବାରୁ ଦୀପକ ହୁଡାଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ତେବେ ସ୍ୱିଡଷ୍ଟରର ଉମ୍ରାନ ମଲିକଙ୍କୁ ଦଳରେ ସାମିଲ କରାଯାଇନାହିଁ। ଉମ୍ରାନଙ୍କ ପେସ୍ ତାଙ୍କର ଶକ୍ତି ହୋଇଥିବା ବେଳେ ତାଙ୍କୁ ଏହି ଦଳରେ ବୁମରାଙ୍କ ବିକଳ୍ପ ଭାବରେ ବିବେଚନା କରାଯାଏ। ଅନ୍ତିମ ମ୍ୟାଚରେ ମହମ୍ମଦ ସିରାଜଙ୍କ ସ୍ଥାନରେ ତାଙ୍କୁ ସୁଯୋଗ ମିଳିପାରେ। ବିଶ୍ୱକପରେ ଗୋଟିଏ ମ୍ୟାଚ ଖେଳିବାର ସୁଯୋଗ ପାଇ ନ ଥିବା ଯୁଜବେନ୍ଦ୍ର ଚହଲ ପ୍ରଭାବୀ ପ୍ରଦର୍ଶନ କରିଥିବା ବେଳେ କୁଲଦୀପ ଯାଦବଙ୍କୁ ଗୋଟିଏ ସୁଯୋଗ ମିଳିପାରେ।

ଏହି ମ୍ୟାଚ ପୂର୍ବରୁ ପୂର୍ବ ନିର୍ଦ୍ଧାରିତ ମେଡିକାଲ ଆପଏଣ୍ଟମେଣ୍ଟ କାରଣରୁ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ୍ ବାଦ ପଡିବେ।ଏହା ଫିନ୍ ଆଲେନ୍ ଏବଂ ଗ୍ଲେନ୍ ଫିଲିପ୍ସଙ୍କ ପରି ଖେଳାଳିଙ୍କ ଉପରେ ଅତିରିକ୍ତ ଚାପ ସୃଷ୍ଟି ହେବ। ଡେଥ୍ ଓଭରରେ ସୂର୍ଯ୍ୟକୁମାରଙ୍କ ବିରୋଧରେ ନ୍ୟୁଜିଲାଣ୍ଡ ଦଳ ରନ୍ ବ୍ୟୟ କରିଥିବା ବେଳେ ଏହି ମ୍ୟାଚରେ ତ୍ରୁଟି ସଧାରିବାକୁ ପ୍ରୟାସ କରିବ।

# କାର୍ତ୍ତିକଙ୍କ ଶତକ ସତ୍ତ୍ୱେ ହାରିଲା ଓଡ଼ିଶା

**ଭୁବନେଶ୍ୱର,୨୧।୧୧, (ସ୍ପୋର୍ଟ୍ସ ବ୍ୟୁରୋ)**



ଜାଗୃତି ଏକାଡେମୀରେ କୋଚ୍ କ୍ଷୀରୋଦ ବେହେରାଙ୍କ ସହିତ କାର୍ତ୍ତିକ୍ ବିଶ୍ୱାଳ।

ବିଜୟ ହଜାରେ ଟ୍ରଫିରେ ଓଡ଼ିଶାର କ୍ରମାଗତ ୪ର୍ଥ ପରାଜୟ। ମଧ୍ୟକ୍ରମ ବ୍ୟାଟର୍ କାର୍ତ୍ତିକ ବିଶ୍ୱାଳଙ୍କ ଅପରାଜିତ ଶତକ ସତ୍ତ୍ୱେ ଓଡ଼ିଶା ପଞ୍ଜାବ ନିକଟରୁ ୫ ଉଇକେଟରେ ପରାଜିତ ହୋଇଛି। ଡି ୱାଇ ପାଟିଲ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା କାର୍ତ୍ତିକଙ୍କ ଅପରାଜିତ ୧୦୭ ରନ୍ ବଳରେ

## ବିଜୟ ହଜାରେ ଟ୍ରଫି

୭ ଉଇକେଟରେ ୨୫୧ ରନ କରିଥିଲା। ଜବାବରେ ପଞ୍ଜାବ ଅଧିନାୟକ ମନଦୀପ୍ ସିଂଙ୍କ ଅପରାଜିତ ୯୧ ରନ୍ ବଳରେ ୪୬.୪ ଓଭରରେ ୫ ଉଇକେଟ ହରାଇ ଜିତି ନେଇଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୫୧ ରନରେ ଦୁଇ ଓପନରଙ୍କୁ ହରାଇଥିଲା। ଶୁଭ୍ରାଂଶୁ ସେନାପତି ୧୮ ଦଳୀୟ ସ୍କୋର ୯୦ରେ ପ୍ୟାଭିଲିୟନ ଫେରିଥିଲେ।ଏହାପରେ କାର୍ତ୍ତିକ (୧୦୭) ଓ ଭେଟେରାନ୍ ବିପ୍ଳବ ସାମନ୍ତରାୟ(୫୨)ଙ୍କ ମଧ୍ୟରେ ୧୦୮ ରନର ଭାଗିଦାରୀ ଓଡ଼ିଶାକୁ ସଙ୍କଟରୁ ଉଦ୍ଧାର କରିଥିଲା। କାର୍ତ୍ତିକ ୧୧୨ ବଲ ଖେଳି ୧୦ ଚୌକା ଓ ୧ ଛକା ସହ ନିଜର ପ୍ରଥମ ଶତକ ହାସଲ କରିଥିଲେ। ୫୨ ବଲର ଇନିଂସରେ ବିପ୍ଳବ ୪ ଚୌକା ଓ ୧ ଛକା ମାରିଥିଲେ। ବିପ୍ଳବ ଓ ରାଜେଶ ଧୂପର ଲଗାତାର ବଲରେ ଆଉଟ ହେବା କାରଣରୁ ଓଡ଼ିଶା ୨୫୧ ରନ୍ କରିଥିଲା। ଜବାବରେ ପଞ୍ଜାବ ୭୮ ରନରେ୩ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ଅଧିନାୟକ ମନଦୀପ୍ ସିଂ ୯୮ ରନରେ ଅପରାଜିତ ରହିବା ସହିତ ଦଳକୁ ବିଜୟୀ କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରୟାସ ସିଂ ସଫଳ ବୋଲର ଭାବେ ୪ ଉଇକେଟ ନେଇଥିଲେ।

# ଏକାମ୍ର କପ୍ ସେମିରେ ସହିଦ ନଗର

**ଭୁବନେଶ୍ୱର,୨୧।୧୧,(ସ୍ପୋର୍ଟ୍ସ ବ୍ୟୁରୋ):** କେଶୁରା ଖେଳ ପଡିଆରେ ଅନୁଷ୍ଠିତ ଏକାମ୍ର କପ୍ ଟେନିସ ବଲ ଟୁର୍ନାମେଣ୍ଟର ସେମି ଫାଇନାଲଲେ ପ୍ରବେଶ କରିଛି ସହିଦ ନଗର। ସୋମବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କଟକର ଚାର୍ଜ ଏକାଦଶକୁ ୮ ଉଇକେଟରେ ପରାସ୍ତ କରିଥିଲା ସହିଦ ନଗର। ପ୍ରଥମେ ବ୍ୟାଟିଂ କରି ଚାର୍ଜ ଏକାଦଶ ୧୦ ଓଭରରେ ୧୦୭ ରନରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ସହିଦ ନଗର ୭.୧ ଓଭରରେ ୨ ଉଇକେଟ ହରାଇ ଜିତିବା ସହିତ ସେମିରେ ପ୍ରବେଶ କରିଥିଲା। ଆଇନଜୀବୀ ଅଶୋକ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ତପନ ଭୋଳ ଓ ଅଚ୍ୟୁତାନନ୍ଦ ପ୍ରଧାନ ଅମ୍ପାୟାରିଂ କରିଥିଲେ। ଫ୍ରେଣ୍ଡସ କ୍ରିକେଟ କ୍ଲବ ପକ୍ଷରୁ କୃତାର୍ଥ ପ୍ରଧାନ ଖେଳ ଆୟୋଜନ କରିଥିଲେ।


ସହିଦ ନଗର ଟିମ୍‌ର ଚୁଇଁ କାଳିଆ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ଜଗଦିଶାନଙ୍କ ବିଶ୍ୱରେକର୍ଡ

**ବେଙ୍ଗାଲୁରୁ, ୨୧।୧୧, (ପି.ଟି.):** ବିଜୟ ହଜାରେ ଟ୍ରଫିରେ ଏକାଧିକ ବିଶ୍ୱରେକର୍ଡ ଭାଙ୍ଗିଛନ୍ତି ତାମିଲନାଡୁର ନାରାୟଣ ଜଗଦିଶାନ। ସୋମବାର ଅରୁଣାଚଳ ପ୍ରଦେଶ ମ୍ୟାଚରେ ଉଭୟ ତାମିଲନାଡୁ ଦଳ ଓ ଜଗଦିଶାନ ଏହି ସବୁ ରେକର୍ଡ ଭାଙ୍ଗିଥିଲେ। ସେ ୧୪୫ ବଲରୁ ୨୭୭ ରନ୍ କରିଥିବା ବେଳେ ତାମିଲନାଡୁ ୨ ଉଇକେଟରେ ୫୦୬ ରନ କରିଥିଲା। ଭାରତୀୟ ଦଳଙ୍କ ମଧ୍ୟରେ ଲିଷ୍ଟ ଏରେ ମୁମ୍ବାଇ ୪୭୫ ରନ୍ କରିଥିବା ବେଳେ ସରେ ୪୯୬ ରନ୍ କରିଥିଲା। ପ୍ରଥମ ଦଳ ଭାବରେ ତାମିଲନାଡୁ ୫୦୦ ରନ ଅତିକ୍ରମ କରିଥିଲା। ୨୬ ବର୍ଷୀୟ ଜଗଦିଶାନ ୨୭୭ ରନ୍ ସ୍କୋର କରିବା ସହିତ ୨୦୦୨ରେ ଆଲେଷ୍ଟ୍ୟାର ବ୍ରାଉନଙ୍କ ୨୬୮ ରନର ବ୍ୟକ୍ତିଗତ ସର୍ବୋଚ୍ଚ ସ୍କୋର ରେକର୍ଡ ଭାଙ୍ଗିଥିଲେ। ଏହି ମ୍ୟାଚକୁ ତାମିଲନାଡୁ ୪୩୫ ରନରେ ଜିତିଥିଲା ଯାହାକି ଏକ ବିଶ୍ୱ ରେକର୍ଡ। ୧୯୯୦ ମସିହାରେ ଡେଭନକୁ ୩୪୬ ରନରେ ପରାସ୍ତ କରିଥିଲା ସମରସେଟ୍। ପ୍ରଥମ ଉଇକେଟରେ ୪୧୬ ରନ୍ ସଂଗ୍ରହ କରିଥିବା ବେଳେ ବିଶ୍ୱ ରେକର୍ଡ କରିଛି ତାମିଲନାଡୁ ଦଳ।







E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**SKY AUTOMOBILES**
**BHUBANESWAR: PATIA:** 7381045356.
**CUTTACK:** 9776677771, 7381873818,
**DHENKANAL:** 7381045357. **NARSINGHPUR:** 7381045357.
**KAMAKHYANAGAR:** 7381045357. **JAJPUR:** 9776900777.
**SALEPUR:** 9583544555. **CHANDIKHOL :** 9583544555.
**TANGI:** 7381045356.

**TUSHI MOTORS**
**CUTTACK:** 9078076450.
**PANIKOILI:** 9078076450.
**ATHAGARH:** 9078076450.

**ODYSSEY MOTORS**
**ANGUL:** 7752076136, 9776901481.
**PALLAHARA:** 7873565435, 9437831123.

**JYOTE MOTORS**
**BHUBANESWAR: LEWIS ROAD:** 9798190190.
**NAYAPALLI:** 9798190190. **KEONJHAR:** 9798190190. **NAYAGARH:** 9798190190.
**BALUGAON:** 9798190190. **ANANDPUR:** 9798190190. **KENDRAPARA:** 9798190190.
**BALASORE:** 9798190190. **BHADRAK:** 9798190190. **BARIPADA:** 9798190190.
**UDALA:** 7064499950. **RAIRANGPUR:** 9853446906.
**JALESWAR:** 7064499950. **BASUDEVPUR:** 9798190190.

**NARAYANI MOTORS**
**BHUBANESHWAR: RASULGARH:** 9583022019, 7440019592, 9583022013.
**JAGATSINGHPUR:** 9583022090. **PURI:** 9583022035.
**NIMPARA:** 7381094851. **PARADEEP:** 9583022034/ 48.

*Offer includes consumer offer, exchange bonus, institutional offer or rural offer, Gold voucher and spot booking offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. ##As certified by Test agency under Rule 115(G) of CMVR 1989. ^^1.0 L VXI AGS petrol variants. For more details, please contact your nearest ARENA dealership. **Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th November, 2022.

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ